


ପୃଷ୍ଠା 9


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-85 THURSDAY 18 SEPTEMBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୮୫ ଗୁରୁବାର ୧୮ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦






| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍‌ସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୂମ୍ ମୂଲ୍ୟ ଓ ତଦ୍‌ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍‌ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ୍ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

# ରାଜ୍ୟସ୍ତରୀୟ ରେଡ୍‌କ୍ରସ୍ ବ୍ଲକ୍ ସଂଯୋଜକଙ୍କ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ




ବାଲେଶ୍ୱର,୧୭।୯ (ସମିସ): ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିଅର ରେଡ୍‌କ୍ରସର ଅଧକ୍ଷ ଡ. ବସନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଜୁନିୟର ରେଡ୍‌କ୍ରସ ଓ ଜିଲ୍ଲା ଜୁନିୟର ରେଡ୍‌କ୍ରସର ମିଳିତ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ତ୍ରିଦିବାସୀୟ ବ୍ଲକ ସଂଯୋଜକମାନଙ୍କର ଦକ୍ଷତା ବିକାଶ ତାଲିମ୍ ଶିବିର ରେଡକ୍ରସ୍ ଭବନ ବାଲେଶ୍ୱରଠାରେ ଉଦଘାଟିତ ହୋଇଯାଇଛି। ଏଥିରେ ଭଦ୍ରକ, ମୟୂରଭଞ୍ଜ, କେଉଁଝର, ଯାଜପୁର, ଦେଓଗଡ଼, ଝାରସୁଗୁଡ଼ା ଓ ବାଲେଶ୍ୱର ଜିଲ୍ଲାର ସବୁ ବ୍ଲକରୁ ସର୍ବମୋଟ ଛଅସ୍ତରୀ ଜଣ କାଉନସେଲର ଏଥିରେ ଭାଗ ନେଇଛନ୍ତି। ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ରୁ ୧୯ ତାରିଖ ତିନି ଦିନ ଚାଲିବ। ପ୍ରଥମ ଦିବସରେ ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ମାନନୀୟ ଜିଲ୍ଲା ଶିକ୍ଷା ଅଧିକାରୀ ସଭାପତିତ୍ୱ କରି କିପରି ପ୍ରତ୍ୟେକ ବିଦ୍ୟାଳୟରେ ରେଡକ୍ରସ ସଠିକ୍ ଭାବେ ପିଲାମାନଙ୍କ ମଧ୍ୟରେ ପହଞ୍ଚି ପାରିବ ତାହା ଉପସ୍ଥାପନ କରିଥିଲେ ଏବଂ ରାଜ୍ୟ ଶାଖା ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥି ରାଜ୍ୟ ଜୁନିୟର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କାଉସେଲର ମାନଙ୍କର ସ୍କୁଲରେ ଭୂମିକା ବିଷୟରେ କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡକ୍ରସ୍ ସମ୍ପାଦକ ଚନ୍ଦ୍ରକାନ୍ତ ଘଡେଇ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ସାଧନ କର୍ମୀ ତଥା ଜିଲ୍ଲା ଜୁନିୟର ରେଡକ୍ରସର ସହ ସଂପାଦକ ବାମନ ଚନ୍ଦ୍ର ମହାନ୍ତି ପରିଚାଳନ କରିଥିଲେ। ଶେଷରେ ନାରାୟଣ ପାଇକରାୟ,ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ବାଲେଶ୍ୱର,୧୭।୯ (ସମିସ): ବାଲେଶ୍ୱର ସହରର କାଳୀମନ୍ଦୀର ସ୍ଥିତ ବିବେକାନନ୍ଦମାର୍ଗର ବ୍ୟବସାୟୀ ଶାନ୍ତନୁ ପାଣିଗ୍ରାହୀଙ୍କ ପତ୍ନୀ ସରିତା ପାଣିଗ୍ରାହୀ(୪୯)ଙ୍କ ପରଲୋକ ହୋଇଯାଇଛି। ସେ ହଠାତ ଅସୁସ୍ଥ ହୋଇପଡ଼ିଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ କଟକ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ଶୁଭମ ପାଣିଗ୍ରାହୀ, ବୋହୂ ସ୍ମୃତି ମହପାତ୍ର, ଝିଅ ସୁନିତା ପାଣିଗ୍ରାହୀ, ଜ୍ୱାଇଁ ଉଦିତ୍ ଦାସ, ନାତି ଶ୍ରୀଯଂଶ ପାଣିଗ୍ରାହୀଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ। ସ୍ଥାନୀୟ ନୂଣିଆଯୋଡି ପୋଲ ମୁକ୍ତିଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ରାଜ୍ୟରେ ମହିଳାଙ୍କ କ୍ଷେତ୍ରରେ ବଢ଼ିଚାଲିଛି ହିଂସା

# ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ମହିଳା ବିଜେଡିର ବିକ୍ଷୋଭ

ବାଲେଶ୍ୱର,୧୭।୯ (ସମିସ)

ଓଡ଼ିଶାରେ ଗତ ଏକବର୍ଷ ଧରି ବିଜେପି ଶାସନ ଆସିବା ପରଠାରୁ ରାଜ୍ୟରେ ମହିଳାମାନଙ୍କ କ୍ଷେତ୍ରରେ ଅପରାଧ ବୃଦ୍ଧିପାଉଥିବା ବେଳେ ସେମାନେ ବହୁ କ୍ଷେତ୍ରରେ ଅପମାନ ଜନକ ସ୍ଥିତିର ସମ୍ମୁଖିନ ହେଉଛନ୍ତି। ଫଳରେ ଏହାକୁ ପ୍ରତିବାଦ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ମହିଳା ବିଜେଡି ପକ୍ଷରୁ ବିଜେଡି ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ସଭାପତିତ୍ୱରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏସ୍‌ପିଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ରାଜ୍ୟରେ ଘଟୁଥିବା ମହିଳା ବିରୋଧ ଲୋମହର୍ଷଣକାରୀ ଘଟଣାଗୁଡିକୁ ତର୍ଜମା କଲେ ଜଣାଯାଉଛି ଓଡ଼ିଶାର ମହିଳାଙ୍କ ପ୍ରତି ହେଉଥିବା ଅବହେଳା, ସାମାଜିକ ତଥା ଆର୍ଥିକ ଅସମାନତା, ଅସୁରକ୍ଷିତ ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ସରକାର ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛନ୍ତି। ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ମହିଳାଙ୍କ ବିରୋଧରେ ଅତ୍ୟାଚାର, ଯେପରିକି ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡନ ଏବଂ ବିଭିନ୍ନ ପ୍ରକାରର ହିଂସା ଆଦି ଆଜିର ସରକାର ସମୟରେ ଏକ ନିରନ୍ତର ସମସ୍ୟାରେ ପରିଣତ ହୋଇଛି ଯାହା ନ୍ୟାୟ ପ୍ରଦାନରେ ବ୍ୟବସ୍ଥାଗତ ବିଫଳତାକୁ ପଦାରେ ପକାଇଛି ବୋଲି କୁହାଯାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ। ସେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦ, ବିଧାୟକ ଆଦି ସମସ୍ତଙ୍କ ଜଣାଇବା ପରେ କେହି ନଶୁଣିବାରୁ ବାଧ ହୋଇ ସେ ନିଜର ଜୀବନ ହାରିଦେଲେ। ଏହି ଘଟଣା ରାଜ୍ୟରେ ବିଜେପି ସରକାରର ଅଭିଯୋଗ ସମାଧାନ ବ୍ୟବସ୍ଥାର ବିଫଳତାକୁ ଦର୍ଶାଉଛି ବୋଲି କୁହାଯାଇଛି। ଏହି ଅବସରରେ କରାଯାଇଥିବା ଦାବି ଅନୁସାରେ,ଏକ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ଯ୍ୟଟନ ସ୍ଥଳ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଏକ ଭୟଙ୍କର ଗଣଦୁଷ୍କର୍ମ କରାଯାଇଥିଲା। ଏହି ଘଟଣା ଜାତୀୟ ଏବଂ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟି ଓଡ଼ିଶା ପାଇଁ ଲଜ୍ଜା ଆଣିଥିଲା। ରାଜ୍ୟରେ ମହିଳା ବିରୋଧୀ ଅପରାଧ ଉଦବେଗଜନକ ଭାବରେ ବୃଦ୍ଧି ପାଉଥିବା ବେଳେ ଶାସକ ଦଳର ବିଧାୟକମାନଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ମଧ୍ୟ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାଛଡା ମହିଳାମାନଙ୍କ ପ୍ରତି ଅପମାନଜନକ, ଯୌନ ଏବଂ ଅଶାଳୀନ ମନ୍ତବ୍ୟ ଦେବା ମହିଳାମାନଙ୍କ ମାନସିକ ଚାପର ଏକ ପ୍ରମୁଖ କାରଣ ପାଲଟିଛି। ଏଭଳି ଅମାନବୀୟ ଘଟଣା ଗୁଡିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନ ନେବା ଏବଂ ନ୍ୟାୟ ନ ମିଳିବା ହେତୁ ମହିଳାମାନେ ବାଧ ହୋଇ ଆତ୍ମହତ୍ୟା କରିବା ପାଇଁ ରାସ୍ତା ବାଛୁଛନ୍ତି ବୋଲି ଅଭିଯୋଗ କରାଯାଇଛି। ସେହିପରି ଗତ୧୫ମାସ ମଧ୍ୟରେ ସରକାରୀ ସ୍କୁଲ ଏବଂ ହଷ୍ଟେଲରେ ଯୌନ ନିର୍ଯାତନାର ଅନେକ ମାମଲା ସାମ୍ନାକୁ ଆସିଛି । ଯାହା ମଧ୍ୟରେ ଝାରସୁଗୁଡ଼ାରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ ଏବଂ ମାଲକାନଗିରିରେ ଜଣେ ଆଦିବାସୀ ଝିଅ ପ୍ରସବ କରିବା ଅନ୍ତର୍ଭୁକ୍ତ । ଅନ୍ୟ ଏକ ଆଶ୍ଚର୍ଯ୍ୟଜନକ ଅପରାଧରେ କେନ୍ଦୁଝର ଜିଲ୍ଲାର ପଣ୍ଡାପଡ଼ା ପୁଲିସ ସୀମା ଅନ୍ତର୍ଗତ ତେନ୍ତୁଲାପଶି ଗ୍ରାମରେ ଜଣେ୧୭ବର୍ଷୀୟା ଆଦିବାସୀ ଝିଅକୁ ବହୁ ବ୍ୟକ୍ତିଙ୍କ ଦ୍ୱାରା ଯୌନ ନିର୍ଯାତନା ପରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଗତ ଏକ ବର୍ଷ ମଧ୍ୟରେ ସୁନ୍ଦରଗଡ, କୋରାପୁଟ, ସମ୍ବଲପୁର ଆଦି ଜିଲ୍ଲା ଗୁଡ଼ିକରେ ଆଦିବାସୀ ଏବଂ ଦଳିତ ଝିଅମାନଙ୍କ ସହିତ ସମାନ ଘଟଣାମାନ ଲୋକଲୋଚନକୁ ଆସିଛି ଯାହାକି ସରକାରଙ୍କ ନାରୀ ସୁରକ୍ଷା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାଛଡା ଓଡ଼ିଶାରେ ପ୍ରତିଦିନ ପ୍ରାୟ୧୫ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହେଉଛି। ଚିନ୍ତାଜନକ ଭାବରେ ଗତ ୯ ମାସରେ ରାଜ୍ୟରେ ୨୦ହଜାରରୁ ଅଧିକ ମହିଳା ନିଖୋଜ ହେବା ମାମଲା ମଧ୍ୟ ପଞ୍ଜିକୃତ ହୋଇଛି। ଯାହା ମଧ୍ୟରୁ କେବଳ ୭ହଜାର ୪୮ ଜଣଙ୍କୁ ଠାବ କରାଯାଇଛି ଯାହାକି ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏହି ସୂଚନା ପ୍ରଦାନ କରିଛନ୍ତି। ଉପରୋକ୍ତ ତଥ୍ୟ ଏବଂ ପରିସଂଖ୍ୟାନ ଅନୁଯାୟୀ ଓଡ଼ିଶାରେ ମହିଳା ନିର୍ଯାତନା ଏବଂ ଅସୁରକ୍ଷିତ ପରିସ୍ଥିତିର ଏକ ଭୟଙ୍କର ଚିତ୍ର ପ୍ରଦର୍ଶନ କରୁଛି। ଏଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆବଶ୍ୟକୀୟ ଆଇନସମ୍ମତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ମହିଳା ବିଜେଡି ପକ୍ଷରୁ ଅନୁରୋଧ କରାଯିବା ସହ ରାଜ୍ୟରେ ମହିଳା ସୁରକ୍ଷା ଏବଂ ନ୍ୟାୟ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ଅନୁରୋଧ କରାଯାଇଛି। ପ୍ରାରମ୍ଭରେ ପୁଲିସ ଲାଇନ ଠାରୁ ମହିଳା ବିଜେଡି ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ସମାବେଶରେ ଜିଲ୍ଲାସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସ୍ୱରୂପ ଦାସ, ଜିଲ୍ଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦୀ, ରାଜ୍ୟ ମହିଳା ଜନତାଦଳ ଉପସଭାପତି ଉର୍ମିଳତା ଦାସ, ଟାଉନ ମହିଳା ସଭାପତି ମୀନା ମହାନ୍ତି, କାଉନସିଲର ଅର୍ପିତା ପ୍ରୀୟଦର୍ଶିନୀ ପଟ୍ଟନାୟକ, ମିତା ପଟ୍ଟନାୟକ, ମୀରାଜ ବାନୋ, କମିତା ମୁର୍ମୁ, ସନ୍ଧ୍ୟାରାଣୀ ଜେନା, ଶଶୀରେଖା ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ସୋନାଲି ବିଶ୍ୱାଳ, ରେମୁଣା ଏନଏସି ଅଧ୍ୟକ୍ଷା ତନୁଜା ଗିରି, ରେମୁଣା ଏନଏସି ମହିଳା ସଭାପତି ବିଦ୍ୟୁତଲତା ସାହୁ, ରେମୁଣା ବ୍ଲକ ମହିଳା ସଭାପତି ସଂଯୁକ୍ତା ରାଉତଙ୍କ ସମେତ ପୌରପରିଷଦ ଉପାଧ୍ୟକ୍ଷ କୈଳାଶ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଜିଲ୍ଲା ସମ୍ପାଦକ ମନୋଜ ରାଉତ,ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଧୀରେନ ନାୟକ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




# ଭାରତୀୟ ମଜଦୂର ସଂଘ ପକ୍ଷରୁ ବିଶ୍ୱକର୍ମା ଜୟନ୍ତୀ ଓ ରାଷ୍ଟ୍ରୀୟ ଶ୍ରମ ଦିବସ ପାଳିତ




ବାଲେଶ୍ୱର,୧୭।୯ (ସମିସ): ଭାରତୀୟ ମଜଦୁର ସଂଘ ପକ୍ଷରୁ ବିଶ୍ୱକର୍ମା ଜୟନ୍ତୀ ତଥା ରାଷ୍ଟ୍ରୀୟ ଶ୍ରମ ଦିବସ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଜିଲ୍ଲା ସଭାପତି ସଙ୍ଗିତା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତୀୟ ମଜଦୂର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାରମ୍ଭରେ ସଂଘର ଜିଲ୍ଲା ସମ୍ପାଦକ ଅରୂପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁସାରେ ଦେବଶିଳ୍ପୀ ବିଶ୍ୱକର୍ମା ହୋଇଥିବାରୁ ତାଙ୍କ ଜୟନ୍ତୀକୁ ରାଷ୍ଟ୍ରୀୟ ଶ୍ରମ ଦିବସ ଭାବେ ଘୋଷଣା କରିବାକୁ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ତଥା ଉଦଘାଟକ ଶ୍ରୀ ପଣ୍ଡା କହିଥିଲେ ଯେ, ସଂଘର ମଜଦୂର ସମାଜ ପ୍ରତି ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ମଜଦୂର ସଂଘ ରାଷ୍ଟ୍ର ହିତ, ଉଦ୍ୟୋଗ ହିତ ଏବଂ ଶ୍ରମିକ ହିତକୁ ଦୃଷ୍ଟିରେ ରଖି ଏହି ସଙ୍ଗଠନ ଏକନମ୍ବର ହୋଇପାରିଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକ ପାଳନ ତଥା ମଜଦୂର ସଂଘର ରାଷ୍ଟ୍ରୀୟ ଅଧିବେସନ ଓଡ଼ିଶା ପ୍ରଦେଶରେ ହେଉଥିବାରୁ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହଛଡା ସମସ୍ତ ୱାର୍କର୍ସମାନଙ୍କୁ କର୍ମଚାରୀ ମାନ୍ୟତା ସହିତ ସରକାରୀ କର୍ମଚାରୀ ଭାବେ ସମାନ ଦରମା ଓ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଏହାଛଡା ଲକ୍ଷାଧିକ ଠିକା ଶ୍ରମିକମାନଙ୍କୁ କର୍ମଚାରୀରର ମାନ୍ୟତା ସହିତ ସମସ୍ତ ସରକାରୀ ସୁବିଧା ପ୍ରଦାନ କରିବା ଉପରେ ପ୍ରସ୍ତାବ ଦେଇଥିଲେ। ଏତଦବ୍ୟତିତ ବାଲେଶ୍ୱର ଜିଲ୍ଲା ପାଇଁ ଶିଳ୍ପ ଅନୁଷ୍ଠାନ ଗୁଡିକୁ ସଠିକ ଭାବେ କାର୍ଯ୍ୟକ୍ରମ କରାଯାଇ ଶ୍ରମିକଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ଏହି ଅବସରରେ କୁହାଯାଇଛି। ଏହାଛଡା ବାଲେଶ୍ୱର ତଥା ଓଡ଼ିଶାରେ ଥିବା ଲକ୍ଷାଧିକ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ ଚିହ୍ନଟ କରାଯାଇ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜନ କର, ହିମାଂଶୁ ବେରା, ଶକୁନ୍ତଳା ଗୋଛାୟତ, ଅପଣ୍ଡା ପ୍ରଧାନ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସୀତା ଦାସ, ଜାନକୀ ରାଉଳ, ଉତ୍ତମ ପ୍ରଧାନ, ସଞ୍ଜୟ ଦେ, ମନୋଜ ଦାଶ, ଭାରତୀ ସ, ବାଦଲ ଦାସ, ନିରଞ୍ଜନ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ପୋଖରୀରେ ବୁଡ଼ି ଶିଶୁ ମୃତ

ଖଇରା,୧୭।୯ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଅସୁରିଆ ଗ୍ରାମକୁ ମା' ଭାରତୀ ଲେଙ୍କାଙ୍କ ସହ ମାମୁଁ ଘରକୁ ବୁଲିବାକୁ ଆସିଥିବା ଦିବ୍ୟାଂଶୁ(୨.୫ବର୍ଷ) ପୋଖରୀରେ ବୁଡି ପ୍ରାଣହରାଇଛନ୍ତି। ବୁଧବାର ସକାଳେ ମାମୁଁଘରଲେକେ ବିଶ୍ୱକର୍ମା ପୂଜା ପାଇଁ ବ୍ୟସ୍ତ ଥିବା ବେଳେ ଦିବ୍ୟାଂଶୁ ସମସ୍ତଙ୍କ ଅଲକ୍ଷରେ ଖେଳୁ ଖେଳୁ ପାଣି ଭିତରକୁ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ପୋଖରୀରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଖଇରା ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

# ମୃତକଙ୍କ ପରିବାରକୁ ସହାୟତା

ଖଇରା,୧୭।୯ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଠା ପଞ୍ଚାୟତ ରାଇକୁଳା ଗ୍ରାମରେ ଅକାଳ ବିୟୋଗରେ ପ୍ରାଣ ହରାଇଥିବା ସ୍ୱର୍ଗତ ଦୟାନିଧି ଶିଅଳଙ୍କ ପରିବାରକୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ସହଯୋଗର ହାତ ବଢାଇଛନ୍ତି। ବୁଧବାର ଅପରାହ୍ନରେ ଶୋକସନ୍ତପ୍ତ ପରିବାରକୁ ଭେଟି ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବାବେଳେ ରେଡକ୍ରସରୁ ଅଧିକ ସହାୟତା ପ୍ରଦାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଘରର କବାଟ ଝରକା ଲଗାଇବା ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ପ୍ରତିଶୃତି ଦେଇଥିଲେ। ଜିଲା ପରିଷଦ ସଭ୍ୟ ମାନସ ଦାଶ, ସରପଞ୍ଚ ରଘୁନାଥ ଜେନା, ସମିତିସଭ୍ୟା କମଳିନୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଉଁଶ ଚାଷ ଓ ପ୍ରକ୍ରିୟାକରଣ ଉପରେ ଦିନିକିଆ କର୍ମଶାଳା



ବାଲେଶ୍ୱର,୧୭।୯ (ସମିସ): ୱାନ ଫ୍ୟୁଚର ଫାଉଣ୍ଡେସନ ଆନୁକୂଲ୍ୟରେ ଓରମାସ ଓ ମିଶନ ଶକ୍ତି ବାଲେଶ୍ୱର ସହାୟତାରେ ବାଉଁଶ ଚାଷ ଓ ପ୍ରକ୍ରିୟାକରଣ ଉପରେ ଦିନିକିଆ କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି। ରାଜାବଗିଚାସ୍ଥିତ ମିଶନ ଶକ୍ତି ଭବନ ଠାରେ ଅନୁଷ୍ଠିତ ଏହି କର୍ମଶାଳାରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ପ୍ରମୁଖ ବାଉଁଶ ଚାଷୀ ଓ କାରିଗରମାନେ ଭାଗ ନେଇଥିଲେ। କର୍ମଶାଳାରେ ଜିଲ୍ଲା ସ୍ତରରେ ବାଉଁଶ ଚାଷର ସ୍ଥିତି, ସରକାରୀ ପ୍ରୋତ୍ସାହନ, କଞ୍ଚା ବାଉଁଶ ବିକ୍ରି, କାରିଗରମାନଙ୍କ ଦକ୍ଷତା ବିକାଶ, ବାଉଁଶ ତିଆରି ବିଭିନ୍ନ ସାମଗ୍ରୀର ବିକ୍ରି, ବେସରକାରୀ ସଂସ୍ଥା ଓ ଏସଏଚଜି ଗୁଡିକର ସମ୍ପୃକ୍ତି ଏବଂ ଉକ୍ତ ବିଷୟଗୁଡ଼ିକରେ ଆସୁଥିବା ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ଅକ୍ଟୋବର ମାସରେ ୱାନ ଫ୍ୟୁଚର୍ ଫାଉଣ୍ଡେସନ ପକ୍ଷରୁ ବାଉଁଶ ସମ୍ବନ୍ଧୀୟ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଆଜି ଅନୁଷ୍ଠିତ କର୍ମଶାଳା ଏହି ସମ୍ମିଳନୀର ଏକ ଅଂଶ ବିଶେଷ। କର୍ମଶାଳାରେ ଫାଉଣ୍ଡେସନର କାର୍ଯ୍ୟକ୍ରମ ପରିଚାଳିକା ସରୋଜିନୀ ବ୍ରହ୍ମ, ଶ୍ୟାମଳ କିଶୋର ଦାସ, ଓରମାସର ଡେପୁଟି ସିଇଓ ଶାନ୍ତନୁ ବାନାର୍ଜୀ, ମିସନ ଶକ୍ତିର ବାଲେଶ୍ୱର ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ପ୍ରସ୍ତୁତି



ବାଲେଶ୍ୱର,୧୭।୯ (ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରାଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ପ୍ରତିବର୍ଷ ଅକ୍ଟୋବର୧ତାରିଖରେ ସାରା ବିଶ୍ୱରେ ପାଳିତ ହେଉଥିବା ବେଳେ ଚଳିତବର୍ଷ ସେହିଦିନ ମହାନବମୀ ପଡୁଥିବାରୁ ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ସମଗ୍ର ରାଜ୍ୟରେ ଅକ୍ଟୋବର ୧୦ତାରିଖ ଦିନ ଏହି ଦିବସ ପାଳିତ ହେବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମରେ ଦିନ୧୦ଟାରେ ଦିବସବ୍ୟାପୀ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାର ଉଚ୍ଚ ପ୍ରଶାସନିକ ଅଧିକାରୀ,ପୁଲିସ ପ୍ରଶାସନ ଓ ବରିଷ୍ଠ ନାଗରିକ ମଂଚର କର୍ମକର୍ତ୍ତା ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଓ ତା'ର ନିରାକରଣ ପାଇଁ ଥିବା ଆଇନର ପ୍ରାବଧାନ, ମିଳୁଥିବା ସୁବିଧା ସୁଯୋଗ ଆଦି ସମ୍ପର୍କରେ ଆଲୋଚନା କରାଯିବ। ବରିଷ୍ଠ ନାଗରିକମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଓ ସମାଜ କଲ୍ୟାଣ କାର୍ଯ୍ୟରେ ବ୍ରତୀ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ବିଭାଗୀୟ ଜିଲ୍ଲା ଅଧିକାରୀମାନଙ୍କ ସହିତ ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ସମ୍ପାଦକ ଦାମୋଦର ନାୟକ, ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ବରିଷ୍ଠ ଉପଦେଷ୍ଟା କମଳାକାନ୍ତ ବେହେରା ଓ ଗିରୀଶ ଚନ୍ଦ୍ର ଦାଶ, ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ଦେବେନ୍ଦ୍ରନାଥ ଚୌଧୁରୀ ଓ କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା; ଉତ୍ସବମୁଖର ବାଲେଶ୍ୱର






ବାଲେଶ୍ୱର,୧୭।୯ (ସମିସ)

ବାଲେଶ୍ୱର ଜିଲ୍ଲାର ସହର ଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ବେଶ ଧୁମଧାମରେ ଆଜି ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ଚାଲିଛି। ବିଭିନ୍ନ ଶିଳ୍ପାନୁଷ୍ଠାନ ଟେକ୍ନିକାଲ ଇନଷ୍ଟିଚ୍ୟୁଟ, ଗହଣା ଦୋକାନ, ବସଷ୍ଟାଣ୍ଡ, ଟ୍ରେକର ଷ୍ଟାଣ୍ଡ, ଗ୍ୟାରେଜରେ ଦେବଶିଳ୍ପୀଙ୍କ ପୂଜା ବେଶ ଶ୍ରଦ୍ଧା ଓ ଭକ୍ତିର ସହ ହେଉଥିବା ଲକ୍ଷ୍ୟ କରାଯାଇଛି। ବାଲେଶ୍ୱର ସହରର ବିବେକାନନ୍ଦ ମାର୍ଗସ୍ଥିତ ବିଦ୍ୟୁତ ବିଭାଗର ଅଫିସ, ପଡୁଆଁପଦା ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ ଓ ସାଧାରଣ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଆଦିରେ ହେଉଥିବା ଏହି ପୂଜା ଦୀର୍ଘ ବର୍ଷ ଧରି ସ୍ୱତନ୍ତ୍ରତା ବଜାୟ ରଖିଆସିଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକ ମାଳାରେ ଏହିସବୁ ସ୍ଥାନ ଝଟକୁଥିବା ଦେଖିବାକୁ ମିଳିଛି। ସେହିପରି ରେମୁଣା ଗୋଲେଇ, ବାଲେଶ୍ୱର ରେଳ ଷ୍ଟେସନ, ଫକୀର ମୋହନ ଗୋଲେଇରେ ବସ ମାଲିକ ସଂଘ, ବିଏସଏନଏଲ କାର୍ଯ୍ୟାଳୟ, ବାଲଗୋପାଳପୁରର ଇମାମୀ ପେପର ମିଲ୍, ବାଲେଶ୍ୱରଆଲୋଏଜ, ବିରଳାଟାୟାର୍ସ ପ୍ରଭୃତି ଶିଳ୍ପାନୁଷ୍ଠାନରେ ମଧ୍ୟ ବିଶ୍ୱକର୍ମାଙ୍କ ପୂଜାରେ ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଛି। ବିବେକାନନ୍ଦ ମାର୍ଗସ୍ଥିତ ବିଦ୍ୟୁତ ବିଭାଗର ଅଫିସ,ପଡୁଆଁପଦା ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗଓ ପୂର୍ତ୍ତ ବିଭାଗର ପୂଜା ମଣ୍ଡପ ନିକଟରେ ସନ୍ଧ୍ୟାରେ ହଜାର ହଜାର ଦର୍ଶକଙ୍କ ସମାଗମ ହେଉଛି। ପୂଜା ମଣ୍ଡପରେ ପ୍ରଭୁ ବିଶ୍ୱକର୍ମାଙ୍କ ମେଢ ସହିତ ଏହି ବିଭିନ୍ନ ଶିକ୍ଷଣୀୟ ବିଷୟ ବସ୍ତୁ ସମ୍ବଳିତ କୁଞ୍ଜ ଠାକୁର ଦେଖିବାକୁ ଦର୍ଶକଙ୍କର ପ୍ରବଳ ଭିଡ଼ ଜମୁଛି। ସେହିପରି ରେଳ ବିଭାଗ ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନ ନିକଟରେ ବିଶ୍ୱକର୍ମା ପୂଜାମଣ୍ଡପଠାରେ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଜନଗହଳି ତଥା ଯାନବାହାନ ଚଳାଚଳ ନିୟନ୍ତ୍ରଣ ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ



ବାଲେଶ୍ୱର,୧୭।୯ (ସମିସ): ସ୍ୱଚ୍ଛତା ହିଁ ସେବା ଅଭିଯାନ ଏବଂ ସ୍ୱଚ୍ଛ ଭାରଣ ମିଶନ ପାଳନର ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅବସରରେ ଆଜି ପୌରପାଳିକା ପକ୍ଷରୁ ଏକ ଶୋଭଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରେ ଏହି ଅବସରରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ କାଉନସିଲର ପଦ୍ମଲୋଚନ ଲେଙ୍କା, ରଞ୍ଜିତା ମହାପାତ୍ର ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଏହି ସଭାରେ ସରକାରୀ ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ସରକାରୀ ଯୋଜନା ସଠିକ ଭାବେ କିପରି ଲୋକମାନଙ୍କ ପାଖକୁ ପହଁଚିବ ଏବଂ ସେଥିରୁ ସେମାନେ ଲାଭ ନେଇ ପାରିବେ ତା ଉପରେ ଆଲୋଚନା କରାଯାଇଥିଲା। ଏହାବ୍ୟତିତ ସହରରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ସହ ପୌରପରିଷଦର ବିଭିନ୍ନ ୱାର୍ଡରେ କିପରି ସଠିକ ଭାବେ ସ୍ୱଚ୍ଛତା ଅଣାଯିବ ତା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ।

# ପାରାଦୀପ ବିଶ୍ୱକର୍ମା ପୂଜା

# ବିରାଜିଲେ ଦେବଶିଳ୍ପୀ; ଉତ୍ସବମୁଖର ବନ୍ଦରନଗରୀ












ପାରାଦୀପ,୧୭।୯ (ସମିସ)

- ଝିଲିମିଲି ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ
- ୧୩ ମଣ୍ଡପରେ ପୂଜା ପାଉଛନ୍ତି ଦେବଶିଳ୍ପୀ
- ପ୍ରଥମ ଦିନରେ ୨୦ ହଜାର ଦର୍ଶକଙ୍କ ଭିଡ଼
- ସମୁଦ୍ର କୂଳ ବିଜୁ ମଇଦାନରେ ଚାଲିଛି ବାଣିଜ୍ୟ ମେଳା

ବିଶ୍ୱକର୍ମା ପୂଜା ପାଇଁ ଆଜିଠୁ ବନ୍ଦରନଗରୀ ଝଲସୁଛି। ପ୍ରଥମ ଦିନରେ ୧୩ ପୂଜାମଣ୍ଡପରେ ପ୍ରଭୁ ବିଶ୍ୱକର୍ମାଙ୍କ ମୁହଁ ସନ୍ଧ୍ୟା ସୁଦ୍ଧା ଖୋଲାଯାଇଥିଲେ ବି ପ୍ରାୟ ୨୦ ହଜାର ଲୋକଙ୍କ ସମାଗମ ହୋଇଥିବା କୁହାଯାଉଛି। ଏପରିକି ପୁଲିସ ପ୍ରଶାସନ ପକ୍ଷରୁ ୬ ପ୍ଲାଟୁନ ପୁଲିସଙ୍କୁ ସୁରକ୍ଷା ଦାୟିତ୍ୱରେ ରଖାଯାଇଛି। ଆଜି ନିଜେ ଏସ୍‌ପି ଅଙ୍କିତ ବର୍ମା ପୂଜା ପେଣ୍ଡାଲଗୁଡିକର ସ୍ଥିତି ବୁଲି ଦେଖିବା ସହ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏପରିକି ଲକ୍ଷାଧିକ ଲୋକଙ୍କ ସମାଗମ ହେବାକୁ ଥିବା ଏହି ପୂଜାରେ ସୁରକ୍ଷା ବ୍ୟବସ୍ଥାରେ ଯେମିତି ତିଳେମାତ୍ର ଭୁଲ ନ ହୁଏ ସେଥିପାଇଁ ଆଉ ଅଧିକ ଫୋର୍ସ ମୁତୟନ କରିବାକୁ ଏସ୍‌ପି ଚିନ୍ତା କରିଛନ୍ତି। ବିଶେଷକରି ସହରର ବଡପଡିଆ, ହୋଟେଲ ଇଣ୍ଟରନେସନାଲ ଛକ, ନୂଆବଜାର, ବ୍ୟାଙ୍କ ଲାଇନ ଓ ଏମ୍ପାୟର୍ସ ଛକ ଭଳି ସ୍ଥାନଗୁଡିକରେ ପୁଲିସ ବୁକିଂ କରିଥିବା ଦେଖିବାକୁ ମିଳିଛି। ଯେପରିକି କେହି ଗାଡି ମୋଟର ନେଇ ପ୍ରବେଶ ନକରିବେ ସେଥିପ୍ରତି ପୁଲିସ ବେଶ ଯତ୍ନବାନ ଥିବା ଦେଖିବାକୁ ମିଳିଛି। ସେହିଭଳି ବିଭିନ୍ନ ଜାଗାରେ ସିସିଟିଭିଗୁଡିକ ଉପରେ ବିଶେଷ ନଜର ରଖାଯିବ ବୋଲି ପୁଲିସ କହିଛି। ଏଥିସହ ସମୁଦ୍ର କୂଳ, ନେହୁରୁବଙ୍ଗଳା ଓ ବିଜୁ ମଇଦାନ ଅଞ୍ଚଳରେ ଲୋକେ କିଭଳି ସମୁଦ୍ରକୁ ନଯିବେ ସେଥିପାଇଁ ପୁଲିସ ସତର୍କତା ଅବଲମ୍ବନ କରିଛି। ସମୁଦ୍ର ବେଳାଭୂମିରେ ମେଳା ପଡିଥିବାରୁ ମେଳା ବୁଲିବା ସହ ଦର୍ଶକମାନେ ସମୁଦ୍ର ବୁଲିବାକୁ ଯାଇଥିଲେ। ତେଣୁ ବିଜୁ ମଇଦାନରେ ମଧ ଖଚାଖଚ ଭିଡ ଦେଖିବାକୁ ମିଳିଛି। ସେହିଭଳି ବଡପଡିଆ ମୁଖ୍ୟ ରାସ୍ତାରେ ବୁଲା ଷଣ୍ଢ ଓ ଗାଇଗୋରୁ ମାଳ ମାଳ ହୋଇ ବୁଲୁଥିବା ଦେଖିବାକୁ ମିଳିଛି। ପୌରପାଳିକା ପକ୍ଷରୁ ବୁଲା ଷଣ୍ଢଙ୍କୁ ଭିଡ ଜାଗାରୁ ହଟାଇବା ଜରୁରୀ ହୋଇ ପଡିଛି। ଆଜି ସକାଳୁ ପୂଜାମଣ୍ଡପରେ କଳସ ଯାତ୍ରା ଆୟୋଜନ କରାଯାଇ ପୂଜାବିଧି ଆରମ୍ଭ ହୋଇଛି। ସବୁଠାରୁ ବଡ଼ କଥା କେତୋଟି ହାତଗଣତି ପୂଜାମଣ୍ଡପକୁ ଛାଡିଦେଲେ ଚଳିତ ବର୍ଷ ବହୁ ମଣ୍ଡପରେ ଗତ ବର୍ଷ ଅପେକ୍ଷା ବହୁ କମ ଖର୍ଚ୍ଚରେ ମଣ୍ଡପ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି। ଯେଉଁଠି ୨୦ ଲକ୍ଷରୁ ଅଧିକ ଖର୍ଚ୍ଚ ହେବା କଥା ତାକୁ ୧୦ ଲକ୍ଷରେ ସୀମିତ କରାଯାଇଛି। ପୂଜା କରିବାର ଇଚ୍ଛାଶକ୍ତି ଓ ଭାଇଚାରା ଅଭାବରୁ ଏଭଳି ହୋଇଥିବା କଥା ଆୟୋଜକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ତେବେ ବ୍ୟାଙ୍କ ଲାଇନ ଛକ ଉପରେ ନିର୍ମାଣ କରାଯାଉଥିବା ସନ୍ତୋଷ ପଟ୍ଟନାୟକଙ୍କ ବିରାଟ କାୟ ତୋରଣକୁ ଚଳିତ ବର୍ଷ ଦେଖିବାକୁ ମିଳିନାହିଁ। ସେହିଭଳି ବାପି ସର୍ଖେଲଙ୍କ ଶ୍ରମିକ ସଂଘ ମଧ୍ୟ ପୂଜାମଣ୍ଡପରୁ ବିରତି ରହିଛି। ଉଭୟ ଦୁଇ ସଙ୍ଗଠନ ପକ୍ଷରୁ ତାଙ୍କର କାର୍ଯ୍ୟାଳୟରେ ପୂଜା ଆୟୋଜନ କରିଛନ୍ତି। ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପୂଜାରେ ଭିଡ଼କୁ ଲକ୍ଷ୍ୟ ରଖି ପୁଲିସ କଡା ବ୍ୟବସ୍ଥା କରିଥିଲେ ମଧ ପକେଟମାର, ଛିନତାଇ ଓ ରୋଡ ରୋମିଓଙ୍କ ଭୟ ଲୋକଙ୍କୁ ଘାରିଛି। ଆଜିଠାରୁ ବେଲଟଲାଇନ ତଳେ ଯାଜ୍ଞସେନୀ ଗଣନାଟ୍ୟ ୫ ରାତ୍ରି ନାଟକ ମଞ୍ଚସ୍ଥ କରିବ। ବିଶ୍ୱକର୍ମା ପୂଜାରେ ଜାଗା ବଣ୍ଟନକୁ ନେଇ ଘୋଟାଲା ହୋଇଥିବା ଜଣାପଡିଛି। ବହୁ ଲୋକ ନିଜ ନାମରେ ଜାଗା ବୁକିଂକରି ନିଜେ ସବଲେଟରେ ଜାଗାଦେଇ ଅଧିକ ରୋଜଗାର ଆଶା ରଖିଛନ୍ତି। ଏଥିପ୍ରତି ନଜର ଦେବାକୁ ଦାବି ହେଉଛି। ବନ୍ଦର ଇଷ୍ଟେଟ ବିଭାଗ ଜାଗା ଓ ଇଲେକ୍ଟ୍ରି ଭଡା ଛାଡ଼ ନକରିବାରୁ ଆୟୋଜକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଥିବା ଶୁଣିବାକୁ ମିଳିଛି। ଯାହା ଆସନ୍ତା ବର୍ଷ ପୂଜା ଉପରେ ପ୍ରଭାବ ପକାଇପାରେ ବୋଲି ଶୁଣିବାକୁ ମିଳିଛି।

## ତିର୍ତ୍ତୋଲରେ ବିଶ୍ୱକର୍ମା ପୂଜା



ତିର୍ତ୍ତୋଲ: ତିର୍ତ୍ତୋଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହାଆଡ଼ମ୍ବରରେ ପାଳିତ ହେଉଛି। ତିର୍ତ୍ତୋଲର ସର୍ବ ପୁରାତନ ଛାପାଖାନା ବାଣୀରୁପା ପ୍ରେସ ପରିସରରେ ଅନୁଷ୍ଠିତ ବିଶ୍ୱକର୍ମାଙ୍କ ପୂଜାରେ ସୁଖେନ୍ଦୁ ଦାଶ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦାନ କରିଥିଲେ। ବୈଦିକ ପଣ୍ଡିତ ବଟଚରଣ ଦାଶ ପୂଜା କାର୍ଯ୍ୟ ସମ୍ପାଦନା କରିଥିବା ବେଳେ ରାମାୟଣି ପଣ୍ଡିତ ଅଭୟ ଦାଶ, ପୂର୍ବତନ ଜିଲ୍ଲା ପରିଷଦ କ୍ଷୀରୋଦ ବାରିକ, ପୂର୍ବତନ ସରପଞ୍ଚ ଧନଞ୍ଜୟ ସୁତାର, ବିମଳ ମହାପାତ୍ର, ରବୀନ୍ଦ୍ର ପାଣି, ରାକେଶ ମହାପାତ୍ର, ଆଶ୍ରିତ ସୁମନ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ତିର୍ତ୍ତୋଲ ବିଦ୍ୟୁତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ, ବିଏସଏନଏଲ କାର୍ଯ୍ୟାଳୟ, ସମେତ ବିଭିନ୍ନ ଯାନ୍ତ୍ରିକ ପ୍ରତିଷ୍ଠାନ ଓ ବ୍ୟବସାୟ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି।

## ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ; ୨ ମହିଳା ଗିରଫ

ଜଗତସିଂହପୁର,୧୭।୯(ସମିସ): କମ୍ ସୁଧହାରରେ ଋଣ କରାଇଦେବେ ବୋଲି କହି ନିରୀହ ଲୋକମାନଙ୍କ ପାଖରୁ ଲକ୍ଷଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ପୁଲିସ ୨ଜଣ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ଦ୍ୱୟ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ମଡେଲ ଥାନା ଅଧୀନ ଗୁରୁଜଙ୍ଗ ଗ୍ରାମର ରିତା ଦାସ ଏବଂ ବାଲିକୁଦା ଥାନା ବୋରିକିନା ଗ୍ରାମର ପ୍ରମିଳା ବାରିକ। ସୂଚନାନୁଯାୟୀ, ଆନ୍ଧ୍ରପ୍ରଦେଶର ସ୍ୱର୍ଣ୍ଣକେଶ୍ୱର ଏଜେନ୍ସି ମାଧ୍ୟମରେ କମ୍ ସୁଧହାରରେ ଋଣ କରିଦେବେ ବୋଲି କହି ଏହି ମହିଳା ଦ୍ୱୟ ଅନେକ ନିରୀହ ଲୋକଙ୍କୁ ନିଜ ମାୟାଜାଲରେ ଫସାଇଛନ୍ତି। ଏହି ଲୋକମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଜଗତସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟା ମାନେ ସୂଚନା ଦେଇଛନ୍ତି। ଏମାନଙ୍କ ଠାରୁ ୨ଟି ମୋବାଇଲ ଫୋନ ପୁଲିସ ଜବତ କରିଛି।

## ଚାଳକ ଦିବସ ପାଳିତ



ତିର୍ତ୍ତୋଲ,୧୭।୯(ସମିସ): ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ସେପ୍ଟେମ୍ବର ୧୭ ତାରିଖକୁ ଚାଳକ ଦିବସ ଭାବେ ପାଳନ ପରିପ୍ରେକ୍ଷୀରେ କନିମୁଳ ଶାଖା ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ଚାଳକ ଦିବସ ସହ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନୀଲ କୁମାର ସିଂ, ସମ୍ପାଦକ ଅକ୍ଷୟ କୁମାର ବେହେରା, କୋଷାଧକ୍ଷ ସନ୍ୟାସୀ ସାହୁ, ସମୀର ଭୋଇ, ଦେବପ୍ରସାଦ ସାହୁ, ସୁବାସ ସାହୁ, ଦିପୁନା ସାହୁ, ଜଗନ୍ନାଥ ଦାସ, ଗୋଲେଖି ବେହେରାଙ୍କ ସମେତ ସଂଘର ବହୁ ସଭ୍ୟ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଶ୍ୱକର୍ମା ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହା ପରେ ସଂଘର କନିମୂଳ ଶାଖା ସଭାପତି ଅନିଲ ସିଂ ଚାଳକ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତେ ଏକ ହୋଇ ସଂଗଠନକୁ ମଜବୁତ୍ କରିବା ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ।

## ଜାହାଜ ଏମ୍‌ଭି ଡେନ୍‌ସା ଲାୟନ ଗିରଫ

ପାରାଦୀପ,୧୭।୯(ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପ ବନ୍ଦରରେ ଜାହାଜ ଏମ୍‌ଭି ଡେନସା ଲାୟନକୁ ଗିରଫ କରାଯାଇଛି। ୪୨ ଲକ୍ଷ ୭୨ ହଜାରରୁ ଅଧିକ ମେଣ୍ଟେନାନ୍ସ ଟଙ୍କା ବକେୟାକୁ ନେଇ ଓଡ଼ିଶା ହାଇକୋର୍ଟ ପକ୍ଷରୁ ଗିରଫ ନିର୍ଦ୍ଦେଶ ଦେଇଥିଲେ। ୱେବପଏଣ୍ଟ ପୋର୍ଟ ସର୍ଭିସ୍ ଲିମିଟେଡର ବକେୟା ଟଙ୍କା ଜାହାଜ ଦେଇନଥିବାରୁ ଅଭିଯୋଗ ହେବା ପରେ ଜାହାଜକୁ ପାରାଦୀପ ବନ୍ଦରରେ ଗିରଫ କରାଯାଇଛି। ପରବର୍ତ୍ତୀ ଶୁଣାଣି ହେବା ପର୍ଯ୍ୟନ୍ତ ଜାହାଜଟି ଗିରଫ ହୋଇ ଆଙ୍କରେଜରେ ରହିବ ବୋଲି ସୂଚନା ମିଳିଛି। ଉକ୍ତ ଏମଭି ଡେନସା ଲାୟନ ଜାହାଜଟି ଆଇରନ ପ୍ଲେଟ ନେବା ପାଇଁ ପାରାଦୀପ ବନ୍ଦରକୁ ଆସିଥିଲା। ଜାହାଜଟି ବର୍ତ୍ତମାନ ପିଆଇସିଟି ବର୍ଥରେ ଲାଗିଥିବା ଜଣାପଡ଼ିଛି। ଗତ ବର୍ଷକ ମଧ୍ୟରେ ଏହାକୁ ମିଶାଇ ୪ରୁ ଅଧିକ ଜାହାଜ ପାରାଦ୍ୱୀପ ବନ୍ଦରରେ ଗିରଫ ହୋଇସାରିଛନ୍ତି। ଗିରଫ ହେବା ପରେ ଅଦାଲତରେ ଆପୋଷ ସମାଧାନ ମଧ୍ୟରେ ପୂର୍ବରୁ ୩ଟି ଜାହାଜ ଟଙ୍କା ପୈଠକରି ମୁକୁଳି ଥିବା ବେଳେ ଏହି ଏମ୍‌ଭି ଡେନସା ଲାୟନ ଜାହାଜ ପରବର୍ତ୍ତୀ ଶୁଣାଣି ଉପରେ ଜାହାଜର ଭାଗ୍ୟ ନିର୍ଭର କରୁଛି। ତେବେ ଖବର ଲେଖା ହେବା ସୁଦ୍ଧା ଜାହାଜ ପାରାଦୀପ ବନ୍ଦରର ପିଆଇସିଟି ବର୍ଥରେ ରହିଛି ଏବଂ ଏଥିରେ କୌଣସି ଲୋଡିଂ କରାଯାଇନାହିଁ। ଜାହାଜ ମାଲିକ, ଏଜେନ୍ସୀ ଓ ୱେବପଏଣ୍ଟ ପୋର୍ଟ ସର୍ଭିସ୍ ଲିମିଟେଡ ମଧ୍ୟରେ ଆପୋଷ ସମାଧାନ ପାଇଁ ଯୋଗାଯୋଗ ଚାଲିଛି।

## ଅଧାପକଙ୍କ ବିୟୋଗରେ ଏସ୍‌ଭିଏମ୍ କଲେଜରେ ଶୋକସଭା



ଜଗତସିଂହପୁର,୧୭।୯(ସମିସ): ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ କଲେଜ ବିସିଏ ବିଭାଗର ଅଧାପକ ଜ୍ୟୋତିପ୍ରକାଶ ଶତପଥୀଙ୍କ ଅକାଳ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ଡଃ ସୁଜାତା ଓତାଙ୍କ ଅଧକ୍ଷତାରେ ଆୟୋଜିତ ଶୋକସଭାରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ଶତପଥୀଙ୍କ ଅଧାପକ ଜୀବନର ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଲେଜର ପ୍ରଶାସନିକ ଅଧିକାରୀ ଅଧାପକ ପ୍ରଶାନ୍ତ କୁମାର ବେହେରା, ଅଧାପକ ଶୁଭେନ୍ଦୁ ମୌଳି ନନ୍ଦ, ପ୍ରାଧାପକ ବିଜୟ କୁମାର ବିଶ୍ୱାଳ, କର୍ମଚାରୀ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଏଥିରେ ଯୋଗଦେଇ ଅଧାପକ ସ୍ୱର୍ଗତ ଶତପଥୀଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶୋକସଭାରେ କଲେଜର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀ ଯୋଗଦେଇଥିଲେ।



ଏକାଦଶୀ ତଥା ଶାରଦୀୟ ପାର୍ବଣର ଚତୁର୍ଥ ଦିନ ସନ୍ଧ୍ୟା ଦର୍ଶନରେ ଜଗତଜନନୀଙ୍କ ଦିବ୍ୟ ଜଗନ୍ନାଥ ବେଶ

## ବିଶ୍ୱ ଓଜୋନ୍ ଦିବସ ପାଳିତ




ଜଗତସିଂହପୁର/ବାଲିକୁଦା,୧୭।୯(ସମିସ): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଆନୁକୂଲ୍ୟରେ ବାଲିକୁଦା ବ୍ଲକ୍ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ, ଓଚିଦାରେ ୩୧ତମ ବିଶ୍ୱ ଓଜୋନ୍ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନପ୍ରିୟ ଆଲୋଚନାଚକ୍ରରେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଅରୁଣ କୁମାର ମହାନ୍ତି, ପ୍ରକୃତିବନ୍ଧୁ ରାଜକିଶୋର ବିଶ୍ୱାଳ, ଶିକ୍ଷକ ଧରଣୀ ଚନ୍ଦ୍ର ସାମଲ, ରାଜେଶ କୁମାର ସ୍ୱାଇଁ, ବିଜ୍ଞାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ପରିଜା, ମୁଖ୍ୟବକ୍ତା ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରନ ମହାନ୍ତି ଏବଂ ମୁଖ୍ୟଅତିଥି ଭାବେ ପ୍ରକୃତିପ୍ରେମୀ କନକଲତା ପରିଡା ଯୋଗଦେଇ ଜୀବନରକ୍ଷକ ଓଜୋନ୍ ସ୍ତରର ସୁରକ୍ଷା ନିମନ୍ତେ ଓଜୋନ୍ ନଷ୍ଟକାରୀ ରସାୟନର ବିକଳ୍ପ ପାଇଁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ଏକ ପରିବର୍ତ୍ତନ ସାଙ୍ଗକୁ ସଂପ୍ରତି ଜୀବନଶୈଳୀରେ ମଧ ଆଶାନୁରୂପ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରଜ୍ଞା ନାୟକ ପ୍ରଥମ, ରାଜେଶ୍ୱରୀ ରାଉତ ଦ୍ୱିତୀୟ, ସ୍ମୃତିରନ ନାୟକ ତୃତୀୟ ଓ ଲକ୍ଷ୍ମୀପ୍ରିୟା ମଲ୍ଲ ସାନ୍ତ୍ୱନାମୂଳକ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ସ୍ମୃତି ସାଗରିକା ସ୍ୱାଇଁ, ଶୁଭନନ୍ଦିନୀ ପଣ୍ଡା, ସ୍ମୃତିଶ୍ରୀ ଜେନା ଓ ଅନନ୍ୟା ଲେଙ୍କା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ସାନ୍ତ୍ୱନା ମୂଳକଭାବେ ପୁରସ୍କାର ଓ ପ୍ରମାଣପତ୍ର ଅତିଥିମାନଙ୍କ ଠାରୁ ଗ୍ରହଣ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜକ ଚନ୍ଦ୍ରଶେଖର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ ସାଙ୍ଗକୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଯୁବ ସ୍ୱଛାସେବୀ ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଓ ନାରୀ ନିର୍ଯାତନା ପ୍ରତିବାଦ

# ଜିଲ୍ଲା ମହିଳା ବିଜେଡି ପକ୍ଷରୁ ବିକ୍ଷୋଭ

ଜଗତସିଂହପୁର,୧୭।୯ (ସମିସ)



ରାଜ୍ୟରେ ବଢ଼ିଚାଲିଛି ନାରୀ ନିର୍ଯାତନା, ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ଭଳି ସମ୍ବେଦନଶୀଳ ଘଟଣା। ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ସବୁଠାରେ ନାରୀମାନେ ଆଜି ନିଜକୁ ଅସୁରକ୍ଷିତ ମଣୁଛନ୍ତି ବୋଲି ଅଭିଯୋଗ ହେଉଛି। ବିଭିନ୍ନ ପ୍ରକାର ନିର୍ଯାତନାର ଶୀକାର ହେଉଥିବା ମହିଳାମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ମହିଳାମାନଙ୍କ ପ୍ରତି ହେଉଥିବା ଏଭଳି ଅବିଚାର ପ୍ରତିବାଦରେ ଜଗତସିଂହପୁର ଜିଲ୍ଲା ମହିଳା ବିଜୁ ଜନତା ଦଳ ତରଫରୁ ବୁଧବାର ଦିନ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଥମେ ଜିଲ୍ଲା ମହିଳା ବିଜେଡି ସଭାପତି ସବିତା ମହାପାତ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରା ଦଳୀୟ କାର୍ଯ୍ୟାଳୟ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ସାନବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ନିକଟରେ ପହଞ୍ଚିଥିଲେ। ସେଠାରେ ମାଲ୍ୟାର୍ପଣ ପରେ ଏହି ଶୋଭାଯାତ୍ରା ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ବିଜେପି ସରକାରରେ ବଢି ଚାଲିଥିବା ମହିଳା ନିର୍ଯ୍ୟାତନାର ପ୍ରତିବାଦ ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ସାଂସଦ ଡାଃ ରାଜଶ୍ରୀ ମଲ୍ଲିକ ଏବଂ ମହିଳା ବିଜେଡି ସଭାପତି ଶ୍ରୀମତୀ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟି ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଏକ ୭ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ତାଙ୍କୁ ପ୍ରଦାନ କରିଥିଲେ। ବିଗତ ଦିନରେ ଜଗତସିଂହପୁର ସଦର ବ୍ଲକ ଅଧୀନ ମଜୁରାଇ ଗ୍ରାମରେ ଜନୈକା ଯୁବତୀଙ୍କୁ ଗଣଦୁଷ୍କର୍ମ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନ କାଠକୋଟ ଏବଂ ମୂଳିସିଂରେ ସଂଗଠିତ ନାରୀ ନିର୍ଯ୍ୟାତନା ମାମଲା ଜିଲ୍ଲା ପାଇଁ ଲଜ୍ଜାଜନକ ବିଷୟ ବୋଲି ମହିଳା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ବିଗତ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୦ ହଜାରରୁ ଉର୍ଦ୍ଧ୍ୱ ମହିଳା, ଯୁବତୀ ଓ ନାବାଳିକା ନିଖୋଜ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ମାତ୍ର ୭୦୪୮ ଜଣ ଉଦ୍ଧାର ହୋଇଥିବା ଖୋଦ ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଥିଲେ। ସେହିପରି ପ୍ରତିଦିନ ହାରାହାରି ୧୫ଟି ଦୁଷ୍କର୍ମ ମାମଲା ଓଡିଶାର ବିଭିନ୍ନ ଥାନାରେ ପଞ୍ଜିକୃତ ହେଉଥିବା ମହିଳା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏସବୁକୁ ବିଚାର କରି ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ମହିଳା ବିଜେଡି ପକ୍ଷରୁ ନିବେଦନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଲୋରା ମହାପାତ୍ର, ନାଉଗାଁ ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ଜଗତସିଂହପୁର ପଞ୍ଚାୟତ ସମିତି ଅଧକ୍ଷା କନକପ୍ରଭା ଲେଙ୍କା, ଉପାଧକ୍ଷ ରତିରନ ବେହେରା, ବାଲିକୁଦା ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ପ୍ରଧାନ, ପ୍ରଭାତୀ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା, ଦର୍ପଦଳିନୀ ମଲ୍ଲିକ, କନକ ସ୍ୱାଇଁ, ସୁଜାତା ମହାନ୍ତି, ରିତା ସିଂ, ଦିପ୍ତିମୟୀ ରାୟ, ପାରିଷଦ ସେନାଲି ସିଂ, ଦୋଳଗୋବିନ୍ଦ ଦାଶ, ପ୍ରୀୟବ୍ରତ ମହାପାତ୍ର, ପ୍ରଶାନ୍ତ ମଲ୍ଲିକ, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ନାରୀ ସୁରକ୍ଷା ଦାବି**

# ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ବିଜେଡିର ବିକ୍ଷୋଭ, ଡିଜିଙ୍କୁ ଦାବିପତ୍ର




ଝାରସୁଗୁଡ଼ା,୧୭।୯ (ସମିସ)

ଝାରସୁଗୁଡ଼ା ସହର ବେହେରାମାଲରେ ଥିବା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶାରେ ମହିଳା ମାନଙ୍କ ଉପରେ ଘଟୁଥିବା ଆପରାଧିକ ମାମଲା, ଅପମାନ ଜନକ ପରିସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଡିଜିଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଏସପିଙ୍କୁ ଦାବିପତ୍ର ଦିଆଯାଇଛି। ରାଜ୍ୟରେ ମହିଳାଙ୍କ ପ୍ରତି ହେଉଥିବା ଆକ୍ରମଣ, ଅତ୍ୟାଚାର, ବଳାତ୍କାର, ଯୌନ ଉତ୍ପୀଡନ ଏବଂ ହିଂସା ପ୍ରତିଦିନ ଘଟୁଥିବା ବେଳେ ନ୍ୟାୟ ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି। ବାଲେଶ୍ୱର ଏଫଏମ କଲେଜର ଛାତ୍ରୀ ଆତ୍ମଦାହ ଘଟଣାରେ ସରକାରଙ୍କ ବିଫଳତା ପ୍ରମାଣିତ ହୋଇ ସାରିଛି। ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣବଳାତ୍କାର ଘଟଣା ସାରା ଦେଶରେ ଓଡ଼ିଶାକୁ ବଦନାମ କରିଛି। ରାଜ୍ୟରେ ମହିଳା ବିରୋଧୀ ଅପରାଧର ସ୍ଥିତି ଉଦ୍‌ବେଗଜନକ ଥିବା ବେଳେ ସରକାରଙ୍କ ସ୍ଥାଣୁତା ଜନଅସନ୍ତୋଷ ବୃଦ୍ଧି କରିଛି। ଏହି ସବୁ ଘଟଣା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ତତ୍ପରତା ପ୍ରକାଶ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ବିଜେଡି ମହିଳା ମୋର୍ଚ୍ଚା ତରଫରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହପରେ ରାଜ୍ୟ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ଦେବା ସମୟରେ ମହିଳା ବିଜେଡି ଜିଲ୍ଲା ସଭାପତି ରୋଜାଲିନ ପଟେଲ, ଝାରସୁଗୁଡ଼ା ପୌରାଧ୍ୟକ୍ଷା ରାନୀ ହାତୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ତୁଳାବତୀ ମିଞ୍ଜ, ଝାରସୁଗୁଡ଼ା ବ୍ଲକ୍ ଚେୟାରମ୍ୟାନ ଚିତ୍ରାଣୀ ପଟେଲ, ରିତା ବାଗ, ନବନୀତ କୌର, ତାପସରାୟ ଚୌଧୁରୀ, ରଘୁମଣୀ ପଟେଲ, ପିଣ୍ଟୁ ପାଢ଼ୀ, ଆଲୋକ ପ୍ରଧାନ, କୁଳମଣି ଦାସଙ୍କ ସମେତ ବହୁ ବିଜେଡି ସଦସ୍ୟା ଯୋଗ ଦେଇଥିଲେ।

## ଦେବଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଦେବଗଡ଼: ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦାବିରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ବୁଧବାର ଦେବଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଦିନକୁ ଦିନ ମହିଳାଙ୍କ ଉପରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଏବଂ ନିର୍ଯ୍ୟାତନା ଭଳି ଅପରାଧ ବଢ଼ି ବଢ଼ି ଚାଲିଛି। ମହିଳା ଏବଂ ଛାତ୍ରୀ ରାଜ୍ୟରେ ଅସୁରକ୍ଷିତ ହୋଇ ପଡିଛନ୍ତି। ମହିଳାଙ୍କୁ ସୁରକ୍ଷା ପାଇଁ ବିଜେଡି ବାରମ୍ବାର ଦାବି କରୁଥିବା ବେଳେ ଶାସନରେ ଥିବା ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିବା ଦିନ ଠାରୁ ରାଜ୍ୟରେ ଅରାଜକତା ବଢ଼ି ଚାଲିଛି। ସୁରକ୍ଷା ଦେବା ବଦଳରେ ପୁଲିସ ଏବେ ଗୁଣ୍ଡା ସାଜିଥିବା ବିଜେଡି ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଦେବଗଡ଼ ଜିଲ୍ଲା ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାନେତ୍ରୀ ଅରୁଣି ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହିତ ମହିଳାଙ୍କୁ ସୁରକ୍ଷା ପ୍ରଦାନ ଦାବି କରି ଡିଜିପିଙ୍କ ଉଦ୍ଦେଶ୍ୟରେ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷା ଅନିତା ପାତ୍ର, ପାର୍ବତୀ ସାହୁଙ୍କ ସମେତ ବହୁ ଦଳୀୟ ନେତ୍ରୀ ଉପସ୍ଥିତ ଥିଲେ।

## ରୋଜଗାରକ୍ଷମ କରିଛି ସମନ୍ୱିତ କୃଷି ପ୍ରଣାଳୀ

କୋଲାବିରା,୧୭।୯ (ସମିସ): କେବଳ ଧାନ କି ଗହମ ଚାଷରେ ନୁହେଁ ସମନ୍ୱିତ ଚାଷ ପ୍ରଣାଳୀ ଅନୁସରଣ କରି ଝାରସୁଗୁଡା ଜିଲ୍ଲାର କୋଲାବିରା ବ୍ଲକ୍ ଅଧୀନ ଗୁଡିଗାଁର ଚାଷୀ ମିତ୍ରଭାନୁ ପଟେଲ ସଫଳତା ପାଇଛନ୍ତି। ମାଟିର ଜୈବିକ ଉର୍ବରତା ବଢ଼ାଇବା, ପ୍ରାକୃତିକ ଉତ୍ପାଦନର ସଦ୍‌ବ୍ୟବହାର ଏବଂ ମୂଲ୍ୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଥିବା ଶ୍ରୀ ପଟେଲ ନିଜର ଉଦ୍ୟମ ବଳରେ ଆଦର୍ଶ ଚାଷୀ ଭାବେ ଆଖପାଖ ୭ଟି ଗାଁର କୃଷକଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୧୬ ଏକର ଜମି ମଧ୍ୟରୁ ୫ ଏକର ଜମିରେ ସମନ୍ୱିତ କୃଷି ପ୍ରଣାଳୀ ମାଧ୍ୟମରେ କୃଷି ଉତ୍ପାଦନ (ଧାନ, ମକା, ସୋରିଷ), ଅଦା, ଟମାଟୋ, ବାଇଗଣ, ଲଙ୍କା, ପଶୁପାଳନ, ବାୟୋ-ଫ୍ଲକ୍ ମାଛ ଚାଷ କରୁଛନ୍ତି। ବାକି ଜମିରେ ସେ ଧାନ ଚାଷ ମଧ୍ୟ କରୁଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର ଝାରସୁଗୁଡା ଦ୍ୱାରା ପ୍ରଦର୍ଶିତ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଆୟୋଜିତ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇ ସେ ନିଜ ଆୟକୁ ଦ୍ୱିଗୁଣିତ କରିପାରିଛନ୍ତି। ଲାଇନ୍ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ଝରସୁଗୁଡା ବୈଜ୍ଞାନିକମାନଙ୍କ ଉଚିତ ମାର୍ଗଦର୍ଶନ ଏବଂ ସମର୍ଥନ ଦ୍ୱାରା ଏହି ପ୍ରଣାଳୀର ସଫଳ ରୂପାୟନ ସମ୍ଭବ ହୋଇପାରିଛି।



ଏହି ପ୍ରଣାଳୀ ଅଧୀନରେ ଥିବା ସମସ୍ତ ଉତ୍ପାଦନରୁ ସେ ବର୍ଷକୁ ପ୍ରାୟ ୭ ଲକ୍ଷ ୧୮ ହଜାର ଟଙ୍କା ଆୟ କରୁଥିବା ବେଳେ ୪ ଲକ୍ଷ ୨୦ ହଜାର ଟଙ୍କା ଲାଭ କରୁଛନ୍ତି। ଏହି ପ୍ରଣାଳୀକୁ ବିକଶିତ କରିବାରେ ସେ ବିଭିନ୍ନ ଉଦ୍ୟୋଗର ପରିଚାଳନା ପାଇଁ ଦିନକୁ ଦୁଇ ଜଣଙ୍କୁ ନିଯୁକ୍ତ କରୁଛନ୍ତି। ଫସଲ ଉତ୍ପାଦନ ସମୟରେ ସେ ପ୍ରତିବର୍ଷ ଶ୍ରମ ଦିବସରେ ୨୭୦-୨୮୦ ଜଣଙ୍କୁ ନିୟୋଜିତ କରି ଆର୍ଥିକ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି।

## ପାର୍ବଣ ଋତୁ ପାଇଁ ଗାଁରେ ଶାନ୍ତି କମିଟି ବୈଠକ



ବରଗଡ଼,୧୭।୯ (ସମିସ): ବରଗଡ଼ ଟାଉନ ଥାନା ପକ୍ଷରୁ ବରଡୋଲ ଗାଁରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଟାଉନ ଥାନା ଅଧିକାରୀ ଇନ୍ସପେକ୍ଟର ସୁରେନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ବୈଠକରେ ସବ୍‌ଇନ୍ସପେକ୍ଟର ଆଲୋକ ମଲ୍ଲିକ, ଏଏସଆଇ ପୀତବାସ ଲେଟି, ଏସଆଇ ଆଶିଷ ନାଗ, ହାବିଲଦାର ଉରକୁଲୁ ଭୋଇ, କନେଷ୍ଟବଲ ନିତ୍ୟାନନ୍ଦ ସେଠ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କିପରି ଭାବେ ଗାଁରେ ଶାନ୍ତି ଶୃଙ୍ଖଳା ବଜାୟ ରହିବା ସହିତ ଏକ ସୁସ୍ଥ ବାତାବରଣ ସୃଷ୍ଟି ହେବ ସେଦିଗରେ ବରଡୋଲ ଗାଁର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ପୁଲିସ ସହିତ ଆଲୋଚନା କରିଥିଲେ। ପୁଲିସ ପକ୍ଷରୁ ନିଶା ସେବନରୁ ଦୂରେଇ ରହିବା ପାଇଁ ଯୁବପିଢ଼ି ମାନଙ୍କୁ ଅନୁରୋଧ କରାଯିବ ସହିତ ଆଇନ ହାତକୁ ନନେଇ କୌଣସି ଆପ୍ରିତୀକର ପରିସ୍ଥିତି ଉପୁଜିଲେ ପୁଲିସକୁ ଖବର ଦେବା ପାଇଁ ଥାନା ଅଧିକାରୀ ଶ୍ରୀ ଛତ୍ରିଆ କହିଥିଲେ। ସେହିପରି ଅନ୍ଧାର ସମୟରେ ଚୋରି ତଥା ଲୁଟପାଟ ହେଉଥିବାରୁ ବରଡୋଲରୁ କଟାପାଲି ରାସ୍ତାରେ ପେଟ୍ରୋଲିଂ କରିବା ପାଇଁ ଟାଉନ ଥାନା ଅଧିକାରୀଙ୍କୁ ଗାଁବାସୀ ଅନୁରୋଧ କରିଥିଲେ। ଆଜିର ବୈଠକରେ ଟାଉନ ପୁଲିସଙ୍କ ସହିତ ବରଡୋଲ ଗାଁର ବିଜୟଅଦାବର, କୀର୍ତ୍ତନ ପ୍ରଧାନ, ନୀଳମଣି ନାୟକ, ସାରଦୁଲ ପ୍ରଧାନ, ଭାଗ୍ୟବାନ ବାରିକ, ଭରତ ମାଝୀ, ଅଧିକାରୀ ପଧାନ, ଅଶୋକ ପଧାନ, ଅରୁଣ ସେଠ, ଈଶ୍ୱର ବାରିକ, ଯଦୁମଣି ନାଏକ, ମହେନ୍ଦ୍ର ଖମାରି, ସତ୍ୟବାନ ବାରିକଙ୍କ ସହିତ ଶତାଧିକ ଗାଁବାସୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗୋଡ଼ଭଗା ନୂଆଁଖାଇ ଭେଟ୍‌ଘାଟ୍ ନିରାଡ଼ମ୍ବର ଭାବେ ପାଳିତ

ଅତାବିରା,୧୭।୯ (ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମାଁ ସମଲେଶ୍ୱରୀଙ୍କ ସଭାକକ୍ଷରେ ଗୋଡଭଗା ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ମହାସମାରୋହରେ ପାଳିତ ନହୋଇ ନିରାଡମ୍ବର ଭାବେ ପାଳିତ ହୋଇଛି। ଗୋଡଭଗା ନାଗରିକ କମିଟି ପକ୍ଷରୁ ଆୟୋଜିତ ନୂଆଁଖାଇ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅତିଥିମାନେ ମାଁ ସମଲେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରି ଅଞ୍ଚଳର ସାମଗ୍ରୀକ ବିକାଶ କାମନା କରିଥିଲେ। ପରେ ପରେ ନାଗରିକ କମିଟିର ପୂର୍ବତନ ସଭାପତି ହାରାଧନ ବାରିକଙ୍କ ଆକସ୍ମିକ ପରଲୋକ ଘଟିଥିବାରୁ ତାଙ୍କ ସମ୍ମାନାର୍ଥେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନବନିର୍ବାଚିତ ସଭାପତି ସମାଜସେବୀ ତଥା ସାମ୍ବାଦିକ ସୁରେଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା ସୁଶୀଲ ସିଂ, ଉପଦେଷ୍ଟା ମଧୁସୂଦନ ଶର୍ମା, ଉପସଭାପତି ବିଭୁରଞ୍ଜନ ମହାନ୍ତି, ସଂପାଦକ ଅନିରୁଦ୍ଧ ଖମାରୀ ଏବଂ ସହସଂପାଦକ କୁନୁ ବାବୁ ଗଡତିଆ ମଞ୍ଚାସୀନ ଥିଲେ। ସଭାରେ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ କୈଳାସ ମହାରଣା, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପଣ୍ଡା ବାବୁ, ସମାଜସେବୀ କୃଷ୍ଣଚନ୍ଦ୍ର ନନ୍ଦ, ହାଡୁ କର୍ଣ୍ଣ ଏବଂ ଗୋପାଳ ପ୍ରଧାନ ସ୍ୱର୍ଗତ ବାରିକଙ୍କ ସ୍ମୃତିଚାରଣ କରିଥିଲେ। କମିଟିର ଉପଦେଷ୍ଟା ସୁଶୀଲ ସିଂ ନୂଆଁଖାଇ ପାଳନର ଉଦ୍ଦେଶ୍ୟ ଓ ମହନୀୟତା ବିଷୟରେ କହିଥିଲେ। ଅନ୍ୟତମ ଯୁବନେତା ତଥା ଉପଦେଷ୍ଟା ମଧୁସୂଦନ ଶର୍ମା ଗୋଡଭଗା ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ସମସ୍ତଙ୍କୁ ଏକଜୁଟ ହୋଇ ନବଗଠିତ ନାଗରିକ କମିଟିକୁ ସାହାଯ୍ୟ ଓ ସହଯୋଗର ହାତ ବଢ଼େଇବାକୁ ସଭାରେ ଉପସ୍ଥିତ ସମସ୍ତଙ୍କୁ ନିବେଦନ କରିଥିଲେ। ଶେଷରେ ଉପସଭାପତି ବିଭୁରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ ଏବଂ ପ୍ରସାଦ ସେବନ ହୋଇଥିଲା।

## ଦାଦାଗିରି ଅଭିଯୋଗରେ ୩ ଗିରଫ, ଦେଶୀ ବନ୍ଧୁକ ସହ ୩ଟି ଗୁଳି ଜବତ

ଝାରସୁଗୁଡ଼ା,୧୭।୯ (ସମିସ): ରାତି ହେଲେ ବିଜୁ ଏକ୍ସପ୍ରେସ ୱେ ସମେତ ଝାରସୁଗୁଡ଼ା ସହରରେ ଦାଦାଗିରି କରିବା କିଛି ଯୁବକଙ୍କୁ ମହଙ୍ଗା ପଡ଼ିଛି। ଗିରଫ ଅଭିଯୁକ୍ତ ମାନେ ମନୁ ପାଣ୍ଡେ, ଅଭିନନ୍ଦନ ପାଣ୍ଡେ ଏବଂ କମଲେଶ ସା ବୋଲି ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଏସପି ଗୁନ୍ଦଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ପ୍ରଦାନ କରିଛନ୍ତି। ବନ୍ଧୁକ ଦେଖାଇ ଟ୍ରକ ଡ୍ରାଇଭରଙ୍କ ସହ ଅନ୍ୟାନ୍ୟ ଜନସାଧାରଣଙ୍କୁ ଭୟଭୀତ କରାଇ ଦାଦାବଟି ଅସୁଲ କରିବା ନେଇ ପୁଲିସ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବିଜୁ ଏକ୍ସପ୍ରେସ ୱେ, ପଞ୍ଚପଡା ସ୍ଥିତ ଭାଇ ଭାଇ ଢ଼ାବା ନିକଟରେ ଏମିତି ନିତିଦିନିଆ ଘଟଣା ହେଉଥିବା ନେଇ ସୂଚନା ପାଇବା ପରେ ଝାରସୁଗୁଡ଼ା ପୁଲିସ ଏକ ପୁଲିସ ଟିମ ଗଠନ କରି ଚଢ଼ଉ କରିଥିଲା। ଚଢ଼ଉ ବେଳେ ତିନି ଜଣ ଅଭିଯୁକ୍ତଙ୍କୁ ଯାଞ୍ଚ କରିବା ପରେ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ନମ୍ବର ପ୍ଲେଟ ବିହୀନ ଗୋଟିଏ ବାଇକ ଏବଂ ନଗଦ ୪,୬୮୦ ଟଙ୍କା ପୁଲିସ ଜବତ କରିଥିଲା। ଆର୍ମସ ଆକ୍ଟ, ଦାଦାବଟି ମାଗିବା ଆଦି ଦଫାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଗତ ୬ ତାରିଖ ଦିନ ଗଣେଶ ପୂଜା ଭସାଣି ବେଳେ ଝାରସୁଗୁଡ଼ା ରେଲୱେ କଲୋନୀ ଠାରେ ହୋଇଥିବା ଗୁଳି ମାଡ ଘଟଣାରେ ମଧ୍ୟ ଗିରଫ ମନୁ ପାଣ୍ଡେ ସମ୍ପୃକ୍ତ ଥିବା ଝାରସୁଗୁଡ଼ା ଏସ୍‌ପି ସୂଚନା ଦେଇଛନ୍ତି। ଗତ ୬ ତାରିଖ ଦିନ ଜିଆରପି ଥାନା ଅଧୀନ ଦଶରଥ ସୁନାଙ୍କ ଘରକୁ ୬ରାଉଣ୍ଡ ଗୁଳି କରି ୩ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ତେବେ ସେହି ମାମଲାଟି ଜିଆରପି ଥାନାରେ ଥିବା ହେତୁ ଜିଆରପି ପୁଲିସ ସହିତ ଆଲୋଚନା କରି ଗୁଳି ମାଡ ମାମଲାର ତଦନ୍ତ କରାଯିବ ବୋଲି ଝାରସୁଗୁଡ଼ା ଏସ୍‌ପି ଗୁନ୍ଦଲା ରେଡ୍ଡୀ ରାଘବେନ୍ଦ୍ର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



**ରେଲୱେ କଲୋନୀ ଗୁଳିକାଣ୍ଡ ଘଟଣାରେ ଜଣେ ଅଭିଯୁକ୍ତ ଗିରଫ**

## ବିକାଶ ଲ'ସ୍କୁଲ୍‌ରେ ଫ୍ରେସର୍ସ ଡେ



ବରଗଡ଼,୧୭।୯ (ସମିସ): ବିକାଶ ଲ' ସ୍କୁଲରେ ଫ୍ରେସର୍ସ ଡେ 'ଲେକ୍ସ ନୋଭିଟି - ୨୦୨୫' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍କୁଲର ଅଧ୍ୟକ୍ଷ ପ୍ରଫେସର୍ ଡ.ବିକ୍ରମ ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନବାଗତ ବିଏଏଲ୍‌ଏଲ୍‌ବି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ ଡି.ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପାଠ ସହିତ ଶୃଙ୍ଖଳା, ବିନୟ, ଗୁରୁ ଭକ୍ତି, ଶିଷ୍ଟାଚାର, ସେବା ମନୋଭାବ ଓ ଦେଶପ୍ରେମ ଭାବ ରଖିବାକୁ ନୂତନ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ.ଅଜୟ ମହାପାତ୍ର ନୂତନ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସିନିୟର ଆଡ୍‌ଭାଇଜର୍ ପିକେ ଦାଶ ଆଇନ୍ ପାଠ୍ୟକ୍ରମର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏହି ମଞ୍ଚରେ ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଡିନ୍, ଲ' ସ୍କୁଲର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଥମ ବର୍ଷର ଛାତ୍ର ପ୍ରିୟାଂଶୁ ପ୍ରିନ୍ସ ଜଗତ୍ ଓ ଛାତ୍ରୀ ଶିଲ୍‌କି ପ୍ରଧୂଆ ମିଷ୍ଟର ଫ୍ରେସର୍ସ ଓ ମିସ୍ ଫ୍ରେସର୍ସ ଓ ଛାତ୍ରୀ ଅର୍ପିତା ଅନିଷା ଖୁରା ବେଷ୍ଟ ଆଉଟ୍ ଫିଟ୍ ଭାବେ ସମ୍ମାନିତ ହୋଇଥିଲେ।। ଶେଷରେ ଲ' ସ୍କୁଲର ପ୍ରଫେସର ଜୈମିନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ବୃଦ୍ଧାଙ୍କୁ ଥଇଥାନ କଲେ ସେବା ପରିବାର



ଭେଡେନ,୧୭।୯ (ସମିସ): ଭେଡେନ ବ୍ଲକ୍‌ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପରିବାର ତରଫରୁ ବରପାଲି ବ୍ଲକ୍ ସତଲମା ଗାଁର ଅସହାୟ ଅବସ୍ଥାରେ ପଡି ରହିଥିବା ଜଣେ ବୃଦ୍ଧା ପାର୍ବତୀ ବରିହାଙ୍କୁ ଉଦ୍ଧାର କରିଛନ୍ତି। ବୃଦ୍ଧାଙ୍କୁ ସେବା ପରିବାରର ସଭାପତି ନରେନ୍ଦ୍ର ଭୋଇ, କେଶବ ଭୋଇ ଏବଂ ଚିତ୍ତରଞ୍ଜନ ସାହୁ ନେଇ ଭେଡେନ ବ୍ଲକ୍ ଅଧୀନ ପପଙ୍ଗା ସ୍ଥିତ ଆନନ୍ଦ ସେବା ଆଶ୍ରମକୁ ଆଣି ଥଇଥାନ କରିଛନ୍ତି। ସେବା ପରିବାରର ଏହି କାର୍ଯ୍ୟ ପାଇଁ ସବୁ ମହଲରେ ପ୍ରଶଂସା କରିଛନ୍ତି।

## ରାସ୍ତାରେ ଗାଈଗୋରୁ, ଟ୍ରାଫିକ ସମସ୍ୟା ଗୁରୁତର



ପଦ୍ମପୁର,୧୭।୯ (ସମିସ): ପଦ୍ମପୁର ସହରର ବିଭିନ୍ନ ରାସ୍ତାରେ ବୁଲା ଗାଈଗୋରୁ ଶୋଇ ରହୁଥିବା ଦେଖିବାକୁ ମିଳୁଛି। ସହରର ପ୍ରମୁଖ ରାସ୍ତାରେ ଗାଈ ଗୋଠ ଯୋଗୁଁ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। କେବଳ ଟ୍ରାଫିକ ସମସ୍ୟା କାହିଁକି ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି। ସହରର ପ୍ରମୁଖ ରାସ୍ତାରେ ଦଳଦଳ ଗାଈଗୋରୁ ବୁଲୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷ କରି ସହରର ପୁରୁଣା ବସ୍ତି ରାସ୍ତା, ପ୍ରାଇଭେଟ ବସଷ୍ଟାଣ୍ଡ, ଶାସ୍ତ୍ରୀ ଛକ, ମୁଖ୍ୟରାସ୍ତାର ନେହେରୁ ଗଳି ଛକ, ଦୁର୍ଗା ମନ୍ଦିର ରାସ୍ତା ଆଦି ବିଭିନ୍ନ ସ୍ଥାନରେ ଗାଈଗୋରୁ ଦଳଦଳ ହୋଇ ବୁଲିବା ସହ ରାସ୍ତା ଉପରେ ଶୋଇ ରହିଥାନ୍ତି। ଅନେକ ଅଞ୍ଚଳରେ ରାସ୍ତାକଡ ବିଦ୍ୟୁତ ଆଲୋକ ନ ଥିବା ବେଳେ ଗାଈଗୋରୁ ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରିଦେଉଛି। କ୍ଷୀର ଦୁହିଁଲା ପରେ ରାସ୍ତାରେ ଗାଈଗୋରୁ ଛାଡ଼ ବୋଲି ଲୋକେ ତାଚ୍ଛଲ୍ୟ କରି କହୁଛନ୍ତି। ତେଣୁ ପ୍ରଶାସନ ଓ ଗାଈଗୋରୁ ମାଲିକ ଦୃଷ୍ଟି ଦେଇ ଏ ବିଷୟରେ ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୁଏ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ

ଝାରସୁଗୁଡ଼ା,୧୭।୯ (ସମିସ)

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ସହରର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବାବା ବିଶ୍ୱକର୍ମାଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ବେଲପାହାଡର ଜୁବୁଲି ହଲ୍, ମାଜିକ୍ ଷ୍ଟାଣ୍ଡ ଏବଂ ଟ୍ୟାକ୍ସି ଷ୍ଟାଣ୍ଡରେ ସୁଉଚ୍ଚ ମଣ୍ଡପରେ ପୂଜା ପାଉଛନ୍ତି ବାବା ବିଶ୍ୱକର୍ମା। ବୁଧବାର ପୂଜାରେ ଘଣ୍ଟ, ଶଙ୍ଖ ଏବଂ ମନ୍ତ୍ର ଧ୍ୱନିରେ ପୂଜା ମଣ୍ଡପଗୁଡିକ ଉତ୍ସବମୁଖର ହୋଇଉଠିଥିଲା। ଏହି ତିନୋଟି ସ୍ଥାନରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପୂଜାପରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଦିନ ବିଶ୍ୱକର୍ମାଙ୍କୁ ପୂଜା କଲେ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପୂଜା ଉପଲକ୍ଷେ ମାଜିକ୍ ଷ୍ଟାଣ୍ଡ ଓ ଟ୍ୟାକ୍ସି ଷ୍ଟାଣ୍ଡର ଡ୍ରାଇଭର ଓ ମାଲିକମାନେ ନିଜ ନିଜ ଗାଡିକୁ ସଫାସୁତରା କରି ରଙ୍ଗବେରଙ୍ଗର ଫୁଲରେ ସଜାଇଥିଲେ। କାର୍ଯ୍ୟକ୍ଷେତ୍ରକୁ ସୁରକ୍ଷିତ ରଖିବା ଓ କର୍ମରେ ସଫଳତା ପାଇଁ ସେମାନେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସେହିପରି ନିଜ ନିଜ କାର୍ଯ୍ୟକ୍ଷେତ୍ର ଓ ଯନ୍ତ୍ରପାତିକୁ ସଫାସୁତରା କରି କାରିଗରମାନେ ବାବା ବିଶ୍ୱକର୍ମାଙ୍କୁ ଆବାହନ କରି ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରିଛନ୍ତି।



## ରିଆମାଳ ଗ୍ରୀଡ୍

ରିଆମାଳ: ରିଆମାଳ ଗ୍ରୀଡ୍‌ରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ବୁଧବାର ଅନୁଷ୍ଠିତ ହୋଇଛି। ଲାଇନମେନ୍ ପୁଷ୍ପକ ମିଶ୍ର ପୂଜାର କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ଧୁବେଇ ନନ୍ଦ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ସମସ୍ତ କର୍ମଚାରୀ କଳସ ଯାତ୍ରାରେ ବାଉଁଶ ଯୋରା ନାଳରୁ ଜଳ ଭର୍ତ୍ତି କଳସଆଣିବା ପରେ ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଏସଡି ଓ ଦିବ୍ୟ ଲୋଚନ ନାୟକ, କନିଷ୍ଠ ଯନ୍ତ୍ରୀ ଦେବାଶିଷ ବିଶ୍ୱାଳ ଓ ଯନ୍ତ୍ରୀ ଆଶୁତୋଷ ବେହେରା, ନିତ୍ୟାନନ୍ଦ ବାଘ, ସୁଧାଂଶୁ ଶେଖର ପ୍ରଧାନ, ସାରଙ୍ଗ ଧଳ, ଶଶାଙ୍କ ଶେଖର ପ୍ରଧାନ, ଗୋପବନ୍ଧୁ ବନିତୁଲ, ବୀରେନ ବିଶ୍ୱାଳ, ସଚିନ ବିଶ୍ୱାଳ, ସୁଶାନ୍ତ ବେହେରା, ଅଜିତ ବେହେରା, ମନୋଜ ବେହେରା, ପ୍ରଦୀପ କୁମୁରା, ଅମିତ୍ ଜ୍ୟୋତିଷ, ପ୍ରଶାନ୍ତ ସାହୁ, ବିଭୂତି ଭୂଷଣ ପ୍ରଧାନ, ଆନନ୍ଦ ମୁଣ୍ଡାରୀ, ଚିନ୍ମୟ ପ୍ରଧାନ, ସନ୍ତୋଷ ସାହୁ, ଟିକାୟତ ଭୂତିଆ, ଜିତେନ୍ଦ୍ର ସାହୁ, ରାଜୁ ପୁଲେଇ, ରହିତ ବେହେରା, ଆଦିତ୍ୟ ସାହୁ, ଜିତେନ୍ଦ୍ର ବେହେରା, ସୁମନ ମେହେର, ରାଜ କିଶୋର ସାହୁ ପ୍ରମୁଖ କର୍ମଚାରୀ ମାନେ ପୂଜାରେ ଉପସ୍ଥିତ ଥିଲେ। ଆସନ୍ତା ଶୁକ୍ରବାର ବିସର୍ଜନ ହେବ ବୋଲି ପୁଷ୍ପକ ମିଶ୍ର ପ୍ରକାଶ କରିଛନ୍ତି।



ସକାଳ
THE SAKALA
ଗୁରୁବାର
୧୮ ସେପ୍ଟେମ୍ବର ୨୦୨୫


## ବିଶ୍ୱ ଓଜୋନ ଦିବସ



ମାର୍ଶାଘାଇ,୧୭।୯(ସମିସ): ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ମଧୁସାଗର ବିଦ୍ୟାପୀଠରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଗାତାଳି ସାମଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମାଧୁରୀ ଭଦ୍ରା, ସୁନିତା ମହାନ୍ତି, ଶିକ୍ଷକ ମରୁତ କୁମାର ସାମଲ, ଶିକ୍ଷୟିତ୍ରୀ ମାଧମିକା ସାହୁ, ସ୍ୱର୍ଣ୍ଣମିତ୍ରା ଦ୍ୱିବେଦୀ, ରଶ୍ମିରେଖା ମହାପାତ୍ର, ସୁଚିସ୍ମିତା ଦାସ, ଶିକ୍ଷକ ବୈଷ୍ଣବ ଖଣ୍ଡୁଆଳ, ସଂଗ୍ରାମ କେଶରୀ ପରିଡ଼ା ପ୍ରମୁଖ ଯୋଗଦେଇ ବର୍ତ୍ତମାନ ଓଜନ ସ୍ତର ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଜନସ୍ତର ସ୍ତର ସୁରକ୍ଷା ନିମନ୍ତେ ଶପଥ ପାଠ କରାଯାଇଥିଲା। ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଜନସ୍ତର ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀଙ୍କ ଦ୍ୱାରା କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା



ରାଜକନିକା,୧୭।୯(ସମିସ): ରାଜକନିକା ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ଆର୍.ଏନ ହାଇସ୍କୁଲ ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକସ୍ତରୀୟ ଏହି ଖେଳରେ ଫୁଟବଲ, କବାଡ଼ି, ଖୋ-ଖୋ, ବ୍ୟାଡ଼ମିଣ୍ଟନ, ଭଲି ଓ ଯୋଗ ବିଭାଗରେ ୫ଟି ପ୍ରାଥମିକ, ଗୋଟିଏ ଓଏଭି, ୩୫ ହାଇସ୍କୁଲ, ୪ ଟି କଲେଜରୁ ୩୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ବିଭାଗରେ ଉଭୟ ବାଳକ ଓ ବାଳିକା ବିଭାଗରେ ପ୍ରତିଯୋଗୀ ମାନେ ସେମାନଙ୍କର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ପ୍ରତି ବିଭାଗରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ଖେଳରେ ସଭାପତି ବିଡିଓ, ଉପସଭାପତି ଏବିଇଓ, ଅବଜରଭର ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସ୍ମିତା ପ୍ରତିଭା ସାହୁ, ନୋଡାଲ ହେଡମାଷ୍ଟର ଧର୍ମଜ୍ୟୋତି ରାଉତ, ଇସି ସଦସ୍ୟ ପ୍ରଶାନ୍ତ କୁମାର ନାୟକ, ରିଟେର୍ଡ ପିଇଟି ବିପିନ ବିହାରୀ ବେହୁରା, ବ୍ଲକ ଅବଜରଭର ଅର୍ଣ୍ଣିଜ କୁମାର ବେହେରା, ପରମାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ସମୂହକୁ ରାଜକନିକା ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ସୁଚାରୁରୂପେ ପରିଚାଳନା କରିଥିଲେ। ଆସନ୍ତା ୨୭ରେ ପଟ୍ଟାମୁଣ୍ଡାଇର ଏମ୍ଏନ ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଚୟନ ଶିବିରକୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚୟନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ନଦୀରେ କଦଳୀଭେଳାରେ ଭାସିଭାସି ପୂଜା ପାଆନ୍ତି ମା' ମନସା



ମହାକାଳପଡ଼ା,୧୭।୯(ସମିସ): ମହାକାଳପଡ଼ା ବ୍ଲକ ବଟୀଘର ପଞ୍ଚାୟତ ଦକ୍ଷିଣ ବରକୋଳିଖୋଲାଠାରେ ସର୍ପଦେବୀ ମା' ମନସା ଦେବୀଙ୍କର ୫୦ତମ ବାର୍ଷିକ ପୂଜା ଉତ୍ସବ ବୁଧବାର ସଂକ୍ରାନ୍ତି ତିଥିରେ ଆରମ୍ଭ ହୋଇଛି। ନଦୀନାଳ ଜଙ୍ଗଲ ଘେରା ଏହି ଅଞ୍ଚଳରେ ଗୋବରୀ ଖୋଲା ନଦୀ ବଙ୍ଗୋପସାଗର ମୁହାଁଣରେ ଯାଇ ମିଶିଛି। ବଙ୍ଗଭାଷୀ ଅଧ୍ୟୁଷିତ ଏହି ନଦୀକୂଳ ଅଞ୍ଚଳରେ ସାପ ଭୟ ରହିଥିବାରୁ ସର୍ପାଘାତରୁ ରକ୍ଷା ପାଇବା ପାଇଁ ଏହି ଦ୍ୱିପାଞ୍ଚଳର ଲୋକମାନେ ସର୍ପଦେବୀ ମନସା ଦେବୀଙ୍କ ପୂଜା କରନ୍ତି ବୋଲି ପୂଜା କମିଟି ସଦସ୍ୟ ଅଞ୍ଜନ କୁମାର ସାମଲ କହିଛନ୍ତି। ମା' ମନସାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ନଦୀର ଜଳରାଶିରେ ଭସାଇ ଭସାଇ ପୂଜା କରିଲେ ଅଞ୍ଚଳବାସୀଙ୍କ ପ୍ରତି ଆସୁଥିବା ବିପଦ ଦୂରେଇ ଯାଏ ବୋଲି ବିଶ୍ୱାସ ରହିଛି। କାଳିପଦ ପ୍ରଧାନ, କାଳନ୍ଦୀ ଲେଙ୍କା, କେଶବ ଗିରି, ପ୍ରଣବ ମଣ୍ଡଳ, ଶମ୍ଭୁ ବାରିକ, ପ୍ରଶାନ୍ତ ମାଇତି, ଶରତ ଜେନା, ରତନ ଭଞ୍ଜ, ଖୋକନ ମଣ୍ଡଳ, ସୁଧାଂଶୁ ମାଇତି, ନୀଳକଣ୍ଠ ପ୍ରଧାନ ପ୍ରମୁଖ ପୂଜାଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ପୂଜାପାଇଲେ ଦେବଶିଳ୍ପୀ ବିଶ୍ୱକର୍ମା



ପଟ୍ଟାମୁଣ୍ଡାଇ,୧୭।୯(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଯାକଯମକରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଥିଲା। ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଭୁ ବିଶ୍ୱକର୍ମାଙ୍କ ସଦୃଶ୍ୟ ମୃଣ୍ମୟମୂର୍ତ୍ତି ଶୋଭାପାଉଥିବା ବେଳେ ଆକର୍ଷଣୀୟ ସାଜସଜ୍ଜା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ନିର୍ମାଣ ଦାୟିତ୍ୱରେ ଥିବା ବଡ଼ବାବୁ ଠାରୁ ଶ୍ରମିକ ପର୍ଯ୍ୟନ୍ତ ସମସ୍ତେ ଏକାକାର ହୋଇ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜାରେ ମାତିଥିଲେ। ପଟ୍ଟାମୁଣ୍ଡାଇ ବିଦ୍ୟୁତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ଉଠାଜଳସେଚନ ବିଭାଗ, ଜଳସମ୍ପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, କୋଣାର୍କ ଟ୍ରେଡର୍ସ ଜଂଜାଳୀ ଟ୍ରେଡ଼ର୍ସ, ନଳିନୀ ଇଲେକ୍ଟ୍ରୋନିକ୍ସ, ସଞ୍ଜୟ ଇଲେକ୍ଟ୍ରୋନିକ୍ସ, ଗଜାନନ ଇଲେକ୍ଟ୍ରୋନିକ୍ସ, ପତିତପାବନ ସାନିଟାରୀ, ଆଦି ବିଭିନ୍ନ ମ୍ୟାସିନାରୀ ସଂସ୍ଥାରେ ବିଶ୍ୱ ସର୍ଜନାର ବିନ୍ଧାଣୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା କରାଯାଇଥିଲା। ବିଭିନ୍ନ ବିଭାଗର ସହନିର୍ବାହୀଯନ୍ତ୍ରୀ ଇଂ ଅଶୋକ ସାହୁ, ଇଂ କୃପାସିନ୍ଧୁ ଧଳ, ସହକାରୀ ଯନ୍ତ୍ରୀ ଇଂ ସ୍ମୃତିରଞ୍ଜନ ରଥ, ସହସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ଇଂ ସୁବାଷ ଥାଟୋଇ, ଇଂ ସୁଦାମ ସାହୁ ନେତୃତ୍ୱ ନେଇ ପୂଜା କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଆୟୋଜିତ ବିଶ୍ୱକର୍ମା ପୂଜାରେ ଜନସାଧାରଣ ଯୋଗଦେଇ ପ୍ରଭୁ ବିଶ୍ୱକର୍ମାଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ନିଜ ନିଜର ଯାନବାହନ ପୂଜା କରିଥିଲେ।

**ଆଳି:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ରେ ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ଆଳିର ସମସ୍ତ ଯନ୍ତ୍ରାଂଶ ବ୍ୟବହୃତ ଦୋକାନ ଏବଂ ଛୋଟ ବଡ଼ ଯାନବାହନଗୁଡିକ ପୂଜାପାଉଥିବା ଦେଖିବାକୁ ମିଳିଥିଲା। ନୂଆଗାଁ ଗ୍ରାମର ସମାଜସେବୀ ସାରଳା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମାଙ୍କର ମୂର୍ତ୍ତି ପ୍ରତିଷ୍ଠା ହୋଇ ପୂଜା ପାଇଥିଲା। ସେହିପରି ଆଳି କୋର୍ଟ ନିକଟରେ ସମାଜସେବୀ ସୁକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା। ସେହିପରି ଆଳିର ବିଭିନ୍ନ ଅନୁଷ୍ଠାନ ଯଥା ଆଳି ଆଇଟିଆଇ, ଆଳି ବିଦ୍ୟୁତ ସବଡ଼ିଭିଜନ କାର୍ଯ୍ୟାଳୟ, ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ଆଦିରେ ମଧ୍ୟ ବିଶ୍ୱକର୍ମା ପୂଜା ପାଳିତ ହୋଇଛି।



**ଡେରାବିଶ:** ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉପଲକ୍ଷେ ଡେରାବିଶ ବ୍ଲକ୍ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ପୂର୍ବାହ୍ନରୁ ପାଣିଓଳାସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ବିଦ୍ୟୁତ୍ କର୍ମଚାରୀଙ୍କ ଦ୍ୱାରା ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ପାଣିଓଳା ସ୍ଥିତ ଇଟା ଫ୍ୟାକ୍ଟ୍ରି, ଖରିଦାସାହି ସ୍ଥିତ ଇଟାଫ୍ୟାକ୍ଟ୍ରି, ଛତା ବିଦ୍ୟୁତ୍ କାର୍ଯ୍ୟାଳୟ, ଛତାସ୍ଥିତ କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍, ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ସମେତ ବଳଭଦ୍ରପୁରସ୍ଥିତ କରତକଳ କ୍ଲଷ୍ଟରରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ବିଭିନ୍ନ ସ୍ଥାନରେ ପୂଜାମଣ୍ଡପକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯାଇଥିବା ବେଳେ ସନ୍ଧ୍ୟାରେ ଭଜନ ସମାରୋହ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି।



**ମହାକାଳପଡ଼ା:** ମହାକାଳପଡ଼ାର ଅଗ୍ରଣୀ ଶ୍ରମିକ ସଂଗଠନ ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ' ପକ୍ଷରୁ ବୁଧବାର ବିଶ୍ୱନିର୍ମାଣ ଦେବତା ପ୍ରଭୁ ବିଶ୍ୱର୍କମା ଦେବଙ୍କର ପୂଜା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଅଲ ବ୍ୟାଙ୍କ୍ ଗୋଲଡ ଆପ୍ରାଇଜର ୟୁନିଅନର ସାଧାରଣ ସମ୍ପାଦକ ତାପସ କୁମାର ସାହୁ ଏବଂ ରାମଚଣ୍ଡୀ ଉପକୂଳ ଶ୍ରମିକ ସଂଘର ସଭାପତି ଫକୀର ବେହେରା, ଅଫିସ ଏକ୍ଜିକେଟିଭ ଚୈତନ୍ୟ ପ୍ରସାଦ ଦାସ, ଘନଶ୍ୟାମ ବେହେରା, ଗଜେନ୍ଦ୍ର ବେହେରା, ନମିତା ମହାପାତ୍ର, ଦଶରଥ ବେହେରା, ବିଶ୍ୱଜିତ ପ୍ରଧାନ, ଉପେନ୍ଦ୍ର ତରାଇ, ଭବାନି ଶଙ୍କର ସାହୁ, ଉତ୍ତମ ମଲିକ, ଅଲେଖା ଡାଇନ, କମଳା ମଣ୍ଡଳଙ୍କ ସମେତ ବହୁ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।



## ମଣ୍ଡଳସ୍ତରୀୟ ଶାରଦୀୟ ଗେମ୍ ଏବଂ ସ୍ପୋର୍ଟସ୍ ପ୍ରତିଯୋଗିତା



ରାଜନଗର,୧୭।୯(ସମିସ): ରାଜନଗର ବ୍ଲକ୍ ବାର୍ହାପୁରସ୍ଥିତ ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶାରଦୀୟ ଗେମ୍ ଏବଂ ସ୍ପୋର୍ଟସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମରେ ରାଜନଗର ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ ଏବଂ ମୁଖ୍ୟବକ୍ତା ଭାବେ ନୋଡାଲ୍ ପ୍ରଧାନଶିକ୍ଷକ ଶୁଭ୍ରଜ୍ କୁମାର ବରାଳ ଏବଂ ସମ୍ମାନିତ ଅତିଥି ଭାବେ ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର ରଞ୍ଜନ ମଣ୍ଡଳ, ବାର୍ହାପୁର ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଅମର କୁମାର ସ୍ୱାଇଁ, ମଣ୍ଡଳ କ୍ରୀଡ଼ା ସମ୍ପାଦକ ରଞ୍ଜନ କୁମାର ରାଉଳ, ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ହେମନ୍ତ କୁମାର ଖନ୍ଦୁଆଳ, ସପନେଶ୍ୱର ଉଚ୍ଚ ମାଧମିକ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଶୁଚେନ୍ଦ୍ର କୁମାର ପଡ଼ିଆରି ଏବଂ କ୍ରୀଡ଼ା ପର୍ଯ୍ୟବେକ୍ଷକ ପ୍ରମୁଖ ଯୋଗଦେଇଥିଲେ। ନୂତନ ଭାବେ ଚୟନ ହୋଇଥିବା ୪ଟି ଜୋନର ଜୋନାଲ ଲକ୍ଷ୍ମୀକାନ୍ତ ବେହେରା ଜୋନ-୧, ମନୋରଞ୍ଜନ ନାୟକ ଜୋନ-୨, ଜ୍ଞାନରଞ୍ଜନ ପ୍ରଧାନ ଜୋନ-୩, ବିକାଶ କୁମାର ମହନ୍ତ ଜୋନ-୪ଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବରଦା ପ୍ରସନ୍ନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ସମ୍ପାଦକ ଲକ୍ଷ୍ମୀକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ରାଜନଗର ମଣ୍ଡଳ ଅଧୀନରେ କାର୍ଯ୍ୟରତ ଥିବା ସମସ୍ତ କ୍ରୀଡ଼ା ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ସପନେଶ୍ୱର ଉଚ୍ଚ ବିଦ୍ୟାଳୟରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପଞ୍ଚୁବରାହୀ ବିଦ୍ୟାନିକେତନର କ୍ରୀଡ଼ା ଶିକ୍ଷକ ଜ୍ଞାନରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନସେବା କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟ ମୁଖ୍ୟ ପରିଚାଳକ

ପଞ୍ଚୁପାଣ୍ଡବ,୧୭।୯ (ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅଧୀନ ବେଲାର ପୁର ଗ୍ରାମରେ ଥିବା ଜନସେବା କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟ ମୁଖ୍ୟ ପରିଚାଳକ ମଦନ ମୋହନ ରାଉତ। ବିଭିନ୍ନ ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ରରେ ବୁଲି ସରକାର ପକ୍ଷରୁ ଆସିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବୁଝିଥିଲେ। ମଙ୍ଗଳବାର ବେଲାରପୁରରେ ଥିବା ଆରତୀ ନାୟକଙ୍କ ଜନସେବା କେନ୍ଦ୍ର ବୁଲିବା ସହ ଗୁଆଳସିଂ, ନହଙ୍ଗ, କୁସିଆପାଳ ଏବଂ ବିଭିନ୍ନ ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ରକୁ ବୁଲି ସମସ୍ତ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ତାଙ୍କ ସହିତ ଜିଲ୍ଲା ମୁଖ୍ୟ ପରିଚାଳକ ଚିରଞ୍ଜୀବ ନାୟକ ଉପସ୍ଥିତ ଥିଲେ।

## କେନାଲରେ ଘଳିଆ; ଗୋବରୀ ନଦୀକୁ କରିଛି ସୁଡ଼ଙ୍ଗ

ପଞ୍ଚୁପାଣ୍ଡବ,୧୭।୯ (ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅଧୀନ ସଦାନନ୍ଦପୁର ଗ୍ରାମଦେଇ ଯାଇଥିବା କେନାଲରେ ସାଙ୍ଘାତିକ ଘାଇ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଏହି ଘଳିଆ ଗୋବରୀ ନଦୀକୁ ସୁଡ଼ଙ୍ଗ କରି ପାଣି ବାହାରିଯାଇଥିବା ଦେଖିବାକୁ ମିଳିଛି। ଗୋବରୀ ନଦୀରେ ଯାଇଥିବା ପଟ୍ଟାମୁଣ୍ଡାଇର ୮ ନମ୍ବର (କ) କେନାଲରେ ଦୀର୍ଘ ଦିନ ହେବ ଘାଇ ସୃଷ୍ଟି ହୋଇ ଉକ୍ତ ନଦୀକୁ ପାଣି ବାହାରି ଯାଉଥିବା ଖବର ସୋମବାର 'ସକାଳ'ରେ ପ୍ରକାଶ ପାଇଥିଲା। ଏହାକୁ କେନାଲର କର୍ମଚାରୀମାନେ ଘାଇ ସୃଷ୍ଟି ହୋଇଥିବା ଜାଗାରେ ବାଲି ବସ୍ତା ଏବଂ ମାଙ୍କଡ଼ା ପଥର ପକାଇ କାମକୁ ସାରି ଦେଇଥିଲେ। ଆଜି ସକାଳେ ସାଙ୍ଘାତିକ ଘାଇ ସୃଷ୍ଟି ହୋଇ ଗୋବରୀ ନଦୀକୁ ପାଣି ବାହାରୁଥିବା ଦେଖିବାକୁ ମିଳିଥିଲା। ଏବିଷୟରେ ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କୁ ଫୋନ ଯୋଗେ ଜଣାଇବାରୁ ତୁରନ୍ତ ଯନ୍ତ୍ରୀ କର୍ମଚାରୀଙ୍କୁ ପଠାଇ ପ୍ରଥମେ ପାଣିକୁ ବନ୍ଦ କରାଇଥିଲେ। ଗୋବରୀ ନଦୀକୁ ସଂଯୋଗ କରୁଥିବା ଏହି କେନାଲରେ ଘାଇ ସୃଷ୍ଟି ହୋଇଥିବାରୁ ପୋଲମୁଣ୍ଡ ଧସିଯାଇ ପୋଲର କିଛି ଅଂଶ ଭାଙ୍ଗି ମାଟି ସହ ପଥର ନଦୀକୁ ଖସିଥିବା ଦେଖିବାକୁ ମିଳୁଛି। ଏହି ଘାଇ ସୃଷ୍ଟି ହୋଇଥିବା ଜାଗାରେ କିଛି ଦିନ ତଳେ ମରାମତି ହୋଇଥିବା ବେଳେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହେଉଛି। ଏହି କେନାଲରେ ଘାଇ ହୋଇଥିବାରୁ ପଟ୍ଟାମୁଣ୍ଡାଇ ୮ ନମ୍ବର (କ)କେନାଲ ଶୁଖିଲା ପଡ଼ିଛି। ଏବିଷୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରାୟଙ୍କୁ ପଚାରିବାରୁ ଘାଇଟିକୁ ଯୁଦ୍ଧକାଳୀନ ଭିତରେ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଖୁବ୍ ଶୀଘ୍ର ପାଣି ଛଡ଼ାଯିବ ବୋଲି କହିଛନ୍ତି।



# ପଟ୍ଟାମୁଣ୍ଡାଇ ଦୁର୍ଗାପୂଜା ଶାନ୍ତିକମିଟି ବୈଠକ



■ ଡିଜେକୁ ନେଇ କଟକଣା

■ ରାସ୍ତା, ଆଲୋକ, ପରିମଳ ସୁଧାର ଉପରେ ଗୁରୁତ୍ୱ

ପଟ୍ଟାମୁଣ୍ଡାଇ,୧୭।୯ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ପାରମ୍ପରିକ ରୀତିନୀତି ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଶାନ୍ତିକମିଟି ସହିତ ପୂଜାକମିଟିର ମିଳିତ ବୈଠକ ସ୍ଥାନୀୟ ତହସିଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ଶହେ ବର୍ଷ ପୁରୁଣା ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଛି। ସାମ୍ପ୍ରଦାୟିକ ସଂପ୍ରୀତିର ସହର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆୟୋଜିତ ଶାରଦୀୟ ଦୁର୍ଗାପୂଜା ଉତ୍ସବରେ ଉଭୟ ହିନ୍ଦୁ ଓ ମୁସଲମାନମାନେ ଭାଗ ନେବାର ବିରଳ ପରମ୍ପରା ରହିଛି। ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ଆନନ୍ଦଉଲ୍ଲାସର ସହିତ ପାଳନ ପାଇଁ ଶାନ୍ତିକମିଟି ବୈଠକ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତି, ଅବକାରୀ ଅଧିକାରୀ ଛାୟାକାନ୍ତ ନାୟକ, ବିଦ୍ୟୁତ ବିଭାଗ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ପାଢ଼ୀ, ପିଏଚ ଓ ନୃସିଂହ ଦାଶ ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇ ସରକାରୀ ନୀତିନିୟମ ଓ ପୂଜାତ୍ସବକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ଦିଗରେ ସୂଚନା ଦେଇଥିଲେ। ଚଳିତ ଦୁର୍ଗାପୂଜା ଉତ୍ସବ ଓ ଭସାଣିରେ ଡିଜେ ଉପରେ ସରକାରୀ କଟକଣା ଜାରି କରାଯାଇଥିଲା। ଭସାଣିରେ ପାରମ୍ପରିକ ବାଦ୍ୟସହ କମ ସାଉଣ୍ଡ ଥିବା ଡାକବାଜି ଯନ୍ତ୍ର ବ୍ୟବହାର କରାଯିବାସହ ଭାଇବ୍ରେଟର ନଳଗାଇବା ନେଇ ସର୍ବମୂଳକ ଅନୁମତି ପ୍ରଦାନ କରାଯାଇଥିଲା। ମେଡିକାଲ ଛକ, ବାଇପାସ ଛକ ଓ କେନାଲ ପୋଲ ଛକ ନିକଟରେ ପୁଲିସ ନିୟନ୍ତ୍ରଣ ବ୍ୟବସ୍ଥା, ନିଶାଦ୍ରବ୍ୟ କାରବାର ଓ ବୁଲା ଗାଇଗୋରୁ ପ୍ରବେଶକୁ କଡ଼ାକଡ଼ି ଭାବେ ନିଷେଧ, ପାନୀୟ ଜଳ, ରାସ୍ତାଘାଟ ମରାମତି, ଆଲୋକ ବ୍ୟବସ୍ଥା, ବିସର୍ଜନ ଘାଟରେ ଦଳ ସଫେଇ, କୁମ୍ଭୀର ପାଇଁ ବ୍ୟାରିକେଡ ବ୍ୟବସ୍ଥା, ଅପମିଶ୍ରିତ ଖାଦ୍ୟ ବିକ୍ରି ଉପରେ କଟକଣା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରିବା, ବ୍ୟବସ୍ଥିତ ବିଦ୍ୟୁତ ଓ ପରିମଳ ବ୍ୟବସ୍ଥା, ଅସ୍ଥାୟୀ ଡାକ୍ତରୀ ଚିକିତ୍ସା ବ୍ୟବସ୍ଥା, ଭସାଣି ସମୟରେ ମେଢ଼ ଯିବା ପାଇଁ ବାଧା ସୃଷ୍ଟି କରୁଥିବା ଗଛ ଡାଳ କାଟିବା, ଆମ୍ବୁଲାନ୍ସ ପାଇଁ ରୋଡ ସେପ୍ଟି ଏବଂ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ନୂତନ ବାଇପାସ ବିଜୁ ପଟ୍ଟନାୟକ ଛକରେ ଜନଗହଳି ଦୃଷ୍ଟିରୁ ସ୍ପିଡବ୍ରେକର ଲଗାଇବା ଓ ପୂଜା ଉତ୍ସବରେ ଜନଗହଳି ଓ ଟ୍ରାଫିକ ନିୟନ୍ତ୍ରଣ ଦୃଷ୍ଟିରୁ ବଜାର ମଧ୍ୟକୁ ଚାରିଚକିଆ ଓ ଦୁଇଚକିଆ ଯାନବାହନ ଚଳାଚଳ ଉପରେ ପରିସ୍ଥିତି ଦେଖି କଟକଣା ଜାରି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପ୍ରଫେସର ଅନିରୁଦ୍ଧ ରାଉଳ, ସମାଜସେବୀ ନୃସିଂହ ପ୍ରସାଦ ଚୌଧୁରୀ, କସ୍ତୁରୀ ଚରଣ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି), ସହସମ୍ପାଦକ ସରୋଜ ପାଢ଼ୀ, ପୂର୍ବତନ ସରପଞ୍ଚ ବୀର କିଶୋର ଦାସ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ଶିକ୍ଷକନେତା ବିଜୟ ସାହୁ, ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଥାନପତି ରବୀନ୍ଦ୍ର ସାହୁ, ପୂର୍ବତନ କାଉନ୍ସିଲର ଏସ କେ ଅମରୁଲ, ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି ସର୍ଦ୍ଦାର ଏସକେ ଅବଦୁଲ ବାରୀ, ପୂର୍ବତନ ବ୍ଲକ ଅଧକ୍ଷ ନିଶିକାନ୍ତ ପ୍ରଧାନ, ରମେଶ ଦେ, ବିଜୟ ଦାସ, ଦୁଷ୍ମନ୍ତ ସାହୁ, ନୃସିଂହ ସେଠୀ ପ୍ରଫୁଲ୍ଲ ଦାଶ, ପ୍ରଦୀପ ତ୍ରିପାଠୀ, ମିଟୁ ପଣ୍ଡା, ବାଇଧର ବାରିକ, ପଦ୍ମନାଭ ପଣ୍ଡା, ପ୍ରକାଶ ପାତ୍ର, ବରିଷ୍ଠ ସାମ୍ବାଦିକ ପତିତ ପାବନ ଭଦ୍ରା, ଅନୀଲ ଚୌଧୁରୀ, ସୁବାଷ ଚନ୍ଦ୍ର ଜେନା, ଗଜେନ୍ଦ୍ର ବର୍ମା ପ୍ରମୁଖ ପୂଜାକମିଟିର କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ଚଳିତବର୍ଷ ପଟ୍ଟାମୁଣ୍ଡାଇ ସହରରେ ବଙ୍ଗାଳୀ ଦୁର୍ଗା, ପୋଖରୀଆପଡା ଦୁର୍ଗା, କଚେରୀ ଦୁର୍ଗା, ମା' ଶାରଳା, ବନଦୁର୍ଗା, ମହାବୀର, ଲକ୍ଷ୍ମୀନାରାୟଣ, ଗୃହଲକ୍ଷ୍ମୀ, ରାମାଭିଷେକ, ନିତାଇଗୌର, ହରଗୌରୀ, ଲକ୍ଷ୍ମୀବରାହ, ମା' ଗାୟତ୍ରୀ, ମା'ସନ୍ତୋଷୀ, ଦଶ ଅବତାର, ମା' ଅନ୍ନପୂର୍ଣ୍ଣା, ହରିହର, ନୀଳମାଧବ, ସୂର୍ଯ୍ୟଦେବତା, ନୀଳକଣ୍ଠେଶ୍ୱର, କୃଷ୍ଣ ବଳରାମ, ପଞ୍ଚମୁଖୀ ହନୁମାନ, ବାଳ ହନୁମାନ ଆଦି ୨୭ଟି ମେଢ଼ ପୂଜା ଉତ୍ସବର ଶୋଭା ମଣ୍ଡନ କରିବାକୁ ଯାଉଛି। ଭସାଣି ଉତ୍ସବ ଦିନ ୧୦ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି।

## ରାଜ୍ୟରେ ମହିଳା ଅସୁରକ୍ଷିତ

## ଜିଲ୍ଲା ମହିଳା ବିଜେଡି ପକ୍ଷରୁ ପୁଲିସ ଡିଜିଙ୍କୁ ଦାବିପତ୍ର

କେନ୍ଦ୍ରାପଡା,୧୭।୯(ସମିସ): ରାଜ୍ୟରେ ମହିଳମାନଙ୍କ ବିରୋଧରେ ସମ୍ପ୍ରତି ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନଜନକ ପରିସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରାପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଜିଲ୍ଲା ମହିଳା ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ରୋସ୍ନା ସାହୁଙ୍କ ନେତୃତ୍ୱରେ ମହିଳାମାନେ ଶୋଭାଯାତ୍ରାରେ ଆରକ୍ଷୀ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ଅଧୀନ ରାଜନଗର ବ୍ଲକର ରାଜପୁର ପଞ୍ଚାୟତର ମହିଳା ସରପଞ୍ଚ ରାଣୀ ମଞ୍ଜରୀ ସେଠୀଙ୍କ ଉପରେ ମରଣାତ୍ମକ ଆକ୍ରମଣ ସତ୍ତ୍ୱେ ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ। ଜିଲ୍ଲା ସରପଞ୍ଚ ସଂଘ ତରଫରୁ ଏସ୍‌ପି ଓ ଡିଜିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ। ସେହିପରି ବାଲେଶ୍ୱରର ଜଣେ କଲେଜ ଛାତ୍ରୀ ଆତ୍ମଦାହ କରିଥିଲେ। ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ଯ୍ୟଟନସ୍ଥଳ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ କରାଯାଇଥିଲା। ଗତ ୧୫ ମାସ ମଧ୍ୟରେ ସରକାରୀ ସ୍କୁଲ ଏବଂ ହଷ୍ଟେଲରେ ଯୌନ ନିର୍ଯାତନାର ଅନେକ ମାମଲା ସାମ୍ନାକୁ ଆସିଛି। ଉଲ୍ଲେଖନୀୟ ଘଟଣାଗୁଡ଼ିକ ମଧ୍ୟରେ ଝାରସୁଗୁଡ଼ାରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ ଏବଂ ମାଲକାନଗିରିରେ ଜଣେ ଆଦିବାସୀ ଝିଅ ପ୍ରସବ କରିବା ଅନ୍ତର୍ଭୁକ୍ତ। ଗତ ଏକ ବର୍ଷ ମଧ୍ୟରେ ସୁନ୍ଦରଗଡ଼, କୋରାପୁଟ, ସମ୍ବଲପୁର ଇତ୍ୟାଦି ଜିଲ୍ଲା ଆଦିବାସୀ ଏବଂ ଦଳିତ ଝିଅମାନଙ୍କ ସହିତ ସମାନ ଘଟଣାମାନ ଲୋକଲୋଚନକୁ ଆସିଛି। ଚିନ୍ତାଜନକ ଭାବରେ, ଗତ ୯ ମାସରେ ରାଜ୍ୟରେ ୨୦,୦୦୦ରୁ ଅଧିକ ମହିଳା ନିଖୋଜ ହେବା ମାମଲା ପଞ୍ଜିକୃତ ହୋଇଛି, ଯାହା ମଧ୍ୟରୁ କେବଳ ୭,୦୪୮ ଜଣଙ୍କୁ ଠାବ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଉପରୋକ୍ତ ତଥ୍ୟ ଏବଂ ପରିସଂଖ୍ୟାନ ଅନୁଯାୟୀ ଓଡ଼ିଶାରେ ମହିଳା ନିର୍ଯାତନା ଏବଂ ଅସୁରକ୍ଷିତ ପରିସ୍ଥିତିର ଭୟଙ୍କର ଚିତ୍ର ପ୍ରଦର୍ଶନ କରୁଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆବଶ୍ୟକୀୟ ଆଇନସମ୍ମତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ମହିଳାମାନେ ଦାବି କରିଛନ୍ତି। ଜିଲ୍ଲାପରିଷଦ ସଭାନେତ୍ରୀ ଲିଲିତା ଦାସ, କେନ୍ଦ୍ରାପଡା ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ପ୍ରିୟଦର୍ଶିନୀ ତରାଇ, ଲୋପାମୁଦ୍ରା ବାରିକ, ମହିଳା ନଗର/ବ୍ଲକ ସଭାପତି ସ୍ୱର୍ଣ୍ଣପ୍ରଭା କର, ସୁମିତ୍ରା ପାଢି, ଭକ୍ତିମୟୀ କର, କଳ୍ପନା ମହାନ୍ତି, ସସ୍ମିତା ପଲାଇ, ଲକ୍ଷ୍ମୀପ୍ରିୟା ଶଡଙ୍ଗୀ, ଅନୱାର ବିବି, ମିନତି ପାତ୍ର, ବନ୍ଦନା ପାତ୍ର, ସାନିଆ ପରମିନ, ରିହାନା ବିବି, ଅକିଲାମ ବିବି, ମିନତୀ ପରିଡା, ଜିନତ୍ ପ୍ରିୟଦର୍ଶିନୀ ରାଉତ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟାଙ୍କ ସହିତ ବହୁ ସାଙ୍ଗଠନିକ ମହିଳାମାନେ ଆଜିର ଏହି ଦାବି ଦେବା ସମୟରେ ଉପସ୍ଥିତ ଥିଲେ। ଏଥିସହିତ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ପ୍ରଦିପ କୁମାର ସୁତାର, ପ୍ରଭାତ କୁମାର ଉଡାନସିଂ, ପ୍ରତାପ ନାରାୟଣ ମହାପାତ୍ର, ହିରଣ୍ୟ କୁମାର ପଣ୍ଡା, ମୁକ୍ତାର ଖା, ସେକ ଚନ୍ଦନ, ଲୋହିତ ମହାନ୍ତି, ଆଲୋକ ସାହୁ, ସମ୍ବିତ ଶ୍ରୀ ଚନ୍ଦନ, ବିଜୟ କୁମାର ମଣ୍ଡଳଙ୍କ ସହିତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



# ଏସ୍‌ପି ଅଫିସ ସମ୍ମୁଖରେ ମହିଳା ବିଜେଡିର ବିକ୍ଷୋଭ

ଅନୁଗୋଳ, ୧୭ ।୯ (ସମିସ)




ରାଜ୍ୟରେ ମହିଳାମାନଙ୍କ ବିରୋଧରେ ସମ୍ପ୍ରତି ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନଜନକ ପରିସ୍ଥିତିର ପ୍ରତିବାଦରେ ବିଜୁ ମହିଳା ଜନତା ଦଳର ସଦସ୍ୟାମାନେ ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏସ୍‌ପିଙ୍କ ଜରିଆରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜୁ ମହିଳା ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ରାଜ୍ୟରେ ଘଟୁଥିବା ମହିଳା ବିରୋଧୀ ଲୋମହର୍ଷଣକାରୀ ଘଟଣାଗୁଡ଼ିକ ତର୍ଜମା କଲେ ଜଣାଯାଉଛି, ଓଡ଼ିଶାର ମହିଳାଙ୍କ ପ୍ରତି ହେଉଥିବା ଅବହେଳା, ସାମାଜିକ ତଥା ଆର୍ଥିକ ଅସମାନତା, ଅସୁରକ୍ଷିତତା ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ବିଫଳତା ଦେଖାଦେଇଛି। ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ଅତ୍ୟାଚାର, ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ ଏବଂ ବିଭିନ୍ନ ପ୍ରକାର ହିଂସା ଆଜିର ସରକାର ସମୟରେ ଏକ ନିରନ୍ତର ସମସ୍ୟାରେ ପରିଣତ ହୋଇଛି। ଗତ ସେପ୍ଟେମ୍ବର ୭ ତାରିଖ ଅନୁଗୋଳ ବ୍ଲକ ଶ୍ୟାସୁନ୍ଦରପୁର ଗ୍ରାମରେ ଜଣେ ନାବାଳିକାଙ୍କ ଗଳିତ ମୃତଦେହ ଠାବ ହୋଇଛି। ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପରିବାର ଲୋକ ଓ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ହେଲେ ଇତିମଧ୍ୟରେ ୧୦ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପ୍ରଶାସନ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିନାହିଁ। ସେହିପରି ବାଲେଶ୍ୱରର ଜଣେ କଲେଜ ଛାତ୍ରୀ ଆତ୍ମଦାହ କରିଥିଲେ। ସୋସିଆଲ ମିଡିଆ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ ଏବଂ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ସେମାନଙ୍କ ହସ୍ତକ୍ଷେପ ପାଇଁ ଆକୁଳ ନିବେଦନ କରିଥିଲେ। କିନ୍ତୁ ପରିତାପର ବିଷୟ, କେହି ବି ତାଙ୍କୁ ସୁରକ୍ଷା ନ ଦେବାରୁ ଶେଷରେ ଜୁଲାଇ ୧୨ରେ ସେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ କରାଯାଇଥିଲା। ରାଜ୍ୟରେ ମହିଳା ବିରୋଧୀ ଅପରାଧ ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ଶାସକ ଦଳର ବିଧାୟକମାନଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ମଧ୍ୟ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମହିଳାମାନଙ୍କ ପ୍ରତି ଅପମାନଜନକ, ଅଶାଳୀନ ମନ୍ତବ୍ୟ ମହିଳାମାନଙ୍କ ମାନସିକ ଚାପର ପ୍ରମୁଖ କାରଣ ପାଲଟିଛି। ଏଭଳି ଅମାନବୀୟ ଘଟଣାଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନ ନେବା ଏବଂ ନ୍ୟାୟ ନ ମିଳିବା ହେତୁ ମହିଳାମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଗତ ୧୫ ମାସ ମଧ୍ୟରେ ସରକାରୀ ସ୍କୁଲ ଏବଂ ହଷ୍ଟେଲରେ ଯୌନ ନିର୍ଯାତନାର ଅନେକ ମାମଲା ସାମ୍ନାକୁ ଆସିଛି। ଓଡ଼ିଶାରେ ପ୍ରତିଦିନ ପ୍ରାୟ ୧୫ଟି ବଳାତ୍କାର ମାମଲା ପଞ୍ଜିକୃତ ହେଉଛି। ଚିନ୍ତାଜନକ ଭାବରେ, ଗତ ୯ ମାସରେ ରାଜ୍ୟରେ ୨୦ ହଜାରରୁ ଅଧିକ ମହିଳା ନିଖୋଜ ହେବା ମାମଲା ପଞ୍ଜିକୃତ ହୋଇଛି, ଯାହା ମଧ୍ୟରୁ କେବଳ ୭, ୦୪୮ ଜଣଙ୍କୁ ଠାବ କରାଯାଇଛି। ଉପରୋକ୍ତ ତଥ୍ୟ ଏବଂ ପରିସଂଖ୍ୟାନ ଅନୁଯାୟୀ ଓଡ଼ିଶାରେ ମହିଳା ନିର୍ଯାତନା ଏକ ଭୟଙ୍କର ଚିତ୍ର ପ୍ରଦର୍ଶନ କରୁଛି। ତେଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ବିଜୁ ମହିଳା ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ତାଳଚେର ବିଧାୟକ ତଥା ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ବ୍ରଜକିଶୋର ପ୍ରଧାନ, ପୂର୍ବତନ ଅନୁଗୋଳ ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତଲତା ପ୍ରଧାନ, ଅନୁଗୋଳ ନଗର ବିଜେଡି ସଭାନେତ୍ରୀ ମାଳିନୀ ସର, ରୀତା ସିଂହ, ମୁସ୍କାନ୍ ବିବି, ବଣ୍ଡରପାଳ ବ୍ଲକ ଅଧ୍ୟକ୍ଷ ବିଜୟକୁମାର ନାଥ, ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ଦାସ, ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ, କାଉନସିଲର ସୁଶୀଲ ମୁଖି, ସଦାନନ୍ଦ ପଣ୍ଡା, ବଳରାମ ଜେନା, ରଞ୍ଜିତ ମାଣ୍ଡୋଠିଆ, ସୁଜିତ ଦ୍ୱିବେଦୀ, ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦୪ ଗ୍ରାମ ଧଳାଜହର ଜବତ; ୨ ଗିରଫ

ତାଳଚେର, ୧୭ ।୯ (ସମିସ): ତାଳଚେର ଅବକାରୀ ବିଭାଗ ତରଫରୁ ବୁଧବାର ଦୁଇ ସ୍ଥାନରେ ଚଢ଼ଉ କରାଯାଇ ପ୍ରାୟ ୧୦୪ ଗ୍ରାମ ଧଳାଜହର ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ ସମଲ ଥାନା ଅନ୍ତର୍ଗତ ପରାବିଲ ନିକଟରେ ଚଢ଼ଉ କରି ଦେବାନନ୍ଦ ଦେହୁରୀ (୩୪)ଙ୍କଠାରୁ ୬୭ ଗ୍ରାମ ଧଳାଜହର ସହ ୫୨୦୦ ଟଙ୍କା, ଗୋଟିଏ ବାଇକ୍ ଓ ଗୋଟିଏ ମୋବାଇଲ ଜବତ କରିଛନ୍ତି। ସେହିପରି ତାଳଚେର ଅବକାରୀ ଥାନା ଅଧିକାରୀ ହଟିଆ ବେହେରା ଓ କର୍ମଚାରୀ ତାଳଚେର ଥାନା ଅନ୍ତର୍ଗତ କଣ୍ଡାଳ ରୋଡରେ ଚଢ଼ଉ କରି ପରାବିଲ ଅଞ୍ଚଳର ତାପସ କୁମାର ପ୍ରଧାନ (୩୫)ଙ୍କଠାରୁ ୩୭ ଗ୍ରାମ ଧଳା ଜହର ସହ ଗୋଟିଏ ବାଇକ୍ ଓ ଗୋଟିଏ ମୋବାଇଲ ଜବତ କରିଛନ୍ତି। ଜବତ ଧଳାଜହରର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ଅନୁଗୋଳ ପୌରପାଳିକାରେ ହେବ ଗୋଶାଳା

ଅନୁଗୋଳ, ୧୭ ।୯ (ସମିସ): ଅନୁଗୋଳ ସହରରେ ଏକ କାଞ୍ଜିଆହୁଦା ଅବା ଗୋଶାଳା ପ୍ରତିଷ୍ଠା ପାଇଁ ହୋଇଆସୁଥିବା ଦାବି ଏବେ ପୂରଣ ହେବାକୁ ଯାଉଛି। ସହର ଭିତରେ ତଥା ରାଜରାସ୍ତାରେ ପଲ ପଲ ବୁଲା ଗୋରୁଙ୍କ ଯୋଗୁଁ ଦୁର୍ଘଟଣା ଘଟି ଉଭୟ ମଣିଷ ଓ ଗୁରୁ ମୃତାହତ ହେଉଛନ୍ତି। ଏହାକୁ ରୋକିବା ପାଇଁ ଏକ ଗୋଶାଳାର ଆବଶ୍ୟକତା ରହିଛି। ଏ ନେଇ ଆନିମଲ ୱେଲଫେୟାର ଟ୍ରଷ୍ଟ ଏବଂ ଅନ୍ୟ ସ୍ୱେଚ୍ଛାସେବୀମାନେ ପ୍ରଶାସନକୁ ବହୁବାର ସ୍ମାରକ ଦେବାପରେ ଶେଷରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଅର୍ଥ ମଞ୍ଜୁର କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ପ୍ରାୟ ୪୮ ଲକ୍ଷ ଟଙ୍କା ବ୍ୟୟରେ ୧୨ ନମ୍ବର ୱାର୍ଡରେ ଏହି ଗୋଶାଳା ନିର୍ମାଣ କରାଯିବ।

## ସର୍ଭିସ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ଅନୁଗୋଳ, ୧୭ ।୯ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନୁନୁକାପସି ପଞ୍ଚାୟତ କଦଳୀମୁଣ୍ଡାଠାରେ ନିର୍ମାଣ ହୋଇଥିବା ଜାତୀୟ ରାଜପଥ କଡ଼ରେ ସର୍ଭିସ ରାସ୍ତା ସହ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ କଦଳୀମୁଣ୍ଡା ଗ୍ରାମବାସୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କଦଳୀମୁଣ୍ଡା ଅଞ୍ଚଳରେ ଦୁଇଟି ଫ୍ଲାଏ ଓଭର ବ୍ରିଜ ନିର୍ମାଣ ହୋଇଛି। ହେଲେ ହୋର ଉଭୟ ପାର୍ଶ୍ୱରେ ସର୍ଭିସ ରାସ୍ତା କିମ୍ବା ଡ୍ରେନ ନିର୍ମାଣ ହେଉନାହିଁ। ଫଳରେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସାମାନ୍ୟ ବର୍ଷା ହେଲେ ଘର ଭିତରେ ପାଣି ପଶୁଛି। ଏ ନେଇ ଗ୍ରାମବାସୀ ବହୁବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।



## ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରୁଥିବା ଅଭିରାମଙ୍କୁ ସମ୍ବର୍ଦ୍ଧନା



ବଇଣ୍ଡା, ୧୭ ।୯ (ସମିସ): ଲୋକେ କିପରି ନିଜ ସ୍ୱାସ୍ଥ୍ୟ ଫିଟ୍ ରଖିବେ ସେ ନେଇ ଝାରସୁଗୁଡ଼ା ଜିଲ୍ଲା ବୁଲଗାଁ ଗ୍ରାମର ଅଭିରାମ ଶତପଥୀ (୬୮) ପାଦରେ ଚାଲି ଚାଲି ସଚେତନ କରାଉଛନ୍ତି। ବୁଧବାର ତାଙ୍କୁ ବଇଣ୍ଡା ଅଞ୍ଚଳରେ ସମ୍ବର୍ଦ୍ଧିତ କରାଯାଇଛି। ଅନୁଗୋଳରୁ ସେ ଚାଲି ଚାଲି ବଇଣ୍ଡାରେ ପହଞ୍ଚି ସଚେତନ କରାଉଥିବା ବେଳେ ଗ୍ରାମର ରମେଶ ବେହେରା, ଆଲୋକ ବେହେରା, ପରୀକ୍ଷିତ ସାହୁ, ପ୍ରଦୀପ ମହାପାତ୍ର, ଅମିତ ନାୟକ, ସନାତନ ସାହୁ, ହେମନ୍ତ ପ୍ରଧାନ ତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଅଭିରାମ ୨୦୨୩ ମେ ୨୫ରୁ ଝାରସୁଗୁଡ଼ାରୁ ଏହି ପଦଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା କିଶନନଗର ଥାନା ସୁଦୁଖଣ୍ଡ ହୋଇଥିବା ବେଳେ ଦେଶର ବିଭିନ୍ନ ରାଜ୍ୟ ସମେତ ଭୁଟାନ, ନେପାଳରେ ବି ସେ ସଚେତନ କରିଛନ୍ତି। ଆଜି ସୁଦ୍ଧା ସେ ୧୩ ହଜାର ୯୨୮ କିମି ପାଦରେ ଚାଲି ଚାଲି ସଚେତନ କରିଥିବା ପ୍ରକାଶ କରିଛନ୍ତି।

## ପରାବିଲ-ଡେରାଗୋଳା ରାସ୍ତା ସମ୍ପ୍ରସାରଣ ପାଇଁ ଭୂମିପୂଜନ

### ● ୧୧ କିମି ରାସ୍ତା ପାଇଁ ୧୧.୮୩ କୋଟି ଟଙ୍କା ମଞ୍ଜୁର

କଣିହାଁ, ୧୭ ।୯ (ସମିସ): କଣିହାଁ ବ୍ଲକ ପରାବିଲଠାରୁ ଡେରାଗୋଳା ରାସ୍ତା ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ୧୧ କିମି ଦୀର୍ଘ ଏହି ରାସ୍ତାର ବିକାଶ ପାଇଁ ୧୧ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରାମସାଇ ମାର୍ଣ୍ଡି, କନିଷ୍ଠ ଯନ୍ତ୍ରୀ ଲୋକେଶ କୁମାର ସେଠୀ ଯୋଗଦେଇଥିଲେ। ପ୍ରଥମେ ବଜାର ଛକରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସରିବା ପରେ ପରାବିଲ ଗ୍ରାମ୍ୟ ଯାତ୍ରାପଡ଼ିଆରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଜେପି ନେତା ପ୍ରହ୍ଲାଦ ସାମଲ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଧାୟକ ମହାନ୍ତି କହିଲେ ଯେ ପର୍ଯ୍ୟାୟ କ୍ରମେ ସମସ୍ତ ରାସ୍ତାର ଉନ୍ନତୀକରଣ ହେବ। ବିରୁ-ପରାବିଲ ମଧ୍ୟରେ ସମାକୋଇ ନଦୀ ଉପରେ ବ୍ରିଜ ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ।



## ବିଶ୍ୱକର୍ମା ପୂଜା ବୁଲିଲେ ପୂର୍ବତନ ସାଂସଦ

### ● ଟ୍ରକ ମାଲିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



ତାଳଚେର, ୧୭ ।୯ (ସମିସ): ତାଳଚେରରେ ଟ୍ରକ ମାଲିକ ସଂଘ ପକ୍ଷରୁ ମହା ଆଡ଼ମ୍ବରରେ ବିଶ୍ୱକର୍ମା ପୂଜା ପାଳିତ ହେଉଛି। ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ବୁଧବାର ଏହି ପୂଜା ଉତ୍ସବ ବୁଲି ଦେଖିଛନ୍ତି। ସନ୍ଧ୍ୟାରେ ସାହୁ ପୂଜା ମଣ୍ଡପ ନିକଟରେ ପହଞ୍ଚିବା ପରେ ଟ୍ରକ ମାଲିକ ସଂଘ ପକ୍ଷରୁ ସଭାପତି ଅରବିନ୍ଦ ଭୂତିଆ, କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତାମାନେ ତାଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାହୁ ପ୍ରଭୁ ବିଶ୍ୱକର୍ମାଙ୍କୁ ଦର୍ଶନ କରି କୃପାଭିକ୍ଷା କରିବା ସହ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ତାଙ୍କ ସହ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ, ଆଗେଇବା ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

## କିଶୋରନଗରରେ ବିଶ୍ୱକର୍ମା ପୂଜା



କିଶୋରନଗର, ୧୭ ।୯ (ସମିସ): କିଶୋରନଗର ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେଉଛି। ସ୍ଥାନୀୟ ଆରଡବ୍ଲ୍ୟୁଏସଏସ୍ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜାରେ ପୁରୋହିତ ରବିନାରାୟଣ ଶତପଥୀ ପୂଜାର୍ଚ୍ଚନା କରିଥିଲେ। ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା। ସେହିପରି ବାମୁର ବିଦ୍ୟୁତ୍ କାର୍ଯ୍ୟାଳୟ, ବଇଣ୍ଡା ବିଦ୍ୟୁତ୍ ବିଭାଗ ଏସଡିଓ କାର୍ଯ୍ୟାଳୟ, ବଇଣ୍ଡା ଆର୍‌ଡି ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେଉଛି।

## ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ବିଶ୍ୱକର୍ମା ପୂଜା



ଅନୁଗୋଳ, ୧୭ ।୯ (ସମିସ): କନ୍ୟା ସଂକ୍ରାନ୍ତି ଅବସରରେ ଅମଲାପଡ଼ା ମା’ ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ବୁଧବାର ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ଏଥିରେ ଅଞ୍ଚଳର ବହୁ ଠିକାଦାର, ଶ୍ରମଜୀବୀ ଏବଂ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ପୂର୍ବାହ୍ନ ୧୦ଟାରେ ପୂଜା ଆରମ୍ଭ ହୋଇ। ୧୧ଟାରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଅପରାହ୍ନ ଗୋଟାଏରେ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୁପ ମହାନ୍ତି, ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତାଙ୍କ ସମେତ ଶୁଭେନ୍ଦୁ ପ୍ରଧାନ, ଟୁଟୁ ପ୍ରଧାନ, ତାପସ ରାଏ, ସୌମ୍ୟରଞ୍ଜନ ଦାଶ, ପ୍ରତାପ ମାଝୀ, ମନୁ ପ୍ରଧାନ, ଯତୀନ ସେଠୀ, ଗୁରୁଦେବ ସାହୁ, ଦୀପକ ଟିବ୍ରୁୱାଲା ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦଘାଟିତ



ଅନୁଗୋଳ, ୧୭ ।୯ (ସମିସ): ନାଲ୍‌କୋନଗରଠାରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅବସରରେ ବୁଧବାର ପୂର୍ବାହ୍ନରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଦ୍ୱାରା ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦଘାଟିତ ହୋଇଛି। ଜିଲ୍ଲା ପ୍ରଶାସନ ଓ ଓରମାସ ମିଳିତ ସହଯୋଗରେ ଆୟୋଜିତ ଏହି ମେଳା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଗ୍ରାମାଞ୍ଚଳର କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନୀ ଏବଂ କୃଷି ଉତ୍ପାଦକ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରିବଟା ହେବ। ଏ ବର୍ଷ ମୋଟ ୨୨୦ଟି ଷ୍ଟଲ ଓ ୧୪ଟି ଖାଦ୍ୟ ଷ୍ଟଲ ଆୟୋଜନ କରାଯାଇଛି। ଓଡ଼ିଶାର ୩୦ ଜିଲ୍ଲା ସମେତ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଜମ୍ମୁ ଓ କଶ୍ମୀର, କର୍ଣ୍ଣାଟକ, ପଞ୍ଜାବ, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ତେଲଙ୍ଗାନା, ଆସାମ, ଦିଲ୍ଲୀ, ମଣିପୁର, ତାମିଲନାଡୁ ଆଦି ରାଜ୍ୟର କାରିଗର ଓ ଉତ୍ପାଦକ ଗୋଷ୍ଠୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ମେଳାରେ ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ, ସେଲଫି ପଏଣ୍ଟ (ଆମ ଅସ୍ମିତା ଆମ ଗୌରବ)ର ପ୍ରଦର୍ଶନୀ ଓ ମନୋରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିମାନେ ମେଳାରେ ବୁଲିବା ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ମେଳା ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ଉଦଘାଟନୀ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀନିବାସ ଏସ୍ ନେରାଲା, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିମନ ମଲଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ଜିନ୍ଦଲ ଷ୍ଟିଲ୍ ପ୍ଲାଣ୍ଟରେ ବିଶ୍ୱକର୍ମା ପୂଜା



ଅନୁଗୋଳ, ୧୭ ।୯ (ସମିସ): ଜିନ୍ଦଲ ଷ୍ଟିଲର ଅନୁଗୋଳ ପ୍ଲାଣ୍ଟ ପରିସରରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ଏଥିରେ ଜିନ୍ଦଲ ଷ୍ଟିଲର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ସାମିଲ ହୋଇଥିଲେ। ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମାଲହାନ, ତାଙ୍କ ପତ୍ନୀ ସୀମା ମାଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ତାଙ୍କ ପତ୍ନୀ ଅନିତା ମିତ୍ତଲ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ଅତୁଲ ଦୁବେ ଏବଂ ଅନ୍ୟ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ମାନବ ସମ୍ବଳ ବିଭାଗ ପକ୍ଷରୁ ୨୯ ଜଣ କର୍ମଚାରୀଙ୍କୁ ସେମାନଙ୍କ ଦକ୍ଷତା, ନିଷ୍ଠା ଏବଂ ନିରାପଦ କାର୍ଯ୍ୟ ପାଇଁ ଜିନ୍ଦଲ ବିଶ୍ୱକର୍ମା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ଲାଣ୍ଟ ମୁଖ୍ୟ ମାଲହାନ କହିଥିଲେ, ଯେ ଭଗବାନ ବିଶ୍ୱକର୍ମାଙ୍କ ଆଶୀର୍ବାଦରୁ ଆମେ ଇଞ୍ଜିନିୟରିଂ କ୍ଷେତ୍ରରେ ମହାନ ସଫଳତା ହାସଲ କରିପାରିଛୁ। ଆମର କଠିନ ପରିଶ୍ରମ କେବଳ ତାଙ୍କ କୃପା ଦ୍ୱାରା ହିଁ ଅର୍ଥପୂର୍ଣ୍ଣ ହୋଇପାରିଛି ବୋଲି କହିଥିଲେ।

ପ୍ଲେଟ୍ ମିଲ୍‌ରେ ମୁଖ୍ୟ ଉତ୍ସବ ବ୍ୟତୀତ, ଦେବଭୂମି ଜିନ୍ଦଲ ନଗରର ଜଗନ୍ନାଥ ମନ୍ଦିର, ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର୍ ଫର୍ ଆଡଭାନ୍ସଡ୍ ୱେଲ୍ଡିଂ ଟେକ୍ନୋଲୋଜି ଏବଂ ଅନ୍ୟ ସ୍ଥାନରେ ମଧ୍ୟ ପୂଜା କରାଯାଇଥିଲା। ଏଥିରେ ଜିନ୍ଦଲ ନଗରର ବାସିନ୍ଦା ଏବଂ କର୍ମଚାରୀ ସାମିଲ ହୋଇଥିଲେ। ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନାଙ୍କ ମାର୍ଗଦର୍ଶନରେ ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଆଧ୍ୟାତ୍ମିକ ପରିବେଶରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଆରାଧନା







ଅନୁଗୋଳ, ୧୭ ।୯ (ସମିସ): ଆଧ୍ୟାତ୍ମିକ ପରିବେଶରେ ନାଲୋନଗରରେ ଆରମ୍ଭ ହୋଇଛି ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ। ବୁଧବାର ପୂର୍ବାହ୍ନରୁ ୧୯ଟି ପୂଜା ମଣ୍ଡପରେ ବିଶ୍ୱକର୍ମାଙ୍କ ପୂଜା ଆରାଧନା ହୋଇଛି। ଶଙ୍ଖ, ଘଣ୍ଟ, ଖୋଳ ବାଦ୍ୟ ସାଙ୍ଗକୁ ନୈବେଦ୍ୟ ମନ୍ତ୍ରଧ୍ୱନିରେ ପୂଜା ମଣ୍ଡପଗୁଡ଼ିକ ପ୍ରକମ୍ପିତ ହୋଇଥିଲା। ପୂଜା କମିଟି କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ପୂଜା କମିଟି କର୍ମକର୍ତ୍ତାମାନେ ଜଗନ୍ନାଥ ମନ୍ଦିର ନରେନ୍ଦ୍ର ପୁଷ୍କରିଣୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥଳରେ ସ୍ଥାପନା କରିଥିଲେ। ନାଲକୋ ଏସଆଣ୍ଡପିର ବହୁ ପଦସ୍ଥ ଅଧିକାରୀ ସମସ୍ତ ପୂଜା ମଣ୍ଡପ ବୁଲି ବିଶ୍ୱକର୍ମାଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ପୂଜା କମିଟିଗୁଡ଼ିକ ଭିନ୍ନ ଭିନ୍ନ ଶୈଳୀରେ ମେଢ଼ ଓ ତୋରଣ ନିର୍ମାଣ କରିଛନ୍ତି। ଆଧୁନିକ ଅବା ବିଦେଶୀ ଅଟ୍ଟାଳିକା ସଦୃଶ ତୋରଣ ଭିତରେ ପୌରାଣିକ, ଆଧ୍ୟାତ୍ମିକ ସଂସ୍କୃତି ବହନ କରୁଥିବା ବିଶ୍ୱକର୍ମାଙ୍କ ମେଢ଼ରେ ଭିତର ସାଜସଜ୍ଜା ହୋଇଛି। ଅନୁଗୋଳ, ଖଲାରୀ, ସାକୋସିଂହା, କୁଲାଡ଼, ପିଙ୍ଗୁଆ, ଗୋବରା ପ୍ରଭୃତି ସ୍ଥାନୀୟ ଟେଣ୍ଟହାଉସ ଡେକୋରେଟରଙ୍କ ଦ୍ୱାରା ସ୍ଥାନୀୟ ଏବଂ ବଙ୍ଗୀୟ କାରିଗରମାନେ ସୁଉଚ୍ଚ ତୋରଣରେ ନିଜ କଳାନୈପୁଣ୍ୟତା ପ୍ରଦର୍ଶନ କରିଛନ୍ତି।

ତେବେ ପୂଜାର ପ୍ରଥମ ଦିନରୁ ଡରାଇଛି ବର୍ଷା। ମଧ୍ୟାହ୍ନରେ ଅସରାଏ ବର୍ଷା ହୋଇଥିଲା। ଏବେ ବି ପାଗ ମେଘୁଆ ରହିଛି। ଆଗକୁ କାଳେ ବର୍ଷା ବଢ଼ିଯିବ, ସେହି ଆଶଙ୍କାରେ ଲୋକେ ସୁଯୋଗ ହାତଛଡ଼ା ନ କରି ପ୍ରଥମ ଦିନରୁ ପୂଜା ବଜାରର ମଜା ନେଉଛନ୍ତି। ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା, ମିନାବଜାର, ଭେଳିକି ଭେଳି ଦୋଳି, ଚଟପଟି ଖାଦ୍ୟଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ଖାଦ୍ୟ, ଷ୍ଟାର ହୋଟେଲ, ରେଷ୍ଟୁରାଣ୍ଟର ଖାଦ୍ୟର ମଜା ନେଉଛନ୍ତି ଦର୍ଶକ। ନାଲକୋ କର୍ମଚାରୀଙ୍କ ଆୟୋଜନରେ ସପ୍ତାହ ବ୍ୟାପୀ ବିଶ୍ୱକର୍ମା ପୂଜା ସମାରୋହକୁ ସୁଚାରୁରୂପେ ପାଳନ କରିବାକୁ ନାଲକୋର ପୂର୍ଣ୍ଣ ସହଯୋଗରେ ପ୍ରଶାସନ ବିଭାଗ, ସିଭିଲ ବିଭାଗ, ଇଷ୍ଟେଟ ବିଭାଗ, ଇଲେକ୍ଟ୍ରିକାଲ ବିଭାଗ, ସାନିଟାରୀ ବିଭାଗ, ଉଦ୍ୟାନ ବିଭାଗ ପ୍ରଭୃତି ଆନୁଷଙ୍ଗିକ ବ୍ୟବସ୍ଥା କରିଛନ୍ତି। ନାଲକୋ କର୍ମଚାରୀ କମନ ୱେଲଫେୟାର କମିଟି ପ୍ରତ୍ୟକ୍ଷ ଭାବେ ସମସ୍ତ ବିଭାଗ, ମଣ୍ଡପ, ବ୍ୟବସାୟୀଙ୍କ ସହ ସମନ୍ୱୟ ରଖୁଛି। ଦୋକାନ ଷ୍ଟଲ ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା ପାଇଁ କମିଟି କଠୋର ପଦକ୍ଷେପ ଗ୍ରହଣ କରୁଛି। ୨୪ଘଣ୍ଟିଆ ପରିମଳ ସେବା ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟି ସଦସ୍ୟ ଡିଜିଏମ ରାଜାରାମ ମିଶ୍ର, ଆସିଷ୍ଟାଣ୍ଟ ମ୍ୟାନେଜର କିଶୋର ବେହେରା, ଲଲାଟେନ୍ଦୁ ମହାପାତ୍ର, ହରିହର ସା, ପ୍ରତାପ ଚନ୍ଦ୍ର ମଲ୍ଲିକ, ଅଟଳ ବିହାରୀ ଷଡ଼ଙ୍ଗୀ, ସୁଶାନ୍ତ ସାହୁ, ବାମଦେବ ସେଠ, ଚନ୍ଦ୍ର ମୋହନ ମୁଣ୍ଡରି, ପ୍ରଶାନ୍ତ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରଦୀପ୍ତ ସାହୁ, ବିକାଶ ଜୈସ୍ୱାଲ, ପଙ୍କଜ ମହାରଣା, ଅକ୍ଷୟ ବେହେରା, ଲଳିତ ନାୟକ, ପଦ୍ମଚରଣ ସାହୁ, ପ୍ରଦୀପ ନାୟକ, ଘନଶ୍ୟାମ ଦାସ ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି।

# ‘ସୁସ୍ଥ ନାରୀ, ସଶକ୍ତ ପରିବାର’ ଅଭିଯାନ ଆରମ୍ଭ

ଯାଜପୁର, ୧୭।୯ (ସମିସ)



ଆଜି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ‘ସୁସ୍ଥ ନାରୀ, ସଶକ୍ତ ପରିବାର’ ରାଷ୍ଟ୍ରୀୟ ଅଭିଯାନ ଆରମ୍ଭ ହୋଇଛି। ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଏହାକୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ଏହା ଚାଲିବ। ଏହି କାର୍ଯ୍ୟକ୍ରମରେ ସବୁ ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ। ଇଏନ୍‌ଟି, ଚକ୍ଷୁ, ରକ୍ତଚାପ, ମଧୁମେହ, ରକ୍ତ ପରୀକ୍ଷା, ମୁଖ-ଗହ୍ୱର, ସ୍ତନ ଏବଂ ଗ୍ରୀବା କର୍କଟ, ଗର୍ଭବତୀ ମହିଳା ମାନଙ୍କ ପାଇଁ ପ୍ରସବ ପୂର୍ବବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ, ରକ୍ତହୀନତା ସ୍ତର ଯାଞ୍ଚ, ଟେଲିମାନସ ସେବା, ଯକ୍ଷ୍ମା ପରୀକ୍ଷା, ସିକିଲସେଲ, ଆନେମିଆ ଆଦି ରୋଗ ପାଇଁ ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ଏହି ଅଭିଯାନ ସମୟରେ ସବ୍‌ସେଣ୍ଟର, ପିଏଚ୍‌ସି, ସିଏଚ୍‌ସି, ଡିଏଚ୍‌ଏଚ୍, ମେଡିକାଲ କଲେଜ୍ ପରି ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ବିଦ୍ୟାଳୟ ସ୍ତରରେ ମେଡିକାଲ ହେଲଥ ୟୁନିଟ, ମାଧ୍ୟମରେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହି ସବୁ ସେବା ପାଇବା ପାଇଁ ମହିଳା ଓ ଶିଶୁମାନେ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଯୋଗାଯୋଗ କରିପାରିବେ। ଏହି ଉତ୍ସବରେ ଯୋଗଦେଇ ଜିଲ୍ଲାପାଳ ଅମ୍ବର କୁମାର କର ସ୍ୱାସ୍ଥ୍ୟ ଜନିତ ସମସ୍ୟାର ଅବଗତ ନିମନ୍ତେ ସ୍ୱାସ୍ଥ୍ୟ କ୍ୟାମ୍ପ, ସ୍କ୍ରିନିଂ କ୍ୟାମ୍ପ କରାଯାଇ ରୋଗରେ ପ୍ରଭାବିତ ସର୍ବାଧିକ ମହିଳାମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯାଇ ତଦନୁଯାୟୀ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ବିଜୟ କୁମାର ମିଶ୍ର, ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଡିନ୍ ତଥା ଅଧକ୍ଷ ଡା. ସୀତାରାମ ମହାପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ପ୍ରକଳ୍ପ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଅନ୍ୟାନ୍ୟ ଅଧିକାରୀ, ଡାକ୍ତର, କର୍ମଚାରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

**ଦଶରଥପୁର:** ଦଶରଥପୁର ବ୍ଲକ ରାମବାଗ କମ୍ୟୁନିଟି ହେଲ୍ ସେଣ୍ଟର ପରିସରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମଙ୍ଗଳପୁର ତରଫରୁ ‘ସୁସ୍ଥ ନାରୀ ସଶକ୍ତ ପରିବାର’ ଅଭିଯାନ ବିଡ଼ିଓ ଆକାଶ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସବୁ ମହିଳା ମାନଙ୍କ ପାଇଁ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ଏବଂ ବିଦ୍ୟାଳୟ ମାନଙ୍କରେ ମେଡିକାଲ ହେଲଥ ୟୁନିଟ୍ ମାଧ୍ୟମରେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ବିଡିଓ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିରଜାପୁର ସରପଞ୍ଚ ନିରାକାର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ମହିଳାମାନେ ଯୋଗ ଦେଇଥିଲେ। କମ୍ୟୁନିଟି ହେଲ୍‌ଥ ଅଫିସର ରତ୍ନପ୍ରଭା ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ବିଞ୍ଝାରପୁର:** ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସୁସ୍ଥ ନାରୀ, ସଶକ୍ତ ପରିବାର ରାଷ୍ଟ୍ରୀୟ ଅଭିଯାନ ବିଡିଓ ହିତାଂଶୁ ଶେଖର ସାମଲଙ୍କ ଦ୍ୱାରା ବ୍ଲକସ୍ତରୀୟ ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟ ସ୍ତରରେ ମେଡିକାଲ ହେଲଥ ୟୁନିଟ, ମାଧ୍ୟମରେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ମୁଖ୍ୟ ଚିକିତ୍ସା ଅଧିକାରୀ କ୍ଷିତୀଶ ନାୟକ, ଡା. ଲଳିତ କୁମାର ବେହେରା, ଡା. ଉମାକନ୍ତ ମାଲିକ, ସିଡିପିଓ ରକ୍ମଣୀ ସାହୁ, ସ୍ୱାସ୍ଥ୍ୟ ମିଶନ ଅନ୍ୟାନ୍ୟ ଅଧିକାରୀ, ଡାକ୍ତର ଓ କର୍ମଚାରୀ, ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ପରିସରରେ ଚାରାରୋପଣ



ଦାନଗଦୀ, ୧୭।୯ (ସମିସ): ପରିବେଶ ସଂରକ୍ଷଣ ଏବଂ ସାମାଜିକ କଲ୍ୟାଣ ଦିଗରେ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗର, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ୍) ଏବଂ ଫେରୋ ଆଲଏଜ ପ୍ଲାଣ୍ଟ (ଏଫଏପି) ଯାଜପୁର ପକ୍ଷରୁ ବୁଧବାର ମିଳିତ ଭାବେ ‘ଏକ ପେଡ଼ ମା କେ ନାମ୍-୨.୦’ ଅଭିଯାନରେ ଚାରାରୋପଣ କରାଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗର ପ୍ଲାଣ୍ଟରେ ସବୁଜ ବଳୟ ପରିସର ମଧ୍ୟରେ ୫, ୦୦୦ରୁ ଅଧିକ ଚାରା ରୋପଣ କରାଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର ପରିବେଶ ବିଭାଗ ଦ୍ୱାରା ଆୟୋଜିତ ଏହି ଚାରାରୋପଣ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ଲାଣ୍ଟରେ ଜୈବ ବିବିଧତାକୁ ବୃଦ୍ଧି କରିବା ଏବଂ ଏକ ସବୁଜ ଶିଳ୍ପ ବୈଷୟିକ ପରିଶିଷ୍ଟର ଅଂଶଦାନ କରିବା। ଏଥିରେ ୫୦୦ରୁ ଅଧିକ କର୍ମଚାରୀ ଏବଂ ବ୍ୟବସାୟ ସହଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ଏବଂ ପଙ୍କପାଳ ଗ୍ରାମରେ ପ୍ରାୟ ୧୦ ହଜାର ଚାରା ରୋପଣ କରାଯାଇଛି। ଟିଏସ୍‌କେ, ଏନଆଇଏନଏଲ୍ ଏବଂ ଏଫଏପି ଯାଜପୁରର ୫୦୦ରୁ ଅଧିକ କର୍ମଚାରୀ ଏବଂ ଭେଣ୍ଡର ପାର୍ଟନରମାନେ ଏହି ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି।

## ‘ଆସ ଆମେ ସ୍କୁଲ ଯିବା’ ସଚେତନତା ରାଲି




ମଙ୍ଗଳପୁର/କୟାଁଗୋଲା, ୧୭।୯ (ସମିସ): ଅଧାରୁ ପାଠ ଛାଡିବା, ଆଦୌ ନାମ ନ ଲେଖେଇବା, ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆଜି ସାରା ରାଜ୍ୟରେ ‘ଆସ ଆମେ ସ୍କୁଲ ଯିବା’ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ‘ଆସ ଆମେ ସ୍କୁଲ ଯିବା’ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟପ୍ରକାଶ ନାୟକ, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଖଗେଶ୍ୱର ସାହୁ, ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ସ୍ନେହାଞ୍ଜଳି ଯେନା, ସୁଜାତା ସାହୁ ଓ ପରିଚାଳନା କମିଟିର ସଭ୍ୟ ସଭ୍ୟା ମାନେ ସାମିଲ ହୋଇ ଗାଁ ଗାଁ ରେ ବୁଲି ଆସ ଆମେ ସ୍କୁଲ ଯିବା ନାରା ଦେବା ସହ ହାତରେ ପ୍ଲାଗ କାର୍ଡ ଧରି ସଚେତନତା କରିଥିଲେ।

## ନାରାୟଣପୁରରେ ‘ଆସ ସ୍କୁଲ ଯିବା’ କାର୍ଯ୍ୟକ୍ରମ

ଜେନାପୁର, ୧୭।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଉଁଶଅଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ଅଧୀନରେ ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପନ୍ତୁରୀରେ ‘ଆସ ସ୍କୁଲ ଯିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଅନୁସାରେ ଆରମ୍ଭ ହୋଇଥିବା ‘ଆସ ସ୍କୁଲ ଯିବା’ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ରଘୁନାଥ ଦେହୁରୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନସ୍ଥିତ ହୋଇଥିଲା।

## ଆତ୍ମହତ୍ୟା ନିରୋଧୀ ସଚେତନତା କାର୍ଯ୍ୟକ୍ରମ

କୁଆଖିଆ, ୧୭।୯ (ସମିସ): ରସୁଲପୁର ବ୍ଲକ ଅଧୀନ ସାମନ୍ତରାପୁର ପଞ୍ଚାୟତର ଖଗେଶ୍ୱର ବିଦ୍ୟାୟନ ପରିସରରେ ରାଷ୍ଟ୍ରୀୟ ଅପରାଧ ଯାଞ୍ଚ ବ୍ୟୁରୋ, ଓଡ଼ିଶା ପକ୍ଷରୁ ଆତ୍ମହତ୍ୟା ମାନସିକତା ରୋକିବା ଓ ଅମୂଲ୍ୟ ଜୀବନ ସୁରକ୍ଷା ଦିଗରେ ସଚେତନତା କାର୍ଯ୍ୟକ୍ରମ ଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି। ବ୍ୟୁରୋର ଯାଜପୁର ଜିଲ୍ଲା କାର୍ଯ୍ୟକର୍ତ୍ତା ବୈଦ୍ୟେନ୍ଦ୍ରନାଥ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରସୁଲପୁର ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି, ମୁଖ୍ୟବକ୍ତା ଭାବରେ ସିଆର୍‌ସିସି ଜିତେନ୍ଦ୍ର କୁମାର ସାହୁ ଏବଂ ସମ୍ମାନିତ ଅତିଥି ରୂପେ ବ୍ୟୁରୋର ରାଜ୍ୟ ନିର୍ଦ୍ଦେଶକ ସୁଦାମ ଚରଣ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ରାମକୃଷ୍ଣ ମହାକୁଡ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ଅଶୋକ କୁମାର ସାହୁ, ବିରେନ ମହାନ୍ତି, ଶୁକଦେବ ପାତ୍ର, କାର୍ତ୍ତିକ ଚନ୍ଦ୍ର ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟରେ ନାରୀ ନିର୍ଯାତନା ପ୍ରତିବାଦରେ ବିଜେଡିର ଆନ୍ଦୋଳନ

## ବିଜୁ ମହିଳା ଜନତା ଦଳ ପକ୍ଷରୁ ଦାବିପତ୍ର

ବ୍ୟାସନଗର/ପାଣିକୋଇଲି, ୧୭।୯ (ସମିସ): ରାଜ୍ୟରେ ନୂତନ ବିଜେପି ସରକାର ଆସିବା ପରେ ଦିନକୁ ଦିନ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏକପ୍ରକାର ବିଗିଡ଼ି ଯାଇଥିବା ବେଳେ ଏହାକୁ ରୋକିବାକୁ ସରକାର ଏବଂ ଗୃହ ବିଭାଗ ଏକପ୍ରକାର ଅସହାୟତା ପ୍ରକାଶ କରୁଛନ୍ତି। ତେବେ ଏଭଳି ଘଟଣା ରାଜ୍ୟ ସାରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବୁଧବାର ରାଜ୍ୟର ସମସ୍ତ ଜିଲ୍ଲାରେ ବିଜୁ ମହିଳା ଜନତା ଦଳ ତରଫରୁ ଜିଲ୍ଲା



ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଯାଜପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସବିତା ରାଉତଙ୍କ ନେତୃତ୍ୱରେ ଶତାଧିକ ମହିଳା ପାଣିକୋଇଲି ସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିବା ସହିତ ମହିଳାଙ୍କ ସୁରକ୍ଷା ଏବଂ ସମ୍ମାନ ପାଇଁ ଦାବି କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ଯାଜପୁର ଲୋକସଭା ସାଂସଦ ତଥା ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ଯାଜପୁର ଜିଲ୍ଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଯେନା, ଜିଲ୍ଲାର ସମସ୍ତ ବ୍ଲକ ଏବଂ ମ୍ୟୁନିସିପାଲିଟିର ଅଧକ୍ଷା, ଉପାଧକ୍ଷା, ସମସ୍ତ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ମହିଳା ଜନପ୍ରତିନିଧି ଓ ସହସ୍ରାଧିକ ମହିଳା ଯୋଗଦେଇଥିଲେ। ପ୍ରଥମେ ପାଣିକୋଇଲି ବଜାରରୁ ଏକ ଶୋଭାଯାତ୍ରା ବାହାରି ଏସ୍‌ପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।

## ସମାଜସେବୀଙ୍କ ବିୟୋଗରେ ଶୋକସଭା

ଯାଜପୁର, ୧୭।୯ (ସମିସ): ଯାଜପୁର ସହରର ସର୍ବପୁରାତନ ବିରଜାହାଟର ବିଶିଷ୍ଟ ବ୍ୟକ୍ତି, ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏବଂ ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ବିହାରୀଙ୍କ ଏକାଦଶାହ ଉପଲକ୍ଷେ ପୂର୍ବତନ ସାଂସଦ ଅଞ୍ଚଳ ଦାସଙ୍କ ଅଧକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସଂସ୍କୃତବିତ୍ ପଣ୍ଡିତ ଭୂପତିଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବରେ ବିଜେପି ନେତା ଗୌତମ ରାୟ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ରଞ୍ଜିତା ରାଉତ, ବିଜେଡି ନେତା ବଳଭଦ୍ର ଦାସ, ବିଜେପି ନେତା ଅସୀମ କର, ବିଜେପି ପୌରାଞ୍ଚଳ ମଣ୍ଡଳ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ବିଶିଷ୍ଟ ଲେଖକ ଅଧିକାରୀ ନବକିଶୋର ଦାସ, ଶିକ୍ଷାବିତ୍ ରୁଦ୍ରନାରାୟଣ ସାହୁ, ପୂର୍ଣ୍ଣାନନ୍ଦ ସ୍ମୃତିପାଠାଗାର ସଦସ୍ୟ ସୁବାସ ଚନ୍ଦ୍ର ମହାପାତ୍ର, ଦିଲ୍ଲୀପ କୁମାର ଦାସ, କୈଳାସ ଚନ୍ଦ୍ର ବିହାରୀ ଏବଂ ପୂର୍ବତନ ପିସିସି



ସାଧାରଣ ସମ୍ପାଦକ ସନ୍ତୋଷ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ନିହାର ରଞ୍ଜନ ବଳ, ସୁଶାନ୍ତ କୁମାର ପଣ୍ଡା, ନିରଞ୍ଜନ ବିହାରୀ, ଅଶୋକ ଦାସ, ଅସୀମ ଦାସ, ନିହାର ସାହାଣୀ, ଧ୍ରୁବ ମହାରଣା, ରାମଚନ୍ଦ୍ର ଦେହୁରିଆ, କହ୍ନେଇ ଚରଣ ମହାନ୍ତି, ସାମ୍ବାଦିକ ଅଜୟ କୁମାର ରାଉତ, ସାମ୍ବାଦିକ ଅକ୍ଷୟ କୁମାର ମହାନ୍ତି, ଅଶୋକ କୁମାର ବିହାରୀ ପ୍ରମୁଖ ଉପସ୍ଥିତଥିଲେ। ସମାଜସେବୀ ହୃଷିକେଶ ପତି ଗୀତାପାଠ ସହ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

● ସହକାରୀ ଯନ୍ତ୍ରୀଙ୍କୁ ଧମକ ଓ ଗାଳିଗୁଲଜ

## ବ୍ରହ୍ମବରଦା ଥାନାରେ ମାମଲା ରୁଜୁ

ବ୍ରହ୍ମବରଦା, ୧୭।୯ (ସମିସ): ବ୍ରହ୍ମବରଦା ଥାନା ମହେଶ୍ୱରପୁର ପଞ୍ଚାୟତରେ ବିକାଶ ମୂଳକ କାର୍ଯ୍ୟ ତଦାରଖ କରିବାକୁ ଆସିଥିବା ରସୁଲପୁର ବ୍ଲକର ସହକାରୀ ଯନ୍ତ୍ରୀଙ୍କୁ ଧମକ ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ବ୍ରହ୍ମବରଦା ପୁଲିସ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ ଗତ ୧୩ ତାରିଖ ଶନିବାର ସକାଳ ୧୦ ଘଟିକାରେ ରସୁଲପୁର ବ୍ଲକ ସହକାରୀ ଯନ୍ତ୍ରୀ ନମିତା ପରିଡ଼ା ବ୍ରହ୍ମବରଦା ଥାନା ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମ ଗୋପାଳ ସାହି ଠାରୁ ଅନ୍ୟ ଏକ ସାହିକୁ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତଦାରଖ କରୁଥିବା ସମୟରେ ଏହି ପଞ୍ଚାୟତର ୫/୬ ଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ଯନ୍ତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଧମକପୂର୍ଣ୍ଣ ଭାଷାରେ ପୂର୍ବରୁ ବକେୟାଥିବା ବିଲ୍‌ଗୁଡିକୁ ତୁରନ୍ତ କରିବା ପାଇଁ ଧମକ ଦେଇଥିବା ବେଳେ ତାଙ୍କୁ ଘେରଉ କରି ନେଇଥିଲେ। ଏନେଇ ସହକାରୀ ଯନ୍ତ୍ରୀ ନମିତା ପରିଡ଼ା ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଓ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ବ୍ରହ୍ମବରଦା ପୁଲିସ ୨୧/୨୫ରେ ମାମଲା ରୁଜ କରି ତଦନ୍ତ ଜାରି ରଖିଛି।

## ଅନୁକୂଳଚନ୍ଦ୍ରଙ୍କର ଆବିର୍ଭାବ ଦିବସ

ଧର୍ମଶାଳା, ୧୭।୯ (ସମିସ): ଧର୍ମଶାଳା ସତସଙ୍ଗ ବିହାର ଜାରକା ଆନୁକୂଲ୍ୟରେ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଉତ୍ସବ ପାଳିତ ହୋଇଯାଇଛି। ମା’ ମାନଙ୍କ ଦ୍ୱାରା ମାତୃ ସମ୍ମିଳନୀ ଆୟୋଜନ କରାଯାଇ ଠାକୁରଙ୍କର ମୁଖ ନିଃସୃତ ପବିତ୍ର ନାରୀର ନୀତି ଗ୍ରନ୍ଥ ପାଠ କରାଯାଇଥିଲା। ରତିକ୍ ନାରାୟଣ ଚନ୍ଦ୍ର ମହାନ୍ତି ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସତସଙ୍ଗ ବିହାରର ସଭପତି ରତିକ୍ ରାମଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ରିତିକ୍ ପ୍ରମୋଦ କୁମାର ଶତପଥୀ ଯୋଗଦେଇଥିଲେ। ଏଥିରେ ରତିକ ରମେଶ ଚନ୍ଦ୍ର ଜେନା, ରତିକ ଅଭିରାମ ଜେନା, ନାରଣ ଚନ୍ଦ୍ର ସାମଲ, ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କର୍ମୀ କୁଳମଣି ସାମଲ, କର୍ମୀ ଅଜୟ କୁମାର ନାଥ, ପ୍ରଦୀପ୍ତ କୁମାର ବରାଳ, ତଥା ଧର୍ମଶାଳା ଅଞ୍ଚଳର ସତସଙ୍ଗ ପ୍ରେମୀ ସହଯୋଗ କରିଥିଲେ।

## ତ୍ୟାଗ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦେହାନ୍ତରେ ଶୋକସଭା

ଯାଜପୁର, ୧୭।୯ (ସମିସ): ଯାଜପୁର ପୌରପାଳିକା ଅନ୍ତର୍ଗତ ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ତ୍ୟାଗ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦେହାନ୍ତରେ ସଭାପତି ଆଇନଜୀବୀ ପ୍ରତିମା କରଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ସ୍ୱାମୀଜୀଙ୍କ ଦେହାନ୍ତ ଖବର ପ୍ରକାଶ କରିଥିଲେ। ସ୍ୱାମୀଜୀଙ୍କ ଗୁଣାବଳୀ ଉପରେ ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ, ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ଅବସରପ୍ରାପ୍ତ ପୁଲିସ୍ ପ୍ରଶାସକ ଗଦାଧର ରାଉତ, ସାଂସ୍କୃତିକ ସମ୍ପାଦକ ଗୁଣମଣୀ ପାଣିଗ୍ରାହି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେ ଗୀତା ଜାଗରଣ ପରିଷଦ ଯାଜପୁରର ବରିଷ୍ଠ ଉପଦେଷ୍ଟା ଥିଲେ। ଉକ୍ତ ଶୋକସଭାରେ ରବିନାରାୟଣ କର, ଅକ୍ଷୟ ମିଶ୍ର, କାଞ୍ଚନବାଳା ତ୍ରିପାଠୀ, ମଧୁସୂଦନ ମହାନ୍ତି, ଅଭିମନ୍ୟୁ ମିଶ୍ର, ଜନାର୍ଦ୍ଦନ ମିଶ୍ର, ଅନୁସୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବତ୍ର ପୂଜାପାଇଲେ ଦେବଶିଳ୍ପୀ ବିଶ୍ୱକର୍ମା







ଧର୍ମଶାଳା, ୧୭।୯ (ସମିସ)

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଭାଦ୍ରବ ମାସ କନ୍ୟା ସଂକ୍ରାନ୍ତିରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ବିଶେଷ କରି ଶିଳ୍ପାନୁଷ୍ଠାନ, ଗ୍ୟାରେଜ ଓ ମଟର ଗାଡ଼ି ସଂଘ ପକ୍ଷରୁ ବିଭିନ୍ନ ସ୍ଥାନରେ ମଣ୍ଡପ କରାଯାଇ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତୀ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଅବସରରେ ଜାରକା ବିଦ୍ୟୁତ କାର୍ଯ୍ୟାଳୟ, ଟ୍ୟାକ୍ସି ଚାଳକ ସଙ୍ଘ, ଛୋଟ ବଡ଼ ଶିଳ୍ପାନୁଷ୍ଠାନ ଓ ମଟର ଗ୍ୟାରେଜ ଗୁଡିକରେ ସୁସଜ୍ଜିତ ମଣ୍ଡପରେ ଠାକୁରଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଇଛି। ସନ୍ଧ୍ୟାରେ ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ତିନିଦିନ ବ୍ୟାପି ଏହି ପୂଜା ଅନୁଷ୍ଠିତ ହେଉଥିବା ବେଳେ ବିଭିନ୍ନ ଦିବସରେ ପାର୍ଯ୍ୟାୟକ୍ରମେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ତେବେ ଜାରକା ବିଦ୍ୟୁତ ବିଭାଗ ପକ୍ଷରୁ ଜାରକା ସମେତ କୁଣ୍ଡପାଟଣା, ନେଉଳପୁର ଓ କବାଟବନ୍ଧ ସେକ୍ସନରେ ବିଶ୍ୱକର୍ମାଙ୍କ ପୂଜା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି।

**ମଙ୍ଗଳପୁର:** ବୌଳାଙ୍ଗ ମଧୁପୁର ପ୍ରାଇମେରୀ ସବଷ୍ଟେସନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ପୂଜାରେ କୁଳମଣି ସାହୁ ସଂକଳ୍ପ କରିଥିବା ବେଳେ ପୂଜକ ସରୋଜ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ।

ସେହିପରି ଲାଲବାଗ ପ୍ରାଇମେରୀ ସବଷ୍ଟେସନରେ ମଧ ଆଡମ୍ବର ସହକାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାରେ ଦଶରଥପୁର ଏସ୍‌ଡିଓ ମନୋଜ କୁମାର ସ୍ୱାଇଁ, ମଙ୍ଗଳପୁର ସେକ୍ସନର କନିଷ୍ଠଯନ୍ତ୍ରୀ ସୌଭାଗ୍ୟ ରଞ୍ଜନ ବେହେରା, ଏସ୍‌ସିଇଓ ଚନ୍ଦନ କୈବର୍ତ୍ତ୍ୟ, ଲାଇନମ୍ୟାନ ଅମିରୁଦ୍ଦିନ ଖାନ, ରାକେଶ ମହାନ୍ତି, ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଦ୍ୟୁମ୍ନ ପଲେଇ, ତ୍ରିଲୋଚନ ନାୟକ, ବିଜୟ ଦାସ, ରତ୍ନାକର ରାଉଳ, ଆଲୋକ କୁମାର ନାୟକ, ସବିନୟ ସାମଲ, ବିଜୟ ଦାସ ପ୍ରମୁଖଙ୍କ ସମେତ ବିଦ୍ୟୁତ ବିତରକ ଟାଟା ପାୱାର କମ୍ପାନୀର ସମସ୍ତ ଲାଇନ୍‌ମ୍ୟାନ ଓ ବିଭିନ୍ନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

**ପାଣିକୋଇଲି:** ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ପାଣିକୋଇଲି ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଗ୍ୟାରେଜ ଆଦି ସ୍ଥାନରେ ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହୋଇଛି। ପାଣିକୋଇଲି ମା’ ତାରିଣୀ ଟ୍ୟାକ୍ସି ଓ ପିକ୍‌ଅପ ଆସୋସିଏନ, ଟ୍ରକ୍ ମାଲିକ ସଂଘ, ଟ୍ରେକର ଓ ବସ୍‌ଷ୍ଟଣ୍ଡ, କୃପାଳୁ ରାଇସ ଇଣ୍ଡଷ୍ଟ୍ରିଜ, ଆଶୀର୍ବାଦ ଆଗ୍ରୋ ପ୍ରଡକ୍ଟ, ହରେକୃଷ୍ଣ ରାଇସ ପ୍ରସେସିଂଗ, ବିଶାଖା ଫ୍ଲୋର ମିଲ, କୃପାଳୁ ରିଫାଇନାରୀ, ବେହେରା ରୋଡ ୱେଜ, ବାସୁଦେବ ସମିଲ, ଶ୍ରୀଫୁଡ୍ସ, ଦୀପୁ ଆର୍ଟ, ଜଗନ୍ନାଥ କୋଲ ବିକ୍ରେଟସ, ପାଣିକୋଇଲି ଟେଲିଫୋନ ଏକ୍ସଚେଞ୍ଜ ସମେତ ବିଭିନ୍ନ ଗ୍ୟାରେଜରେ ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହୋଇଛି।

## ସାପ କାମୁଡ଼ାରେ ମହିଳା ଗୁରୁତର

ସୁକିନ୍ଦା, ୧୭।୯ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ମୂଳଖମ୍ବ ଗ୍ରାମରେ ସାପକାମୁଡ଼ାରେ ଜଣେ ମହିଳା ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ମୂଳଖମ୍ବ ଗ୍ରାମର ରାଜ ପାତ୍ରଙ୍କ ପତ୍ନୀ ରିନା ପାତ୍ର ଘରେ ଘରେ କାରବାର କରୁଥିବା ସମୟରେ ସର୍ପାଘାତର ଶିକାର ହୋଇଥିଲେ। ରିନାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

JOB OPPORTUNITY
Ev mechanic -3 nos, Experience -3 years
Salary -Rs 8,000/- with Lunch
Service incharge -1 nos, experience- 1year
Salary -Rs 10,000/- With lunch


IF INTRESTED...
SEND YOUR BIODATA & CONTACT WITH
SATYA ENTERPRISES
WARD NO-13, SRIPADGANJ, NEAR SDPO OFFICE,
STATION BAZAR, PALABANI, BARIPADA
Phone No-8144751467, E-Mail:- dealereve@gmail.com





## ଷୋଡ଼ଶ ଉପଚାର ପୂଜା



କଟକ ଚଣ୍ଡୀଙ୍କ ସିଦ୍ଧେଶ୍ୱରୀ ବେଶ



ଗଡ଼ଚଣ୍ଡୀଙ୍କ କମଳା ବେଶ



ଝଞ୍ଜିରୀମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ



ବାସନ୍ତୀ ଦୁର୍ଗାଙ୍କ ତ୍ରିପୁରା ସୁନ୍ଦରୀ ବେଶ



ଧାକୁଲେଇଙ୍କ ବୈଷ୍ଣବୀ ବେଶ

### ମହିଳାଙ୍କ ପ୍ରତି ବଢୁଥିବା ହିଂସା, ଦୁଷ୍କର୍ମ, ନିର୍ଯାତନାର ପ୍ରତିବାଦ

# ମହିଳା ବିଜେଡି ପକ୍ଷରୁ ଡିଜିପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଟକ,୧୭।୯ (ସମିସ):







ଓଡିଶାରେ ମହିଳାଙ୍କ ବିରୋଧରେ ଦିନକୁ ଦିନ ବୃଦ୍ଧି ପାଉଥିବା ଅପରାଧ, ହିଂସା, ଅପମାନ, ଧର୍ଷଣ, ଅସମ୍ମାନ ଓ ଆତ୍ମହତ୍ୟା ଭଳି ଲୋମହର୍ଷଣକାରୀ ଘଟଣା ରାଜ୍ୟରେ ସଭ୍ୟ ସମାଜକୁ ବ୍ୟଥିତ କରୁଛି। ଏଭଳି ଘଟଣାଗୁଡିକୁ ତର୍ଜମା କଲେ ଜଣାଯାଉଛି ଓଡିଶାରେ ମହିଳାଙ୍କ ପ୍ରତି ହେଉଥିବା ଅବହେଳା ସାମାଜିକ ତଥା ଆର୍ଥିକ ଅସମାନତା, ଅସୁରକ୍ଷିତତା ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ବିଫଳତା ଓଡିଶାରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଣୁ ରାଜ୍ୟ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରାଜ୍ୟ ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନିର୍ଦ୍ଦେଶକ୍ରମେ ଓଡିଶାରେ ସାମ୍ପ୍ରତିକ ମାମଲାରେ ମହିଳାଙ୍କ ପ୍ରତି ହେଉଥିବା ଆକ୍ରମଣ, ଅତ୍ୟାଚାର, ବ୍ୟଭିଚାର, ଯେପରି ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ ଏବଂ ବିଭିନ୍ନ ପ୍ରକାର ହିଂସା ଆଜିର ମୋହନ ସରକାର ସମୟରେ ଏକ ନିରନ୍ତର ସମସ୍ୟାରେ ପରିଣତ ହୋଇଯାଇଛି। ଯାହା ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ବିଫଳତାକୁ ସୂଚାଉଛି, ବାଲେଶ୍ୱର, ପିପିଲିର ବଲଙ୍ଗା ଛାତ୍ରୀ ପୋଡ଼ି ଘଟଣା, ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଗୋପାଳପୁର ବେଳାଭୂମିରେ ପୁରୁଷ ବନ୍ଧୁ ସମ୍ମୁଖରେ ଝିଅକୁ ଗଣଦୁଷ୍କର୍ମ, ସଦ୍ୟ ଭୁବନେଶ୍ୱର ରାଜଧାନୀଠାରୁ ମାତ୍ର ପଚାଶ କିଲୋମିଟର ଦୂର ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ମନ୍ଦିର ନିକଟରେ ଝିଅ ସହିତ ଗଣଦୁଷ୍କର୍ମ, ଝାରସୁଗୁଡାରେ ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ, ମାଲକାନଗିରିରେ ଜଣେ ଆଦିବାସୀ ଝିଅ ହଷ୍ଟେଲରେ ଗର୍ଭବତୀ ହୋଇ ପ୍ରସବ କରିବା ଘଟଣା ସଭ୍ୟ ସମାଜରେ କଳଙ୍କ ଲଗେଇ ଦେଇଛି। କେନ୍ଦୁଝର ଜିଲ୍ଲାର ପଣ୍ଡାଗଡା ପୁଲିସ ସୀମା ଅନ୍ତର୍ଗତ ତେନ୍ତୁଳାପାଣି ଗ୍ରାମରେ ଜଣେ ସତର ବର୍ଷୀୟ ଆଦିବାସୀ ଝିଅକୁ ବହୁବ୍ୟକ୍ତିଙ୍କ ଯୌନ ନିର୍ଯାତନା ପରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଗତ ନଅ ମାସରେ ରାଜ୍ୟରୁ ୨୦ ହଜାରରୁ ଊର୍ଦ୍ଧ୍ୱ ମହିଳା ନିଖୋଜ ଅଛନ୍ତି, ଯାହା ମୁଖ୍ୟମନ୍ତ୍ରୀ ବିଧାନସଭା ମଧ୍ୟରେ ବିବୃତ୍ତି ରଖିଛନ୍ତି, ସବୁଠାରୁ ବଡ଼ ବିଡମ୍ବନା ଏହିକି ଯେ ଶାସକ ଦଳର ବିଧାୟକ ଗଣମାଧ୍ୟମରେ ମହିଳାଙ୍କ ପ୍ରତି ଆପତ୍ତିଜନକ ଟିପ୍ପଣୀ କରିଥିଲେ ସୁଦ୍ଧା ବିଜେପି ଦଳ କିମ୍ବା ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସରକାରଙ୍କର ମହିଳାଙ୍କ ପ୍ରତି ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି। ତେଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆବଶ୍ୟକୀୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ନେଇ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଂଯୋଜନାରେ ପୂର୍ବତନ କଟକ ମହାନଗର ମେୟର ଅନିତା ବେହେରା, ମିନାକ୍ଷୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ନାରୀନେତ୍ରୀ ପୂର୍ଣ୍ଣିମା ସିଂହ, ସ୍ମିତାରାଣୀ ସ୍ୱାଇଁ, ଦୀପାଳି ଭୂୟାଁ, ରଞ୍ଜିତା କାହାଳୀ, ସୌଭାଗିନୀ ଜେନା, କବିତା ଲେଙ୍କା, କର୍ପୋରେଟର ଏ. ଶ୍ରୀଦେବୀ, ପ୍ରଳୟା ବେଉରା, ଇତିଶ୍ରୀ ଦାସ, ଦୀପାଳି ସିଂହ, ପୁଷ୍ପିତା ମହାନ୍ତି, ବନଲତା ପ୍ରଧାନ, ନିରୁପମା ପାଢ଼ୀ, ପ୍ରିୟମ୍ବଦା ସ୍ୱାଇଁ, ପ୍ରିୟମ୍ବଦା ମହାନ୍ତି, ରିତା ସାହୁ, ଆରତୀ ସାହୁ, ଆକାଶୀ ସୁନିତା ଶେଖର, ତନ୍ମୟା ରାୟ, ସସ୍ମିତା ଖଣ୍ଡେଲୱାଲ, ଶର୍ମିଷ୍ଠା ନାଟିଆ, ପାରୁଲ ଜୈସୱାଲ, ଶର୍ମିଷ୍ଠା ଦଳାଇ, ରିଜ୍ୱାନା ବେଗମ, ସୁଷମା ସୁବୁଦ୍ଧି, ଅନୁପମା ବେହେରା, ଅଫସନା ବେଗମ, ଅନୁପ୍ରଭା ବିଶ୍ୱାଳ, ସଞ୍ଜିତା ମହାପାତ୍ର, ପଲ୍ଲୀ ବେହେରା, ନୟନା ବିଶ୍ୱାଳ, ଅନୁରାଧା ମିଶ୍ର, ଝିଲ୍ଲୀ ବିହାରୀ ପ୍ରମୁଖ ଏକ ଶୋଭାଯାତ୍ରାରେ ଶତାଧିକ ମହିଳା ବାହାରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ।

### କଟକରେ ଓପିଟିଏଲ୍ ଆରମ୍ଭ

## ପୁଲିସର ତାଗିଦ; ବନ୍ଦ ହେଲା ସାଉଣ୍ଡ

କଟକ,୧୭।୯ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ ଆରିଭା ସ୍ପୋର୍ଟର ମିଳିତ ଆନୁକୂଲ୍ୟରେ କଟକରେ ବୁଧବାରଠାରୁ ଓଡିଶା ପ୍ରୋ ଟି-୨୦ ଲିଗ ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମରେ କଟକ ପାନ୍ଥର୍ସ ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ଉଦଘାଟନୀ ମୁକାବିଲା ଖେଳାଯାଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନଙ୍କ ସମେତ ଅନେକ ଖ୍ୟାତନାମା ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ତେବେ ମ୍ୟାଚ ମଝିରେ ଏକ ଅପ୍ରତ୍ୟାଶିତ ଘଟଣା ଦେଖିବାକୁ ମିଳିଥିଲା। ବାରବାଟୀରେ ଫ୍ଲଡ ଲାଇଟରେ ଖେଳାଯାଉଥିବା ଏହି ମ୍ୟାଚର ସିଧା ପ୍ରସାରଣ ଷ୍ଟାର ସ୍ପୋର୍ଟସ ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମରେ କରାଯାଉଥିଲା କିନ୍ତୁ ରାତି ୧୦ଟା ବାଜିବା ମାତ୍ରେ ବାରବାଟୀରେ ସାଉଣ୍ଡ ବନ୍ଦ କରିବାକୁ ପୁଲିସ ତାଗିଦ କରିଥିଲା। ଓସିଏ କର୍ତ୍ତୃପକ୍ଷ ବାଧ୍ୟ ହୋଇ ଖେଳ ମଝିରେ ସାଉଣ୍ଡ ବକ୍ସକୁ ବନ୍ଦ କରି ଦେଇଥିଲେ।

## ଚାରା ରୋପଣ କାର୍ଯ୍ୟକ୍ରମ



କଟକ,୧୭।୯ (ସମିସ): କେନ୍ଦ୍ରାଞ୍ଚଳ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଶାଖା କଟକରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ରାଞ୍ଚଳ ଯୁଗ୍ମ ନିର୍ଦ୍ଦେଶକ (ପରିସଂଖ୍ୟାନ) ସରୋଜ କୁମାର ସେଠୀ, ଉପନିର୍ଦ୍ଦେଶକ ଡିପିଏମୟୁ ବିଶ୍ୱରଞ୍ଜନ ଦାଶ, ସହକାରୀ ନିର୍ଦ୍ଦେଶିକା ପରିସଂଖ୍ୟାନ ଅନୁସୟା ଦାଶ, ସହକାରୀ ନିର୍ଦ୍ଦେଶକ (ଯୋଜନା) ରାମଚନ୍ଦ୍ର ମଲ୍ଲିକ, ସହକାରୀ ନିର୍ଦ୍ଦେଶିକା କେନ୍ଦ୍ରାଞ୍ଚଳ ପରିସଂଖ୍ୟାନ ଗୀତା ରାୟ, ଉପବିଭାଗ ଅଧିକାରୀ ଡିପିଏମୟୁ ମୀରାଲିନା ମହାନ୍ତି, କେନ୍ଦ୍ରାଞ୍ଚଳ ଉପବିଭାଗ ଅଧିକାରୀ ଭାଗବତ ଲେଙ୍କାଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଚାରାରୋପଣ କରିଥିଲେ।

## ଆର୍ଥିକ ବର୍ଷରେ ୬୮.୨୧ କୋଟିର ରାଜସ୍ୱ ଆଦାୟ

କଟକ,୧୭।୯ (ସମିସ): କଟକ ଜିଲ୍ଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ଅଗଷ୍ଟ ମାସ ଶେଷ ସୁଦ୍ଧା ୬୮ କୋଟି ୨୧ ଲକ୍ଷ ୯୪ ହଜାର ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି। ମୁଖ୍ୟତଃ ଜମି କିଣାବିକାର ଷ୍ଟାମ୍ପ ଡିୟୁଟି ଓ ପଞ୍ଜିକରଣ ବାବଦରେ ଏହି ପରିମାଣର ରାଜସ୍ୱ ଆଦାୟ ହୋଇପାରିଛି। ସରକାରଙ୍କ ଲକ୍ଷ୍ୟ ଧାର୍ଯ୍ୟ ଅନୁଯାୟୀ ୫ ମାସରେ ଆଦାୟ ପରିମାଣ ୧୪୧ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ରାଜ୍ୟ ସରକାର ଏହି ଜିଲ୍ଲାରେ ଥିବା ୧୪ଟି ତହସିଲ ଅନ୍ତର୍ଗତ ୧୧ଟି ସବରେଜିଷ୍ଟରଙ୍କ କାର୍ଯ୍ୟାଳୟରୁ ବର୍ଷ ଶେଷ ସୁଦ୍ଧା ୧୩୦ କୋଟି ୫୨ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରିବା ପାଇଁ ଲକ୍ଷ୍ୟ ସ୍ଥିର କରିଥିବାବେଳେ ବର୍ଷ ଶେଷ ସୁଦ୍ଧା ଆଦାୟ ପରିମାଣ ଶତ ପ୍ରତିଶତକୁ ଛୁଇଁ ପାରିବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି।

## ଟେଟ୍ରାହେଡ୍ରନ୍ ପକ୍ଷରୁ ମା' ପାଇଁ ଗଛଟିଏ





କଟକ,୧୭।୯ (ସମିସ): ଟାଙ୍ଗୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ପକ୍ଷରୁ ବୁଧବାର "ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟେଟ୍ରାହେଡ୍ରନ ଉଚ୍ଚ ମାଧ୍ୟମିକ ଓ ଟେଟ୍ରାହେଡ୍ରନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଟେଟ୍ରା ଗ୍ରୁପ୍ ଅଧ୍ୟକ୍ଷ ତ୍ରିଦେବ ବେହେରା, ଶିକ୍ଷାବିତ୍ ତାପସ କୁମାର ମଲ୍ଲିକ ଓ ସାମାଜିକ କର୍ମୀ ଅମୂଲ୍ୟ କୁମାର ବେଉରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଟାଙ୍ଗୀ-ଭଟିମୁଣ୍ଡା ରାସ୍ତାର ଉଭୟ ପାଶ୍ୱର୍ରେ ଚାରାରୋପଣ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦଘାଟନ କରିଥିବାବେଳେ ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ଝିଅର ଜନ୍ମଦିନ ମଧ୍ୟ ଆଜି ଥିବାରୁ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ କୃତଜ୍ଞତା ଜ୍ଞାପନ କରିଥିଲେ। ଟେଟ୍ରାହେଡ୍ରନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଶୁଭ୍ରକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଶତାଧିକ ଛାତ୍ରଛାତ୍ରୀ ଚାରାରୋପଣ ସହ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

## ଷ୍ଟୁଆର୍ଟ କଲେଜରେ ଇଣ୍ଡକ୍ସନ କମ୍ ଓରିଏଣ୍ଟେସନ୍ ପ୍ରଶିକ୍ଷଣ

କଟକ,୧୭।୯ (ସମିସ): ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ଇଣ୍ଡକସନ କମ ଓରିଏଣ୍ଟେସନ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ଦୀପା ନାଗଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣରେ ମୁଖ୍ୟବକ୍ତା ଭାବେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼.ଅବନୀ କୁମାର ସାହୁ ଯୋଗ ଦେଇଥିଲେ। ଯୁବରେଡ୍ କ୍ରସ୍ ଜିଲ୍ଲା ସଂଯୋଜକ





ଅକ୍ଷୟ ମହାନ୍ତି ମୁଖ୍ୟଅତିଥି ତଥା ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସର କାଉନସିଲର ତଥା କନଭେନର ସେକ୍ରେଟାରୀ ଡ଼. ସସ୍ମିତା ପଟ୍ଟନାୟକ ଓ ଷ୍ଟୁଆର୍ଟ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାଉନସିଲର ଡ଼.ସ୍ମିତା ମହାନ୍ତି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଭାଗ୍ୟଶ୍ରୀ ପ୍ରିୟଦର୍ଶିନୀ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ସ୍ୱେଚ୍ଛାସେବୀ ଦେବୀଦତ୍ତ ଜେନା, ଶୁଭଶ୍ରୀ ଦେବଜାନୀ, ପ୍ରତୀକ୍ଷା ପଣ୍ଡା, ଦୁର୍ଗାପ୍ରସାଦ ନାୟକ, ଶୁଭମ ନାୟକ, ଅଦିତି, ଶୁଭସ୍ମିତା, ଓମ୍, ଶକ୍ତି ପ୍ରମୁଖ ସହଯୋଗ କରିଥିଲେ। ରଞ୍ଜିତ ରାଉତଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଶାଳୀକୁ ଅସଦାଚରଣ; ଭିଣୋଇ ଗିରଫ

କଟକ,୧୭।୯ (ସମିସ): ରାକ୍ଷୀ ବାନ୍ଧିବାକୁ ଆସିଥିବା ଶାଳୀକୁ ଭିଣୋଇ ଅସଦାଚରଣ କରିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଘଟଣାରେ ବାଦାମବାଡି ଥାନା ପୁଲିସ ଅଭିଯୁକ୍ତ ଭିଣୋଇ ଚଗଲା ରାଉତ(୪୨)ଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁସାରେ, ଶଙ୍କରପୁର ପରିଡା ସାହିର ଚଗଲା ରାଉତ ବ୍ୟବସାୟ କରନ୍ତି। ମଧୁପାଟଣା ଥାନା ଅଞ୍ଚଳରେ ତାଙ୍କର ଶଶୁର ଘର। ଗତ ରାକ୍ଷୀ ପୂର୍ଣ୍ଣିମାରେ ତାଙ୍କର କଲେଜରେ ପଢୁଥିବା ଶାଳୀ ରାକ୍ଷୀ ବାନ୍ଧିବାକୁ ଭିଣୋଇ ଚଗଲାଙ୍କ ଘରକୁ ଆସିଥିଲେ। ଏହି ସମୟରେ ଘରେ ଏକୁଟିଆ ଥିବା ଚଗଲା ତାଙ୍କୁ ଅସଦାଚରଣ କରିଥିଲେ। ଏହାକୁ ନେଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଘଟଣା ସଂକ୍ରାନ୍ତରେ ପୀଡିତା ବାଦାମବାଡି ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରିଥିଲା।



ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ...

# ଶାଢ଼ି ବିଛାଇ ମାନସିକ ରଖାଯାଏ

କଟକ,୧୭।୯ (ସମିସ):

କଟକର ପ୍ରଥମ ତଥା ସର୍ବପୁରାତନ ପୂଜା ମଣ୍ଡପ ରହିଛି ବିନୋଦ ବିହାରୀ-ବାଲୁବଜାରରେ। କୁହାଯାଏ, ୧୫୦୯ ମସିହାରୁ ଏଠାରେ ପୂଜାର୍ଚ୍ଚନା କରାଯାଇ ଆସୁଛି। ବିନୋଦ ବିହାରୀ-ବାଲୁବଜାର ପୂଜା କମିଟିର ଦୁର୍ଗାଙ୍କୁ ବଡ଼ ଭଉଣୀ ଆଖ୍ୟା ଦିଆଯାଇଛି। କିମ୍ବଦନ୍ତୀ ଅନୁସାରେ, ନଦୀୟା ନବଦୀପରୁ ପୁରୀ ଯିବା ବାଟରେ ମହାପ୍ରଭୁ ଶ୍ରୀଚୈତନ୍ୟ ମହାନଦୀର ଗଡଗଡିଆ ଘାଟରେ ଓହ୍ଲାଇଥିଲେ। ତତ୍କାଳୀନ ରାଜା ପ୍ରତାପରୁଦ୍ର ଦେବ ସ୍ୱାଗତ କରିବା ସହ ରାଜବାଟିକାକୁ ଶ୍ରୀଚୈତନ୍ୟଙ୍କୁ ନିମନ୍ତ୍ରଣ କରିଥିଲେ। ଶ୍ରୀଚୈତନ୍ୟ ବିନୋଦବିହାରୀ ମନ୍ଦିରରେ ଅବସ୍ଥାନ କରିବାକୁ ଚାହିଁଥିଲେ। ରହଣି ସମୟରେ ଶରତକାଳୀନ ଦୁର୍ଗା ପୂଜା ପଡିବାରୁ ଶ୍ରୀଚୈତନ୍ୟ ନିଜ ହାତରେ ମା'ଙ୍କ ମୂର୍ତ୍ତି ଗଢି ଦୁର୍ଗା ପୂଜା ଆରମ୍ଭ କରିଥିଲେ। ପୂଜା ମଣ୍ଡପରେ ମା'ଙ୍କ ବଙ୍ଗୀୟ ପରମ୍ପରାରେ ପୂଜାର୍ଚ୍ଚନା କରାଯାଏ। ୧୦ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତିକୁ ବାନାର୍ଜୀ ପରିବାରର ପୂଜକ ନିର୍ମାଣ କରିବାରେ ଲାଗିଛନ୍ତି। ୨୦୦୨ ମସିହାରେ ୩ କ୍ୱିଣ୍ଟାଲ ୨୦ କେଜି ଓଜନର ଚାନ୍ଦିର ମେଢ଼ କରାଯାଇଥିଲା। ୧.୬ କୁଇଣ୍ଟାଲ ଓଜନର ଚାନ୍ଦିର ମା' ଦୁର୍ଗା ଓ ପାଶ୍ୱର୍ ଦେବାଦେବୀଙ୍କ ଅଳଙ୍କାର କରାଯାଇଛି।

ଚଳିତ ବର୍ଷ ଚାନ୍ଦିର ମରାମତି କାମ କରାଯାଇଛି। ନବମୀରେ ୧ କ୍ୱିଣ୍ଟାଲ ଲଡୁ ଭୋଗ ଲାଗି କରାଯାଇ ବଣ୍ଟନ କରାଯିବ। ଦଶମୀରେ ଘଟ ବିସର୍ଜନ କରାଯିବ ଏବଂ ମା'ଙ୍କ ନିକଟରେ ସିନ୍ଦୂର ଖେଳି ମହିଳାମାନେ ମା'ଙ୍କୁ ବିଦାୟ ଦେବେ। ଏଠାରେ ମା'ଙ୍କ ବିସର୍ଜନ ଯାତ୍ରାରେ ଶାଢ଼ୀ ବିଛାଇ ମାନସିକ କରିବା ସ୍ୱତନ୍ତ୍ରତା ରହିଛି। ଏକାଦଶୀ ଦିନ ମା'ଙ୍କ ମେଲାଣି ସମୟରେ ଅଞ୍ଚଳବାସୀ ରାସ୍ତାରେ ଶାଢ଼ି ବିଛାଇ ମାନସିକ କରିଥାନ୍ତି; ଯଦ୍ୱାରା ମାନସିକ ପୂରଣ ହେଉଥିବା ନେଇ ବିଶ୍ୱାସ ରହି ଆସିଛି।



ବିନୋଦ ବିହାରୀ-ବାଲୁବଜାର ପୂଜା କମିଟି

### ମା'ଙ୍କ ପାଖେ ମହାଆଳତି



ମହାପ୍ରଭୁ ଶ୍ରୀଚୈତନ୍ୟଙ୍କ ଦ୍ୱାରା ଏଠାରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ଏଣୁ ଏଠାକାର ପୂଜା ସ୍ୱତନ୍ତ୍ର। ଭସାଣିରେ ପୂଜା ମଣ୍ଡପ ଦେଇ ଅତିକ୍ରମ କରୁଥିବା ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ମହାଆଳତି କରାଯାଇ ମା'ଙ୍କୁ ବିଦାୟ ଦିଆଯିବ।

- ପୃଥ୍ୱୀରାଜ ସାହୁ, ସଭାପତି

### ଶାନ୍ତିଶୃଙ୍ଖଳା ବଜାୟ ରଖାଯିବ



ବଡ଼ ଭଉଣୀ ମାନ୍ୟତା ଥିବାରୁ ଭସାଣୀ ଯାତ୍ରା ଶେଷରେ କରାଯାଏ। ଭସାଣିରେ ପ୍ରଶାସନର ନିୟମକୁ ପାଳନ କରାଯିବ। ଶାନ୍ତିଶୃଙ୍ଖଳା ବଜାୟ ରଖିବା କମିଟିର ଗୁରୁଦାୟିତ୍ୱ। ପାରମ୍ପରିକ ବାଦ୍ୟକୁ ବିଶେଷ ଗୁରୁତ୍ୱ ଦିଆଯିବ।

- ଈଶ୍ୱରଚନ୍ଦ୍ର ବେହେରା, ସମ୍ପାଦକ

# ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ଟିମ୍

- ନକଲି ପ୍ରମାଣପତ୍ର ଅଭିଯୋଗର ଖୋଳତାଡ
- ଅସତ ଉପାୟରେ ଚାକିରି କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଛାନିଆଁ



ବଲାଙ୍ଗିର,୧୭ ।୯ (ସମିସ): ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ପଶିଛି। ନକଲି ପ୍ରମାଣପତ୍ର ମାମଲାରେ ଛାନଭିନ କରିବା ପାଇଁ କ୍ରାଇମବ୍ରାଞ୍ଚର ଏକ ଟିମ୍ ବଲାଙ୍ଗିରରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚ ଅଧିକାରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟର କର୍ମଚାରୀଙ୍କୁ କିଛି ନିର୍ଦ୍ଦିଷ୍ଟ ହାଇସ୍କୁଲ ଶିକ୍ଷକଙ୍କ ପ୍ରମାଣ ପତ୍ର ବିଷୟରେ ପଚରାଉଚୁରା କରିଛନ୍ତି।

ରାଜ୍ୟ ତଥା ବଲାଙ୍ଗିର ଜିଲ୍ଲାରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ନକଲି ପ୍ରମାଣପତ୍ର ଦେଇ ଚାକିରି କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ପର୍ଯ୍ୟାୟ କ୍ରମେ ପ୍ରମାଣପତ୍ର ଯାଞ୍ଚ କରିବା ପରେ ନକଲି ପ୍ରମାଣପତ୍ରଧାରୀଙ୍କ ବିରୋଧରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଛି। କିଛି ଗିରଫ ହୋଇଥିବା ବେଳେ ଆଉ କିଛି ବହିଷ୍କୃତ ମଧ୍ୟ ହୋଇଛନ୍ତି। ତଥାପି ଏବେ ବି ଜିଲ୍ଲା ଶିକ୍ଷା ବିଭାଗ ଅଧୀନରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି; ଯେଉଁମାନଙ୍କ ଶିକ୍ଷାଗତ ପ୍ରମାଣ ପତ୍ର ନକଲି କିମ୍ବା ଅବୈଧ ଥିବା ଅଭିଯୋଗ ହୋଇଛି। ତେବେ ବୁଧବାର ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ବଲାଙ୍ଗିର ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। କାର୍ଯ୍ୟାଳୟର କିଛି କର୍ମଚାରୀ ଓ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜଣେ ଶିକ୍ଷକଙ୍କ ନକଲି ପ୍ରମାଣପତ୍ର ଲିଙ୍କରେ ଖୋଳତାଡ କରିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ଆସିଥିଲା। ତାଙ୍କ ହାତରେ ସେହିଭଳି କିଛି ସ୍ପଷ୍ଟ ସୁରାକ ମିଳି ନ ଥିବା ଜଣାପଡିଛି। ତେବେ କ୍ରାଇମବ୍ରାଞ୍ଚ ଟିମର ଖୋଳତାଡ ପରେ ଏବେ ଜିଲ୍ଲାରେ ଚାକିରି କରୁଥିବା ନକଲି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଛନକା ପଶିଛି।

# ସାମାଜିକ ଗଣମାଧ୍ୟମରେ ଚାକିରି ଠକେଇ ଷଡଯନ୍ତ୍ର

ବଲାଙ୍ଗିର,୧୭ ।୯ (ସମିସ)

ବଲାଙ୍ଗିର ଜିଲ୍ଲାରେ ଚାକିରି ନାମରେ ଖୋଲାଖୋଲି ଠକେଇ ଚାଲିଛି। କେବଳ ସରକାରୀ ଚାକିରି ନାମ ନୁହଁ; ଜିଲ୍ଲା ପ୍ରଶାସନର ନାମ ନେଇ ଓଡିଶା ସରକାରଙ୍କ ଲୋଗୋ ବ୍ୟବହାର କରି ଏହି ଠକେଇ ଚାଲିଥିବା ଅଭିଯୋଗ ହୋଇଛି। ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଏକାଧିକ ପଦବୀରେ ଚାକିରି କରିବା ପାଇଁ ଆଶାର୍ଥୀଙ୍କୁ ଯୋଗାଯୋଗ କରିବା ପାଇଁ ଏକ ବିଜ୍ଞାପନ ସାମାଜିକ ଗଣମାଧ୍ୟମରେ ବୁଲୁଥିବା ଦେଖିବାକୁ ମିଳିଛି। ଗତ କିଛି ମାସ ହେଲା ଶହ ଶହ ବିଜ୍ଞାପନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଜିଲ୍ଲା ପ୍ରଶାସନର ନାମ ଓ ଓଡିଶା ସରକାରଙ୍କ ଲୋଗୋକୁ ଭରସା କରି ଅନେକ ବେକାର ଯୁବକ ଯୁବତୀ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରି ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି। ତେବେ ପ୍ରଶାସନକୁ ଅସ୍ତ୍ର କରି ଚାଲିଥିବା ଏହି ଠକେଇ ପ୍ରତି କିନ୍ତୁ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱ ନାହିଁ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଡାକ୍ତରଖାନାରେ ଚାକିରି ନାମରେ ଠକେଇ ଚାଲିଛି। ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଖାଲିପଡିଥିବା ସିକ୍ୟୁରିଟି ଗାର୍ଡ, ସିକ୍ୟୁରିଟି ସୁପରଭାଇଜର, ଆଟେଣ୍ଡାଣ୍ଟ, ସ୍ୱିପର ଆଦି ବିଭିନ୍ନ ପଦବୀ ଲାଗି ଏହି ବିଜ୍ଞାପନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ଏହି ବିଜ୍ଞାପନରେ ସ୍କିଲ ଇନ ଓଡିଶା ଓ ଏନଏଚଏମର ସରକାରୀ ଲୋଗୋ ବ୍ୟବହାର କରାଯାଇଛି। ଏହା ସହିତ ଓଡିଶା ଶାସନ ଲୋଗୋ ଓ ଜିଲ୍ଲା ପ୍ରଶାସନର ନାମକୁ ମଧ୍ୟ ବ୍ୟବହାର କରାଯାଇଛି। ବିଜ୍ଞାପନ ଅନୁସାରେ ଟିଟଲାଗଡ, ତୁଷରା, ଦେଓଗାଁ, ତୁରେକେଲା, ପାଟଣାଗଡ, ଆଗଲପୁର, କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡ, ଲୋଇସିଂହାରେ ଥିବା ପିଏଚସି, ସିଏଚସି ଓ ଡିଏଚଏଚରେ ଖାଲିଥିବା ପଦବୀ ପୂରଣ କରାଯିବ ବୋଲି ଦର୍ଶାଯାଇଛି। ସେହିପରି ୨୨୮ଟି ସିକ୍ୟୁରିଟି ଗାର୍ଡ, ୪୮ଟି ସିକ୍ୟୁରିଟି ସୁପରଭାଇଜର, ୧୧୬ଟି ୱାଚମ୍ୟାନ, ୨୬ଟି ୱାଚମ୍ୟାନ ସୁପରଭାଇଜର, ୧୨ଟି ବେବି କେୟାର, ୬୬ଟି ଆଟେଣ୍ଡାଣ୍ଟ ପଦବୀ ଖାଲିଥିବା




ଏହି ବିଜ୍ଞାପନ ଦର୍ଶାଯାଇଛି। ଏଥିପାଇଁ ପଦବୀ ଅନୁସାରେ ଦରମା ସହ ଇପିଏଫ, ଇଏସଆଇ, ବୋନସ ଓ ପେନସନ ସୁବିଧା ମଧ୍ୟ ରହିଥିବା କୁହାଯାଉଛି। ଆବେଦନ କରିବା ପାଇଁ ଏକ ମୋବାଇଲ ନମ୍ବର ମଧ୍ୟ ଦିଆଯାଇଛି। ଯାହାକୁ ବ୍ୟବହାର କରି ଅନେକ ବୋକର ଯୁବକ ଯୁବତୀ ଠକେଇର ଶିକାର ହୋଇସାରିଥିବା ଅଭିଯୋଗ

## ଘୂରି ବୁଲୁଛି ନକଲି ଡାକ୍ତରଖାନା ଚାକିରି ବିଜ୍ଞାପନ
## ପ୍ରଶାସନ ଓ ସରକାରୀ ଲୋଗୋର ଅପବ୍ୟବହାର
## କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସ୍ୱାସ୍ଥ୍ୟ ବିଭାଗ ଚୁପ୍
## ବିଜ୍ଞାପନର ସତ୍ୟତା ନେଇ ଲୋକଙ୍କ ଭିତରେ ପ୍ରଶ୍ନ
## ଚାକିରି ପାଇଁ ଟଙ୍କା ଗଣି ଠକେଇର ଶିକାର ହେଉଛନ୍ତି ବେକାର

ହୋଇଛି। କିନ୍ତୁ ଲୋକଲଜ୍ଜା ଓ ଟଙ୍କା ଫେରସ୍ତ ପାଇବା ଆଶାରେ ଥାନାକୁ ଯାଇ ଅଭିଯୋଗ କରୁ ନ ଥିବା ଜଣାପଡିଛି। ତେବେ ଏଠି ପ୍ରଶ୍ନ ଏହି ବିଜ୍ଞାପନର ସତ୍ୟତା କେତେ। ସତରେ ଡାକ୍ତରଖାନାରେ ଏହି ସବୁ ଖାଲିପଡିଛି ନା ଆଉଟସୋର୍ସିଂ ଏଜେନ୍ସି ଦ୍ୱାରା ଏହି ନିଯୁକ୍ତି ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଯଦି କୌଣସି ସୂଚନା ସତ୍ୟ ନୁହଁ ତେବେ ଜିଲ୍ଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ କାହିଁକି କୌଣସି ପଦକ୍ଷେପ ନେଇନାହିଁ। ସରକାରୀ ଲୋଗୋ ଓ ନାମ ନକଲ କରି ଏହିଭଳି ଠକେଇ କରିବା ସଂପୂର୍ଣ୍ଣ ଭାବେ ବେଆଇନ; କିନ୍ତୁ କେମିତି ଏକାଧିକ ବ୍ୟକ୍ତି ଏହିଭଳି ବିଜ୍ଞାପନ ଦେଇ ମାସ ମାସ ହେଲା ବେକାର ଯୁବକ ଯୁବତୀଙ୍କୁ ଠକେଇ କରିବାକୁ ଷଡଯନ୍ତ୍ର ଚଳାଇଛନ୍ତି ତାହା ସବୁଠାରୁ ବଡ ପ୍ରଶ୍ନ ହୋଇ ରହିଛି। ବିଶେଷ କରି ସ୍ୱାସ୍ଥ୍ୟ ବିଭାଗ ନାମରେ ଏହିଭଳି ଠକେଇ ଅଧିକ ଚାଲିଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ବଲାଙ୍ଗିର ଜିଲ୍ଲାରେ ଚାକିରି ନାମରେ ଠକେଇ ଅଭିଯୋଗର ଲମ୍ବା ତାଲିକା ରହିଛି।

ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଉନି। ଏହିଭଳି ନକଲି ବିଜ୍ଞାପନ, ଚାକିରି ବିଜ୍ଞାପନରେ ସରକାରୀ ଲୋଗୋ ନକଲ କରିବା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ପୁଲିସ କ'ଣ ପାଇଁ ଚୁପ୍ ତାହା ଲୋକଙ୍କ ଭିତରେ ପ୍ରଶ୍ନ ସୃଷ୍ଟି କରିଛି।

# କୁନି ଝିଅର କମାଲ: ଫେସନ ଶୋ'ରେ ଚକମିଲେ ଚର୍ଚ୍ଚିକା

ସଇଁତଲା,୧୭ ।୯ (ସମିସ): ଇଚ୍ଛା ଥିଲେ ଦୁନିଆଁରେ ସବୁ ସମ୍ଭବ। କଠିନ ପରିଶ୍ରମ ଓ ପରିବାର ଲୋକଙ୍କ ସହଯୋଗ ରହିଲେ ଦୁନିଆଁରେ କୌଣସି ଶକ୍ତି ନାହିଁ ପଛରେ ପକାଇ ପାରିବ। ଏଭଳି ଏକ ୬ ବର୍ଷର କୁନି ଝିଅକୁ ନେଇ ଏବେ ଗାଁ ଠୁଁ ସହର ବେଶ୍ ଚର୍ଚ୍ଚା। ଜୁନିୟର (କିଡ୍ସ )ବ୍ୟୁଟି ଆଇକନ ଇଣ୍ଡିଆ ଫେସନ ଶୋ'ରେ ଏହି କୁନି ଝିଅଟି କମାଲ କରିଛି। ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଘୁନସର ଗାଁର ଅବସରପ୍ରାପ୍ତ ଯବାନ ତେଜରାଜ ବେହେରା ଓ କୁନି ବେହେରାଙ୍କ ନାତୁଣୀ ତଥା ସଂଜୀବ ବେହେରା ଓ ରୁକ୍ମିଣୀ ବେହେରାଙ୍କ ଏକମାତ୍ର ଝିଅ ଚର୍ଚ୍ଚିକା ରାଣୀ



ପିନ୍ଧିଲେ ବିଜୟର ମୁକୁଟ

ବେହେରା (୬)। ସାରା ଭାରତର ବିଭିନ୍ନ ରାଜ୍ୟରୁ ଅନେକ ବ୍ୟୁଟିମାନଙ୍କୁ ନେଇ ଏହି ଫେସନ ଶୋ' ଆୟୋଜିତ ହୋଇଥିଲା। ରାୟପୁର ଆର୍ନା ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବ୍ୟୁଟି ଆଇକନ ଇଣ୍ଡିଆ ସିଜନ -୬ରେ ଚର୍ଚ୍ଚିକା ଟପ୍ପର ହୋଇଛନ୍ତି। କାର୍ଯ୍ୟକ୍ରମରେ ୩ଟି ରାଉଣ୍ଡ ହୋଇଥିଲା। ତିନିଟିଯାକ ରାଉଣ୍ଡରେ ଚର୍ଚ୍ଚିକା ବିଜୟ ହୋଇ ସ୍ୱର୍ଣ୍ଣ ମୁକୁଟ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ହୀରାକୁଦ ସେଣ୍ଟ ଜାଭିୟର ସ୍କୁଲରେ ୟୁକେଜିରେ ପାଠ ପଢ଼ନ୍ତି ଚର୍ଚ୍ଚିକା। ମଡେଲିଂରେ ଚର୍ଚ୍ଚିକାଙ୍କୁ ସଙ୍ଗମ ପାତ୍ର ଟ୍ରେନିଂ ଦିଅନ୍ତି।

# 'କଣ୍ଟାବାଞ୍ଜି ଜିଲ୍ଲା ଆମର ଦାବି'

କଣ୍ଟାବାଞ୍ଜି,୧୭ ।୯ (ସମିସ): କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ରାଜସ୍ୱ ଜିଲ୍ଲା ଘୋଷଣା ଦାବି ନେଇ ପୁଣି ଗୋଡ଼ ଟେକିଛି କଣ୍ଟାବାଞ୍ଜି ଜିଲ୍ଲା ସଂଘର୍ଷ ସମିତି। ଏହାକୁ ନେଇ ସ୍ଥାନୀୟ ଅଗ୍ରସେନ ଭବନଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର୍ଷ ସମିତିର ସଭାପତି ଶେଷଦେବ ପୁଟେଲଙ୍କ ଆବହକତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କଣ୍ଟାବାଞ୍ଜିକୁ ବିଜେପି ସରକାର ଅଣଦେଖା କରିଛି। ଜିଲ୍ଲା ଦାବିକୁ ଆହୁରି ତୀବ୍ର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ପ୍ରଥମେ ସମସ୍ତ ସଦସ୍ୟ 'କଣ୍ଟାବାଞ୍ଜି ଜିଲ୍ଲା ଆମର ଦାବି' ନାରା ଦେଇଥିଲେ। ସ୍ୱତନ୍ତ୍ର ଜିଲ୍ଲା ଘୋଷଣା ନ ହେବା ଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ସମସ୍ତ ସଦସ୍ୟ ଅଟଳ ଅଛନ୍ତି। ବୈଠକରେ ବରିଷ୍ଠ ସଦସ୍ୟ ବ୍ରଜଶ୍ୟାମ ଗୁରୁ, କୈଳାସ ଦୀପ, ଅଜୟ ଅଗ୍ରୱାଲ, ଧିରାଜ ଅଗ୍ରୱାଲ, ନରେନ୍ଦ୍ର ସୁନା, ରାମଚନ୍ଦ୍ର ସାହୁ, ଏନଏସି ଅଧ୍ୟକ୍ଷ ବରିୟାମ ସିଂ ସାଲୁଜା, ଦାମୋଦର ସାହୁ, ହରିହର ବାଗ, ଆଶିଷ ଖାଇତାନ, ରାଜୁ ବାରିକ, ବେଦବ୍ୟାସ ନାଗ, ରାଜେନ୍ଦ୍ର ବେହେରା, ପ୍ରେମ ବାଗ, ଦେବରାଜ ଯାଦବ, ଦେବାର ବାରିକ, କୁଞ୍ଜ ବିହାରୀ ବେହେରା, ସୋମନାଥ ସାହୁ, ରାଜୁ ବାରିକ, ଦୁଃଖିଶ୍ୟାମ ରାଏ, ଚିନ୍ମୟ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।



# ମାଣିକ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି

ବଲାଙ୍ଗିର,୧୭ ।୯ (ସମିସ): ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ରର ୪୦ ବର୍ଷ ପୂରଣ ଅବସରରେ ମାଣିକ୍ୟ ଜୟନ୍ତୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ କପିଳ ପତି ଅଧ୍ୟକ୍ଷତା କରିଥିଲେ। ସଭାରେ ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, ଚୁଡେନ୍ଦ୍ର ବେହେରା, ଭୀମସେନ ସାହୁ, ପ୍ରଦୀପ ପଶାୟତ, ହୃଷିକେଶ ପୁରୋହିତ, ଧର୍ମବ୍ରତ ରଥ, ଡ. ପ୍ରେମ.ନ୍ଦ ମହାନ୍ତି, ରତ୍ନମୟ ତ୍ରିପାଠି, ମଧୁ ସାହୁ, ତରୁଣ ପରିଚ୍ଛା ଓ ମଦନ ମୋହନ ରଥ ଉପସ୍ଥିତ ଥିଲେ। ଶେଷରେ ଉପ-ସଭାପତି ସୁନାଧର ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରକ୍ ମାଲିକ ସଂଘ ବିଶ୍ୱକର୍ମା ପୂଜା



ବଲାଙ୍ଗିର,୧୭ ।୯ (ସମିସ) : ବଲାଙ୍ଗିର ଜିଲ୍ଲା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ସଭାପତି ବିରେନ୍ଦ୍ର ମିଶ୍ର, ସମ୍ପାଦକ ଅଶ୍ୱିନୀ ପଟ୍ଟନାୟକ, ଅନୀଲ ମହାନ୍ତି, ତ୍ରିନାଥ ପାତ୍ର, ସନ୍ତୋଷ ସାହୁ, ଦିଲ୍ଲୀପ ପୃଷେଠ, ସନତ ପୁରୋହିତ, ପାଖର ସିଂ, ବଲବୀର ସିଂ, ଆର୍ତ୍ତ ଯୋଷୀ , ନରୋତ୍ତମ ଡ଼ାଙ୍ଗ, ରବି ତ୍ରିପାଠୀଙ୍କ ସହ ସଂଘ ସଦସ୍ୟ ଉପସ୍ଥିତ ଥିଲେ। ଅଭିଷେକ ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶଙ୍କର୍ଷଣ ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିଲେ। ରୁଦ୍ରନାରାୟଣ ମିଶ୍ର ଓ ସୁବାଷ ଥାଟି ପୂଜା ପରିଚାଳନାରେ ସହଯୋଗ କରିଥିଲେ।

# ତରଭାରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା

ତରଭା,୧୭ ।୯ (ସମିସ): ତରଭା ଅଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଆନନ୍ଦ ଉତ୍ସାହର ସହ ପାଳିତ ହୋଇଛି। ତରଭା ବିଦ୍ୟୁତ କାର୍ଯ୍ୟାଳୟ, ୟୁନିଭରସାଲ ଡ୍ରାଇଭର ସଂଘ କାର୍ଯ୍ୟାଳୟ, ଶ୍ରୀ ରାମଚଣ୍ଡୀ କ୍ରସର, ମା' ମେଟାକାନି କ୍ରସର, ବୈରାସର ଅଟୋ ଚାଳକ ସଂଘ ସହ ବିଭିନ୍ନ କଳ କାରଖାନାରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଇଥିଲା। ତରଭା ବିଦ୍ୟୁତ କାର୍ଯ୍ୟାଳୟରେ ସେକ୍ସନ ଅଧିକାରୀ ସୁନୀଲ ରାଉଳଙ୍କ ତତ୍ତ୍ୱାବଧାନରେ ସର୍ଜନ ବାରିକ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ସନ୍ତୋଷ ହୋତା ପୂଜାର୍ଚ୍ଚନା କରିଥିଲେ। ରାମ ନାଏକ, ପରେଶ ପାକଳ, ଅନନ୍ତ ନାଏକ, ଶମ୍ଭୁ ମିଶ୍ର, ପବିତ୍ର ସାହୁ, ସରୋଜ ମହଲା, ଦିଲୀପ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ତୁମ୍ବେଇବାହଲ ଗ୍ରୀଡରେ ପୂଜକ ଭାବେ ହୃଷିକେଶ ଶତପଥୀ ଓ କର୍ତ୍ତା ଭାବେ ଭରତ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ବଘିଆ ଗ୍ରୀଡରେ ପୂଜକ ରାଜୁ ମହାପାତ୍ର ଓ କର୍ତ୍ତା ଭାବେ ସନ୍ତୋଷ ସେଠୀ ଏବଂ ଚାରାଭଟା ଗ୍ରୀଡରେ ପୂଜକ ମୀନକେତନ ଷଡଙ୍ଗୀ ଓ କର୍ତ୍ତା ଭାବେ ବୀରକିଶୋର ରଣା ଦାୟିତ୍ୱ ତୁଲାଇ ଥିଲେ। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସହିତ ଗ୍ୟାରେଜ ଓ ଫେବ୍ରିକେଶନ ଆଦି ସ୍ଥାନରେ ଦେବଶିଳ୍ପୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ପୂଜା ମଣ୍ଡପରେ ନିଜ ନିଜ ଯାନବାହନ ପୂଜା କରାଇବା ପାଇଁ ପୂଜା ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



# ଏସ୍‌ପି ଅଫିସ୍ ଘେରିଲା ମହିଳା ବିଜେଡି




ବଲାଙ୍ଗିର,୧୭ ।୯ (ସମିସ) : ବିଜୁ ମହିଳା ଜନତା ଦଳ ମହିଳାମାନଙ୍କ ସୁରକ୍ଷା ନେଇ ସାରା ରାଜ୍ୟର ଏସ୍‌ପି ଅଫିସ ଘେରଉ କରିଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲା ମହିଳା ବିଜେଡି ପକ୍ଷରୁ ମଧ୍ୟ ଏସପି ଅଫିସ୍ ଘେରଉ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ହିଂସା ଓ ଅତ୍ୟାଚାର ବିରୋଧରେ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। କର୍ମୀମାନେ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରୁ ଏକ ଶୋଭଯାତ୍ରାରେ ବାହାରି ବଲାଙ୍ଗିର ଏସପି ଅଫିସରେ ପହଞ୍ଚିଥିଲେ। ରାଜ୍ୟରେ ମହିଳା ସୁରକ୍ଷା ଏବଂ ନ୍ୟାୟ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ଦାବି କରିଥିଲେ। ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତୀ ବାଗ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଇଭି ରାମସ୍ୱାମୀ ପେରିୟାର ନାୟକଙ୍କ ଜୟନ୍ତୀ

ଡୁଙ୍ଗୁରିପାଲି,୧୭ ।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଏସସି ଏସଟି ଷ୍ଟଲ ପରିସରରେ ଇଭି ରାମସ୍ୱାମୀ ପେରିୟାର ନାୟକଙ୍କ ୧୪୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଓବିସି ସମାଜର ଡୁଙ୍ଗୁରିପାଲିର ମୁକୁନ୍ଦ ମେହେର ଇଭି ରାମସ୍ୱାମୀ ପେରିୟାର ନାୟକଙ୍କ ଫଟୋରେ ଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରି ଏହି ମହା ପୁରୁଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଡୁଙ୍ଗୁରିପାଲି ବ୍ଲକର ଲକ୍ଷେଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗ, ଆଇନଜୀବୀ ଲକ୍ଷ୍ମଣ ଭରାସାଗର, ଗଣ୍ଡା ସମାଜର ପୂର୍ବତନ ସଭାପତି ଗରିବ ବାଗ, ପଦ୍ମନାଭ ବାଗ, ବିଶ୍ୱସେଠି, ରାଜୁ ତାଣ୍ଡି, ସୁନାରାମ ବାଗ, ଉତ୍ତମ ତାଣ୍ଡି, ଭାଗୀରଥି ବାଗ ପ୍ରମୁଖ ନିଜ ନିଜର ମତାମତ ମତପ୍ରକାଶ କରିଥିଲେ।

# ଯୁବ ଶିକ୍ଷକଙ୍କ ଦେହାନ୍ତ



ଜୁନାଗଡ, ୧୭ ।୯,(ସମିସ): ଉଦୀୟମାନ ଯୁବବିଜ୍ଞାନ ଶିକ୍ଷକ ବିପ୍ଳବ ବେହେରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ଗାଁ ବୁଢ଼ୀପଦର ଗ୍ରାମର ଉତ୍ତ୍ରାଯୋର ନିକଟ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି। କଳାହାଣ୍ଡି ଜିଲ୍ଲାର ବିଶିଷ୍ଟ ସିପିଆଇ ନେତା ଦାମୋଦର ବେହେରା ଓ ସ୍ୱାସ୍ଥ୍ୟକର୍ମୀ ବିଦୁଲତା ବେହେରାଙ୍କ ସେ ଏକମାତ୍ର ପୁଅ। କିଛି ଦିନ ତଳେ ବିପ୍ଳବ ମାଲ ଗାଁ ଉଚ୍ଚବିଦ୍ୟାଳୟରେ ଶିକ୍ଷାଦାନ ସାରି ଫେରୁଥିବା ବେଳେ ୨୬ ନମ୍ବର ଜାତୀୟ ରାଜପଥ କନ୍ଧବାନ୍ଧୋପଲା ନିକଟରେ ଅଗଷ୍ଟ ୧୯ ତାରିଖରେ ଏକ ଇନୋଭା ଧକ୍କାରେ ଗୁରୁତର ଆହତ ହୋଇଥିଲେ। ଗୁରୁତର ଆହତ ହୋଇ ବିପ୍ଳବ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ମାତ୍ର ଡାକ୍ତରମାନଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ତାଙ୍କର ମୃତ୍ୟୁ ଘଟିଥିଲା।

# ୪ରୁ ସୁଟିଂ କ୍ୟାମ୍ପ

ବଲାଙ୍ଗିର,୧୭ ।୯ (ସମିସ): ବଲାଙ୍ଗିର ଜିଲ୍ଲା ରାଇଫଲ ସଂଘ ତରଫରୁ ସୁଟିଂ କ୍ୟାମ୍ପ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଇଫଲ ସଂଘର ସଭାପତି ଅର୍କେଶ ନାରାୟଣ ସିଂଦେଓଙ୍କ ନିର୍ଦ୍ଦେଶ ଅନୁସାର ଆସନ୍ତା ୪ ତାରିଖରୁ ୪ ଦିନ ଧରି ବଲାଙ୍ଗିର ଆର୍‌ଏନ୍ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସରେ ସୁଟିଂ କ୍ୟାମ୍ପ ଆୟୋଜିତ ହେବ। ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ରାଇଫଲ ସଂଘ ସଂପାଦକ ନିହାର ରଞ୍ଜନ ସ୍ୱାଇଁ ସବିଶେଷ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନିହାର ରଂଜନ ସ୍ୱାଇଁ, ଦେବଦତ୍ତ ବେହେରା, ଗୁଞ୍ଜି ଖାନ, ଅଫ୍ ତାପ ହୁସେନ, ସୁମିତ୍ ପୁରୋହିତ, ମୁନା ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଙ୍ଗିଆ ଚୋଟରେ ମା'ର ଜୀବନ ଗଲା

ଭବାନୀପାଟଣା,୧୭ ।୯ (ସମିସ):କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ସାନଧାରପୁର ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ନିଜ ମା'କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଘଟଣା ଆଲୋଡନ ସୃଷ୍ଟି କରିଛି। ପୁଲିସ ଅଭିଯୁକ୍ତ ପୁଅ ଭୁବନ ବିଶ୍ୱାଳ (୪୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ସାନଧାରପୁର ଗାଁର କଳ୍ପନା ଭତ୍ତା ଟଙ୍କା ପାଇଥିଲା। ମଙ୍ଗଳବାର ମଦ ପିଇବା ପାଇଁ ପୁଅ ଭୁବନ ମା' କଳ୍ପନା ବିଶ୍ୱାଳ (୫୯)ଙ୍କୁ ଟଙ୍କା ମାଗିଥିଲା ହେଲେ ମା' ଟଙ୍କା ନ ଦେବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଭୁବନ ଏକ ଧାରୁଆ ଟାଙ୍ଗିଆରେ ମା' କଳ୍ପନାକୁ ହାଣି ହତ୍ୟା କରି ନିଜ ଘର ଭିତରେ କବାଟ ବନ୍ଦ କରି ରହିଥିଲା। ଖବର ପାଇ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀଙ୍କ ନେତୃତ୍ୱରେ ପୁଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଭାଙ୍ଗି ହତ୍ୟାକାରୀ ଭୁବନକୁ ଗିରଫ କରିଛି। ମଙ୍ଗଳବାର ରାତି ହୋଇଯିବାରୁ ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।ଅଭିଯୁକ୍ତ ପୁଅ ଭୁବନକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

# ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ

ବୌଦ୍ଧ,୧୭ ।୯ (ସମିସ): ପୁରୁଣା କଟକ ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶୁଭ ୧୩୮ ଜନ୍ମଦିବସ ମହା ଆଡ଼ମ୍ବରରେ ପାଳନ କରାଯାଇଛି। ରାଜକିଶୋର ମେହେର, ତ୍ରିଲୋଚନ ପାତ୍ର, ଦେବରାଜ ସାହୁ, ପ୍ରବୀଣ ସାହୁ, ସଞ୍ଜୟ ଦେହୁରୀ, ପ୍ରତିଭୂ ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ଗୋପାଳ କର୍ଣ୍ଣ କଣ୍ଟାବାଞ୍ଜି ଥାନା ଅଧିକାରୀ



କଣ୍ଟାବାଞ୍ଜି,୧୭ ।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନାର ନୂଆ ଥାନା ଅଧିକାରୀ ଭାବେ ଗୋପାଳ ଚନ୍ଦ୍ର କର୍ଣ୍ଣ ଯୋଗ ଦେଇଛନ୍ତି। ଜଣେ ଯୁବ ଦକ୍ଷ ଥାନା ଅଧିକାରୀ ଭାବେ ତାଙ୍କ ପରିଚୟ ରହିଛି। ଅନ୍ୟପକ୍ଷେ କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରାଙ୍କ ସଇଁତଲା ଥାନା ଅଧିକାରୀ ଭାବେ ବଦଳି ହୋଇଛି।

# କବାଡି, ଖୋ-ଖୋ ପ୍ରତିଯୋଗିତା

ମୁରିବାହାଲ,୧୭ ।୯ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଲେବେଡା ପାଟଣେଶ୍ୱରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଣ୍ଡର ୧୪-୧୭ ବ୍ଲକସ୍ତରୀୟ କବାଡି ଓ ଖୋ-ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୁରିବାହାଲ ବ୍ଲକର ସମସ୍ତ ଜୋନର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଇଓ ଶାନ୍ତନୁ ପଡିଆରି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଲେବଡ଼ା ସରପଞ୍ଚ ଦମୟନ୍ତୀ ହାତୀ, ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ଅଧ୍ୟକ୍ଷ ଦୁତିବାହନ ମୁନା, ଏସ୍‌ଏମ୍‌ସି ସଭାପତି ଡମ୍ବରୁଧର ମାଝୀ, ବ୍ଲକ କ୍ରୀଡା ସମ୍ପାଦକ କୁବେରଲାଲ ବେହେରା, କୁରଲୁବାହାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଘୁନାଥ ଗିରି ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ବିନୋଦ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ସଂସ୍କୃତ ଶିକ୍ଷକ ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶେଷରେ ଗିରଫ ହେଲେ ବିଜେପି ନେତା ଚିଣ୍ଟୁ ଅଗ୍ରୱାଲ

'ସକାଳ' ପ୍ରଭାବ

- ନିଜ ସାଙ୍ଗର ସ୍ତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା
- ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିଲେ
- ଗିରଫରୁ ବର୍ତ୍ତିବାକୁ ସବୁ ପ୍ରକାର ବୁଦ୍ଧି ଲଗାଇଥିଲେ

କଣ୍ଟାବାଞ୍ଜି,୧୭ ।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ବିଜେପି ନେତା ଚିଣ୍ଟୁ ଅଗ୍ରୱାଲଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଗିରଫ କରିଛି। ଆମପଡାସ୍ଥିତ ଏକ ଭଡା ଘରେ ସେ ତାଙ୍କ ସାଙ୍ଗର ସ୍ତ୍ରୀଙ୍କୁ ଦୁଷ୍କର୍ମ କରିଥିବା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ସେ ଫେରାର ଥିଲେ। ଗିରଫରୁ ବର୍ତ୍ତିବାକୁ ନିଜର ସବୁ ପ୍ରକାର ବୁଦ୍ଧି ଲଗାଇ ଦେଇଥିଲେ; ହେଲେ ତାଙ୍କ ଉଦ୍ଦେଶ୍ୟ ସଫଳ ହୋଇ ନ ଥିଲା। ଏଭଳିକି ସେ ରାଜନୈତିକ ଚାପ ମଧ୍ୟ ପକାଇବାକୁ ପଛାଇ ନ ଥିଲେ। ଅନପକ୍ଷେ ବିଜେପି ନେତା ଯୋଗୁ ପୁଲିସ ମଧ୍ୟ ପଛଘୁଞ୍ଚା ଦେଇଥିଲା। ଏ ନେଇ ବୁଦବାର ଦୈନିକ 'ସକାଳ'ରେ 'ବିଜେପି ନେତାଙ୍କୁ ଗିରଫ ପାଇଁ ଡରୁଛି ପୁଲିସ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଶେଷରେ ବାଧ ହୋଇ ପୁଲିସ ତାଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କଣ୍ଟାବାଞ୍ଜି ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ତାଙ୍କୁ ଷଡ଼ଯନ୍ତ୍ର କରି ମିଛ ଅଭିଯୋଗରେ ଫସା ଯାଇଛି ବୋଲି ଚିଣ୍ଟୁଙ୍କ ସ୍ତ୍ରୀ ସନ୍ତୋଷୀ ଅଗ୍ରୱାଲ କଣ୍ଟାବାଞ୍ଜି ଥାନାରେ ପାଲଟା ଅଭିଯୋଗ ଦେଇଛି।



# ତେରାପନ୍ଥ ଯୁବପରିଷଦର ରକ୍ତଦାନ ଶିବିର

ବେଲପଡ଼ା,୧୭ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡ଼ା ତେରାପନ୍ଥ ଯୁବ ପରିଷଦ ପକ୍ଷରୁ ବୁଧବାର ମାରୱାଡ଼ି ଧର୍ମଶାଳାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବେଲପଡ଼ା ଥାନାଧିକାରୀ ଅନନ୍ତ ପଧାନ ମୁଖ୍ୟ ଅତଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଅଭିଷେକ କିସାନ ଏବଂ ଶଙ୍କର ପ୍ରସାଦ ଜୈନ ଯୋଗ ଦେଇଥିଲେ। ଶିବିରରେ ସମୁଦାୟ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ତେରାପନ୍ଥ ଯୁବ ପରିଷଦ ସଭାପତି ଦୀପକ ଜୈନ, ସମ୍ପାଦକ ହରିଶ ଜୈନ, ଆବାହକ ଗୌତମ ପ୍ରସାଦ ଜୈନ ସହଯୋଗ କରିଥିଲେ।



ସକାଳ THE SAKALA



### ଉନ୍ନୟନମୂଳକ କାର୍ଯ୍ୟ ଠପ୍

# ଜିଲ୍ଲାପାଳଙ୍କୁ ଜିଲ୍ଲା ପରିଷଦ ସଭାପତିଙ୍କ ଦାବିପତ୍ର



କୋରାପୁଟ,୧୭।୯(ସମିସ) କୋରାପୁଟ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିଥିବାରୁ ଜିଲ୍ଲା ପରିଷଦ ସଭାପତି ଏବଂ ସଦସ୍ୟ ଓ ସଦସ୍ୟା ମାନେ ଉଦ୍‌ବେଗ ପ୍ରକାଶ କରି ଆଜି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲକାଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ଓ ସଦସ୍ୟା ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଶିକ୍ଷା କ୍ଷେତ୍ରରେ କୋରାପୁଟ ଜିଲ୍ଲା ଓଡ଼ିଶାର ସବୁଠାରୁ ପଛୁଆ, ଜିଲ୍ଲାର ସାମାଜିକ-ଆର୍ଥିକ ପରିସ୍ଥିତି ଯୋଗୁଁ ଶିକ୍ଷାରେ ଜିଲ୍ଲା ବହୁ ପଛରେ ରହିଛି। ଶିକ୍ଷକ କର୍ମଚାରୀଙ୍କ ଅଭାବ ଏବଂ ଅପର୍ଯ୍ୟାପ୍ତ ଭିତ୍ତିଭୂମି ମୁଖ୍ୟ ବାଧା ସୃଷ୍ଟି କରୁଛି। ପ୍ରାଥମିକ ଶିକ୍ଷାସ୍ତରରୁ ଉଚ୍ଚଶିକ୍ଷା ସ୍ତର ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତି ଏବଂ ଭିତ୍ତିଭୂମିକୁ ସୁଦୃଢ଼ କରିବା,ସ୍କୁଲ ଓ ଗଣଶିକ୍ଷା ଏବଂ ଏସଏସଡ ବିଭାଗ ଉଭୟ ଅଧୀନରେ ଅନେକ ଶିକ୍ଷକ ଅଣଶିକ୍ଷଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଯାହା ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ବାଧା ସୃଷ୍ଟି କରୁଛି। ଜନସଂଖ୍ୟା ଏବଂ ଅପହଞ୍ଚତା ଯୋଗୁଁ ଜିଲ୍ଲାରେ ଖରାପ ରାସ୍ତା ଏବଂ ଯୋଗାଯୋଗ ସୁବିଧାରୁ ଲୋକେ ବଞ୍ଚିତ। ଯୋଗାଯୋଗ ବିକାଶ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା, ବହୁ ସଂଖ୍ୟକ ଡାକ୍ତର ପଦବୀ ଖାଲି ପଡ଼ିଥିବା ଯୋଗୁ ସ୍ୱାସ୍ଥ୍ୟ ସେବା ଏବେ ବିପର୍ଯ୍ୟସ୍ତ ହୋଇ ପଡିଛି। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ ଉପରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅଧିବାସୀ ନିର୍ଭର କରନ୍ତି। କିନ୍ତୁ ଏଠାରେ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁଁ ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲାରେ ପ୍ରଚୁର ପରିମାଣରେ ଖଣି ରହିଥିଲେ ମଧ ଜିଲ୍ଲାରେ ସେମିତି କିଛି ଉନ୍ନତି ହେଉନାହିଁ। ଏଭଳି ୧୪ଟି ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

# ମହିଳା ବିଜୁ ଜନତା ଦଳ ପକ୍ଷରୁ ଦାବିପତ୍ର



ନବରଙ୍ଗପୁର,୧୭।୯(ସମିସ):

ଓଡ଼ିଶା ରାଜ୍ୟରେ ମହିଳା ମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନ ଜନକ କାର୍ଯ୍ୟ ପ୍ରତିବାଦରେ ଏବଂ କାର୍ଯ୍ୟାନୁଷ୍ଠାନ ଦାବିରେ ନବରଙ୍ଗପୁର ଜିଲ୍ଲା ମହିଳା ବିଜୁ ଜନତା ଦଳ ପକ୍ଷରୁ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ରାଜ୍ୟ ପୁଲିସ ବିଭାଗ ମୁଖ୍ୟଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାର ସାମ୍ପ୍ରତିକ ମାମଲାରେ ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ମହିଳାଙ୍କ ବିରୁଦ୍ଧରେ ଅତ୍ୟାଚାର, ଯେପରିକି ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ ଏବଂ ବିଭିନ୍ନ ପ୍ରକାରର ହିଂସା, ଆଜିର ସରକାର ସମୟରେ ଏକ ନିରନ୍ତର ସମସ୍ୟାରେ ପରିଣତ ହୋଇଛି। ଯାହା ନ୍ୟାୟ ପ୍ରଦାନରେ ବ୍ୟବସ୍ଥାଗତ ବିଫଳତାକୁ ମଧ ପ୍ରକାଶ କରୁଛି ବୋଲି ଅଭିଯୋଗ କରିଛି ନବରଙ୍ଗପୁର ବିଜୁ ମହିଳା ଜନତା ଦଳ। ଏଣୁ ମହିଳାଙ୍କୁ ନ୍ୟାୟ ଦେବାକୁ ଦାବି କରାଯାଇଛି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରି , ପୂର୍ବତନ ବିଧାୟକ ସଦାଶିବ ପ୍ରଧାନି, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ଜିଲ୍ଲା ମହିଳା ବିଜୁ ଜନତା ଦଳର ଶୋଭାନେତ୍ରୀ ମଞ୍ଜୁଳା ମାଝୀ, ନଗର ସଭାପତି ପ୍ରମୋଦ କୁମାର ରଥ, କୌଶଲ୍ୟା ପ୍ରଧାନି, ନବିନା ନାୟକ, ରଶ୍ମିତା ମାଝୀ, ରୀତା ସୌରା,କାମିନୀ ପାଢ଼ୀ, କାଉନସିଲର ଏମ ରାଜେଶ୍ୱରୀ, କାଉନସିଲର ପି ଉଷାରାଣୀ ,କାଉନସିଲର ପି କେଶବ ରାଜୁ , କାଉନ୍‌ସିଲର ରାମ ହରିଜନ ରବି ପଟ୍ଟନାୟକ , ଉତ୍ତମ ତ୍ରିପାଠୀ, କୁନା ପାଢ଼ୀ, ସୁମିତ ପୂଜାରୀ, ନନ୍ଦ ନାୟକ, ଚନ୍ଦ୍ର ମଲ୍ଲିକ, ରାମ ପଟ୍ଟନାୟକ, ରାଜେଶ୍ ପଣ୍ଡା,ବବିତା ସାହୁ ପ୍ରମୁଖଙ୍କ ସମେତ ବିଜୁ ଜନତା ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ବୃହତ୍ ସ୍ୱୟଂସହାୟକ ଗୋଷ୍ଠୀ ଋଣ ମେଳା

■ -୫୪ ଗ୍ରୁପ୍ ପାଇଁ ୨ କୋଟି ୨୦ ଲକ୍ଷ



ବୈପାରୀଗୁଡ଼ା, ୧୭।୯(ସମିସ): ବୈପାରୀଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଇଓବି ବ୍ୟାଙ୍କ ପକ୍ଷରୁ ବୃହତ୍ ସ୍ୱୟଂସହାୟକ ଗୋଷ୍ଠୀ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଏବଂ ଅନ୍ୟ କ୍ଷେତ୍ରରେ ସଫଳତା ଓ ପାରଦର୍ଶିତାକୁ ପାଳନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଋଣ ଟଙ୍କାରୁ କିପରି ଅଧିକ ଅର୍ଥ ଉପାର୍ଜନ କରିବେ ସେ ନେଇ ମହିଳାଙ୍କୁ ସଚେତନ କରାଯାଇଛି । ବ୍ଲକର ମୋଟ ୫୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୨ କୋଟି ୨୦ ଲକ୍ଷ ଋଣ ମଞ୍ଜୁର କରାଯାଇଥିବା ଆଜିର କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି। ଗ୍ରୁପ ମହିଳଙ୍କୁ ଚେକ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରରେ, ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତା, ଏବିଡ଼ିଓ ନିବେଦିତା ଦଣ୍ଡସେନା, ଆଇଓବି ଷ୍ଟାପ ମଧ୍ୟରୁ ରିଜୋନାଲ ମ୍ୟାନେଜର କୁର୍ସିତ ରାବାନୀ, ଅର୍ଚିତା ପଣ୍ଡା, ବ୍ରାଞ୍ଚ ମେନେଜର ରଞ୍ଜୀତ ମେହେର ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ବ୍ୟାଙ୍କ ମିତ୍ର ବିଜୟ ଲକ୍ଷ୍ମୀ ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହୀରାଖଣ୍ଡ ଟ୍ରେନ୍‌ରୁ ଗୋଡ଼ ଖସି ଯୁବକ ଗୁରୁତର

ଜୟପୁର, ୧୭।୯(ସମିସ): ଭୁବନେଶ୍ୱର ଅଭିମୁଖେ ଯାଉଥିବା ହୀରାଖଣ ଏକ୍ସପ୍ରେସରେ ଜୟପୁର ଷ୍ଟେସନରେ ଟ୍ରେନ ଉପରେ ଚଢୁଥିବା ଜଗସିଂହପୁର ଅଞ୍ଚଳର ବିଜୟ କୁମାର ବେହେରାଙ୍କ ଗୋଡ ଖସି ଗୁରୁତର ହୋଇଥିବା ଜଣାପଡିଛି। ଆଜି ହୀରାଖଣ ଟ୍ରେନ ଏକ ନମ୍ବର ପ୍ଲାଟଫର୍ମରେ ରହିଥିବା ସମୟରେ ଜଗତସିଂପୁର ଅଞ୍ଚଳର ଶ୍ରୀ ବେହେରା ଟ୍ରେନରେ ନଚଢି ଗାଡି ଛାଡିବା ସମୟରେ ଧାଇଁ ଧାଇଁ ଟ୍ରେନରେ ଚଢିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗୋଡ ଖସିଯିବା କାରଣରୁ ସେ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଟ୍ରେନର ଚେନ ଟାଣିବା ପରେ ଟ୍ରେନଟି ଅଟକିବା ପରେ ସ୍ଥାନୀୟ ଲୋକେ ଶ୍ରୀ ବେହେରାଙ୍କୁ ଉଦ୍ଧାର କରି ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। ରେଳ ବିଭାଗ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଚିକିତ୍ସା କରୁଥିବା ପ୍ରକାଶ କରିଛନ୍ତି। ମୃତକ ଜଣକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

■ ସ୍କୁଲ୍‌ରେ ଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ



କୋରାପୁଟ,୧୭।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତଗିରି ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଜଣେ ଶିକ୍ଷୟତ୍ରୀ ନାଁରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଅଭିଭାବକ। ସାମୂହିକ ଭାବେ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ ଶିକ୍ଷୟିତ୍ରୀ ଜଣଙ୍କ ପାଠ ନ ପଢାଇ କ୍ଲାସରେ ମୋବାଇଲରେ ପିଲାଙ୍କ ଭିଡିଓ ସୁଟିଂ କରୁଛନ୍ତି। ତାଙ୍କୁ କୌଣସି ଆପତ୍ତି କଲେ ମାର୍କ କାଟି ଦେବାରୁ ଧମକ ମଧ ଦେଉଛନ୍ତି। ପିଲାମାନେ ଘରେ ମାନସିକ ଚାପରେ ରହୁଛନ୍ତି ବୋଲି ଅଭିଭାବକ ମାନେ କହିଛନ୍ତି। ପିଟିଏ ବୈଠକରେ ଅଭିଭାବକ ଓ ଛାତ୍ରଛାତ୍ର ମାନେ ବିଦ୍ୟାଳୟର ଅଧକ୍ଷଙ୍କୁ ଏ ସଂକ୍ରାନ୍ତରେ ଜଣାଇଥିଲେ ମଧ ଶିକ୍ଷୟିତ୍ରୀ ଜଣକ ଉକ୍ତ ବୈଠକରେ ଜାଣିଶୁଣି ଅନୁପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ଅଧକ୍ଷଙ୍କ ସହିତ ଆଲୋଚନା ଓ ଅଭିଯୋଗ କରାଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଉକ୍ତ ଶିକ୍ଷୟିତ୍ରୀଙ୍କ ଉପରେ ବିଦ୍ୟାଳୟ ତରଫରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅଭିଯୋଗକୁ ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଯାଇଛି ବୋଲି ଅଧକ୍ଷ କହିଛନ୍ତି ବୋଲି ଅଭିଭାବକ ମାନେ କହିଛନ୍ତି। ଆଗକୁ ଅର୍ଦ୍ଧବାର୍ଷିକ ପରୀକ୍ଷା ଆସୁଛି ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଉକ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ସହ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଏକାଦଶ ଶ୍ରେଣୀର ଅଭିଭାବକ ମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ



ଝରିଗାଁ,୧୭।୯(ସମିସ):

ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ପରିସରରେ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ଶବରଙ୍କ ଅଧକ୍ଷତାରେ ଦୁର୍ଗା ପୂଜା ସକାଶେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଝରିଗାଁ ଥାନା ଅଞ୍ଚଳରେ ହେଉଥିବା ପୂଜା କମିଟିର ସଭାପତି, ସମ୍ପାଦକ,ସଭ୍ୟ ଉପସ୍ଥିତ ରହିଥିବା ବେଳେ ସ୍ଥାନୀୟ ବଣିକ ସଂଘର କର୍ମକର୍ତ୍ତା, ସାମ୍ବାଦିକ ଏବଂ ମୋଟର ଚାଳକ ସଂଘର ସଦସ୍ୟ ମାନେ ପ୍ରମୁଖ ଉପସ୍ଥିତ ରହିଥିଲେ। ସମସ୍ତ ପୂଜା ମେଢ ଆୟୋଜକ ଓ ପରିଚାଳନା କମିଟି ତାଙ୍କ ପୂଜାମେଢର ଫିଟନେସ ସାର୍ଟିଫିକେଟ୍ ବିଦ୍ୟୁତ ବିଭାଗ ଓ ଅଗ୍ନି ଶ୍ରମ ବିଭାଗ ଠାରୁ ଆଣିବେ। ମୂର୍ତ୍ତି ବିସର୍ଜନ ସମୟରେ ଉଚ୍ଚ ଶବ୍ଦ କରୁଥିବା ଡିଜେ ଏବଂ ଉଚ୍ଚ ଶବ୍ଦ ହେଉଥିବା ବାଣ ବ୍ୟବହାର ନକରିବା ପାଇଁ ପୁଲିସ ତରଫରୁ କୁହା ଯାଇଥିଲା। ସେହିପରି ରବାଣ ପୋଡି କାର୍ଯ୍ୟକ୍ରମ ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ଜନସମାଗମ ଓ ଭିଡର କୌଣସି ଅସୁବିଧା ଏଡାଇବା ନିମନ୍ତେ ଯଥେଷ୍ଟ ପଦକ୍ଷେପ ନେବା ସହିତ ପୁଲିସକୁ ସହଯୋଗ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ପୁଲିସ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ପେଣ୍ଡ୍ରାଣୀ ମା'ଙ୍କ ଶିରା ବଲ୍ଲଭ ମାଲିଙ୍କ ପରଲୋକ

ଉମରକୋଟ,୧୭।୯(ସମିସ):



ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ପେଣ୍ଡ୍ରାଣୀ ମା'ଙ୍କ ଶିରା ବଲ୍ଲଭ ମାଳିଙ୍କ ପରଲୋକ ଘଟିଛି। ଗତ ରାତି ପ୍ରାୟ ୨ ଟା ବେଳେ ଉମରକୋଟ ସହରର ଗୁଲିପାଟଣା ସାହିରେ ଥିବା ନିଜ ବାସ ଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୪୭ ବର୍ଷ ବୟସ ହୋଇଥିଲା। କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ମାତ୍ରେ ସମଗ୍ର ନବରଙ୍ଗପୁର ଜିଲ୍ଲା , ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବସ୍ତର, କୋଣ୍ଡାଗାଁ ଅଞ୍ଚଳର ଅନେକ ଲୋକ ଶେଷ ଦର୍ଶନ ପାଇଁ ପହଞ୍ଚି ଥିଲେ। ୨ ହଜାରରୁ ଅଧିକ ଲୋକ ଉପସ୍ଥିତି ଥିଲେ। ବଲ୍ଲଭ ମାଳି ମା' ପେଣ୍ଡ୍ରାଣୀଙ୍କ ଶିରା ଅଟନ୍ତି। ତେଣୁ ଏହି ଅଞ୍ଚଳର ଲୋକେ ତାଙ୍କୁ ବହୁ ସମ୍ମାନ ଦିଅନ୍ତି ଓ ପୂଜା କରନ୍ତି। ଉମରକୋଟ ଅଞ୍ଚଳର ବାରପାଲି ଓ ଛତିଶଗଡ ଅଞ୍ଚଳର ଯେକୌଣସି ଯାତ୍ରା, ପୂଜା ପାର୍ବଣ ହୁଏ, ଲୋକେ ଶିରା ପାଖକୁ ଆସିଥାନ୍ତି। ମା' ପେଣ୍ଡ୍ରାଣୀ ଶିରାଙ୍କ ଦେହରେ ଆବିର୍ଭାବ ହୋଇ ନିର୍ଦ୍ଦେଶ ଦିଅନ୍ତି। ମାଁ ଙ୍କ ବାର୍ଷିକ ଉତ୍ସବ ସମୟରେ ବଲ୍ଲଭ ଶୀରା କଣ୍ଟା ଦୋଳିରେ ଝୁଲିବା ସହ ମା'ଙ୍କ ନବଦିନ ଯାତ୍ରା ସମୟରେ ମଧ ବହୁ ଗୁରୁତ୍ୱ ପୂର୍ଣ୍ଣ ଭୂମିକାରେ ରହୁଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ପୂର୍ବତନ ଏମପି ରମେଶ ଚନ୍ଦ୍ର ମାଝୀ, ବରିଷ୍ଠ ନେତା ଜୟଦେବ କୁମାର ପରିଡ଼ା, ଭାଜପାରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପୌର ଅଧକ୍ଷା ରାଧା ଭତ୍ରା, ପୂର୍ବତନ ପୌର ଅଧକ୍ଷା ପି.ରାବଣା ରାଓ ଓ ଝାଡେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ପୋଡ଼ାଗଡ଼,୧୭।୯(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ଚାଉଳକନ୍ତି ପଡ଼ିଆ ଠାରେ ଏଲ୍‌ସି ୟୁଥ୍ କ୍ଲବ୍ ପକ୍ଷରୁ ଏକ ଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୋଟ ୨୦ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ମଙ୍ଗଳବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା । ଦଶମନ୍ତପୁରର ଏ ଟିମ୍ ଓ ବାଣୁଆଗୁଡ଼ା ବି ଟିମ୍ ସହ ଫାଇନାଲ ମ୍ୟାଚ୍ ଅତି ଆକର୍ଷଣୀୟ ହୋଇଥିଲା। ତେବେ ଖେଳ ସମୟ ସୁଦ୍ଧା ଉଭୟ ଦଳ କୌଣସି ସ୍କୋର କରିପାରିନଥିବା ବେଳେ ପିନାଲଟିକ୍‌ରେ ଦଶମନ୍ତପୁରର ଏ ଟିମ୍ ବାଣୁଆଗୁଡ଼ା ଟିମ୍‌କୁ ୪-୨ ଗୋଲ୍ ଦେଇ ଫାଇନାଲ ହାତେଇ ନେଇଛି। ବିଜେତାକୁ ଟ୍ରଫି ସହ ୯ ହଜାର ଟଙ୍କା ଓ ଉପବିଜେତାକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଅବ୍ରାହାମ ୱାଡେକା ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସବାଇ ଜାନି, ପୂର୍ଣ୍ଣ ନାଚିକା ଉପସ୍ଥିତ ରହି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥଲେ। ଲଦିବେଡ଼ା ୟୁଥ୍ ମାନଙ୍କ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସୁରେଶ ଓ କାର୍ତ୍ତିକ ସାର୍ ସମସ୍ତ ଖେଳକୁ ପରିଚାଳନା କରିଥିଲେ କ୍ଷ ଗୋବିନ୍ଦ ଚନ୍ଦ୍ର ଗରଡ଼ା ଉପଦେଷ୍ଟା ଭାବେ ନିଜର କାର୍ଯ୍ୟ ନିର୍ବାହ କରିଥିବା ବେଳେ ସୁମନ୍ତ ଗରଡ଼ା, ସୁଦୀପ୍ତ ଗରଡ଼ା, ସଞ୍ଜୟ, ମନୋଜ, ପାତ୍ର ,ଯଦୁ, ଲେଡେ ଙ୍କ ସମେତ ଅନେକ ଯୁବକ ଏଥିରେ ସହଯୋଗ କରିଥିଲେ ।

# ମୋଟର ଚାଳକ ସଂଘର ଶୋଭାଯାତ୍ରା




କୋଷାଗୁମୁଡା,୧୭।୯(ସମିସ):

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମା ଠାରେ ଆଜି ଓଡିଶା ମଟର ଚାଳକ ସଂଘ କୋଷାଗୁମୁଡା ଶାଖା ସଭାପତି ଉତ୍କଳ ଭତରାଙ୍କ ନେତୃତ୍ୱରେ ଏକ ବିଶାଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସେପ୍ଟେମ୍ବର ୧୭ ତାରିଖକୁ ରାଷ୍ଟ୍ରୀୟ ଚାଳକ ଦିବସ ରୂପେ ପାଳନ କରାଯାଇଛି। କୋଷାଗୁମୁଡା ବ୍ଲକ ସଦର ସ୍ଥିତ ଓଡ଼ିଶା ମଟର ଚାଳକ ସଂଘ କୋଷାଗୁମୁଡା ଶାଖା କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି କୋଷାଗୁମୁଡ଼ା ନଗର ପରିକ୍ରମା କରିଥିଲା। ହାତରେ ବିଭିନ୍ନ ପ୍ଲା କାର୍ଡ, ବ୍ୟାନର ଧରି ଚାଳକମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନଗର ପରିକ୍ରମା ସାରି କାର୍ଯ୍ୟାଳୟ ଠାରେ ଲଗାଯାଇଥିବା ପେଣ୍ଡାଲରେ ସମସ୍ତେ ଏକତ୍ରିତ ହୋଇ ଏକ ସଭା କରି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଦେଖିବାକୁ ମିଳିଛି। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଗୁରୁପ୍ରସାଦ ପଣ୍ଡା, ଜିଲ୍ଲା ଆଇନ ପରାମର୍ଶ ଦାତା ନବରଙ୍ଗପୁର ଜିଲ୍ଲାର ବରିଷ୍ଠ ଆଇନଜୀବୀ ନର୍ସିଙ୍ଗ ତ୍ରିପାଠୀ, ଓଡିଶା ମଟର ଚାଳକ ସଂଘର ଅଭିବକ୍ତ କରାପୁଟ ଜିଲ୍ଲା ପ୍ରଭାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ରାଷ୍ଟ୍ରୀୟ ଚାଳକ ଦିବସ ଅବସରରେ ବ୍ୟାଣ୍ଡ ବାଜା ଧରି ଚାଳକମାନେ ସଡ଼କ ସୁରକ୍ଷା ଜୀବନ ରକ୍ଷା ଭଳି ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଛନ୍ତି। ଆଜିର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡିଶା ମଟର ଚାଳକ ସଂଘ କୋଷାଗୁମୁଡା ବ୍ଲକ ଶାଖାର ସମସ୍ତ କର୍ମକର୍ତା ସାହାଯ୍ୟ ସହଯୋଗ କରିଥିବା ଦେଖିବାକୁ ମିଳିଛି।

# ରେସ୍ତୁରାଁ ନିକଟରେ ମାରପିଟ, ଥାନାରେ ମାମଲା

ଜୟପୁର, ୧୭।୯(ସମିସ):

ଜୟପୁର ବାଇପାସ୍ ରୋଡରେ ସ୍ଥାନୀୟ ରେଷ୍ଟୁରାଣ୍ଟ ନିକଟରେ ଏକ ଡେଲିଭରି ବୟ ବିକାଶ ରଥକୁ ମାଡ଼ ମାରିଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଗତକାଲି ଡେଲିଭରି ବୟ ସ୍ଥାନୀୟ ପ୍ରସାଦରାଓ ପେଟା ଅଞ୍ଚଳର ଏ.ଚନ୍ଦ୍ରଶେଖରଙ୍କ ଘରୁ ଏକ ଆମାଜନ ପ୍ୟାକେଟ ପରିବର୍ତ୍ତନ ପାଇଁ ଆଣିବାକୁ ଯାଇଥିଲେ। ହୋଟେଲରେ ଚନ୍ଦ୍ରଶେଖର ଓ ବିକାଶଙ୍କ ମଧରେ ବଚସା ହେବା ପରେ ମାରପିଟ ହୋଇଥିଲା। ଏନେଇ ବିକାଶ ଓ ତାଙ୍କ ସମ୍ପର୍କୀୟ ମାନେ ଆସି ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚନ୍ଦ୍ରଶେଖରଙ୍କୁ ପକ୍ଷରୁ ଓଲଟା ଏକ ଏତଲା ଦିଆଯାଇଛି। ଉଭୟ ଏତଲାକୁ ଭିତ୍ତିକରି ଟାଉନ ପୁଲିସ ଏକ ମାମଲା ରୁଜୁ କରିଛି। ଡିସିଓ ସୁବାସ ଚନ୍ଦ୍ର ଷଡଙ୍ଗୀ କେବଳ ଉଭୟ ପକ୍ଷରୁ ଏତଲା ଗ୍ରହଣ କରାଯାଇଛି, ଥାନା ଅଧିକାରୀ ଆସିଲେ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ପୋଡ଼ାଗଡ଼,୧୭।୯(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ସଦର ମହକୁମାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦଶମନ୍ତପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଲନ କୁମାର ଝଙ୍କାର , ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ ଦଶମନ୍ତପୁର ପ୍ରଶାନ୍ତ କନ୍ଦପାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଜ୍ଞାନ ମେଳା ଉଦଘାଟନ କରିଥିଲେ ଦଶମନ୍ତପୁର କଲେଜର ପ୍ରିନ୍ସପାଲ୍। ଏହି ବିଜ୍ଞାନ ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଜ୍ଞାନ ମେଳାରେ ଭୀମ ସେନ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ବାବୁଲା ତୁରୁକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉପସ୍ଥିତ ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ।

# ଅନ୍ଧାରରେ ତଳକଣା ଗ୍ରାମବାସୀ

### ବର୍ଷାରେ ଉପୁଡ଼ି ପଡିଛି ବିଦ୍ୟୁତ୍ ଖୁଣ୍ଟ

ରାୟଗଡ଼ା,୧୭।୯(ସମିସ):

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର ଅନେକ ଗ୍ରାମରେ ଆଜି ବି ବିଜୁଳି ସଂଯୋଗ ପାଲଟିଛି ସାତସପନ। ଅନ୍ଧାର ଗାଁ ଗୁଡିକରୁ ସଂଧ୍ୟା ହେଲେ ଜଳ ଜଳ ହୋଇ ଦିଶୁଛି ରାୟଗଡାର ବିଭିନ୍ନ ସହର। ଲୋକେ ଆଲୋକୀକରଣରେ ସବୁ ସୁବିଧା ଉପଭୋଗ କରୁଥିବା ବେଳେ ବିଦ୍ୟୁତ୍ ସଂଯୋଗ ନ ଥିବା ଗ୍ରାମଗୁଡିକ ଆଜି ମଧ ବିକାଶ ସ୍ରୋତରେ ସାମିଲ ହେବା ପାଇଁ ବାଟ ଖୋଜୁଛନ୍ତି ଏବଂ ସରକାର ତଥା ପ୍ରଶାସନର ଆନ୍ତରିକତା ଅଭାବରୁ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ରାୟଗଡ଼ା ଜିଲ୍ଲା ସଦର ମହକୁମା ଠାରୁ ପ୍ରାୟ ୩୦କିମି ଦୂରରେ ଅବସ୍ଥିତ ସଦର ବ୍ଲକ ପିପଲଗୁଡା ଗ୍ରାମପଞ୍ଚାୟତର ତଳକଣା ଗ୍ରାମ। ଏହି ଗ୍ରାମରେ ପ୍ରାୟ ୧୮ଜଣ ପରିବାର ବସବାସ କରୁଥିବା ବେଳେ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଅନ୍ଧାରରେ ରହିଛନ୍ତି ଗ୍ରାମବାସୀ। ପୂର୍ବରୁ ପାନୀୟ ଜଳ ଏକ ମୁଖ୍ୟ ସମସ୍ୟା ରହିଥିବା ବେଳେ ତାହାର ସମାଧାନ ହୋଇସାରିଛି। ହେଲେ ଗାଁକୁ ବିଜୁଳି ସଂଯୋଗ ହୋଇନାହିଁ। ଫଳରେ ସଂଧ୍ୟା ହେଲେ ଘରେ ଘରେ ଡିବିରି ଆଲୁଅରେ ପିଲାଙ୍କ ପାଠ ପଢା ସହ ଅନ୍ୟାନ୍ୟ ରୋଷେଇ କାମ ଆଦି ହୋଇଥାଏ। ଲଗାଣ ବର୍ଷା ହେଲେ ଅନ୍ଧାର ରାତିରେ ବିଷାକ୍ତ ସରୀସୃପର ଭୟ ଘାରି ରହୁଛି ଗ୍ରାମବାସୀଙ୍କୁ। ମୋବାଇଲ ଚାର୍ଜିଙ୍ଗ ପାଇଁ ନିକଟ ଗାଁ ଗୁଡିକୁ ଯାଇଥାନ୍ତି ଗାଁର ଯୁବକ ମାନେ ଛୁ ଏ ନେଇ ଅଂଚଳର ସମାଜସେବୀ ଆଦିବାସୀ ଯୁବ ନେତା ସତ୍ୟବାନ ମାଣ୍ଡାଙ୍ଗି ତଳକଣା ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ତଥା ଲୋକଙ୍କୁ ମୌଳିକ ଅଧିକାରରୁ ବଂଚିତ ନ କରିବା ପାଇଁ ବାରମ୍ବାର ବିଜୁଳି ବିଭାଗ ନିକଟରେ ଦାବି କରି ଆସୁଥିଲେ ମଧ ତଳକଣା ଗ୍ରାମରେ ବିଜୁଳି ସଂଯୋଗ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରୁ ନାହିଁ ବୋଲି କହିଛନ୍ତି। ଠିକା ସଂସ୍ଥା ପକ୍ଷରୁ ବହୁ ମନ୍ଥର ଗତିରେ କାର୍ଯ୍ୟ ଚାଲିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷମାନେ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ଲୋକେ ଅନ୍ଧାରରେ



ରହୁଛନ୍ତି ବୋଲି ସେ କହିଛନ୍ତି। ଏ ନେଇ ରାୟଗଡ଼ା ଟିପିଏସଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ଗାଁକୁ ବିଦ୍ୟୁତ ସଂଯୋଗ ଯୋଗାଇବାରେ କେଉଁ ସ୍ତରରେ କାମ ଅଟକି ରହିଛି ତାହା ବୁଝିବା ପରେ ତୁରନ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଲୋକଙ୍କୁ ବିଜୁଳି ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ତେବେ ଗତ ୫ରୁ ୬ମାସ ତଳେ ଠିକା ସଂସ୍ଥା ପକ୍ଷରୁ ବିଦ୍ୟୁତ୍ ଖୁଂଟ ପୋତାଯିବା ସହ ତାର ଭିଡାଯାଇଥିବା ବେଳେ ଗତ ସପ୍ତାହରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ୩ରୁ ୪ଟି ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି। ଫଳରେ ତାରଗୁଡିକ ମଧ ଅନେକ ସ୍ଥାନରେ ଛିଣ୍ଡି ଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ରାଜ୍ୟରେ ମହିଳା ଅସୁରକ୍ଷିତ ଓ ନିର୍ଯାତିତ

# ଏସ୍‌ପି ଅଫିସ୍ ଘେରିଲା ବିଜୁ ମହିଳା ଜନତା ଦଳ

ବରଗଡ଼, ୧୭।୯ (ସମିସ)

ସମ୍ପ୍ରତି ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପରେ ଦିନକୁ ଦିନ ନାରୀ ମାନଙ୍କ ଉପରେ ଅତ୍ୟାଚାର ବଢ଼ିବା ସହ ଅନେକ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି ଓ ନିର୍ଯ୍ୟାତିତ ହେବାରେ ଲାଗିଛନ୍ତି। ଚିନ୍ତା ଜନକ ଭାବେ ବିଗତ ୯ ମାସ ମଧ୍ୟରେ ୨୦ ହଜାରରୁ ଊର୍ଦ୍ଧ୍ୱ ମହିଳା ନିଖୋଜ ହେବା ମାମଲା ପଞ୍ଜୀକୃତ ହୋଇଛି। ସେଥିରୁ ମାତ୍ର ୭ ହଜାର ୪୮ ଜଣଙ୍କୁ ଠାବ କରାଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନ ସଭାରେ ସୂଚନା ଦେଇଛନ୍ତି। ମହିଳାଙ୍କ ସୁରକ୍ଷା ପ୍ରତି ରାଜ୍ୟ ସରକାର କେତେ ସମ୍ବେଦନଶୀଳ ତାହା ତାଙ୍କ ପ୍ରଦତ୍ତ ତଥ୍ୟରୁ ପ୍ରମାଣିତ ହୋଇଛି। ରାଜ୍ୟରେ ମହିଳା ନିଜକୁ ସୁରକ୍ଷିତ ମନେ କରୁ ନ ଥିବାରୁ ମହିଳା ମାନଙ୍କ ସୁରକ୍ଷା ପାଇଁ ବିଜୁ ମହିଳା ଜନତା ଦଳ ଅଣ୍ଟା ଭିଡ଼ିଛି। ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଶକୁନ୍ତଳା ମହାପାତ୍ର, ଅତାବିରା ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହଲିଙ୍ଗ, ଜିଲ୍ଲା ପରିଷଦ



ସଭ୍ୟ ପଦ୍ମିନୀ ଗଡ଼ତିଆ ଓ ନୀଳ କୁମାରୀ ନାୟକ, ପିଙ୍କି ବଢ଼େଇ, ରାଗିଣୀ ମହାନା, ବବିତା ମହାନନ୍ଦ ସସ୍ମିତା ବାରିକ ମମତା ସାହୁ, ନୀତୁ ମହାନା, ଜ୍ୟୋସ୍ନା ପାଇକ, ପ୍ରିୟା ତାଣ୍ଡି, ସୁନନ୍ଦା ପଣ୍ଡା, ବେଦ ମତି ସେଟ୍, ରେବତୀ ବେହେରା ସାରଳା ବର୍ଗର୍ତ୍ତି ପ୍ରମୁଖ ଶତାଧିକ ମହିଳା ରାଜ୍ୟରେ ମହିଳା ମାନଙ୍କ ସୁରକ୍ଷା ଦାବିରେ ଏସପିଙ୍କ ଅଫିସ ଘେରିଥିଲେ। ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ଉଦ୍‌ବେଗଜନକ ରହିଥିବା ବେଳେ ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ଅତ୍ୟାଚାର, ଗଣ ଦୁଷ୍କର୍ମ, ଯୌନ ଉତ୍ପୀଡନ ଓ ବିଭିନ୍ନ ପ୍ରକାର ହିଂସା ଆଚରଣ ଏ ସରକାରରେ ନିୟମିତ ସମସ୍ୟାରେ ପରିଣତ ହୋଇଛି। ସଂଗୃହୀତ ତଥ୍ୟ ଅନୁସାରେ ରାଜ୍ୟରେ ପ୍ରତିଦିନ ୧୫ରୁ ଊର୍ଦ୍ଧ୍ୱ ବଳାତ୍କାର ଭଳି ସମ୍ବେଦନଶୀଳ ଘଟଣା ଘଟି ଚାଲିଛି। ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଥିବା ବେଳେ ଶାସକ ଦଳର ବିଧାୟକ ମାନଙ୍କ ମହିଳା ବିରୋଧୀ ଓ ଅପମାନ ସୂଚକ ମନ୍ତବ୍ୟ ଅତ୍ୟନ୍ତ ଦୁଃଖ ଦାୟକ ଓ ନିନ୍ଦନୀୟ ବୋଲି ବିଜୁ ମହିଳା ଜନତା ଦଳ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏଥି ସହିତ ବାଲେଶ୍ୱର ଛାତ୍ରୀ ନିଜର ସୁରକ୍ଷା ପାଇଁ ସାମାଜିକ ଗଣ ମାଧ୍ୟମ ଜରିଆରେ ଶାସକ ଦଳର ବିଧାୟକ, ମନ୍ତ୍ରୀ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ। ମାତ୍ର ଅପାରଗ ସରକାର ତାଙ୍କୁ ନ୍ୟାୟ ଦେଇ ନପାରିବା ଯୋଗୁଁ ଅକାଳରେ ତାଙ୍କ ଜୀବନ ଚାଲିଗଲା। ଏହା ବିଜେପି ସରକାରର ଅଭିଯୋଗ ସମାଧାନର ବ୍ୟବସ୍ଥାର ବିଫଳତାକୁ ପଦାରେ ପକାଇଛି। ବିଗତ ୧୫ ମାସ ମଧ୍ୟରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରାବାସ ମାନଙ୍କରେ ମଧ୍ୟ ବାଳିକା ଓ ଛାତ୍ରୀ ନିର୍ଯାତିତ ହେଉଛନ୍ତି। ସୁନ୍ଦରଗଡ଼, କୋରାପୁଟ ସମ୍ବଲପୁର ଇତ୍ୟାଦି ଜିଲ୍ଲାରେ ଆଦିବାସୀ ଓ ଦଳିତ ଝିଅ ମାନଙ୍କ ପ୍ରତି ସମାନ ଘଟଣା ମାନ ଘଟି ଆସୁଛି। ମହିଳା ମାନଙ୍କୁ ସୁରକ୍ଷିତ ରଖିବା ଓ ନ୍ୟାୟ ଦେବାରେ ଏ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ବରଗଡ଼ ଜିଲ୍ଲା ବିଜୁ ମହିଳା ଜନତା ଦଳ ବରଗଡ଼ ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିବା ସହ ରାଜ୍ୟ ସରକାର ତୁରନ୍ତ ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ଓ ମହିଳା ସୁରକ୍ଷା ଓ ନ୍ୟାୟ ବ୍ୟବସ୍ଥାକୁ ପୁନରୁଦ୍ଧାର କରନ୍ତୁ ବୋଲି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି।

## ପିଏମଶ୍ରୀ ସରକାରୀ ବାଳିକା ବିଦ୍ୟାଳୟ ଛାତ୍ରୀଙ୍କ ବାଜିମାତ



ପଦ୍ମପୁର, ୧୭।୯ (ସମିସ): ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରର ଛାତ୍ରୀମାନେ ଚଳିତ ବର୍ଷ ବାରିହାପୁଖାପାନି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଚେସ, ଯୋଗ ଏବଂ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅଞ୍ଚଳ ପାଇଁ ଗର୍ବ ଆଣିଛନ୍ତି। ନବମ ଶ୍ରେଣୀ ଛାତ୍ରୀ ଶ୍ରାବଣୀ ସାହୁ ଚେସ ପ୍ରତିଯୋଗିତାରେ ଚାମ୍ପିଅନ, ଦଶମ ଶ୍ରେଣୀ ଛାତ୍ରୀ ପାୟଲ ସରାଫ ବ୍ୟାଡମିଣ୍ଟନ ସିଙ୍ଗଲରେ ଚାମ୍ପିଅନ ତଥା ନବମ ଶ୍ରେଣୀର ଛାତ୍ରୀ ଆକାଂକ୍ଷା ଭୋଇ ଏବଂ ରଞ୍ଜିତା ସାହୁ ବ୍ୟାଡମିଣ୍ଟନ ଡବଲରେ ଚାମ୍ପିଅନ ହୋଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଯୋଗ ପ୍ରତିଯୋଗିତାରେ ନବମ ଶ୍ରେଣୀ ଛାତ୍ରୀ ଲିସା ବାଗ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ ଛାତ୍ରୀ ଜିଲ୍ଲାସ୍ତରରୁ ପୁରସ୍କୃତ ହୋଇ ରାଜ୍ୟସ୍ତରକୁ ଉନ୍ନୀତ ହେବେ। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ କୃତୀ ଛାତ୍ରୀଙ୍କୁ ତଥା ବିଦ୍ୟାଳୟର ଶାରୀରିକ ଶିକ୍ଷୟିତ୍ରୀ ନିଳୀମାରାଣୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ବ୍ଲକ ତରଫରୁ ଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ବିଦ୍ୟୁତ୍ ତାର ଛିଣ୍ଡି ଚାଷୀ ମୃତ

ସୋହେଲା, ୧୭।୯ (ସମିସ): ସୋହେଲା ଥାନା ବାଉସେନମୋରା ଗାଁର ଜଣେ ଚାଷୀ ହରିହର ବାରିକ(୫୨) ବୁଧବାର ନିଜ ଚାଷ ଜମିରେ ସାର ମାରୁଥିବା ବେଳେ ଚାଷ ଜମି ଉପରେ ଯାଇଥିବା ବିଦ୍ୟୁତ୍ ତାର ହଠାତ ଛିଣ୍ଡିପଡ଼ିଥିଲା। ତାର ତାଙ୍କ ଦେହରେ ଗୁଡାଇ ହୋଇ ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ହରିହର କ୍ଷେତରୁ ଘରକୁ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଅପରାହ୍ଣ ପ୍ରାୟ ୪ଟା ସମୟରେ ଚାଷ ଜମିରେ ହରିହରଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଘଟଣା ସମ୍ପର୍କରେ ସୋହେଲା ପୁଲିସକୁ ଖବର ଦେଇଥିଲେ। ସନ୍ଧ୍ୟା ପ୍ରାୟ ୬ ଟାରେ ଘଟଣା ସ୍ଥଳକୁ ବାଉସେନମୋରା ରାଜସ୍ୱ ନିରୀକ୍ଷକ, ସୋହେଲା ଥାନା ଅଧିକାରୀ ହରିଶଙ୍କର ଭୋଇ, ବିଦ୍ୟୁତ୍ ବିଭାଗର ଏସଡିଓ ପହଞ୍ଚିଥିଲେ। ପୁଲିସ ପ୍ରାଥମିକ ତଦନ୍ତ ପରେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇ ଥିଲେ। ବିଦ୍ୟୁତ ବିଭାଗର ଏସଡିଓ ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଚାଷୀଙ୍କୁ ବିଭାଗ ପକ୍ଷରୁ ଉଚିତ କ୍ଷତିପୂରଣ ଦିଆଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚାଷୀଙ୍କ ମୃତ୍ୟୁର ଖବର ପାଇ ସୋହେଲା କୃଷକ ବିକାଶ ମଞ୍ଚର ସଭାପତି ମନୋହୋର ମାଝି ଅନ୍ୟ ଚାଷୀ ମାନେ ଉପସ୍ଥିତ ଥିଲେ। ଏହି ଘଟଣା ସମ୍ପର୍କରେ ମୃତ ହରିହରଙ୍କ ଭାଇ ମୀନକେତନ ବାରିକ ସୋହେଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହରିହରଙ୍କ ଆକସ୍ମିକ ମୃତ୍ୟୁରେ ବାଉଁସେନମୁରା ଗାଁରେ ଶୋକର ଛାୟା ଖେଳି ଯାଇଛି।

## ଦେଶବନ୍ଧୁ ପଧାନଙ୍କ ପରଲୋକ

ସୋହେଲା, ୧୭।୯ (ସମିସ): ସୋହେଲା ବ୍ଲକ ଅଧୀନ ସଂଗ୍ରାମୀ ପୀଠ ପାଣିମୋରା ଗାଁର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଫୁଲସର ପଧାନଙ୍କ ବଡ଼ ପୁଅ ତଥା ବରଗଡ଼ ସାଂସଦଙ୍କ ସୋହେଲା ବ୍ଲକ ପ୍ରତିନିଧି ଗୋବିନ୍ଦା ପଧାନଙ୍କ ପିତା ଦେଶ ବନ୍ଧୁ ପଧାନଙ୍କ ୮୨ ବର୍ଷରେ ଆଜି ପରଲୋକ ଘଟିଛି। ସ୍ୱର୍ଗତ ଦେଶବନ୍ଧୁ ଶିକ୍ଷକତାରୁ



ରାଜନୀତିରେ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି ସମ୍ପାଦକ, ଗାଁ ଦାନୀ ସଭାର ସଭାପତି, ସୋହେଲା କୃଷକ ବିକାଶ ମଞ୍ଚର ସଭାପତି, ପାଣିମୋରା ପଞ୍ଚାୟତରୁ ୨ଥର ସମିତି ସଭ୍ୟ ଭାବେ ନିର୍ବାଚିତ ହେବା ସହିତ ଗାଁରେ ଥିବା ହାଇସ୍କୁଲର ମେନେଜିଙ୍ଗ କମିଟିର ଓ ସରକାରୀ ଡାକ୍ତରଖାନାର ସ୍ୱାସ୍ଥ୍ୟ କମିଟିର ଅଧ୍ୟକ୍ଷ, ସହଯୋଗ ସମିତିର ପ୍ରତିଷ୍ଠାତା ସଦସ୍ୟ ଥିଲେ। ତାଙ୍କର ଦେହାନ୍ତ ଖବର ପାଇ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ତାଙ୍କ ବାସ ଭବନକୁ ଯାଇ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ ଓ ପ୍ରକାଶ ଚନ୍ଦ୍ର ଦେବତା, ସୋହେଲା ସାମ୍ବାଦିକ ସଂଘ, ଜିଲ୍ଲା ସର୍ବୋଦୟ ସଂଘର ସଭାପତି ଡ.ଶିଶିର ସାହୁ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟିର ସମ୍ପାଦକ ଟେକଚାନ୍ଦ ଦୁଅନ, ମୁକ୍ତେଶ୍ୱର ପଧାନ, ଗାଁଦାନୀ ସଭାର ସଭାପତି ଚିଦାମଣି ସାହୁ ଶୋକ କରିଛନ୍ତି। ତାଙ୍କ ନିଜ କ୍ଷେତରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ପାଣିମୋରା ଗାଁରେ ଶୋକର ଛାୟା ଖେଳି ଯାଇଛି।

● ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ୍

## ଦ୍ୱିତୀୟ ଦିନରେ ଚିଚିଣ୍ଡା ଓ ଡୁଙ୍ଗୁରି ଦଳ ବିଜୟୀ

ବରଗଡ଼, ୧୭।୯ (ସମିସ): ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତାର ଆଜି ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଛି। ଆଜିର ଦୁଇଟି ମ୍ୟାଚ୍‌ରେ ସୁପ୍ରିମ ଆଥେଲେଟିକ ଆସୋସିଏସନ ଚିଚିଣ୍ଡା ଓ ଏୱାଇସି ଡୁଙ୍ଗୁରି ଦଳ ବିଜୟୀ ହୋଇଛନ୍ତି। ଆଜିର ସୁପ୍ରିମ ଆଥେଲେଟିକ ଆସୋସିଏସନ ଚିଚିଣ୍ଡା ଓ ପଞ୍ଚାୟତ ମହାବିଦ୍ୟାଳୟ ମଧ୍ୟରେ



ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସୁପ୍ରିମ ଆଥେଲେଟିକ ଆସୋସିଏସନ ଚିଚିଣ୍ଡା ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା। ଚିଚିଣ୍ଡା ଦଳ ପକ୍ଷରୁ ଗୋବର୍ଦ୍ଧନ ଭୋଇ, ପକ୍ଷରୁ ଗୋଲ କରିଥିବା ବେଳେ, ପଞ୍ଚାୟତ ମହାବିଦ୍ୟାଳୟ ଦଳ ପକ୍ଷରୁ ସିକୁ ଭୋଇ ଏକମାତ୍ର ଗୋଲ ଦେଇଥିଲେ। ଏହି ମ୍ୟାଚ୍‌କୁ ଦିପେଶ ପ୍ରଧାନ ପରିଚାଳନା କରିଥିବା ବେଳେ, ତାଙ୍କୁ ଲାଇନରେ ରାଜେନ୍ଦ୍ର ଭୁଏ, ସନ୍ତୋଷ ପଟେଲ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ପଙ୍କଜ ମିର୍ଦ୍ଧା। ଦ୍ୱିତୀୟ ମ୍ୟାଚ୍ ଟି ୟୁଥ୍ ଆଥେଲେଟିକ ଆସୋସିଏସନ୍ ବରଡୋଲ ଓ ଏୱାଇସି ଡୁଙ୍ଗୁରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡୁଙ୍ଗୁରି ଦଳ ୫-୪ ଗୋଲରେ ମ୍ୟାଚ୍‌କୁ ଜିତିଥିଲା। ମ୍ୟାଚ୍‌ଟି ଖେଳ ସମୟ ମଧ୍ୟରେ ୧-୧ ଗୋଲରେ ଅମୀମାଂସିତ ରହିବା ଫଳରେ ଟାଇ ବ୍ରେକରର ଆଶ୍ରୟ ନିଆଯାଇଥିଲା। ଏଥିରେ ଡୁଙ୍ଗୁରି ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ଖେଳକୁ ଅଜୟ ପ୍ରଧାନ ପରିଚାଳନା କରିଥିବା ବେଳେ, ଅନୁରୋଧ ପ୍ରଧାନ, ଉମା ଶଙ୍କର ବଣିଆ ଲାଇନରେ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଅନିଲ ବାଗ। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଡୁଙ୍ଗୁରି ଦଳର ଲୁକେଶଙ୍କୁ ପ୍ରାକ୍ତନ ଫୁଟବଲ ଖେଳାଳି ଜ୍ଞାନରଞ୍ଜନ ପୂଜାରୀ ଓ କୋଷାଧ୍ୟକ୍ଷ ଡ.ଶୁଭ୍ରାଂଶୁ ଶେଖର ମହାପାତ୍ର ପୁରସ୍କୃତ କରିଥିଲେ। ଆସନ୍ତା କାଲି ପ୍ରଥମ ମ୍ୟାଚ୍ ଜେୱାଇକେ ଜମୁର୍ଡା ଓ ବିଆର୍ ଆମ୍ବେଦକର କ୍ଲବ୍ ସିମେଣ୍ଟ ନଗର ତଥା ଦ୍ୱିତୀୟ ମ୍ୟାଚ୍ ଟିଜେଜେଏସି, ବାଗବାଡି ଓ ପାତୀକାର ପାଲି ମଧ୍ୟରେ ଅନୁଷ୍ଠିତ ହେବ।

## ବରଗଡ଼କୁ ଉପେକ୍ଷା; ଡିଆର୍‌ଏମ୍‌ଙ୍କୁ ଭେଟିଲା ରେଳ ଉପଭୋକ୍ତା ସଂଘ

ବରଗଡ଼, ୧୭।୯ (ସମିସ): ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ମଣ୍ଡଳୀ ସମ୍ବଲପୁର ରେଳ ଡିଭିଜନର ଡିଆରଏମ ସୁବାସ ଚୌଧୁରୀଙ୍କୁ ଭେଟି ବିଭିନ୍ନ ରେଳ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ମୁଖ୍ୟତଃ ବରଗଡ଼/ବଲାଙ୍ଗିରରୁ ଭୁବନେଶ୍ୱରକୁ ସକାଳ ଇଣ୍ଟରସିଟି, ଦିଲ୍ଲୀକୁ ସିଧାସଳଖ ଟ୍ରେନ, ସବ୍‌ୱେରେ ଜଳ ନିଷ୍କାସନ, ଅସାମାଜିକ କାର୍ଯ୍ୟ ରୋକିବା ପାଇଁ ପର୍ଯ୍ୟାପ୍ତ ଆଲୋକୀକରଣ ଓ ସିସିଟିଭି ବ୍ୟବସ୍ଥା, ଇସ୍ପାତ ଏକ୍ସପ୍ରେସ, ନାଗାବଳୀ ଏକ୍ସପ୍ରେସ ଓ ପୁରୁଣା କଟକ ଭୁବନେଶ୍ୱର ଇଣ୍ଟରସିଟିକୁ ୫ ମିନିଟ ରହଣୀ କରିବା, ନାଗାବଳୀ ଏକ୍ସପ୍ରେସର ପୁରୁଣା କୋଚ ବଦଳାଇ ନୂତନ ଏଲଏଚ୍‌ବି କୋଚ ଲଗାଇବା, ବଲାଙ୍ଗିରରେ ପିଟଲାଇନ୍ ବ୍ୟବସ୍ଥା କରି ସମ୍ବଲପୁର ପର୍ଯ୍ୟନ୍ତ ଆସୁଥିବା ଟ୍ରେନଗୁଡିକୁ ବଲାଙ୍ଗିର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ସ୍ପେସିଆଲ୍ ଟ୍ରେନ ଗୁଡିକରେ ବରଗଡ଼ ରୋଡରେ ରହଣୀ କରିବା, ସମ୍ବଲପୁର ଜୁନାଗଡ଼ରୋଡ ପାସେଞ୍ଜର ଟ୍ରେନକୁ ଫାଷ୍ଟ ପାସେଞ୍ଜର କରିବା, ବରଗଡ଼ରେ ରେମ୍ପ ବ୍ୟବସ୍ଥା କରିବା, ଷ୍ଟେସନରେ ସିସିଟିଭି ବ୍ୟବସ୍ଥା, ଷ୍ଟେସନ ସମ୍ମୁଖରେ ରାସ୍ତା ମରାମତି ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଆଲୋଚନା ସକାରାତ୍ମକ ଥିଲା। ଯେତିକି କାର୍ଯ୍ୟ ନିଜ କର୍ତ୍ତୃତ୍ୱରେ ଅଛି, ତାହାକୁ ସମାଧାନ ନିଶ୍ଚିତରୂପ କରାଯିବ ବୋଲି ଡିଆରଏମ ଶ୍ରୀ ଚୌଧୁରୀ ପ୍ରତିଶ୍ରୁତି ଦେଇଥିଲେ। ବାକି ସମସ୍ୟାର ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିଶ କରାଯିବ ବୋଲି କହିଥିଲେ। ବରଗଡ଼ ନୂଆପଡ଼ା ରେଳଲାଇନ



କାର୍ଯ୍ୟକ୍ଷମ ହେଲେ ବରଗଡ଼ ରୋଡ ଏକ ଜଙ୍କସନ ଷ୍ଟେସନରେ ପରିଣତ ହେବ। ତାପରେ ଏହି ଷ୍ଟେସନରେ ଅନେକ ବିକାଶମୂଳକ କାର୍ଯ୍ୟ ହେବ ବୋଲି ଶ୍ରୀ ଚୌଧୁରୀ ସୂଚନା ଦେଇଥିଲେ। ଲିଫ୍ଟ ଓ କୋଚ ଡିସପ୍ଲେ ସିଷ୍ଟମ ପାଇଁ ବରଗଡ଼କୁ ଏକ ସ୍ୱତନ୍ତ୍ର ଜେନେରେଟର ଦେଇଥିବାରୁ ଡିଆରଏମ ଶ୍ରୀ ଚୌଧୁରୀଙ୍କୁ ବରଗଡ଼ବାସୀଙ୍କ ତରଫରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ପରେ ସିନିୟର୍ ଡିସିଏମ ଗରିମା ତିୱାରୀଙ୍କୁ ଭେଟି ସକାଳ ଇଣ୍ଟରସିଟି ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ତାଙ୍କୁ ମଧ୍ୟ ପ୍ରୟାସ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏହି ପ୍ରତିନିଧି ଦଳରେ ସଭାପତି ପ୍ରଦୀପ ଦେବତା, କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ସମ୍ପାଦକ କମଳ ଯୋଶୀ, ବରିଷ୍ଠ ସଦସ୍ୟ କିଶୋର ରଥ ଓ ଉଦ୍ଧବ ଚରଣ ବେହେରା ଅଂଶଗ୍ରହଣ କରିଥିଲେ।

## ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ ପାଳିତ

ବରଗଡ଼, ୧୭।୯ (ସମିସ): ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ଜିଲ୍ଲା ସ୍ତରୀୟ ହିନ୍ଦୀ ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି। ଜିଲ୍ଲା ହିନ୍ଦୀ ସଂଘର ସଭାପତି ରାମ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଯୋଗଦେଇ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମନରେ ହିନ୍ଦୀ ଦକ୍ଷତା ବୃଦ୍ଧି ପାଇଁ ବିଦ୍ୟାଳୟ ସ୍ତରରେ ହିନ୍ଦୀ କର୍ମଶାଳା ଅନୁଷ୍ଠିତ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସୋଏ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ ସୁରେନ୍ଦ୍ର ନାଥ ସାହୁ ରାଷ୍ଟ୍ରୀୟ ଏକତାରେ ରାଷ୍ଟ୍ର ଭାଷାର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଭୁକ୍ତାର ହିନ୍ଦୀ ପ୍ରଫେସର ଡ.ଦୟାନିଧି ସା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବରଗଡ଼ ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷକ ଶାଶ୍ୱତୀ ଦାଶ ଯୋଗ ଦେଇଥିଲେ। ହିନ୍ଦୀ ଶିକ୍ଷକ ଡ.ଡୋଳାମଣି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜୟଲକ୍ଷ୍ମୀ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଗତ ବର୍ଷ ହିନ୍ଦୀ ଶିକ୍ଷକରୁ ଅବସର ଗ୍ରହଣ କରିଥିବା ଅଶୋକ ପାଣିଗ୍ରାହୀ, ଚିନ୍ତାମଣି ବାରିକ, ସୁଶାନ୍ତ ଭୋଇ, ମଲ୍ଲୀ ଦେଇ, ସୁଭାଷ ଚନ୍ଦ୍ର ମହାପାତ୍ର, କାଶୀନାଥ ମେହେର, କାଶୀରାମ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ଗୁରୁ, ସରୋଜ ସାହୁ, ହରିଶ୍ଚନ୍ଦ୍ର ପଟେଲ, ଲେକରୁ ବାରିକ, ସୁଧୀର ଦାଶ ପ୍ରମୁଖ ଶିକ୍ଷକଙ୍କୁ ସମ୍ମାନିତ କରା ଯାଇଥିଲା। ନୂତନ ଭାବେ ବିଦ୍ୟାଳୟମାନଙ୍କରେ ଯୋଗ ଦେଇଥିବା ହିନ୍ଦୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ପୁରସ୍କାର ଲାଭ କରିଥିବା ବଳରାମ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରା ଯାଇଥିଲା। ଶେଷରେ ରେବତୀ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା







### ବିକାଶ ଇଞ୍ଜିନିୟରିଂ କଲେଜ ଓ ପଲିଟେକ୍ନିକ୍

ବରଗଡ଼, ୧୭।୯ (ସମିସ): ବରଗଡ଼ ସ୍ଥିତ ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜୀ ଓ ବିକାଶ ପଲିଟେକ୍ନିକରେ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କର ପୂଜା ଉତ୍ସବ ବୁଧବାର ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ପୂଜାରମ୍ଭ ହୋଇ ସୂର୍ଯ୍ୟପୂଜା, ଯଜ୍ଞୋପବିତ ଧାରଣ, ପୁଷ୍ପାଞ୍ଜଳୀ, ଆଳତି ଓ ପୂର୍ଣ୍ଣାହୁତି ନୀତି ସମ୍ପନ୍ନ ହୋଇଥିଲା। ଏହି ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ୍ ଡି.ନାଗେଶ୍ୱର ରାଓ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ପ୍ରଭୁଙ୍କୁ ଭୋଗ ନୈବେଦ୍ୟ ଅର୍ପଣକରି ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍, ସିନିୟର ଆଡ୍‌ଭାଇଜର, ସମସ୍ତ ଅଧ୍ୟକ୍ଷ ଅଧ୍ୟକ୍ଷା, ଡିନ୍, ଉପାଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସଂଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭଜନ ସଂଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ବିସର୍ଜନ କାର୍ଯ୍ୟକ୍ରମ ସମ୍ପନ୍ନ ପାଇଁ ନିର୍ଦ୍ଧାରିତ ହୋଇଛି।

### ଭେଡେନ ଡ୍ରାଇଭର ସଂଘ

ଭେଡେନ: ଭେଡେନ ସ୍ଥିତ ଡ୍ରାଇଭର ସଂଘ ତରଫରୁ ବିଶ୍ୱକର୍ମା ପୂଜା ମହାଆଡମ୍ବରରେ ପାଳିତ ହୋଇଯାଇଛି। ପୂଜା ସଭାପତି ପ୍ରସନ୍ନ ଦାଶ, ଉପସଭାପତି ଗୋବର୍ଦ୍ଧନ କର୍ମୀ, ସମ୍ପାଦକ ଲିପୁନ ଭୁକ୍ତା, କୋଷାଧ୍ୟକ୍ଷ ସୁଦାମ ବେହେରାଙ୍କ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଂଘର ସମସ୍ତ ସଦସ୍ୟମାନେ ଭେଡେନ ନିକଟସ୍ଥ ଦନ୍ତା ନଦୀରୁ କଳସରେ ପାଣି ନେଇ ଭେଡେନ ଗାଁ ପରିକ୍ରମା କରି ପୂଜା ମଣ୍ଡପରେ କଳସ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜାରେ ପୂଜକ ଭାବେ ସନ୍ତୋଷ



ଶତପଥୀ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ଦୀନବନ୍ଧୁ ସରାଫ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆନନ୍ଦ ଦଳେଇ, ବାବୁଲାଲ ଭୋଇ, ଦୀପକ ମେହେର, ରାମ ଦଳେଇ, ବିନୋଦ କର୍ମୀ, ବୁଧୁ କର୍ମକାର, ସିଟୁ ବେହେରା, ସୁଦାମ ଭୁଏ, ଅମିତ ଦେହେରି, ପି.କ୍ରିଷ୍ଣ, ଗୌର ମେହେର, ମଞ୍ଜିତ ନାଇକର, ରାଜିନ ପଟେଲ, ବାବୁଲୁ ଭଏନା, ରତନ ମହାର, ହାଡୁ ମେହେର, ସୁନୀଲ ଅଦାବର, ପ୍ରଫୁଲ୍ଲ ମଲ୍ଲିକ, ପିଣ୍ଟୁ ମଲ୍ଲିକ ସମେତ ଡ୍ରାଇଭର ସଂଘର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

### ଥୁଆପାଲି ଟ୍ୟାକ୍ସି ଷ୍ଟାଣ୍ଡ

ଥୁଆପାଲି: ବରଗଡ଼ ଜିଲ୍ଲା ଭେଡେନ ଥୁଆପାଲି ଠାରେ ଓଡ଼ିଶା ମୋଟର ଚାଳକ ସଂଘ ତଥା ମାଁ ବିନ୍ଧ୍ୟବାସିନୀ ଟ୍ୟାକ୍ସି ଷ୍ଟାଣ୍ଡ ପକ୍ଷରୁ ବାବା ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଟ୍ୟାକ୍ସି ଷ୍ଟାଣ୍ଡର ସଭାପତି ପିଣ୍ଟୁ ପାଢ଼ୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଭାବେ ରୁଦ୍ର ଦାସ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ଥୁଆପାଲି ଟ୍ୟାକ୍ସିର ଉପସଭାପତି ଘନଶ୍ୟାମ ଖୁଣ୍ଟୁଲି, ସମ୍ପାଦକ ଅଜିତ ବେଗ ଓ ସଦସ୍ୟ ଚକା ବାଗ, ରାମ ପଧାନ, ଚନ୍ତାମଣି ମେହେର, ରଶ୍ମିରଞ୍ଜନ ପାଢ଼ୀ, ସୂରଜ, ସୋନୁ, ପ୍ରମୋଦ, ସଞ୍ଜୟ, ବିନୟ ଓ ଅନ୍ୟାନ୍ୟ ଥୁଆପାଲି ଟ୍ୟାକ୍ସି ଷ୍ଟାଣ୍ଡର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ।

### ଥୁଆପାଲି ଟାଟା ପାୱାର

ଥୁଆପାଲି: ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଥୁଆପାଲି ବିଦ୍ୟୁତ ସେକ୍ସନ ଅଫିସ ଠାରେ ଟାଟା ପାୱାର ପକ୍ଷରୁ ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଟାଟା ପାୱାର ସେକ୍ସନ ଅଫିସର ଇଂଜିନିୟର ଆଶୁତୋଷ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ବିଦ୍ୟୁତ ବିଭାଗର ଅମିତ ସେଠୀ ଓ ତାଙ୍କର ଧର୍ମପତ୍ନୀ ମୋନାଲିସା ପାଠୀ ପୂଜା କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ଭାବେ ଗଙ୍ଗାଧର ପଣ୍ଡା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଅତିଥି ଭାବେ ବରଗଡ଼ ଟାଟା ପାୱାର ଏଗ୍‌ଜେକ୍ୟୁଟିଭ ଇଂଜିନିୟର ବିଭୂତି ଭୂଷଣ ଶତପଥୀ ଓ ଭେଡେନ ଏସଡିଓ ପ୍ରଦୀପ୍ତ ଷଡଙ୍ଗୀ ବାବା ବିଶ୍ୱକର୍ମାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ସମୟରେ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



# ଭୁବନେଶ୍ୱର ସିଟି

# ୧୦ ଲକ୍ଷ ପାଇଁ ଝଗଡ଼ା; କୋଟିଏ ପାଇଁ ହତ୍ୟା

ଭୁବନେଶ୍ୱର, ୧୭।୯ (ସମିସ): ପୁଣି ନିଖୋଜ ମାମଲାରେ କମିସନରେଟ ପୁଲିସର ନିଷ୍କ୍ରିୟତା ପଦାରେ ପଡ଼ିଛି। ନିଖୋଜ ମାମଲାକୁ ଆରମ୍ଭରୁ ଗୁରୁତ୍ୱ ନ ଦେବାରୁ ଆଉ ଏକ ନିରୀହ ଜୀବନ ଯାଇଛି। ଖୋଦ୍ ମହିଳା ପୁଲିସ କର୍ମଚାରୀଙ୍କୁ ସୁରକ୍ଷା ଦେବାରେ ଓ ଜୀବିତ ଠାବ କରିବାରେ ପୁଲିସ ବିଫଳ ହୋଇଛି। ରାଜଧାନୀରୁ ନିଖୋଜ ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ମୃତଦେହ ଠାବ କରିଛି ପୁଲିସ। ଘଟଗାଁ ଥାନା କୁସୁନପୁର ଜଙ୍ଗଲରୁ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କନେଷ୍ଟବଳ ଦୀପକ, ତା'ର ମାଉସୀ ପୁଅ ଭାଇ ପପୁ ଓ ପପୁର ସାଙ୍ଗ ଜଟିଆକୁ ଗିରଫ କରିଛି।

ମହିଳା କନେଷ୍ଟବଳ ଶୁଭମିତ୍ରା ହତ୍ୟାକାରୀ ତଥା ଅଭିଯୁକ୍ତ କନେଷ୍ଟବଳ ଦୀପକ ପୂର୍ବରୁ ମଧ୍ୟ ବିବାହ କରିଥିଲା। ପ୍ରଥମ ପତ୍ନୀ ରାଜସ୍ୱ ନିରୀକ୍ଷକ ଭାବେ ଚାକିରି କରିଥିଲେ। ପ୍ରାୟ ୩/୪ ବର୍ଷ ପୂର୍ବେ ଦୀପକ ତା'ର ଗର୍ଭବତୀ ପତ୍ନୀଙ୍କ ସହ କାର ଯୋଗେ ଢେଙ୍କାନାଳ ଓ କଟକ ଜିଲ୍ଲା ସୀମାନ୍ତ ଦେଇ ଆସୁଥିଲା। ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ପତ୍ନୀ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ଦୁର୍ଘଟଣାରେ ଦୀପକର କ୍ଷତି ହୋଇ ନ ଥିଲା କି କାରରେ ମଧ୍ୟ କୌଣସି ଦାଗ ନ ଥିଲା। ପତ୍ନୀଙ୍କ ମୃତ୍ୟୁପରେ ବୀମା ବାବଦକୁ ପ୍ରାୟ କୋଟିଏ ଟଙ୍କା ପାଇଥିଲା ଦୀପକ। ଏବେ ୧୦ ଲକ୍ଷ ଟଙ୍କା ନେଣଦେଣକୁ ନେଇ ଦ୍ୱିତୀୟ ପତ୍ନୀ ଶୁଭମିତ୍ରାଙ୍କ ସହ ଝଗଡ଼ା ଓ କୋଟିଏ ଟଙ୍କା ବୀମା ରାଶି ହାତେଇବାକୁ ହତ୍ୟା କରାଯାଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି ପୁଲିସ। ଏଭଳି କଥା ପଦାକୁ ଆସିବା ପରେ ପ୍ରଥମ ପତ୍ନୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବୀମା ଟଙ୍କା ପାଇବାକୁ ଦୀପକ ପ୍ରଥମ ପତ୍ନୀଙ୍କୁ ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ତେବେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ମାମଲାର ଆଉଥରେ ତଦନ୍ତ କରାଯିବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି।



କନେଷ୍ଟବଳ ଦୀପକର ମାଉସୀ ଘର ଘଟଗାଁ ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ପ୍ରତି ମାସରେ ବିଭିନ୍ନ ସମୟରେ ସେହି ଅଞ୍ଚଳକୁ ଯାଉଥିଲା। ସେଠାରେ ମାଉସୀ ପୁଅ ପପୁ ଓ ତାର ସାଙ୍ଗସାଥୀ ସହ ମିଳାମିଶା କରୁଥିଲା। ଶୁଭମିତ୍ରାଙ୍କୁ ରାଜଧାନୀରେ ହତ୍ୟା କରିବା ପରେ କେଉଁଠି ପୋତିବ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲା। ରାଜଧାନୀ ଉପକଣ୍ଠରେ ଜଙ୍ଗଲ ଥାଇ ମଧ୍ୟ ସେ ଘଟଗାଁ ସୁରକ୍ଷିତ ସ୍ଥାନ ଭାବେ ବାଛିଥିଲା। ପପୁ ଓ ଜଟିଆ ସହଯୋଗରେ କୁସୁନପୁର ଜଙ୍ଗଲରେ ଗାତ ଖୋଳି ମୃତଦେହ ପୋତିଥିଲା। ପୁଲିସ ଯେତେବେଳେ ଦୀପକକୁ ଜେରା ପାଇଁ ଡକାଇଥିଲା। ସେତେବେଳେ ସେ ଶୁଭମିତ୍ରାଙ୍କୁ ବିବାହ କରିଥିବା କହିଥିଲା। ଏଥିସହିତ ୬ ତାରିଖ ଦିନ ଉଭୟ ମିଶି ପ୍ରଥମେ ପୁରୀ ଓ ପରେ ଘଟଗାଁ ଯାଇ ଭୁବନେଶ୍ୱର ଫେରି ଆସିଥିଲେ ବୋଲି ସଫେଇ ଦେଇଥିଲା। ଭୁବନେଶ୍ୱରରେ ଝଗଡ଼ା ହେବାପରେ ଶୁଭମିତ୍ରା ଫୋନ୍ ଫୋପାଡ଼ି ପଳାଇଥିଲେ ବୋଲି ପୁଲିସକୁ କହିଥିଲା। ସେପଟେ ଦୀପକର କାର ମଧ୍ୟ ଘଟଗାଁ ଯାଇଥିବା ପୁଲିସ ଜାଣିବାକୁ ପାଇଥିଲେ ମଧ୍ୟ ତାକୁ ଆଉ ସନ୍ଦେହ କରିନଥିଲା।

ଗତ ୬ ତାରିଖ ଦିନ ଶୁଭମିତ୍ରା ନିଖୋଜ ହୋଇ ଯାଇଥିଲେ। ସେହିଦିନ ହିଁ ଦୀପକ ତାଙ୍କୁ ହତ୍ୟା କରିବା ପରେ ଘଟଗାଁ କୁସୁନପୁର ଜଙ୍ଗଲରେ ପୋତି ଦେଇଥିଲା। ସେଠାରୁ ଭୁବନେଶ୍ୱର ସ୍ଥିତ ଘରକୁ ଫେରି ଆସିଥିଲା। ସବୁଦିନ ପରି ତା ପରଦିନ ମଧ୍ୟ ଅଫିସ ଯାଇ କାମ କରିଥିଲା। ମୋଟାମୋଟି କହିବାକୁ ଗଲେ ହତ୍ୟାକାଣ୍ଡ ପରେ ମଧ୍ୟ ହତ୍ୟାକାରୀ ଦୀପକ ବରିଷ୍ଠ ପୁଲିସ ଅଧିକାରୀଙ୍କ ଗହଣରେ ରହିଥିଲା। ପୁଲିସ ମାନଙ୍କ ପାଖରେ ରହିଥିଲେ ମଧ୍ୟ କେହି ସୁରାକ ମଧ୍ୟ ପାଇ ନ ଥିଲେ।

୧୨ ଦିନ ପରେ ନିଖୋଜ ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ମୃତଦେହ ଠାବ କରିଛି ପୁଲିସ। ତାଙ୍କୁ ହତ୍ୟା କରାଯାଇଥିବା ଜାଣିବା ପରେ କ୍ୟାପିଟାଲ ଥାନା ପୁଲିସ ହତ୍ୟା ମାମଲା ରୁଜୁ କରିଛି। କେସ୍ ନଂ - ୫୩୫/୨୫ ରେ ମାମଲା ରୁଜୁ ହୋଇଛି। ସେଥିରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଦଫା ୧୦୩(୧) ଓ ୨୩୮ ଲାଗିଛି। ଦଫା ୧୦୩(୧) ରେ ଆଜୀବନ କାରାଦଣ୍ଡ ଓ ଫାଶୀଦଣ୍ଡ ସହ ଜରିମାନାର ହେବାର ପ୍ରାବଧାନ ରହିଛି। ଯେ କୌଣସି ଘଟଣାରେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ସେଠାରେ ୨୩୮ ବିଏନ୍ଏସ୍ ଲାଗିଥାଏ। ଯେଉଁ ମାମଲାର ଆଜୀବନ କାରାଦଣ୍ଡ ଓ ଫାଶୀଦଣ୍ଡର ବ୍ୟବସ୍ଥା ରହିଥାଏ, ସେହି ଘଟଣାରେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିବା ପ୍ରମାଣିତ ହେଲେ ୧୦ ବର୍ଷ ଯାଏଁ ଜେଲ୍ ଦଣ୍ଡ ମିଳିବାର ବ୍ୟବସ୍ଥା ରହିଛି।

- ପୁଲିସ ସନ୍ଦେହରେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ
- ମାଉସୀ ଘର ଗାଁକୁ ସୁରକ୍ଷିତ ଭାବିଥିଲା
- ପୁଲିସ ଗହଣରେ ହତ୍ୟା ଅଭିଯୁକ୍ତ
- ଲାଗିଲା ହତ୍ୟା ଓ ପ୍ରମାଣ ନଷ୍ଟ ଦଫା





## ଚାକିରି ଆଳରେ ଠକେଇ; ୩ ଗିରଫ

ଭୁବନେଶ୍ୱର, ୧୭।୯ (ସମିସ): ସରକାରୀ ଚାକିରି ଆଳରେ ୫ ଲକ୍ଷ ଟଙ୍କା ଠକି ନେଇଥିବା ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ନୂଆପଲ୍ଲୀ ନୂଆ ସାହିର ପତିତପାବନ ପତି (୪୦), ଗଣ୍ଡମୁଣ୍ଡା ତାରିଣୀ ବସ୍ତିର ପବିତ୍ର ମୋହନ ବେହେରା (୪୭) ଓ ବାଙ୍କୀର ଅମୀୟ କୁମାର ମନ୍ତ୍ରୀ (୨୫)।

ପୁଲିସ ସୂଚନା ଅନୁସାରେ, ବାଙ୍କୀର ସାଧନ କୁମାର ସାହୁ ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହେଉଥିବାବେଳେ ପବିତ୍ର ସଂସ୍ପର୍ଶରେ ଆସି ପତିତପାବନକୁ ଭେଟିଥିଲେ। ସରକାର ଚାକିରି ଯୋଗାଇବା ଆଳରେ ପତିତପାବନ ତାର ସହଯୋଗୀ ପବିତ୍ର ମାଧ୍ୟମରେ ସାଜନଙ୍କ ଠାରୁ ୫ ଲକ୍ଷ ଟଙ୍କା ଓ ଶିକ୍ଷାଗତ ପ୍ରମାଣପତ୍ର ନେଇଥିଲା। କିନ୍ତୁ ଚାକିରି କରାଇ ନଥିଲା କି ଟଙ୍କା ମଧ୍ୟ ଫେରାଇ ନଥିଲା। ଏନେଇ ସେ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତ ସମୟରେ ଅମୀୟର ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଆଜି ପୁଲିସ ପତିତପାବନ, ପବିତ୍ର ଓ ଅମୀୟକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୪ ଲକ୍ଷ ଟଙ୍କା, ଗୋଟିଏ ବାଇକ୍, ଗୋଟିଏ କାର, ଦୁଇଟି ମୋବାଇଲ୍ ଫୋନ୍, ପାସବୁକ୍, ସାର୍ଟିଫିକେଟ୍ ଓ ଚାକିରି ଆଶାୟୀଙ୍କ ଅନ୍ୟାନ୍ୟ ଶିକ୍ଷାଗତ ପ୍ରମାଣପତ୍ର ଜବତ କରିଥିଲା। ପତିତପାବନ ତା'ର ସହଯୋଗୀ ସରକାରୀ ଚାକିରି ଦେବା ଆଳରେ ଆଶାୟୀଙ୍କଠାରୁ ଟଙ୍କା ଓ ପ୍ରମାଣପତ୍ର ସଂଗ୍ରହ କରୁଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାର ଆଶାୟୀଙ୍କୁ ଚୂନ ଲଗାଇଥିବା ମଧ୍ୟ ଜଣାପଡ଼ିଛି। ପ୍ରାୟ ୩୦ରୁ ଅଧିକ ଚାକିରି ଆଶାୟୀ ଫସିଥିବା ଜଣାପଡ଼ିଛି।

## ଭାଉଜକୁ ଦୁଷ୍କର୍ମ; ଦିଅର ଗିରଫ

ଭୁବନେଶ୍ୱର, ୧୭।୯ (ସମିସ): ଭାଉଜକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଦିଅରକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଇଟାମାଟି ବଉଳ ସାହିର ଅନନ୍ତ ମହାପାତ୍ର (୨୩)।

ପୁଲିସ ସୂଚନା ଅନୁସାରେ, ଗତବର୍ଷ ଡିସେମ୍ବର ମାସ ୩୦ ତାରିଖ ଦିନ ଅଭିଯୋଗକାରିଣୀ ତାଙ୍କ ଘରେ ଏକା ଥିଲେ। ସେହି ସମୟରେ ଅନନ୍ତ ତାଙ୍କ ଘରେ ପଶି ଭିତର ପଟରୁ କବାଟ ବନ୍ଦ କରି ଦେଇଥିଲେ। ତାଙ୍କୁ ଧମକ ଦେଇ ଜୋରଜବରଦସ୍ତ ତାଙ୍କ ହାତ ଧରି ଚାପୁଡ଼ା ମାରିଥିଲା। ଏହାପରେ ତାଙ୍କ ଇଚ୍ଛା ବିରୁଦ୍ଧରେ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲା। ଭୟ ଓ ଧମକ ଯୋଗୁଁ ଅଭିଯୋଗକାରିଣୀ ପ୍ରଥମେ ଚୁପ୍ ରହିଥିଲେ। ପରବର୍ତ୍ତୀ ସମୟରେ ସ୍ୱାମୀଙ୍କୁ କହିଦେବ କହି ଅନନ୍ତ ବ୍ଲାକମେଲ୍ କରିଥିଲା। ଭୟଭୀତ କରି ବାରମ୍ବାର ଦୁଷ୍କର୍ମ କରିଥିଲା। ସ୍ୱାମୀ ସନ୍ଦେହ କରି ଆକ୍ରମଣ କରିବାରୁ ପୀଡ଼ିତା ସବୁକିଛି କହି ଦେଇଥିଲେ। ପରେ ଏନେଇ ମୈତ୍ରୀ ବିହାର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଗତକାଲି ପୁଲିସ ପୁରୀରେ ଚଢ଼ଉ କରି ଅନନ୍ତକୁ ଗିରଫ କରିଥିଲା।

● ପାର୍ବଣ ପୂର୍ବରୁ ଉପକଣ୍ଠ ଅଶାନ୍ତ

## ଘର ଉପରକୁ ବୋମାମାଡ଼

ଯାଁଳା, ୧୭।୯ (ସମିସ): ରାଜଧାନୀ ଉପକଣ୍ଠ ଇନଫୋସିଟି ଥାନା ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ଏଥିରେ ମୁଣ୍ଡମୁହାଣ ଗ୍ରାମର ମାନସ ପରିଡ଼ାଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏନେଇ ଇନଫୋସିଟି ଥାନାରେ ମାନସଙ୍କ ପରିବାର ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। କିନ୍ତୁ କେଉଁ କାରଣରୁ ବୋମା ମାଡ଼ ହୋଇଛି ତାହା ଅସ୍ପଷ୍ଟ ଅଛି। ମିଳିଥିବା ସୂଚନା ଅନୁସାରେ ମାନସ ସୋମବାର ରାତିରେ ଘରେ ପରିବାର ସହ ଶୋଇଥିଲେ। କେହି ଦୁର୍ବୃତ୍ତ ରାତି ପ୍ରାୟ ସାଢ଼େ ଦୁଇଟା ବେଳେ ବାଡି ଭିତରେ ପଶି ପଛପଟେ ଥିବା ଭଡାଟିଆଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ବୋମାମାଡ଼ର ଏତେ ଜୋର ଶବ୍ଦ ହୋଇଥିଲା ଯେ ମାନସ ସହ ତାଙ୍କ ଭଡାଟିଆମାନଙ୍କ ନିଦ ଭାଙ୍ଗି ଯାଇଥିଲା। ଭଡା ରହୁଥିବା ଲୋକ ଏନେଇ ଘର ମାଲିକ ମାନସଙ୍କୁ ଫୋନ କରି ଜଣାଇଥିଲେ। ମାନସ ଓ ତାଙ୍କ ଭଡାଟିଆ ମାନେ ଉଠି ବାହାରକୁ ଆସି ଦେଖିବା ବେଳକୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ମାନସଙ୍କ ଚଉରା ଭାଙ୍ଗି ଯାଇଥିବା ବେଳେ ତାଙ୍କ ଘର କାନ୍ଥ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅଭିଯୋଗ ପରେ ଇନଫୋସିଟି ଥାନା ପୁଲିସ ଘଟଣାସ୍ଥଳକୁ ଆସି ଯାଞ୍ଚ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଲିଫ୍ଟ ଆଳରେ ଲୁଟ୍; ଜଣେ ଗିରଫ

● ୩୦ ଚାର୍ଜର, ୪୦ ସ୍କୁଲ ବ୍ୟାଗ୍ ଜବତ

ଭୁବନେଶ୍ୱର, ୧୭।୯ (ସମିସ): ଲିଫ୍ଟ ଆଳରେ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚକେଇସିଆଣୀର ସାମନ୍ତ ଦିଗାଲ (୪୨)।

ପୁଲିସ ସୂଚନା ଅନୁସାରେ, ଗତ ୩ ତାରିଖରେ ହରିଶଙ୍କରଙ୍କୁ ସାମନ୍ତ ବାଇକରେ ଲିଫ୍ଟ ଦେଇ ଡମଣା ଆଣିଥିଲେ। ଡମଣାରୁ ହରିଶଙ୍କର ଚାଲି ଚାଲି ଯାଉଥିବା ବେଳେ ଗାଡ଼ିରେ ମୋବାଇଲ, ମନିପର୍ସ, ଏଟିଏମ୍ କାର୍ଡଥିବା ବ୍ୟାଗ ଛାଡ଼ି ଦେଇଥିଲେ। ହରିଶଙ୍କର ଯାଉଥିବା ବେଳେ ସାମନ୍ତ ଫେରାର ହୋଇ ଯାଇଥିଲା। ହରିଶଙ୍କର ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଆଜି ସକାଳେ କେଲୁଚରଣ ପାର୍କ ନିକଟରୁ ସାମନ୍ତକୁ ଗିରଫ କରିବା ସହ ବାଇକ୍ ଜବତ କରିଥିଲା। ତା'ର ଘର ତଲାସୀ ସମୟରେ ୩୦ଟି ମୋବାଇଲ୍ ଚାର୍ଜର, ୪୦ଟି ସ୍କୁଲ ବ୍ୟାଗ, ୯ଟି ୱାଲେଟ୍, ୧୦୦୦ ଟଙ୍କା, ସାମନ୍ତଙ୍କ ଶିକ୍ଷାଗତ କାଗଜପତ୍ର ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ କରିଥିଲା ପୁଲିସ।

## ଦୁଇ ବ୍ରାଉନସୁଗର ବେପାରୀ ଗିରଫ

ଭୁବନେଶ୍ୱର, ୧୭।୯ (ସମିସ): ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ସାଲିଆ ସାହିର ଦିଲ୍ଲୀପ କୁମାର ବରାଳ ଓରଫ୍ ଦିଲୁଆ (୫୭) ଓ ମିଥୁନ ସମୁଦ୍ରା (୨୫)। ପୁଲିସ ସୂଚନା ଅନୁସାରେ, ବୁଧବାର ସକାଳେ ହାତିଆଣ୍ଡୁଣୀ ପାଣି ଟାଙ୍କି ପଛରେ ବ୍ରାଉନସୁଗର ବିକ୍ରି ହେଉଥିବା ଖବରପାଇ ମୈତ୍ରୀ ବିହାର ଥାନା ପୁଲିସ ଚଢ଼ଉ କରିଥିଲା। ସେଠାରୁ ଦିଲୁଆ ଓ ମିଥୁନକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୧୦ ଗ୍ରାମ ଓଜନର ବ୍ରାଉନସୁଗର, ଦୁଇଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରିଥିଲା। ଏନେଇ ମୈତ୍ରୀ ବିହାର ଥାନା ପୁଲିସ ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ପୂର୍ବରୁ ଦିଲୁଆ ନାମରେ ୫ଟି ମାମଲା ଓ ସମୁଦ୍ର ନାମରେ ଗୋଟିଏ ମାମଲା ରହିଥିବା ଜଣାପଡ଼ିଥିଲା।

## ଦୁଇ ସୁନାଚେନ ଲୁଟେରା ଗିରଫ

ଭୁବନେଶ୍ୱର, ୧୭।୯ (ସମିସ): ସୁନା ଚେନ ଲୁଟ୍ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୮ ଅଞ୍ଚଳର ରାଜା ମଲ୍ଲିକ (୩୦) ଓ ରବି ଟକିଜ୍ ଅଞ୍ଚଳର କାଳିଆ ସାହୁ ଓରଫ୍ ସୁବାସ (୩୨)। ଗତ ଫେବୃୟାରୀ ୧୪ ତାରିଖ ସନ୍ଧ୍ୟାରେ କାକଟପୁରର ବିଶ୍ୱମତୀ ସ୍ୱାଇଁ ଏନସିସି କ୍ୟାଣ୍ଟିନ୍ ଲେନ୍ ଦେଇ ଯାଉଥିଲେ। ସେହି ସମୟରେ ରାଜା ଓ ରଞ୍ଜନ ପ୍ରଧାନ ବାଇକରେ ଆସି ତାଙ୍କୁ ଛୁରି ଦେଖାଇ ସୁନା ଚେନ୍ ଛଡ଼ାଇ ନେଇଥିଲେ। ବିଶ୍ୱମତୀଙ୍କ ବେକରେ ଆଘାତ ଲାଗିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ବିଏମସି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ସେ ଅଭିଯୋଗ କରିବା ପରେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି ରାଜାକୁ ଗିରଫ କରିବା ସହ ୮ ଗ୍ରାମ ଓଜନର ଗୋଟିଏ ଛିଣ୍ଡା ସୁନା ଚେନ୍ ଜବତ କରିଥିଲା। ରାଜା ନାମରେ ଖଣ୍ଡଗିରି, ଖାରବେଳ ନଗର ଓ କ୍ୟାପିଟାଲ ଥାନାରେ ୫ଟି ମାମଲା ରହିଛି। ସେହିପରି ଫେବୃୟାରୀ ୧୭ରେ ଟଙ୍କପାଣି ରୋଡର ରନିଲା ସ୍ୱାଇଁ ଲୁଇସ୍ ରୋଡ୍‌ରେ ଯାଉଥିଲେ। ଜୁଡିଓ ସୋରୁମ୍ ନିକଟରେ କାଳିଆ ଓ ରଞ୍ଜନ ପ୍ରଧାନ ଆସି ତାଙ୍କ ସୁନା ଚେନ୍ ଛଡ଼ାଇ ନେଇଥିଲେ। ଅଭିଯୋଗ ପରେ ତଦନ୍ତ କରୁଥିବା ଶ୍ରୀ ଲିଙ୍ଗରାଜ ଆଜି କାଳିଆକୁ ଗିରଫ କରିଥିଲା। ରବି ଟକିଜ୍ ଅଞ୍ଚଳର ହାତିଆଣ୍ଡୁଣୀ ଲେନରୁ ଏକ ଛିଣ୍ଡା ସୁନା ଚେନ୍ ଜବତ କରିଥିଲା।

## କୁକୁର ପାଳୁଛନ୍ତି ସହରବାସୀ | ମଢ଼ା ଶୁଙ୍ଘୁଛନ୍ତି ଉପକଣ୍ଠବାସୀ

ଭୁବନେଶ୍ୱର, ୧୭।୯ (ସମିସ): କୁକୁର ପାଳୁଛନ୍ତି ରାଜଧାନୀବାସୀ। କୁକୁରକୁ ବେକରେ ପଟି ପକାଇ ରାସ୍ତାରେ ବୁଲାଉଛନ୍ତି। ବୁଲା କୁକୁରଙ୍କୁ ଖାଦ୍ୟ ଦେଇ ସେଲ୍‌ଫି ଉଠାଇବେ। କୁକୁର ସହିତ ସବୁ ମଜା ନେବେ ସହରବାସୀ ହେଲେ ମଲା ପରେ ଭୁବନେଶ୍ୱର ସହର ଉପକଣ୍ଠରେ ପଶୁଙ୍କ ମଢାକୁ ବିଏମ୍‌ସି ଜାମୁକୋଳି ପଞ୍ଚାୟତ ସ୍ଥିତ ଗୋଶାଳା ପରିସରରେ ଫୋପାଡି ଚାଲି ଯାଉଛି। ମଢାକୁ ପୋତିବାର ଅବହେଳା ସବୁ ସୀମା ଟପିଯାଉଛି। ଗନ୍ଧରେ ସ୍ଥାନୀୟ ଲୋକେ ଆକ୍ରାମାକ୍ରା ହୋଇପଡୁଛନ୍ତି। ନିକଟସ୍ଥ ସ୍କୁଲରେ ପିଲାଙ୍କ ପାଠ ପଢ଼ା ପ୍ରଭାବିତ ହେଉଛି।

- ଜାମୁକୋଳି ବାସିନ୍ଦା ଆକ୍ରାମାକ୍ରା
- ସ୍କୁଲ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ



କୁକୁର, ବିଲେଇ ଭଳି ଛୋଟ ପଶୁଙ୍କ ମଢାରେ ଗନ୍ଧାଉଛି ଜାମୁକୋଳି ଗୋଶାଳା। ଏହି ଉତ୍କଟ ଗନ୍ଧ ପଛରେ ଆଉ କାହାର ହାତ ନାହିଁ। ସ୍ଥାନୀୟ ଲୋକଙ୍କୁ ହଇରାଣ କରାଇବା ପଛର କାରଣ ପାଲଟିଛି ବିଏମ୍‌ସି। ଭୁବନେଶ୍ୱର ସହରର ସମସ୍ତ କୁକୁର ମଢକୁ ବିଏମ୍‌ସି ଏଠାରେ ଫୋପାଡି ଦେଇ ଚାଲିଯାଉଛି। ପୋତିବା ପାଇଁ ଖାଲ ତ ଖୋଳା ଯାଉଛି ହେଲେ ମାଟି ଭରା ଯାଉନି। ଖାଲରୁ ବାହାରୁଥିବା ଗନ୍ଧ ସ୍ଥାନୀୟ ଲୋକଙ୍କୁ ଆକ୍ରାମାକ୍ରା କରିଦେଉଛି। ଏଭଳି ଗନ୍ଧରେ ସ୍ଥାନୀୟ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ନିକଟରେ ଲାଗବର୍ଣ୍ୟଗିରି ବିଦ୍ୟାପିଠ ନାମକ ସ୍କୁଲ ରହିଛି। ଗନ୍ଧ ଯୋଗୁଁ ପାଠପଢ଼ ପ୍ରଭାବିତ ହେଉଛି।

ଜାମୁକୋଳୀରେ ବିଏମ୍‌ସି ପକ୍ଷରୁ ୨୦ଏକରରୁ ଊର୍ଦ୍ଧ୍ୱ ଜମିରେ ଗୋଶାଳା ନିର୍ମାଣ କରାଗଲା। କାଳକ୍ରମେ ଗୋରୁ ଛଡାଗଲା। ଏହାଶୁଣି ସ୍ଥାନୀୟ ଲୋକେ ଖୁସି ବ୍ୟକ୍ତ କରିଥିଲେ। ଯାହା ହେଉ ବିଏମ୍‌ସି ଏଠାରେ ଏକ ପୁଣ୍ୟ କାମ କରୁଛି। ହେଲେ କିଛିଦିନ ହେବ ପ୍ରାୟ ୩ ଏକର ପରିମିତ ସ୍ଥାନକୁ ଗୋରୁ ପୋତିବା ସ୍ଥାନ ଭାବେ ବ୍ୟବହାର କରାଯିବ ବୋଲି କୁହାଗଲା। ପରବର୍ତ୍ତୀ ସମୟରେ କିନ୍ତୁ ବିଏମ୍‌ସି ଏହି ସ୍ଥାନରେ ଛୋଟ ପଶୁ ପୋତିବା ଆରମ୍ଭ କରିଛି। ଏଭଳି ହେବ ଅନୁମାନ କରି ସ୍ଥାନୀୟ ଲୋକେ କିଛିଦିନ ତଳେ ମଢ଼ା ନେଉଥିବା ଗାଡିକୁ ଅଟକାଇ ଦେଇଥିଲେ। ବୁଝାସୁଝା ପରେ ଗାଡିକୁ ଛାଡିଥିଲେ। ହେବେ ବିଏମ୍‌ସି କର୍ମଚାରୀଙ୍କ ବେପରୁଆ ପଣ ଯାହାକୁ ସେଇଆ। ଏଣୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ରବୀନ୍ଦ୍ର ରାଉତ କହିଛନ୍ତି ସହରବାସୀ କୁକୁର ପାଳିବେ ଉପକଣ୍ଠ ଲୋକେ ମଢ ଗନ୍ଧ ଶୁଙ୍ଘିବେ। ତେବେ ଏସମ୍ପର୍କରେ ବିଭାଗୀୟ ଅଧିକାରୀ ଜାଣିବା ପରେ ଗାତ ବନ୍ଦ କରିବାକୁ ତୁରନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## କାଚ ବୋତଲରେ ଆକ୍ରମଣ ଘଟଣା: ଆଉଜଣେ ଗିରଫ

ଧଉଳି, ୧୭।୯ (ସମିସ): ଦାଦାବଟିକୁ କେନ୍ଦ୍ରକରି ଧଉଳି ଥାନା ଅଞ୍ଚଳରେ କାଚ ବୋତଲରେ ଆକ୍ରମଣ ଘଟଣାରେ ପୁଲିସ ଆଉଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଶିଶୁପାଳଗଡ଼ ଅଞ୍ଚଳର ସୋନୁ ଓରଫ କୈବର୍ତ୍ତ ସାମଲ। ପୂର୍ବରୁ ଏହି ଘଟଣାରେ ପୁଲିସ ଅନ୍ୟ ଜଣେ ଅଭିଯୁକ୍ତ ଉତ୍ତମ ଓରଫ ଚନ୍ଦନ ମହାପାତ୍ରଙ୍କୁ ଗିରଫ କରିଥିଲା। ଖବରନେବାରେ ଜଣାପଡ଼ିଛି ବାଲିପାଟଣା ଥାନା ବିଶ୍ୱନାଥପୁର ଗ୍ରାମର ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କ ସମ୍ପୃକ୍ତ ଥାନା ଲିଙ୍ଗିପୁର ଛକରେ ଏକ ପୁରୁଣା ବାଇକ ସୋରୁମ ଅଛି। ଗତ ଜୁନ ୧୩ ତାରିଖ ରାତିରେ ସ୍ୱପ୍ନେଶ୍ୱର ସୋରୁମ ବନ୍ଦ କରି କାର ଯୋଗେଁ ନିଜ ଗ୍ରାମକୁ ବାହାରିବା ସମୟରେ ଶିଶୁପାଳଗଡ଼ ଅଞ୍ଚଳର ହାପି ଭୋଇ ଓ ଉତ୍ତମ ମହାପାତ୍ର ଆସି କାରକୁ ଅଟକାଇ ଗାଳିଗୁଲଜ କରିବା ସହ ସ୍ୱପ୍ନେଶ୍ୱରଙ୍କ ମୁଣ୍ଡକୁ କାଚ ବୋତଲରେ ଆକ୍ରମଣ କରିଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ସୋରୁମ ଷ୍ଟାଫ ଶିବ ପ୍ରସାଦ ସେଠୀ ଆସି ସେମାନଙ୍କୁ ଅଟକାଇଥିଲେ। ମାତ୍ର ହାପି ଓ ଉତ୍ତମ ତାଙ୍କୁ ମଧ୍ୟ ବୋତଲରେ ମାଡ଼ ମାରିଥିଲେ।

## ବାପାଙ୍କ ଦଶାହରେ ପୁଅର ମୃତ୍ୟୁ

ଭୁବନେଶ୍ୱର, ୧୭।୯ (ସମିସ): ବାପାଙ୍କ ଦଶାହ କର୍ମ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି ପୁଅ। ତମାଣ୍ଡୋ ଥାନା ଅଧୀନସ୍ଥ ନାରଗୋଦା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୃତକ ହେଉଛନ୍ତି ମନୋଜ କୁମାର ସେଠୀ (୪୫)। ମିଳିଥିବା ସୂଚନା ଅନୁସାରେ, ମନୋଜଙ୍କ ପିତା ଲକ୍ଷ୍ମୀଧର ସେଠୀ ଆଜକୁ ୧୦ ଦିନ ପୂର୍ବରୁ ମୃତ୍ୟୁବରଣ କରିଥିବା ବେଳେ ଆଜି ତାଙ୍କ ଦଶାହ। ଗତକାଲି ରାତିରେ ପୁଅ ମନୋଜ ଖାଇପିଇ ଶୋଇଥିଲେ କିନ୍ତୁ ଆଜି ସକାଳୁ ଆଉ ନିଦରୁ ଉଠି ନଥିଲେ। ମନୋଜ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଏମ୍ସରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବାଇକ୍ ଚୋରକୁ ୩ ବର୍ଷ ଜେଲ୍

ଭୁବନେଶ୍ୱର, ୧୭।୯ (ସମିସ): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଘଟିଥିବା ଏକ ବାଇକ୍ ଚୋରି ମାମଲାର ରାୟ ଆଜି ପ୍ରକାଶ ପାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ ର ବିଚାରପତି ସୋମେଶ ସୌମ୍ୟଜିତ ପଣ୍ଡା ମାତ୍ର ୫୭ ଦିନରେ ବିଚାରକରି ଆସାମୀ ସାଜିଦ ଖାନ ଓରଫ ଟୁକୁନାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ଗତ ଜୁଲାଇ ମାସ ୭ ତାରିଖ ସନ୍ଧ୍ୟାରେ ଲକ୍ଷ୍ମୀସାଗର ବିଡିଏ କଲୋନୀର ରାମ ମନ୍ଦିର ପୂଜକ ମନ୍ଦିର ସମ୍ମୁଖରେ ପାର୍କ କରି ରଖିଥିଲେ। ସେହି ସମୟରେ ଟୁକୁନା ତାଙ୍କ ବାଇକ୍ ଚୋରି କରି ନେଇଥିଲା। ଏନେଇ ସେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ଏସ୍ଆଇ ଜଗନ୍ନାଥ ନାୟକ ଟୁକୁନାକୁ ଗିରଫ କରିବା ସହ ମାସକ ମଧ୍ୟରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ୫ଜଣ ସାକ୍ଷୀ ଓ ୧୮ଟି ଦସ୍ତାବିଜ ଆଧାରରେ ମାମଲାର ବିଚାରକରି ଟୁକୁନାକୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୩ ମାସର କାରାଦଣ୍ଡାଦେଶ ଆଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ଏହି ମାମଲାକୁ ପରିଚାଳନା କରୁଥିଲେ।

## ପୂଜା ପୂର୍ବରୁ ଅଶାନ୍ତ ସହର | ଅପରାଧୀଙ୍କ କବ୍‌ଜାରେ ରାଜଧାନୀ ରାତି

ଭୁବନେଶ୍ୱର, ୧୭।୯(ସମିସ): ଦୁର୍ଗାପୂଜା ପୂର୍ବରୁ ଅଶାନ୍ତ ହୋଇପଡ଼ିଛି ରାଜଧାନୀ। ଗୋଟିଏ ରାତିରେ ରାଜଧାନୀର ବିଭିନ୍ନ ସ୍ଥାନରେ ଦୁଇ ଦୁଇଟି ବସ୍ତିରେ ବୋମାମାଡ଼ ହୋଇଥିବା ବେଳେ ଉପକଣ୍ଠବର୍ତ୍ତୀ ଯାଁଳାରେ ମଧ୍ୟ ବୋମାମାଡ଼ ହୋଇଛି। ସେହିଭଳି ମଈଁଷାଖାଲ ବସ୍ତିରେ କିଛି ଦୁର୍ବୃତ୍ତ ଆତଙ୍କ ରଚିବା ସହ ଖଣ୍ଡାଧରି ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳରେ ଗତକାଲି ରାତିରେ ଅଶାନ୍ତ ହୋଇପଡ଼ିଛି ରାଜଧାନୀର ପରିବେଶ।

ଆଗକୁ ଦୁର୍ଗାପୂଜା। ଏଥିପାଇଁ ପାର୍ବଣର ମାହୋଲ ସରଗରମ ହୋଇପଡ଼ିଲାଣି। ଏହାକୁ ଦୃଷ୍ଟିରେ ରଖି ରାଜଧାନୀରେ ରାଜ୍ୟ ବାହାର ଅପରାଧୀମାନେ ଡେରା ପକାଇଲେଣି। ଅପରପକ୍ଷେ ରାଜଧାନୀର ବିଭିନ୍ନ ବସ୍ତି ଏବଂ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ପରିବେଶ କ୍ରମେ ଅଶାନ୍ତ ହେବାରେ ଲାଗିଛି। ମଙ୍ଗଳବାର ବିଳମ୍ବିତ ରାତିରେ କ୍ୟାପିଟାଲ୍ ଥାନା ଏବଂ ବଡ଼ଗଡ଼ ଥାନା ଅଞ୍ଚଳରେ ଥିବା ଦୁଇଟି ବସ୍ତିରେ କିଛଇ ଦୁର୍ବୃତ୍ତ ଆସି ବୋମାମାଡ଼ କରି ଫେରାର୍ ହୋଇଯାଇଛନ୍ତି। ଖବର ନେବାରୁ ଜଣାପଡ଼ିଛି ଯେ, ୨ଟି ବାଇକ୍‌ରେ ୬ ଜଣ ଦୁର୍ବୃତ୍ତ ଆସି ବଡ଼ଗଡ଼ ଥାନା ଅନ୍ତର୍ଗତ ଗୌତମନଗର ବସ୍ତିରେ ଏବଂ କ୍ୟାପିଟାଲ୍ ଥାନା ଅନ୍ତର୍ଗତ ଫାଳିକିଆ ବସ୍ତିରେ ଗୋଟିଏ କି ଦୁଇଟି ନୁହେଁ ୮ଟି ବୋମାମାଡ଼ କରି ଫେରାର ହୋଇଯାଇଛି। ତେବେ ଏହି ବୋମାମାଡ଼ ପଛରେ ଦୁର୍ବୃତ୍ତଙ୍କ କି ଉଦ୍ଦେଶ୍ୟ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ଅପରପକ୍ଷେ ବୋମାମାଡ଼ ସମ୍ପର୍କରେ ଖବର ପାଇ ପିସିଆର୍ ପହଞ୍ଚିବା ବେଳକୁ ଦୁର୍ବୃତ୍ତମାନ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଏ ନେଇ ତଦନ୍ତ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୂଚନା ପାଇପାରିନାହିଁ। ସେହିଭଳି ବୋମାମାଡ଼ ପୂର୍ବରୁ ମଙ୍ଗଳବାର ବିଳମ୍ବିତ ରାତିରେ ମଇଁଷାଖାଲ ବସ୍ତିରେ କିଛଇ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଗୋଡାଇ ଗୋଡ଼ାଇ ହାଣିଥିଲେ। ଏଥିରେ ସନ୍ଦିପ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ପୁଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ ୬ ଜଣ ଦୁର୍ବୃତ୍ତ କ୍ୟାପିଟାଲ୍ ଥାନା ପଛପଟେ ଥିବା ମଇଁଷାଖାଲ ବସ୍ତିରେ ସନ୍ଦୀପଙ୍କୁ ପ୍ରଥମେ ହାଣିବା ପାଇଁ ଗୋଡ଼ାଇଥିଲେ। ସନ୍ଦିପ ଜାଣିପାରି ଖସିଯିବା ପାଇଁ ଉଦ୍ୟମ କରିବାରୁ ସେମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ମାରଣାସ୍ତ୍ରରେ ଚୋଟ ମାରିଥିଲେ। ଖଣ୍ଡାଚୋଟରେ ସନ୍ଦିପଙ୍କ ହାତ, ପେଟ, ପିଠିରେ ବାଜିଥିଲା।



- ବସ୍ତି ଓ ଉପକଣ୍ଠରେ ଅସାମାଜିକଙ୍କ ଆତଙ୍କ
- ଗୋଟିଏ ରାତିରେ ୩ ସ୍ଥାନରେ ବୋମାମାଡ଼
- ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ସଂଘବଦ୍ଧ ଆକ୍ରମଣ

କେବଳ ଏତିକି ନୁହେଁ ଇନଫୋସିଟି ଥାନା ରାଜଧାନୀ ଉପକଣ୍ଠବର୍ତ୍ତୀ ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମରେ ଗତରାତିରେ ଜଣେ ବ୍ୟକ୍ତିଙ୍କ ଘର ଉପରକୁ କେହି ଦୁର୍ବୃତ୍ତ ବୋମାମାଡ଼ କରିଥିବା ଅଭିଯୋଗ ହୋଇଛି। ବୋମାମାଡରେ ମୁଣ୍ଡମୁହାଣ ଗ୍ରାମର ମାନସ ପରିଡ଼ାଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏନେଇ ଇନଫୋସିଟି ଥାନାରେ ମାନସଙ୍କ ପରିବାର ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। କିନ୍ତୁ କେଉଁ କାରଣରୁ ବୋମା ମାଡ଼ ହୋଇଛି ତାହା ଅସ୍ପଷ୍ଟ ଅଛି। ଏହି ବୋମା ମାଡ ପରେ ମାନସଙ୍କ ପରିବାର ଭୟଭୀତ ଅବସ୍ଥାରେ ଥିବା କହିଛନ୍ତି। ରାତିକ ଭିତରେ ଏଭଳି ବାରମ୍ବାର ବୋମାମାଡ଼ ଏବଂ ଆକ୍ରମଣ ଘଟଣା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ଆଗକୁ ଦୁର୍ଗାପୂଜାରେ ରାଜଧାନୀରେ ଅଧିକ ଭିଡ଼ ହେବାର ସମ୍ଭାବନା ଥିବାରୁ ପୁଲିସ କିଭଳି ଏହିଭଳି ଅପରାଧକୁ ପ୍ରତିହତ କରୁଛି ତାହା ଦେଖିବାକୁ ବାକି ରହିଛି।

# ଖାଲଖମାରେ ଭର୍ତ୍ତି ରାଇରଙ୍ଗପୁର ବସ୍‌ଷ୍ଟାଣ୍ଡ; ଯାତ୍ରୀ ହୀନସ୍ତା



ରାଇରଙ୍ଗପୁର, ୧୭।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ପ୍ରମୁଖ ସହର ରାଇରଙ୍ଗପୁର ଏବଂ ବାମନଘାଟୀ ଉପଖଣ୍ଡର ମୁଖ୍ୟାଳୟ। ବର୍ତ୍ତମାନ ରାଇରଙ୍ଗପୁରକୁ ସରକାର ନୂତନ ପୁଲିସ ଜିଲ୍ଲା ମାନ୍ୟତା ପ୍ରଦାନ କରିଥିବାରୁ ଏହି ସହରର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ରାଇରଙ୍ଗପୁର ଏକ ବ୍ୟସ୍ତବହୁଳ ଓ ଗୁରୁତ୍ୱପୂର୍ଣ୍ଣ ସହର। ଏଠାରେ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା, କୋର୍ଟ, କଚେରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଉପଖଣ୍ଡ ପୁଲିସ୍ ଅଧିକାରୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ସହିତ ସ୍କୁଲ, କଲେଜ ଓ କୋଚିଂ ସେଣ୍ଟର ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନ, ଦୋକନ ବଜାର, ମନ୍ଦିର ରହିଛି। ଫଳରେ ଏହି ସହରକୁ ବିଭିନ୍ନ କାମରେ ଦୈନନ୍ଦିନ ହଜାର ହଜାର ଲୋକ ବିଭିନ୍ନ କାମରେ ଆସିଥାନ୍ତି। ଏହି ସହର ଟାଟା-ବାଦାମପାହାଡ ରେଳପଥ ଓ ୨୨୦ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ସର୍ବଦା ବ୍ୟସ୍ତବହୁଳ ଦେଖାଦେଉଛି। ରାଇରଙ୍ଗପୁର ବସଷ୍ଟାଣ୍ଡରୁ ଦୈନିକ ଶହ ଶହ ବସ ଦୂରଦୂରାନ୍ତ ଏବଂ ଉପଖଣ୍ଡର ବିଭିନ୍ନ ଅଞ୍ଚଳକୁ ଯାତାୟାତ କରିଥାଏ। ଏଠାରୁ ଭୁବନେଶ୍ୱର, କଟକ, ପୁରୀ ସହିତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରଜ୍ୟାକୁ ମଧ୍ୟ ବସ ଚଳାଚଳ କରିଥାଏ; ହେଲେ ଏଠାରେ ଥିବା ବସ୍‌ଷ୍ଟାଣ୍ଡ ଅବ୍ୟବସ୍ଥା ଓ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ବସଷ୍ଟାଣ୍ଡର ପ୍ରବେଶ ପଥ ଓ ରହଣୀସ୍ଥଳ ବଡ଼ ବଡ଼ ଖାଲଖମାରେ ଭର୍ତ୍ତି ହୋଇରହିଛି। ବଡବଡ ଖାଲରେ ବର୍ଷାଜଳ ଭର୍ତ୍ତି ହୋଇ କୃତ୍ରିମ ଜଳାଶୟ ସୃଷ୍ଟି ହୋଇଛି।

ସେହିପରି ଏଠାରେ ଥିବା ଅପରିଷ୍କାର, ଅପରିଷ୍କାର ଶୌଚାଳୟ ଓ ପରିଶ୍ରାଗାରର ଦୁର୍ଗନ୍ଧରେ ନାକ ଫାଟିଯାଉଛି। ଫଳରେ ଯାତୀ ଏବଂ ସାଧାରଣ ଲୋକେ ଶୌଚାଳୟ ଓ ପରିଶ୍ରାଗାର ବ୍ୟବହାର କରିବା ପରିବର୍ତ୍ତେ ବସଷ୍ଟାଣ୍ଡ ଆଖପାଖରେ ପରିସ୍ରା କରୁଛନ୍ତି। ତେଣୁ ବସ୍‌ଷ୍ଟାଣ୍ଡ ପରବେଶ ଆହୁରି ଦୂଷିତ ହେବାରେ ଲାଗିଛି। ଶୌଚାଳୟ ଓ ଦୋକାନ ବଜାରର ଅଳିଆ ପାଣି ସବୁ ନର୍ଦ୍ଦମାରେ ଜମା ହୋଇ ଉତ୍କଟ ଗନ୍ଧରେ ବାତାବରଣ ସୃଷ୍ଟି କରୁଛି। ଷ୍ଟାଣ୍ଡରେ ଥିବା ଦୋକାନ ବଜାର, ଉଠାଦୋକାନୀ ଓ ଟିକଟ କାଉଣ୍ଟର ଷ୍ଟଲ ସବୁ ଅବ୍ୟବସ୍ଥିତ ଅବସ୍ଥାରେ ରହିଛି। ସନ୍ଧ୍ୟା ହେବାମାତ୍ରେ ବସଷ୍ଟାଣ୍ଡ ପରିସର ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଫଳରେ ଛାତ୍ରଛାତ୍ରୀ ଓ ମହିଳା ଯାତ୍ରୀଙ୍କୁ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବା ପଡେ। ଯାତ୍ରୀ ପ୍ରତୀକ୍ଷାଳୟଗୁଡିକୁ ମଧ୍ୟ ବ୍ୟବହାର ଯୋଗ୍ୟ କରାଯିବା ଆବଶ୍ୟକତା ରହିଛି। ଏସବୁ ସମସ୍ୟା ପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମା' କୀଚକେଶ୍ୱରୀ ପୀଠରେ ଫାଣ୍ଡି ସ୍ଥାପନ ଦାବି




ଖିଚିଂ, ୧୭।୯ (ସମିସ): ଦେଶର ପ୍ରମୁଖ ଆଧ୍ୟାତ୍ମିକ କ୍ଷେତ୍ର ଖିଚିଂକୋଟ ବା ଆଧୁନିକ ଖିଚିଂ ଏକଦା ସମୃଦ୍ଧିଶାଳୀ ଖିଚିଂ ମଣ୍ଡଳ ରାଜ୍ୟର ରାଜଧାନୀ ଭାବେ ମାନ୍ୟତା ଲାଭ କରିଥିଲା। ଏହି ଭୂଖଣ୍ଡରେ ବିଭିନ୍ନ ସମୟରେ ବିଭିନ୍ନ ଧର୍ମଧାରା ପରିପ୍ରକାଶ ହୋଇଥିଲେ ସୁଦ୍ଧା ଭଞ୍ଜ ରାଜାମାନେ ଖିଜିଙ୍ଗେଶ୍ୱରୀ (କୀଚକେଶ୍ୱରୀ) ଭାବରେ ଚାମୁଣ୍ଡାଙ୍କୁ ଏହି ପବିତ୍ର ପୀଠରେ ପୂଜାର୍ଚ୍ଚନା କରିଆସୁଥିଲେ। ରାଜକୀୟ ପୃଷ୍ଠପୋଷାକତା ଲାଭକରି ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିଠାରୁ ଏଯାବତ ଏହି ପୀଠରେ ମା' କୀଚକେଶ୍ୱରୀଙ୍କ ସମେତ ଚନ୍ଦ୍ରଶେଖର ଓ ମୃତ୍ୟୁଞ୍ଜୟ ମହାଦେବ ଯଥାଭକ୍ତି ରୀତିନୀତିରେ ଉପଚାରିତ ହୋଇଆସୁଛନ୍ତି। ଏଥି ସହିତ ଏଠାରେ ରହିଛି ରାଜ୍ୟର ସର୍ବ ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ, ଇତିହାସର ମୂକସାକ୍ଷୀ ବିରାଟ ଗଡ଼, କୀଚକ ଗଡ଼। ତେଣୁ ଭୌଗୋଳିକ ଦୃଷ୍ଟିରୁ ଏହି ପୀଠ ଜିଲ୍ଲାର ଶେଷ ସୀମାରେ ଅବସ୍ଥିତ ଥିବାବେଳେ ଏହାର ସ୍ୱଳ୍ପ ଦୂରରେ ରହିଛି କେନ୍ଦୁଝର ଓ ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମ ଜିଲ୍ଲା। ପ୍ରାୟ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଏହି ପୀଠରେ ସମାଗମ ହୋଇଥାଏ। ଏଥି ସହିତ ପର୍ଯ୍ୟଟନ ଋତୁରେ ଖିଚିଂ ଓ ଏହାର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ବଣଭୋଜି ପାଇଁ ଖୁବ ଭିଡ଼ ହେଉଥିବା ଦେଖିବାକୁ ମିଳିଥାଏ। ମହିଳା ଶ୍ରଦ୍ଧାଳୁ ଭକ୍ତମାନେ ମୂଲ୍ୟବାନ ସୁନା ଅଳଙ୍କାର ପରିଧାନ କରି ମନ୍ଦିର ତଥା ସ୍ଥାନୀୟ ଦର୍ଶନୀୟ ସ୍ଥାନମାନ ପରିଭ୍ରମଣ କରିବାକୁ ଆଦୌ ସୁରକ୍ଷିତ ମଣୁନଥିବାରୁ ଏଠାରେ ଏକ ଫାଣ୍ଡି ସ୍ଥାପନ କରିବାକୁ ଦାବି ହେଉଛି। ବିଭିନ୍ନ ସମୟରେ ଦୁର୍ବୃତ୍ତମାନେ ଭକ୍ତଙ୍କଠାରୁ ଲୁଟ୍ କରୁଥିବା ନିଜର ରହିଛି। ଏତାଦୃଶ ବିଷୟକୁ ବିଚାରକୁ ନେଇ ଖିଚିଂ ପୀଠରେ ତୁରନ୍ତ ଗୋଟିଏ ପୁଲିସ ଫାଣ୍ଡି ସ୍ଥାପନ ପାଇଁ ବିଭଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସାନ୍ତାଳୀ ଭାଷାରେ ଖୋଲିବ ସ୍ନାତକୋତ୍ତର ଶ୍ରେଣୀ ଦୂରନିରନ୍ତର ପାଠ୍ୟକ୍ରମ

ବାରିପଦା, ୧୭।୯ (ସମିସ): ଅଞ୍ଚଳ ଭାରତୀୟ ସାନ୍ତାଳୀ ଲେଖକ ସଂଘ ଏବଂ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାନ୍ତାଳୀ ବିଭାଗରେ ପଣ୍ଡିତ ରଘୁନାଥ ମୁର୍ମୁ ଚେୟାର୍ ଖୋଲିବା ଏବଂ ସାନ୍ତାଳୀ ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖା ଶୁଳ୍କ କୋହଳ କରିବା ନିମନ୍ତେ ନିବେଦନ କରାଯାଇଛି। ଏଥିସହିତ ସାନ୍ତାଳୀ ବିଷୟେର ସ୍ନାତକୋତ୍ତର ଶ୍ରେଣୀ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଖୋଲାଯାଇଥିବା ବେଳେ କେବଳ ଏମ୍‌ପିସି କଲେଜରେ ସାନ୍ତାଳୀ ସମ୍ମାନ ଖୋଲାଯାଇଛି। କାରଣ ସ୍ନାତକୋତ୍ତର ଶ୍ରେଣୀରେ ଖୋଲାଯାଇଥିବା ସିଟ୍ ତୁଳନାରେ ସାନ୍ତାଳୀ ସମ୍ମାନରେ ସିଟ୍ କମ୍ ଥିବାରୁ ଏକ ବିଚିତ୍ର ସ୍ଥିତି ଉପୁଜିଛି। ଏଣୁ ପ୍ରତିନିଧି ଦଳ ତୁରନ୍ତ ଏହାପାଇଁ ପଦେକ୍ଷପ ନେବାପାଇଁ କୁଳପତିଙ୍କୁ ଦାବି ଜଣାଇଛନ୍ତି। ସାକ୍ଷାତ କରିଥିବା ପ୍ରତିନିଧି ଦଳରେ ଏମପିସି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ତଥା ଲେଖକ ସଂଘର ଉପଦେଷ୍ଟା ପ୍ରଫେସର ଦମୟନ୍ତୀ ବେଶ୍ରା, ଏମପିସି ମହାବିଦ୍ୟାଳୟ, ସାନ୍ତାଳୀ ବିଭାଗର ଅତିଥି ଅଧ୍ୟାପକ ଲକ୍ଷଣ ବାସ୍କେ, ଭୀମ ମୁର୍ମୁ ଓ ସିମାଲ୍ ସରେନ୍, ବାରିପଦା କଲେଜ୍ ଅଫ ଆକାଉଣ୍ଟାନ୍‌ସୀ ମ୍ୟାନେଜମେଣ୍ଟର ଅତିଥି ଅଧ୍ୟାପକ ଶିରାମ ଟୁଡୁ, ଏମଏସସିବି ବିଶ୍ୱବିଦ୍ୟାଳୟର ଅତିଥି ଅଧ୍ୟାପକ ଦୁର୍ଗା ସରେନ୍ ଓ ହେରିଟେଜ୍ ଟ୍ରଷ୍ଟର କୋଷାଧ୍ୟକ୍ଷ ଅନ୍ତା ଆଲୋକ ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ। ହେଲେ କୁଳପତି ଏଥି ନିମନ୍ତେ ସକାରାତ୍ମକ ମନୋଭାବ ପ୍ରକାଶ କରିଥିଲେ। ପଦକ୍ଷେପ ନେବା ପାଇଁ ଶୀଘ୍ର ଦାବିପତ୍ର ସରକାରଙ୍କୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ପ୍ରକାଶ କରିଛନ୍ତି। ଏହା ସହିତ କୁଳପତି ପ୍ରତିନିଧି ଦଳକୁ ଜଣାଇଛନ୍ତି ଯେ ସାନ୍ତାଳୀ ଭାଷାରେ ସ୍ନାତକୋତ୍ତର ଶ୍ରେଣୀ ନିମନ୍ତେ ଦୂରନିରନ୍ତର ପାଠ୍ୟକ୍ରମ ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି।



# ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ବୈଶିଙ୍ଗା, ୧୭।୯ (ସମିସ): ବୈଶିଙ୍ଗା ଥାନା ଅର୍ନ୍ତଗତ ବାଲକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ସୋମବାର ବିଦ୍ୟାଳୟ ଛୁଟି ହେବାପରେ ସମସ୍ତ କବାଟ ଝରକା ବନ୍ଦ କରାଯାଇଥିଲା। ମଙ୍ଗଳବାର ସକାଳେ ଦେଖିଲାବେଳକୁ ତାଲା ଭଙ୍ଗାଯାଇ ଷ୍ଟୋର ରୁମ, କମନ ରୁମ ଏବଂ ଅନ୍ୟ ଦୁଇଟି ରୁମ୍‌ର ତାଲା ଭଙ୍ଗାଯାଇ ଆସବାବପତ୍ର ଏଣେତେଣେ ବିଛାଡି ହୋଇପଡ଼ିଥିଲା। ଖବର ପାଇ ପ୍ରଧାନ ଶିକ୍ଷକ ବାବୁ ରାମ ଦାସ ଏ ନେଇ ବିଦ୍ୟାଳୟ ଚେୟାରମ୍ୟାନଙ୍କୁ ଜଣାଇଥିଲେ ଏବଂ ପରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୁଲିସ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ଦୁର୍ବୃତ୍ତମାନେ ଅଫିସ ଗଡ଼ରେଜ୍ ଆଲମିରା ଭାଙ୍ଗି, ଆହୁଜା କମ୍ପାନୀର ମ୍ୟୁଜିକ ସିଷ୍ଟମ, ୨ଟି ମାଇକ୍ରୋ ଫୋନ, ଉଠା ଜଳ ସେଚନ ପମ୍ପ ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆଦି ଚୋରି ହୋଇଯାଇଛି।

# ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

ମୋରଡା, ୧୭।୯ (ସମିସ): ମୋରଡା ବ୍ଲକ ଅଧୀନ ଚଢେଇଗାଁ ପଞ୍ଚାୟତ ଡାଳଗାଁଠାରେ ବୁଧବାର ଏକ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନ ପରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଚଢେଇ ଗାଁ ଗ୍ରାମପଞ୍ଚାୟତରେ କଂକ୍ରିଟ ରାସ୍ତା, ଗାଡୱାଲ, ଡ୍ରେନ ଆଦି କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ୧୯ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିଥିଲେ। ପରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶକୁ ସୁସ୍ଥ ସୁନ୍ଦର ରଖିବାକୁ ପରାମର୍ଶ ଦେଇଥିଲେ। ବିଡ଼ିଓ ଅଣାକର ନାଏକ, ବ୍ଲକ ଅଧ୍ୟକ୍ଷ ପିଥନାଥ ସୋରେନ, ଏଇ ସୁଶାନ୍ତ ନାଏକ, ଜିଲା ପରିଷଦ ସଭ୍ୟ ଅଭିରାମ ଭୋଇ, ବରିଷ୍ଠ ବିଜେପି ନେତା କାନ୍ଦ୍ରା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।



# ଶିଳ୍ପୀଗ୍ରାମରେ ଦେବଶିଳ୍ପୀଙ୍କ ପୂଜା ଉତ୍ସବ



ଖିଚିଂ, ୧୭।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଲି ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶିଳ୍ପୀଗ୍ରାମ କେଶନାରେ ବିପୁଳ ଉତ୍ସାହ ଉଦ୍ଦୀପନା ସହ ଦେବଶିଳ୍ପୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୩ ଶହରୁ ଊର୍ଦ୍ଧ୍ୱ କାରିଗର ସେମାନଙ୍କର ବିଭିନ୍ନ ପଥର ଖୋଦେଇ କେନ୍ଦ୍ରରେ ବିଶ୍ୱକର୍ମାଙ୍କର ମୃଣ୍ମୟ ମୂର୍ତ୍ତି ସ୍ଥାପନ କରି ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ଏଥି ସହିତ ଅଞ୍ଚଳର ବିଭିନ୍ନ ଦୋକାନ, ଗ୍ୟାରେଜ, ଶିଳ୍ପସଂସ୍ଥା, ବିଦ୍ୟୁତ ବିଭାଗରେ ମଧ୍ୟ ଦେବଶିଳ୍ପୀଙ୍କ ପୂଜାର୍ଚ୍ଚନା ଯାକଜମକରେ ପାଳିତ ହୋଇଛି।

# ସାପ କାମୁଡା ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୧୭।୯ (ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାକକ୍ଷରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତାରେ ସାପ କାମୁଡା ଜନିତ ମୃତ୍ୟୁ ନିରାକରଣ ଓ ବିଜୁଳି ଘଡ଼ଘଡ଼ି ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ଉପେନ୍ଦ୍ର କୁମାର ମାଝୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଞ୍ଚମ ବାଟାଲିୟନ କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ଓ ମୟୂରଭଞ୍ଜ ଜିଲ୍ଲାପାଳ ଅଫିସର ଜରୁରୀ କାଳୀନ ବିଭାଗରୁ ଡିପିଓ ଜଗବନ୍ଧୁ ମହାନ୍ତି, ଓଡ୍ରାଫ ଟିମ ପଞ୍ଚମ ଦୁର୍ଗ ଓଏସ୍‌ଏପି ଓଡ୍ରାଫର ମାଷ୍ଟର ଟ୍ରେନର ଅରୁଣ କୁମାର ମହାନ୍ତ ଏବଂ ପଦ୍ମଲୋଚନ ବେହେରା ଯୋଗ ଦେଇଥିଲେ। ଶ୍ରୀ ନାୟକ ସାପ କାମୁଡା ପୂର୍ବରୁ ସଚେତନତା ଓ ସାପ କାମୁଡା ପରେ ତତକ୍ଷଣାତ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସାପ କାମୁଡିବା ପରେ ପରବର୍ତ୍ତୀ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶ୍ରୀ ମହାନ୍ତି ବିଜୁଳି ଘଡ଼ଘଡ଼ି, ସାପ କାମୁଡା ସଚେତନତା କାର୍ଯ୍ୟକ୍ରମ ଉପରେ ବିଶେଷ ଆଲୋଚନା କରିବା ସହିତ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୟୂରଭଞ୍ଜ ଦ୍ୱାରା ସମଗ୍ର ଜିଲ୍ଲାରେ କରାଯାଉଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଅଧ୍ୟାପକ ସାଉନା କିସ୍କୁ ଅତିଥି ପରିଚୟ ଓ ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ ଧନ୍ୟବାଦ ଅର୍ପଣ କରିଥଲେ।

# ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ତାଲିମ ଶିବିର ଉଦ୍‌ଯାପିତ

ବୈଶିଙ୍ଗା, ୧୭।୯ (ସମିସ): ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଚାଲିଥିବା ପଞ୍ଚ ଦିବସୀୟ ଅଣଆବାସିକ ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଅଗଷ୍ଟ ୪ରୁ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରେ ୪ଟି ପର୍ଯ୍ୟାୟରେ ବେତନଟୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବୈଶିଙ୍ଗା ମୁନିଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧୫ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇ ତାଲିମ ନେଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିପ୍ଳବ କର ଶିବିରକୁ ଉଦଘାଟନ କରିବା ସହିତ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ସମସ୍ତ ବିଦ୍ୟାଳୟରେ ଅନ୍ତର୍ନିବେଶୀ ଶିକ୍ଷା ମାଧ୍ୟମରେ ସାର୍ବଜନୀନ ଶିକ୍ଷଣ ଢାଞ୍ଚା ଜରିଆରେ ପ୍ରତିଟି ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଭିନ୍ନକ୍ଷମ ଶିକ୍ଷାର୍ଥୀମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ ହୋଇ ବିଦ୍ୟାଳୟର ଶୈକ୍ଷିକ ଓ ସହ ଶୈକ୍ଷିକ କାର୍ଯ୍ୟଧାରା ସହିତ ଯୋଡିହେବେ ସେ ନେଇ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅପର୍ଣ୍ଣା ସାହୁ ଶିକ୍ଷାଦାନ ପଦ୍ଧତିକୁ ସରସ, ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ଗୋଷ୍ଠୀ ସାଧନ ଶିକ୍ଷକ ବିଜୟ କୁମାର ପରିଡ଼ାଙ୍କ ପରିଚାଳନାରେ ପ୍ରଶିକ୍ଷକ ଭାବେ ଭରତ ଚନ୍ଦ୍ର କାଣ୍ଡି, ରବୀନ୍ଦ୍ର ମହାନ୍ତ, ଶିରିଶ ଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ସାହୁ, ବିଶ୍ୱଜିତ୍ ଦେବରଞ୍ଜନ ଜେନା ଦାୟିତ୍ୱ ତୁଲାଇଥିଲେ।



# ଜୁନିୟର ରେଡ଼କ୍ରସ ପକ୍ଷରୁ ପ୍ରଶିକ୍ଷଣ ଶିବିର




କୁଆମରା, ୧୭।୯ (ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ୍ ଶାଖା ପକ୍ଷରୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବିଜୟ ବାରିକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସ୍ ଅଧିକାରୀ ଗଣେଶ ଜେନା ଯୋଗଦେଇ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିଶଦ ଭାବେ ବୁଝାଇଥିଲେ। ଅଧ୍ୟାପକ ଶିଶିର କୁମାର ପୃଷ୍ଟି, ରବୀନ୍ଦ୍ରକୁମାର ପଣ୍ଡା, ସଞ୍ଜୟକୁମାର ପ୍ରଧାନ, ସୁଧାକର ଶତପଥୀ ପ୍ରମୁଖ ସ୍ୱାସ୍ଥ୍ୟସେବା ଓ ବନ୍ଧୁତା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

● ଆଜାଦ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଚାଇବାସା



କରଞ୍ଜିଆ, ୧୭।୯ (ସମିସ): କରଞ୍ଜିଆ ବ୍ଲକ ଚଢେଇଭୋଳ ଆଜାଦ ସ୍ପୋର୍ଟ ଏବଂ କଲଚରାଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆଜାଦ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ। ଆଜିର ମ୍ୟାଚ ଚାଇବାସା ବନାମ ବଡବିଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାଇବାସା ୨-୧ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି।

ଆସନ୍ତା ୨୧ ତାରିଖରେ ଫାଇନାଲ ମ୍ୟାଚ ଚାଇବାସା ବନାମ କଟକ ମଧ୍ୟରେ ଅନୁଷ୍ଠିତ ହେବ। ବିଜେତା ଦଳକୁ ଟ୍ରଫି ସହିତ ନଗଦ ୧ ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ୭୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ପ୍ରତ୍ୟେକ ମ୍ୟାଚର ମ୍ୟାନ ଅଫ ଦ ମ୍ୟାଚ, ଶ୍ରେଷ୍ଠ ସ୍କୋରର, ମ୍ୟାନ ଅଫ ଦ ଟୁର୍ଣ୍ଣାମେଣ୍ଟ ଭଳି ଆକର୍ଷଣୀୟ ପୁରସ୍କାର ରଖାଯାଇଥିବା ସମ୍ପାଦକ ଏମ ଡି କାୟମ୍ ସୂଚନା ଦେଇଛନ୍ତି। କ୍ଲବର ସଭାପତି ଇନ୍ଦ୍ରମଣି ମହାକୁଡ଼, ସମାଜସେବୀ ଏମଡି ମୁସ୍ତାକ, କ୍ଲବର ଚେୟାରମ୍ୟାନ ଏମ ଡି ସୁଲେମାନ, ଚଢ଼େଇଭୋଳ ଫାଣ୍ଡି ଅଧିକାରୀ ଜୟନ୍ତ ପାଣିଗ୍ରାହୀ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବିଭିନ୍ନ ସ୍ଥାନରେ ବିଶ୍ୱ ଓଜୋନ ଦିବସ




ମହୁଲଡିହା, ୧୭।୯ (ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଜୋନ ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ଯୋଗଦେଇ ଓଜୋନ ସ୍ତରରେ ହେଉଥିବା ଛିଦ୍ର ରୋକିବା ଦିଗରେ ୧୯୮୭ ମସିହା ସେପ୍ଟେମ୍ବର ୧୬ ତାରିଖରେ ହୋଇଥିବା ଚୁକ୍ତି ଦିଗରେ କାର୍ଯ୍ୟ କରିବାକୁ ସେହି ଦିନଠାରୁ ଏହି ଦିବସ ପାଳନ ହୋଇ ଆସୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ସଂଯୋଜକ ସୁକାନ୍ତ କୁମାର ସାହୁ ଛାତ୍ରଛାତ୍ରୀଙ୍କୁ ଗୁଣ୍ଡୁଚି ମୂଷା ଭଳି କାମ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ କୌଶଲ୍ୟା ମହାନ୍ତ ଓଜୋନ ସ୍ତରରେ ଛିଦ୍ର ହେଲେ ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମି ସିଧାସଳଖ ଆସି କିପରି ଚର୍ମ, ଆଖି ଆଦି ସମଗ୍ର ପ୍ରାଣୀ ଜଗତର କ୍ଷତି କରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଦେଇଥିଲେ।

**ବୈଶିଙ୍ଗା:** ରବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଯୋଗଦେଇ ଓଜୋନ ସ୍ତରର ଉପକାରିତା ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ସୁରକ୍ଷା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବାହ୍ନରେ ବିଦ୍ୟାଳୟର ଇକୋ କ୍ଲବ୍ ଛାତ୍ରଛାତ୍ରୀ ଓଜୋନ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ଏକ ରାଲିରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ 'ଫ୍ରମ୍ ସାଇନ୍ସ ଟୁ ଗ୍ଲୋବାଲ ଆକ୍ସନ' ଉପରେ ଆୟୋଜିତ ଆଲୋଚନାଚକ୍ରରେ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ତଥ୍ୟ ଉପସ୍ଥାପନ କରିଥିଲେ। 'ଓଜୋନ ସୁରକ୍ଷା ଜୀବନ ରକ୍ଷା' ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ଶ୍ରୀମାନ ସୌମ୍ୟ ରଞ୍ଜନ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଶ୍ରୀଦାମଚନ୍ଦ୍ରପୁର ଡାକ୍ତରଖାନାରେ ସୁସ୍ଥ ନାରୀ, ସୁସ୍ଥ ପରିବାର ଅଭିଯାନ ଶୁଭାରମ୍ଭ

ଉଦଳା, ୧୭।୯ (ସମିସ): ଉଦଳା ବ୍ଲକ ଶ୍ରୀଦାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ସୁସ୍ଥ ନାରୀ, ସୁସ୍ଥ ପରିବାର ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ଗତ ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ଯାଏ ଚାଲିବ। ଆଜି କାର୍ଯ୍ୟକ୍ରମକୁ ଉଦଳା ବିଧାୟକ ଭାସ୍କର ମଢେଇ ଓ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଉଦଘାଟନ କରିଥିଲେ। ଏହି ଅବସରରେ ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

JOB OPPORTUNITY
Ev mechanic -3 nos, Experience -3 years
Salary -Rs 8,000/- with Lunch
Service incharge -1 nos, experience- 1year
Salary -Rs 10,000/- With lunch
IF INTRESTED...
SEND YOUR BIODATA & CONTACT WITH
SATYA ENTERPRISES
WARD NO-13, SRIPADGANJ, NEAR SDPO OFFICE,
STATION BAZAR, PALABANI, BARIPADA
Phone No-8144751467, E-Mail:- dealereve@gmail.com

# ଶ୍ରୀକ୍ଷେତ୍ର ସିଟି

୧୭/୯/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୮୬,୭୪୦/- ସୁନା: ୦୫.୩୪୦ ଗ୍ରାମ୍ ରୁପା: ୨୦୦.୦୦୦ ଗ୍ରାମ୍





## ରତ୍ନଭଣ୍ଡାର ସବ୍ କମିଟିର ନିଷ୍ପତ୍ତି

# ୨୩ରେ ଷ୍ଟ୍ରଙ୍ଗରୁମ୍‌ରୁ ସ୍ଥାୟୀ ରତ୍ନଭଣ୍ଡାରକୁ ନିଆଯିବ ଅଳଙ୍କାର

ପୁରୀ,୧୭।୯ (ସମିସ)



**ଅମୃତବେଳା ସକାଳ ୭ଟା ୧୭ରୁ ପୂର୍ବାହ୍ନ ୧୧ଟା ୧୭ ମଧ୍ୟରେ ହେବ ସ୍ଥାନାନ୍ତର**

**ଭୋର୍ ୪ଟାରେ ଦ୍ୱାର ଫିଟିବ, ଦର୍ଶନ ନେଇ ରହିବ କଟକଣା**

**କେବଳ ଅଧିକୃତ ଓ ପାଳିଆ ସେବାୟତ ହିଁ ମନ୍ଦିରକୁ ଯିବେ**

**ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର ନେଇ ମିଳିଛି ଅନୁମୋଦନ**

କେବେ ଷ୍ଟ୍ରଙ୍ଗ୍‌ରୁମ୍ (ଅସ୍ଥାୟୀ ରତ୍ନଭଣ୍ଡାର)ରୁ ମହାପ୍ରଭୁଙ୍କ ମୂଲ୍ୟବାନ ରତ୍ନ ଅଳଙ୍କାର ମୂଳ ବା ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତରିତ ହେବ? ଦୀର୍ଘଦିନ ଧରି ଏମିତି ଚାଲିଥିବା ଚର୍ଚ୍ଚା, ଆଲୋଚନା ଉପରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆସନ୍ତା ୨୩ ତାରିଖରେ ଅସ୍ଥାୟୀ ଭଣ୍ଡାର ଘରୁ ସବୁ ଅଳଙ୍କାର ସ୍ଥାୟୀ ଭଣ୍ଡାର ଘରକୁ ନିଆଯିବ। ସେଦିନର ଅମୃତବେଳା ସକାଳ ୭ଟା ୧୭ରୁ ପୂର୍ବାହ୍ନ ୧୧ଟା ୧୭ ଭିତରେ ରତ୍ନ ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତରିତ କରାଯିବ। ବୁଧବାର ଅନୁଷ୍ଠିତ ରତ୍ନଭଣ୍ଡାର ସବ୍ କମିଟି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ବୁଧବାର ଅପରାହ୍ନରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ରତ୍ନଭଣ୍ଡାର ସବ୍ କମିଟି ବୈଠକ। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ୨୩ ତାରିଖ ଅମୃତବେଳା(ସକାଳ ୭ଟା ୧୭ରୁ ପୂର୍ବାହ୍ନ ୧୧ଟା ୧୭ ମଧ୍ୟରେ)ରେ ଅସ୍ଥାୟୀ ରତ୍ନଭଣ୍ଡାର(ଷ୍ଟ୍ରଙ୍ଗ୍‌ରୁମ୍)ରୁ ମୂଳ ବା ସ୍ଥାୟୀ ରତ୍ନଭଣ୍ଡାରକୁ ରତ୍ନ ଅଳଙ୍କାର ସ୍ଥାନାନ୍ତରିତ ହେବ। ସେହିଦିନ ଭୋର୍ ୪ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟିବ। ଦର୍ଶନ ନେଇ ରହିବ କଟକଣା। ପାଳିଆ ସେବାୟତଙ୍କୁ ପାସ୍ ଦିଆଯିବ। ଧାର୍ଯ୍ୟ ସମୟ ଭିତରେ ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍ ହୋଇଥିବା ଖଟଶେଯ, ଫୁଲଶେଯ ଓ ଚାଙ୍ଗଡ଼ା ଘରୁ ମୂଳ ବା ସ୍ଥାୟୀ ରତ୍ନଭଣ୍ଡାରକୁ ରତ୍ନ ଅଳଙ୍କାର ସ୍ଥାନାନ୍ତରିତ ହେବ। ସ୍ଥାନାନ୍ତରଣ ଶେଷ ହେବା ପର୍ଯ୍ୟନ୍ତ ଦର୍ଶନ ଉପରେ ରହିବ କଟକଣା। କୌଣସି ଭକ୍ତ ନାଟମଣ୍ଡପ କିମ୍ବା ବେହରଣ ଦ୍ୱାର ପର୍ଯ୍ୟନ୍ତ ଯାଇପାରିବେ ନାହିଁ। ପୂର୍ବରୁ ରାଜ୍ୟ ସରକାର ଗଠନ କରିଥିବା ଏସ୍‌ଓପି ବା ମାର୍ଗଦର୍ଶିକା ଆଧାରରେ ଏହି ସ୍ଥାନାନ୍ତରଣ ପ୍ରକ୍ରିୟା କରାଯିବ। ଏହି ସ୍ଥାନାନ୍ତରଣ ସମୟରେ ରତ୍ନଭଣ୍ଡାର ସବ୍ କମିଟିର ସମସ୍ତ ୯ ସଦସ୍ୟଙ୍କ ସହ ପୂର୍ବରୁ ରାଜ୍ୟ ସରକାର କରିଥିବା ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଉପସ୍ଥିତ ରହିବେ। ରତ୍ନଭଣ୍ଡାର ତଦାରଖ କମିଟିର କେଉଁ ଦୁଇଜଣ ସଦସ୍ୟ ରହିବେ ତାହା କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ନିଷ୍ପତ୍ତି ନେବେ। ଅସ୍ଥାୟୀ ରତ୍ନଭଣ୍ଡାର ଘରୁ ମୂଳ ବା ସ୍ଥାୟୀ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତରଣ ସମୟରେ କେବଳ ଅଧିକୃତ ବ୍ୟକ୍ତି ଓ ପାଳିଆ ସେବାୟତ ହିଁ ମନ୍ଦିରକୁ ପ୍ରବେଶ କରିପାରିବେ। ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ଏସ୍‌ପିଙ୍କୁ ପ୍ରଦାନ କରାଯିବ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏହି ସ୍ଥାନାନ୍ତର ପ୍ରକ୍ରିୟା ହେବା ଏବଂ ଏହି ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ସ୍ଥାନାନ୍ତରଣ ସମୟରେ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରଭାବ ପଡ଼ିବ ନାହିଁ। ତେବେ ସାଧାରଣ ଭକ୍ତଙ୍କ ପାଇଁ କଟକଣା ରହିବ। ଯଦିଓ ଭକ୍ତ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିପାରିବେ ତେବେ ଭିତରକାଠ ଦର୍ଶନ ଆଦୌ ହେବ ନାହିଁ। ସେହିପରି କୌଣସି ପରିସ୍ଥିତିରେ ଭକ୍ତ ନାଟମଣ୍ଡପ କିମ୍ବା ବେହରଣ ଦ୍ୱାର ପର୍ଯ୍ୟନ୍ତ ଯାଇପାରିବେ ନାହିଁ ବୋଲି ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ସେହିପରି ନାଟମଣ୍ଡପ ହୁଣ୍ଡି ସ୍ଥାନାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିସାରିଛି। ଏହାପରେ ହୁଣ୍ଡି ସ୍ଥାନାନ୍ତରଣ ହୋଇ ଧାଡ଼ି ଦର୍ଶନ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଜିଲ୍ଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀଙ୍କ ସହିତ ଛତିଶା ନିଯୋଗ ନାୟକ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସ୍ଥାନାନ୍ତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଆଗାମୀ ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ଗଣତିମଣତି ନେଇ ଆଲୋଚନା ହେବ।

ସୂଚନାଥାଉ କି, ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଗତବର୍ଷ ଜୁଲାଇ ୧୪ ଓ ୧୮ରେ ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇ ସମସ୍ତ ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତରିତ ହୋଇଥିଲା। ପରେ ଅଗଷ୍ଟ ୨୩ ତାରିଖରେ ଉଭୟ ବାହାର ତଥା ଭିତର ରତ୍ନଭଣ୍ଡାରର ଖାଲି ଆଲମିରା ତଥା ସିନ୍ଦୁକଗୁଡ଼ିକ ସ୍ଥାନାନ୍ତରିତ କରାଯାଇଥିଲା। ଏହାପରେ ଏଏସ୍‌ଆଇକୁ ରତ୍ନଭଣ୍ଡାର ମରାମତି ଦାୟିତ୍ୱ ଦିଆଯାଇଥିଲା। ଏଏସ୍‌ଆଇ ପକ୍ଷରୁ ଗତବର୍ଷ ଡିସେମ୍ବର ୧୭ ତାରିଖରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ୬ ମାସ ଧରି ମରାମତି କାର୍ଯ୍ୟ ଜାରି ରହିଥିଲାବେଳେ ୯୫ ଦିନ କାମ ହୋଇଥିଲା। ମୋଟ୍ ୩୩୨ ଘଣ୍ଟା ୪୭ ମିନିଟ୍ କାର୍ଯ୍ୟ କରାଯାଇଥିଲା। ଚଳିତ ବର୍ଷ ଜୁନ୍ ମାସରେ ରତ୍ନଭଣ୍ଡାର କାମ ଶେଷ କରି ଏଏସ୍‌ଆଇ ଶ୍ରୀମନ୍ଦିର ଜିମା ଦେଇଛି। କାର୍ଯ୍ୟ ଶେଷ ହୋଇଥିବାରୁ ପୂର୍ବ ଆଲୋଚନା ଅନୁଯାୟୀ ଅସ୍ଥାୟୀ ଘରେ ଥିବା ରତ୍ନଅଳଙ୍କାରଗୁଡ଼ିକୁ ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ବୁଧବାର ସବ୍ କମିଟି ବୈଠକରେ ଉକ୍ତ ନିଷ୍ପତ୍ତି ନିଆଯାଇଛି।

# ସୁନୟନା ମହାପାତ୍ରଙ୍କୁ ଦ ବେଲ୍ ଯୁବଶ୍ରୀ ସମ୍ମାନ




ପୁରୀ,୧୭।୯ (ସମିସ): ପୁରୀର ସେବାୟତ ପରିବାର ଝିଅ ସୁନୟନା ମହାପାତ୍ର ନିକଟରେ ଆୟୋଜିତ ସେଫ୍ସ ଇଣ୍ଡିଆ ଓଡ଼ିଶା ଟପ୍ ସେଫ୍ ସିଜିନ୍ ଟୁର୍ ଗ୍ରାଣ୍ଡ ଚାମ୍ପିଅନସିପ୍‌ର ବିଜେତା ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ପୁରୀରେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଦ ବେଲ୍ ୟୁଥ୍ କ୍ଲବ୍ ତରଫରୁ ବୁଧବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନ ତରଫରୁ ତାଙ୍କୁ ଦ ବେଲ୍ ଯୁବଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀକ୍ଷେତ୍ରର ପାରମ୍ପରିକ ଖାଦ୍ୟକୁ ଗୁଣବତା ସହିତ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ ବୋଲି ସୁନୟନା ଏହି ଅବସରରେ କହିଥିଲେ।

ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ପର୍ବରେ ମୁଖ୍ୟଅତିଥି ଭାବେ ପୁରୀ ଜିଲ୍ଲା ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ ଯୋଗଦେଇ ପୁରୀ ସେବାୟତ ପରିବାରର ଝିଅ ଭାବେ ଏଭଳି ଗୌରବ ଆଣିବା ଖୁସି କଥା। ସେବାୟତ ପରିବାର ଝିଅଙ୍କ ପାଇଁ ଏକ ନୂତନ ଦିଶା ଦେଖାଇବାରେ ସୁନୟନାଙ୍କ କୃତିତ୍ୱ ସହାୟକ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସେଫ୍ସ ଇଣ୍ଡିଆର ବ୍ରାଣ୍ଡ ଆମ୍ବାସଡର ସେଫ୍ ବିଶ୍ୱଜିତ୍ ମହାରଥୀ, ଭୁବନେଶ୍ୱର ଆଇଏଚ୍ଏମ୍ ଅଧ୍ୟାପକ ସୁଧୀର କୁମାର ସିଂ, କ୍ଲବ୍ ଚକୋଲେଟ୍‌ର କୋ ଫାଉଣ୍ଡର ରାକେଶ ସାହୁ, ମହାସୁଆର ନିଯୋଗର ସମ୍ପାଦକ ଗଣେଶ୍ୱର ମହାସୁଆର, ଚତୁର୍ଦ୍ଧାମ ବେଦ ଭବନ ନ୍ୟାସର ସମ୍ପାଦକ ବିଜୟ କୃଷ୍ଣ ବ୍ରହ୍ମା ପ୍ରମୁଖ ଯୋଗଦେଇ ଶୁଭେଚ୍ଛା ବାର୍ତ୍ତା

**ସେଫ୍ସ ଇଣ୍ଡିଆ ସିଜିନ ଟୁର ଗ୍ରାଣ୍ଡ ୱିନର ହେଉଛନ୍ତି ସୁନୟନା**

ଦେବା ସହିତ ରାଷ୍ଟ୍ରୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନୟନା ପାଇଁ ଯଥେଷ୍ଟ ସମ୍ଭାବନା ଅଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୁରୀର ଅଗ୍ରଣୀ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଫାଉଣ୍ଡେସନ, କ୍ଷେତ୍ରମୋହନ ଫାଉଣ୍ଡେସନ, ଦ ମିରର୍, ଆପଣଙ୍କ ସେବାରେ, ଶିଶୁ ସମାଚାର, ଭାରତ ଯୋଗ କେନ୍ଦ୍ର, ଆମେ ଅନୁଷ୍ଠାନ, ମହାବିନାୟକ ସେବା ଟ୍ରଷ୍ଟ, ଇନର ହୁଇଲ୍ କ୍ଲବ୍ ଶ୍ରୀକ୍ଷେତ୍ର, ନାରାୟଣ ଦାସ ମେମୋରିଆଲ ଟ୍ରଷ୍ଟ, ଆପଣଙ୍କ ସେବାରେ ଇତ୍ୟାଦି ଅନୁଷ୍ଠାନ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ସୁନୟନାଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେବା ସହ ଉପଢୌକନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଦ ବେଲ୍ ୟୁଥ୍ କ୍ଲବ୍ ସହ ସଂଯୋଜିକା ମୋନାଲିସା ଦାସ ପରିଚାଳନା କରିଥିବାବେଳେ ସୁକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ସୁନୟନା ଶ୍ରୀମନ୍ଦିର ସେବାୟତ ଜିତେନ୍ଦ୍ର ମହାପାତ୍ର ଓ ସାବିତ୍ରୀ ମହାପାତ୍ରଙ୍କ କନ୍ୟା ଅଟନ୍ତି।

# ୧୦୬ ହିତାଧିକାରୀଙ୍କୁ ପିଏମ୍ ଆବାସ କାର୍ଯ୍ୟାଦେଶ ବଣ୍ଟନ



ପୁରୀ,୧୭।୯ (ସମିସ): ପୁରୀ ଟାଉନ ହଲ୍ ପରିସରରେ ବୁଧବାର ୧୦୬ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳରେ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରତ୍ୟେକ ବ୍ୟକ୍ତିର ସ୍ୱପ୍ନ ଥାଏ ନିଜର ଘରଟିଏ ପାଇଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାହାକୁ ସଫଳ କରୁଛି। ତେବେ କାର୍ଯ୍ୟାଦେଶ ପାଇବା ସହ ଏହାକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ପରାମର୍ଶ ଦେଇଥିଲେ। ପୁରୀ ଏକ ପ୍ରାଚୀନ ସହର। ପୂର୍ବ ତୁଳନାରେ ପୁରୀର ସ୍ଥାୟୀ ବାସିନ୍ଦାଙ୍କ ସଂଖ୍ୟାରେ ଅନେକ ବୃଦ୍ଧି ଘଟିଛି। ତତ୍‌ସହିତ ପୁରୀ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ଦୈନିକ ହଜାର ହଜାର ଲୋକଙ୍କ ସମାଗମ ହେଉଛି। ପୁରୁଣା ଡ୍ରେନ୍, ହାଡ଼ି ଗୋହିରୀ ଇତ୍ୟାଦିର ପୁନରୁଦ୍ଧାର ଆବଶ୍ୟକତା ରହିଛି। ପୁରୀକୁ ମହାନଗର ନିଗମ ଘୋଷଣା ଏକ ଉତ୍ତମ ପଦକ୍ଷେପ ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ସମ୍ମିଳିତ ଭାବେ ବିକଶିତ କରାଯିବ ବୋଲି ଶ୍ରୀ ମହାନ୍ତି କହିଥିଲେ। ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରି ସମସ୍ତଙ୍କୁ ସ୍ୱାଗତ ସହ ଆବାସ ଯୋଜନା ସହ ଅନ୍ୟାନ୍ୟ ବିଭାଗ ଦ୍ୱାରା ପ୍ରଦତ୍ତ ବିବିଧ ସୁବିଧା ଯଥା- ବିଦ୍ୟୁତ୍ ଯୋଗାଣ, ଜଳଯୋଗାଣ, ବୃକ୍ଷରୋପଣ, ସ୍ୱଚ୍ଛତା ଇତ୍ୟାଦି ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଯୋଗଦେଇଥିଲେ। ପୌରପାଳିକାର ସିଓ ରେସ୍‌ମା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ସହ ଟାଉନ୍ ହଲ୍ ପରିସରରେ ବୃକ୍ଷରୋପଣ କରି ରଙ୍ଗୋଲୀ ଓ ବିଭିନ୍ନ ବିଭାଗର ସଚେତନତା ଷ୍ଟଲ୍‌କୁ ପରିଦର୍ଶନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଫେଇ ଓ ବୃକ୍ଷରୋପଣ କଲେ ଜିଲ୍ଲାପାଳ

ପୁରୀ,୧୭।୯ (ସମିସ): ଏକ ପେଡ୍ ମା କେ ନାମ କାର୍ଯ୍ୟକ୍ରମ ଆଧାରରେ ବୁଧବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ବୃକ୍ଷରୋପଣ କରିବା ସହ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୁରୀ ପୌରପାଳିକାର ଦଣ୍ଡତୋଟା ଜଗନ୍ନାଥ କଲୋନୀରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ସକାଳ ସାଢ଼େ ୭ଟାରେ ପହଞ୍ଚିବା ପରେ ଏକ ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିବା ସହ ନିଜେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅଧୀନରେ କଲୋନୀକୁ ସଫା କରିଥିଲେ। ଖଡ଼ିକା, ବେଲ୍‌ଚା, ଅଖା ଇତ୍ୟାଦି ଧରି ଜିଲ୍ଲାପାଳ ଶ୍ରୀ ପରିଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ସଫେଇ କରିଥିଲେ। ପରେ ଜିଲ୍ଲାପାଳ ବୃକ୍ଷରୋପଣ କରିଥିଲେ। ପୌରପାଳିକାର ପ୍ରତ୍ୟେକ ଅଞ୍ଚଳକୁ ନିରନ୍ତର ସ୍ୱଚ୍ଛ ରଖିବାକୁ ଜିଲ୍ଲାପାଳ ପୌର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ ଜରୁରୀ: ଏସ୍‌ପି

ପୁରୀ,୧୭।୯ (ସମିସ): ପୁରୀ ଜିଲ୍ଲା ପୁଲିସ ପକ୍ଷରୁ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରିଜର୍ଭ ପଡ଼ିଆରେ ଏସ୍‌ପି ପ୍ରତୀକ ସିଂ ବୃକ୍ଷରୋପଣ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏସ୍‌ପି ଶ୍ରୀ ସିଂ କହିଥିଲେ, ବର୍ତ୍ତମାନ ସମାଜରେ ବୃକ୍ଷର ଅଧିକ ଆବଶ୍ୟକତା ରହିଛି। ଜନସଂଖ୍ୟା ବୃଦ୍ଧି ହେଉଥିବାବେଳେ ଅମ୍ଳଜାନ, ବର୍ଷା ଓ ସୁସ୍ଥ ପରିବେଶ ଲାଗି ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଆଜିଠାରୁ ସମସ୍ତେ ଏକ ପେଡ୍ ମା’ କି ନାମରେ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ସମୟରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଡିଏସ୍‌ପି ସୁଶାନ୍ତ କୁମାର ସାହୁ, ଟାଉନ୍ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାଶଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିଭଳି ଜିଲ୍ଲାର ୩୦ଟି ଥାନା ଓ ଫାଣ୍ଡିରେ ବ୍ୟାପକ ଭାବେ ବୃକ୍ଷରୋପଣ କରାଯାଇଛି। ସମୁଦାୟ ୫୦ ହଜାରରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିବା ଜଣାପଡ଼ିଛି।

# ଶ୍ରୀକ୍ଷେତ୍ରରେ ଦେବଶିଳ୍ପୀଙ୍କୁ ଆରାଧନା


ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି


ନୀଳାଚଳ ଅଟୋ ଡ୍ରାଇଭର ମହାସଂଘ


ପୁରୀ ଜିଲ୍ଲା ବିଶ୍ୱକର୍ମା ମହାସଭା


ରେଲ୍‌ୱେ ବିଦ୍ୟୁତ୍ କାର୍ଯ୍ୟାଳୟ


ଶରଧାବାଲି ଟ୍ୟାକ୍ସି ଷ୍ଟାଣ୍ଡ

ପୁରୀ,୧୭।୯ (ସମିସ): ଶ୍ରୀକ୍ଷେତ୍ର ପୁରୀର ବିଭିନ୍ନ ସ୍ଥାନରେ ବୁଧବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଛି। ବଡ଼ଦାଣ୍ଡଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କୁ ଆରାଧନା କରିଛନ୍ତି ଭକ୍ତ। ବିଶେଷକରି ବିଭିନ୍ନ ସଂଘ ଏବଂ ଅନୁଷ୍ଠାନ ପକ୍ଷରୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ନୀଳାଚଳ ଅଟୋ ଡ୍ରାଇଭର ସଂଘ, ବିଶ୍ୱକର୍ମା ଟ୍ୟାକ୍ସି କର୍ମଚାରୀ ସଂଘ, ବିଶ୍ୱକର୍ମା ମହାରଣା ସଂଘ, ୪୦୭ ଟ୍ରକ୍ ସଂଘ ସମେତ ଏକାଧିକ ସଂଘ ବିଶ୍ୱକର୍ମାଙ୍କ ପୂଜା କରିଛନ୍ତି। ପ୍ରାଚୀନ ଗ୍ରନ୍ଥ, ଉପନିଷଦ ଏବଂ ପୁରାଣ ଅନୁସାରେ ବିଶ୍ୱକର୍ମା ହେଉଛନ୍ତି ଶ୍ରେଷ୍ଠ ଶିଳ୍ପୀ। ସେ ବିଶ୍ୱର ନିର୍ମାଣକର୍ତ୍ତା। ତେଣୁ ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହି ପୂଜା ବେଶ୍ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଛି।

**● ବାଳିହରଚଣ୍ଡୀ ଗଣଦୁଷ୍କର୍ମ ମାମଲା**

# ମୁଖ୍ୟ ଅଭିଯୁକ୍ତର ହେଲା ଡାକ୍ତରୀମାଇନା

ପୁରୀ,୧୭।୯ (ସମିସ): ବାଳିହରଚଣ୍ଡୀ ଗଣଦୁଷ୍କର୍ମ ମାମଲାକୁ ନେଇ ଏବେ ସବୁଠି ଚର୍ଚ୍ଚା, ଆଲୋଚନା। ଏହି ଲଜ୍ଜାଜନକ ଘଟଣାର ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସମସ୍ତେ ଦୃଢ଼ ଦାବି କରିଆସୁଛନ୍ତି। ପୁଲିସ ମଧ୍ୟ ଏହାକୁ ବେଶ୍ ଗୁରୁତ୍ୱର ସହ ଗ୍ରହଣ କରି ତଦନ୍ତ କରୁଛି। ଇତିମଧ୍ୟରେ ବୁଧବାର ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମନୋଜ ବେହେରା ଓରଫ କାଳିଆର ଡାକ୍ତରୀମାଇନା କରାଯାଇଛି। ଆନ୍ଧ୍ରପ୍ରଦେଶ ତିରୁପତିରୁ ଗିରଫ କାଳିଆକୁ ଓଡ଼ିଶା ଅଣାଯିବା ପରେ ବୁଧବାର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଏଠାରେ ତା’ର ଡାକ୍ତରୀମାଇନା କରାଯାଇଛି। ଗୁରୁବାର କାଳିଆକୁ କୋର୍ଟଚାଲାଣ କରାଯିବ ବୋଲି କହିଛି ପୁଲିସ।

ବଳଙ୍ଗାରେ ନାବାଳିକାକୁ ଜୀଅନ୍ତା ଜାଳିଦେବାକୁ ଉଦ୍ୟମ ହେବା ଏବଂ ପରବର୍ତ୍ତୀ ସମୟରେ ତା’ର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ଖବର ଲୋକଙ୍କ ମନରୁ ନ ଲିଭୁଣୁ ପୁଣି ପୁରୀ ଜିଲ୍ଲା ବ୍ରହ୍ମଗିରିରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି। ଗୋଟିଏ ପରେ ଗୋଟିଏ ନାରୀ ନିର୍ଯ୍ୟାତନା ଘଟଣାକୁ ନେଇ ଏବେ ଶାସକ ଦଳ ଉପରେ ଭାରି ପଡ଼ିଛନ୍ତି ବିରୋଧୀ। ପ୍ରସିଦ୍ଧ ଶକ୍ତିପୀଠ ତଥା ପର୍ଯ୍ୟଟନସ୍ଥଳୀ ବାଳିହରଚଣ୍ଡୀରେ ଯଦି ଭକ୍ତ, ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା ପାଇଁ କୌଣସି ବ୍ୟବସ୍ଥା ନାହିଁ ତେବେ ଜିଲ୍ଲାର ଅନ୍ୟ ଦର୍ଶନୀୟସ୍ଥଳୀରେ ସ୍ଥିତି କ’ଣ ଥିବ ସେ ନେଇ ଶାସକ ଦଳକୁ ପ୍ରଶ୍ନ କରିଛନ୍ତି।

# ରକ୍ତଦାନର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଜ୍ୟପାଳ



ପୁରୀ,୧୭।୯ (ସମିସ): ରକ୍ତଦାନ ଶିବିରରେ ରକ୍ତ କେବଳ ଜଣେ ଅପରିଚିତ ବ୍ୟକ୍ତିଙ୍କ ଜୀବନ ରକ୍ଷା କରିବାର କ୍ଷମତା ରଖେ ନାହିଁ ବରଂ ସମାଜର ବନ୍ଧନକୁ ମଜଭୁତ କରିଥାଏ। ଲୋକଙ୍କୁ ଗୋଟିଏ ପରିବାର ଭାବେ ଏକାଠି କରିଥାଏ। ରକ୍ତଦାନର ଭୂମକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପତି। ବୁଧବାର ଭୁବନେଶ୍ୱରର ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦ ଦ୍ୱାରା ସ୍ଥାନୀୟ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମେଗା ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ରାଜ୍ୟପାଳ ରକ୍ତଦାନ ଶିବିର ବୁଲି ରକ୍ତଦାତାମାନଙ୍କ ସହିତ ଆଲୋଚନା କରିଥିଲେ ସେମାନଙ୍କର ନିଃସ୍ୱାର୍ଥପର ଅବଦାନକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ଡ. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଏସ୍‌ସିଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦ୍ୱିବେଦୀ ଯୋଗଦେଇ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ତେରପନ୍ଥ ଯୁବ ପରିଷଦ ସଭାପତି ଜିତେନ୍ଦ୍ର ବାଇଦ ସମସ୍ତଙ୍କୁ ସ୍ୱାଗତ କରିଥିଲାବେଳେ ମେଗା ରକ୍ତଦାନ ଡ୍ରାଇଭ୍ ମୁଖ୍ୟ ସଂଯୋଜକ ସିଦ୍ଧାର୍ଥ ଛୁରିଆ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

**‘ଅପରେସନ ଚକ୍ର’କୁ ସଫଳତା**

# ୧୩.୫ କେଜି ବିସ୍ଫୋରକ ଜବତ, ୨ ଗିରଫ

ପୁରୀ,୧୭।୯ (ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ‘ଅପରେସନ ଚକ୍ର’ ଚାଲିଛି। ବିଶେଷକରି ବ୍ରାଉନ୍‌ସୁଗର, ଗଞ୍ଜେଇ ଆଦି ନିଶାଦ୍ରବ୍ୟ ଏବଂ ଅପରାଧ ଘଟାଇବା ପାଇଁ ବିଭିନ୍ନ ପ୍ରକାର କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ଲକିଂ, ଚେକିଂ ଚାଲିଛି। ଏହି କ୍ରମରେ ଚନ୍ଦନପୁର ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ୧୩.୫ କେଜି ବିସ୍ଫୋରକ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ କହ୍ନେଇ ବିଦ୍ୟାଧରପୁର ପଞ୍ଚାୟତ ଅନ୍ତର୍ଗତ ବରାହାମ୍‌ପୁରର ବ୍ରଜ ମଲ୍ଲିକ ଓ ବିକ୍ରମ ମଲ୍ଲିକ। ଏ ନେଇ ଥାନାରେ ଦୁଇଟି ମାମଲା (ନଂ.୨୦୭ ଓ ୨୦୮/୨୫) ରୁଜୁ କରାଯାଇ ବୁଧବାର ସେମାନଙ୍କୁ କୋର୍ଟଚାଲାଣ



କରାଯାଇଛି। ବ୍ରଜଠାରୁ ୭ କେଜି ବିସ୍ଫୋରକ ଏବଂ ବିକ୍ରମଠାରୁ ୬.୫ କେଜି ବାରୁଦ ଏହିପରି ମୋଟ ୧୩.୫ କେଜି ବିସ୍ଫୋରକ ଜବତ ହୋଇଛି।

## ମଞ୍ଚରେ ସ୍ୱଚ୍ଛତାକୁ ନେଇ ଲମ୍ବା-ଚଉଡ଼ା ଭାଷଣ

# ସ୍ୱଚ୍ଛତାର ବିକଳ ଚିତ୍ରକୁ ନେଇ ଉଦ୍‌ବେଗ

ପୁରୀ,୧୭।୯ (ସମିସ)




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ପାଇଁ ସବୁଆଡ଼େ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଇଛି। ଯେଉଁଥିରେ ସ୍ୱଚ୍ଛତା ଅଭିଯାନ ମଧ୍ୟ ସ୍ଥାନ ପାଇଛି। ହେଲେ ପୁରୀରେ ଗୋଟିଏପଟେ ସ୍ୱଚ୍ଛତାକୁ ନେଇ ଅତିଥିମାନେ ଲମ୍ବା ଚଉଡ଼ା ଭାଷଣ ମାରୁଥିବାବେଳେ ଅନ୍ୟପଟେ ସ୍ୱଚ୍ଛତାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ପୁରୀ ଜିଲ୍ଲା ଆପ୍।

ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଏକ ପେଡ୍ ମା’ କେ ନାମ କାର୍ଯ୍ୟକ୍ରମ ମାଧ୍ୟମରେ ୭୫ ଲକ୍ଷ ବୃକ୍ଷ ଲଗାଯାଉଛି ଏହା ସ୍ୱାଗତଯୋଗ୍ୟ। କିନ୍ତୁ ସେହି ପ୍ରଧାନମନ୍ତ୍ରୀଙ୍କ ପୂର୍ବ କାର୍ଯ୍ୟକାଳ ସମୟରେ ସଫେଇ ଅଭିଯାନକୁ ବେଶ୍ ଗୁରୁତ୍ୱ ଦିଆଯାଇଥିଲା। ଏଥର ବି ୧୫ ଦିନ ଧରି ହେବାକୁ ଥିବା ବିବିଧ କାର୍ଯ୍ୟକ୍ରମରେ ସଫେଇ ଅଭିଯାନ ରହିଛି। ହେଲେ ପୁରୀରେ ସ୍ୱଚ୍ଛତାର କିପରି ଧଜିଆ ଉଡ଼ିଛି ତାହା କେହି ଆଖିରେ ନ ଦେଖିଲେ ଜାଣିପାରିବେ ନାହିଁ। ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ପୁରୀ ପୌରସଂସ୍ଥା ଅନ୍ତର୍ଗତ ଲାଇଟ୍ ହାଉସ୍ ନିକଟରେ ଦୀର୍ଘଦିନ ହେବ ପାଣି ଜମି ସେଠାରେ ଶିଉଳି ଲାଗିଗଲାଣି। ଦୁର୍ଗନ୍ଧ ହେଉଛି। ପିଡବ୍ଲ୍ୟୁଡି ପକ୍ଷରୁ ରାସ୍ତା ତିଆରି ସରିଥିବାବେଳେ ଏଥିରେ ବ୍ୟବହୃତ ଜିନିଷ ବାଟଯାକ ପଡ଼ିରହିଛି। ସ୍ୱର୍ଗଦ୍ୱାର ବାହାରେ ମୃତ ବ୍ୟକ୍ତିଙ୍କ ଶେଜ, ମାଣ୍ଡି ପଡ଼ିଛି। ହୋଟେଲଗୁଡ଼ିକ ନିଜ ସୁବିଧାରେ ବାହାରେ ବାଲି, ସିମେଣ୍ଟ, ଗୋଡ଼ି ପକେଇ ରାସ୍ତା ଅବରୋଧ କରିଛନ୍ତି। ପୁରୀର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଗଲାଣି। ସ୍ୱଚ୍ଛ ପୁରୀ ଗର୍ବ ଆମରିର ଯେଉଁ ସଚେତନତା ବାର୍ତ୍ତା ଦିଆଯାଉଥିଲା ତା’ର ସ୍ୱର ନରମିଗଲାଣି। ସହରର ବିଭିନ୍ନ ଗଳିକନ୍ଦି ରାସ୍ତା ପାଖର୍ ହେଉ ବା କିଛି ସ୍ଥାନରେ ଅଳିଆ ଆବର୍ଜନା ଜମା କରାଯାଉଛି। ଅନେକ ସମୟରେ ଦୈନନ୍ଦିନ ସଂଗୃହୀତ ଅଳିଆ ମଧ୍ୟ ଉଠାଯାଉନାହିଁ। ଏହାକୁ ନେଇ ପର୍ଯ୍ୟଟକ ନାକ ଟେକିବାର ଅନେକ ନଜିର ରହିଛି। ଏହା କ’ଣ ପର୍ଯ୍ୟଟନର ବିକାଶ ବୋଲି ପ୍ରଶ୍ନ କରିଛନ୍ତି ଆପ୍ ସଭାପତି ସଞ୍ଜୀବ ମହାନ୍ତି। ଯେଉଁମାନେ ବାଲି, ଗୋଡ଼ି ପକାଇ ରାସ୍ତା ଅବରୋଧ କରିବା ସହ ଅପରିଷ୍କାର କରୁଛନ୍ତି ତାଙ୍କ ବିରୋଧରେ ପୌରସଂସ୍ଥା କାହିଁକି ପଦକ୍ଷେପ ନେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି ଆପ୍ ନଗର ସଭାପତି ରମାକାନ୍ତ ସ୍ୱାଇଁ।

ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ସ୍ୱଚ୍ଛତା ଉପରେ ପ୍ରାଧାନ୍ୟ ଦେଉଥିବାବେଳେ ଜିଲ୍ଲାପାଳ ଓ ମ୍ୟୁନିସିପାଲିଟି ଅଧିକାରୀ କାହିଁକି ନିଜ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଆପ୍ ନେତା ସୁନୀଲ ଜେନା। ଆଗାମୀ ଦିନରେ ପୁରୀ ପ୍ରଶାସନ ଓ ମ୍ୟୁନିସିପାଲିଟି ଅଧିକାରୀ ଯଦି ଏ ଦିଗରେ ସୁଚାରୁ ରୂପେ କାର୍ଯ୍ୟ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆପ୍ ନେତ୍ରୀ ସନ୍ଧ୍ୟା କୁମାରୀ ଦାସ କହିଛନ୍ତି।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଗଁଦିଆ,୧୭।୯(ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ବନସୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ଦାସ ଆଉ ନାହାନ୍ତି। କେବଳ ଶିକ୍ଷକତା ନୁହେଁ ସମାଜସେବାରେ ମଧ୍ୟ ସେ ବ୍ରତୀ ଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ ସମୟାନୁବର୍ତ୍ତୀ ଆଦର୍ଶ ଶିକ୍ଷକ ଭାବେ କୋରାପୁଟ ଜିଲ୍ଲାରେ ସେ ପରିଚିତ ଥିଲେ। କ୍ୟାନସର ରୋଗରେ ପୀଡ଼ିତ ହୋଇ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପବିତ୍ର ଆର୍ଥିକ ଅନଟନ ଦେଇ ଗତି କରୁଥିଲେ। ବୁଧବାର ତାଙ୍କ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଆତ୍ମାର ସଦଗତି କାମନା କରିବା ସହ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଏଥିସହ ରାଜ୍ୟର ସମସ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପବିତ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ରାଜ୍ୟରେ ମହିଳାମାନଙ୍କ ପ୍ରତି ବଢୁଥିବା ଅପରାଧକୁ ବିରୋଧ

# ଏସ୍‌ପି ଅଫିସ ଆଗରେ ଗର୍ଜିଲା ମହିଳା ବିଜେଡି

ଢେଙ୍କାନାଳ,୧୭।୯(ସମିସ):



ରାଜ୍ୟରେ ମହିଳାମାନଙ୍କ ପ୍ରତି ବଢୁଥିବା ଅପରାଧକୁ ନେଇ ସ୍ଥାନୀୟ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହ ଚରଣ ସାହୁ, ପୂର୍ବତନ ବିଧାୟକ, ସୁଧୀର କୁମାର ସାମଲ, ଯୁବନେତା ଅବିନାଶ ସାମଲ, ପୂର୍ବତନ ସାଂସଦ ମହେଶ ସାହୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ଆସି ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲା ମହିଳା ସଭାନେତ୍ରୀ ସାଗରିକା ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ହୋଇଥିଲା। ସମ୍ପ୍ରତି ଓଡ଼ିଶାରେ ମହିଳାଙ୍କ ପ୍ରତି ନିର୍ମମ ଆକ୍ରମଣ, ଅତ୍ୟାଚାର ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ ଏବଂ ବିଭିନ୍ନ ପ୍ରକାର ହିଂସା ବଢ଼ିଚାଲିଛି। ସରକାର ନ୍ୟାୟ ପ୍ରଦାନରେ ବିଫଳ ହୋଇଛନ୍ତି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ, ହିନ୍ଦୋଳର ୭ ବର୍ଷର ଝିଅକୁ ଦୁଷ୍କର୍ମ କରି ତାଳ ପତ୍ରରେ ଘୋଡ଼ାଇଦେବା ଘଟଣା, ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ ଘଟଣାରେ ପୁଲିସ ପୀଡ଼ିତାମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିପାରିନାହିଁ। ରାଜ୍ୟରେ ବିଜେପିର ୧୫ ମାସ ଶାସନରେ ସରକାରୀ ସ୍କୁଲ ହଷ୍ଟେଲରେ ଯୌନ ନିର୍ଯାତନା ବଢ଼ି ଚାଲିଛି। ଝାରସୁଗୁଡ଼ା, ମାଲକାନଗିରି, କେନ୍ଦୁଝର, ପୁରୀ, ସୁନ୍ଦରଗଡ଼, କୋରାପୁଟ, ସମ୍ବଲପୁର ଆଦି ଜିଲ୍ଲାରେ ଆଦିବାସୀ ଓ ଦଳିତ ଝିଅମାନଙ୍କ ସହ ସମାନ ଘଟଣାମାନ ଲୋକ ଲୋଚନକୁ ଆସିଛି ବୋଲି ନେତାମାନେ ଅଭିଯୋଗ କରିବା ସହ ସରକାର ଉପରେ ବର୍ଷିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ଜିଲ୍ଲା ଉପସଭାପତି ଉର୍ବଶୀ ମହାପାତ୍ର, ଢେଙ୍କାନାଳ ମ୍ୟୁନିସିପାଲିଟି ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲ୍ଲା ସମ୍ପାଦିକା ତିଳୋତ୍ତମା ଚୌଧୁରୀ, କାଉନସିଲର ଲିପିକା ଦାସ, କାମାକ୍ଷାନଗର ଏନଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ରଞ୍ଜିତା ବେହେରା, ଭୁବନ ଏନଏସି ସଦସ୍ୟା କବିତା ସେଠୀ, ମାମୁନି ସେନଙ୍କ ସମେତ ଭୁବନ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ, କଙ୍କଡ଼ାହାଡ଼ ବ୍ଲକ, ଭୁବନ ଏନଏସି ଓ ଢେଙ୍କାନାଳ ମ୍ୟୁନିସିପାଲଟିର ସଭାପତି, କାଉନସିଲର, ଜିଲ୍ଲା ପରିଷଦ ସଦସ ଯୋଗଦେଇଥିଲେ। ଢେଙ୍କାନାଳ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଅଜୟ କୁମାର ଭଞ୍ଜ, ସାଗିର ମହମ୍ମଦ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଗଙ୍ଗାଧର ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚିନ୍ତାଜନକ ଭାବେ ଗତ ୯ ମାସରେ ରାଜ୍ୟର ୨୦ ହଜାରରୁ ଅଧିକ ମହିଳା ନିଖୋଜ ହେବା ମାମଲା ପଞ୍ଜିକୃତ ହୋଇଛି। ଏଥିମଧ୍ୟରୁ ୭୦୦୮ ଜଣଙ୍କୁ ଠାବ କରାଯାଇଛି। ତେଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ


ଟ୍ୟାକ୍ସି ମାଲିକ ଚାରିଟେବୁଲ ଟ୍ରଷ୍ଟ


ଘରୋଇ ବସ ମାଲିକ ସଂଘ


ପୂର୍ତ୍ତ ବିଭାଗ ଠିକାଦାର ସଂଘ

## ଟ୍ୟାକ୍ସି ମାଲିକ ଚାରିଟେବୁଲ ଟ୍ରଷ୍ଟ

ଢେଙ୍କାନାଳ,୧୭।୯(ସମିସ): ଢେଙ୍କାନାଳ ଟାକ୍ସି ମାଲିକ ଚାରିଟେବୁଲ ଟ୍ରଷ୍ଟ ବସଷ୍ଟାଣ୍ଡ ଅମଲାପଡ଼ା ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ସହ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ସଭାପତି ନରେଶ କୁମାର ସିଂ, ସମ୍ପାଦକ ହରପ୍ରସାଦ ଦାସ, ସରୋଜ ମହାପାତ୍ର, ଜିତେନ୍ଦ୍ର କୁମାର ଲେଙ୍କା, ନବକିଶୋର ଦାସ, ଅଭିମନ୍ୟୁ ବେହେରା, ବୃନ୍ଦାବନ ସାହୁ ଓ ଆଇନ ପରାମର୍ଶଦାତା ପତିତପାବନ ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ହୋଇଥିଲା।

## ଘରୋଇ ବସ ମାଲିକ ସଂଘ

ଢେଙ୍କାନାଳ: ଢେଙ୍କାନାଳ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ପୂଜକ ସୁଶା ଭାଇନା, ସଭାପତି ପ୍ରଭାକର ବେହେରା, ଉପସଭାପତି ପ୍ରଶାନ୍ତ ମହାନ୍ତି, କୋଷାଧ୍ୟକ୍ଷ ସଞ୍ଜୟ ମିଶ୍ର, ସହ କୋଷାଧ୍ୟକ୍ଷ ମନୀ ରାଉତ, ଯୁଗ୍ମ ସମ୍ପାଦକ ରୁଦ୍ରନାରାୟଣ ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରମୋଦ ବେହେରା ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୂର୍ତ୍ତ ବିଭାଗ ଠିକାଦାର ସଂଘ

ଢେଙ୍କାନାଳ: ଢେଙ୍କାନାଳ ପୂର୍ତ୍ତ ବିଭାଗ ଠିକାଦାର ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ପୂଜକ ହିମାଦ୍ରୀ ଭୂଷଣ ଶତପଥୀ, କର୍ତ୍ତା ଦେବାଶିଷ ଦେବଦର୍ଶନ ବେହେରା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସଭାପତି ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, କର୍ମକର୍ତ୍ତା ପ୍ରତାପ ଖଟୁଆ, ଟିକୁ ଭାଇ, ରଞ୍ଜନ ପାଲ, ପ୍ରସନ୍ନ ଭାଇ, କାହ୍ନା, ଅମୂଲ୍ୟ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା।

## ବାବା ଆଖଣ୍ଡଳମଣି ୱେଲ୍‌ଫେୟାର ସଂଘ

ଢେଙ୍କାନାଳ: ଢେଙ୍କାନାଳ ବସଷ୍ଟାଣ୍ଡସ୍ଥିତ ବାବା ଆଖଣ୍ଡଳମଣି ୱେଲ୍‌ଫେୟାର ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ସକାଳେ କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ସହ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ୩ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। କର୍ତ୍ତା ରାମଚନ୍ଦ୍ର ପଣ୍ଡା, ସଭାପତି ରମେଶ ମହାନ୍ତି, ସମ୍ପାଦକ ଗୌତମ ଉଦୟ ସିଂହଙ୍କ ସମେତ ଅଟୋ ଆସୋସିଏସନର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ହୋଇଥିଲା।


ବାବା ଆଖଣ୍ଡଳମଣି ୱେଲ୍‌ଫେୟାର ସଂଘ

## ଖଜୁରିଆକଟା ବିଦ୍ୟୁତ କାର୍ଯ୍ୟାଳୟ

ଖଜୁରିଆକଟା: ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ବାଲିମୀ ପୋଖରୀରୁ କଳସ ଯାତ୍ରା ଆରମ୍ଭ ହୋଇ ପୂଜା ମଣ୍ଡପରେ କଳସ ସ୍ଥାପନ କରଯାଇଥିଲା। କର୍ତ୍ତା ଭାବେ ବିଭାଗୀୟ ଯନ୍ତ୍ରୀ ସନ୍ତୋଷ କୁମାର ବାରିକ ଦାୟିତ୍ୱ ତୁଲାଇଥିଲେ। ପୂଜକ ସଞ୍ଜୟ କୁମାର ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ଖଜୁରିଆକଟା ବିଦ୍ୟୁତ କାର୍ଯ୍ୟାଳୟ

### ଭୁବନର ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା

# ଆରମ୍ଭ ହେଲାଣି ଦୁର୍ଗାମେଢ଼ ନିର୍ମାଣ

ଭୁବନ,୧୭।୯(ସମିସ):

ଭୁବନର ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ଗ୍ରାମର ଥୋଡ଼ିଆ ଓ ବଳଦିଆ ଜାତି ଲୋକଙ୍କ ଦ୍ୱାରା ପାଳନ ହେଉଥିବା ଏକ ଭିନ୍ନ ଢଙ୍ଗର ଦଶହରା ପର୍ବ। ଏହି ଯାତ୍ରାରେ ଲୋକେ ବଳଦମାନଙ୍କୁ ଆଦର ସହକାରେ ପୂଜାର୍ଚ୍ଚନା କରି ଭସାଣି ଶୋଭାଯାତ୍ରାରେ ସାମିଲ କରିଥାନ୍ତି। ଏହି ପର୍ବ ପାଇଁ ଏବେ ଦୁର୍ଗାମେଢ଼ ନିର୍ମାଣ ଆରମ୍ଭ ହେଲାଣି। ଭୋବନା ନାମକ ଏକ ଗଣ୍ଡ (ଜାତି)ଙ୍କ ମତରେ ରାଣୀ ଭୁବନା ସୁନ୍ଦରୀଙ୍କ ନାମରେ ଏଇ ଗାଁର ନାମକାରଣ ହୋଇଛି ଭୁବନ। ଏସିଆର ସବୁଠୁ ବଡ଼ ଗ୍ରାମ ଭାବେ ପରିଚିତ ଭୁବନ ଗାଁ। ଗାଁଟି ୧୯୭୨ରେ ଏନଏସି ମାନ୍ୟତା ପାଇଥିଲା। ଗାଁରେ ପ୍ରାୟ ୩୬ ପାଟକ ବା ଜାତିର ଲୋକ ବାସ କରନ୍ତି। ଭାଇଚାରା ଓ ସଦଭାବ ବଜାୟ ରଖି ପିଢ଼ି ପରେ ପିଢ଼ି ଏହି ଦଶହରା ପର୍ବକୁ ନିଆରା ଢଙ୍ଗରେ ପାଳନ କରିଆସୁଛନ୍ତି ଗ୍ରାମବାସୀ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଦଶହରା ପାଳନ ହେଉଥିବା ବେଳେ ଭୁବନ ଦଶହରାରେ ବଳଦ ଯାତ୍ରା ହିଁ ମୁଖ୍ୟ ଆକର୍ଷଣ ସାଜିଥାଏ। ଦଶହରାରେ ବଡ଼ ବଡ଼ ବଳଦକୁ ସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରି ଗାଁ ବୁଲାଯାଇଥାଏ। ଭସାଣି ଦିନ ବଳଦମାନଙ୍କୁ ଶୋଭାଯାତ୍ରାରେ ସାମିଲ କରାଯାଏ। ବେପାର ବଣିଜକୁ ଶୁଭ ଓ ସଫଳ କରିବା ପାଇଁ ବଣିଜାରୀ ଦେବୀଙ୍କୁ ବହୁକାଳରୁ ଏଠାରେ ପୂଜା କରିବାର ପ୍ରଥା ରହିଛି। କିମ୍ବଦନ୍ତୀ ଅନୁଯାୟୀ, ପୂର୍ବେ ଏହି ଗାଁର ଥୋଡ଼ିଆ ଓ ବଣିଆ ସମ୍ପ୍ରଦାୟର ଲୋକେ ଶଗଡ଼ଗାଡ଼ିରେ ଯାତାୟାତ ଓ ଜିନିଷ ପରିବହନ କରୁଥିଲେ। ବଳଦିଆ ଜାତିର ଲୋକେ ଶଗଡ଼ ଚଳାଉଥିଲେ। ବଳଦଙ୍କ ଲାଗି ଆଖପାଖ ଅଞ୍ଚଳରେ ବ୍ୟବସାୟ ବଣିଜ ଭଲ ଚାଲିଥିଲା। ଦଶହରା ସମୟରେ ବ୍ୟବସାୟ ହିସାବକିତାବ, ଦୋକାନ ସାଜସଜ୍ଜା, ଖାତାପୂଜା ଆଦି ହେଉଥିବାରୁ ବ୍ୟବସାୟ କିଛିଦିନ ସ୍ଥଗିତ ରହିବା ଫଳରେ ବଳଦଙ୍କୁ ବିଶ୍ରାମ ମିଳେ। ତେଣୁ ଗ୍ରାମବାସୀ ଏହି ସମୟରେ ବଳଦଙ୍କୁ ଶ୍ରଦ୍ଧା ଓ ଆଦର ପୂର୍ବକ ଖାଇବା ଏବଂ ସମ୍ମାନ ଦେଇଥାନ୍ତି। ବଳଦଙ୍କୁ ମାଳୀ, ଅଳଙ୍କାର, ଘଣ୍ଟିଘାଗୁଡ଼ି, ରଙ୍ଗୀନ ପର, ଭେଲଭେଟ କନା ଆଦିରେ ସୁସଜ୍ଜିତ କରି ଗ୍ରାମଦେବୀଙ୍କ ପାଖକୁ ନେଇ ପୂଜାର୍ଚ୍ଚନା କରିଥାନ୍ତି। ମନ୍ଦିର ଚାରିପଟେ କିଛି ଘେରା ବୁଲାଇ ଘରକୁ ଆଣନ୍ତି। ବଳଦ ବନ୍ଦାପନା ସହ ବେପାରକୁ ସଫଳ କରିବା ପାଇଁ ମା' ବଣିଜାରୀ ଦେବୀଙ୍କୁ ବହୁକାଳରୁ ଏଠାରେ ପୂଜା କରିବାର ପ୍ରଥା ଅଛି।

ମହାଳୟା ପୂର୍ବରୁ ଥୋଡ଼ିଆ ଓ ବଳଦିଆ ଜାତିର ମହିଳାମାନେ ଘରଦ୍ୱାର ଲିପାପୋଛା କରିବା ପରେ ମାଣ, ତାମ୍ବି, ଘଣ୍ଟ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ସଫା କରି ପୂଜାର୍ଚ୍ଚନା କରି ରଖିଥାଆନ୍ତି। ପରିବାରର ସମସ୍ତେ ନୂଆବସ୍ତ୍ର ପରିଧାନ କରି ୧୦ ପ୍ରକାର ଫୁଲ, ଫଳ ଏବଂ ଆରିସା ପିଠା ପ୍ରସ୍ତୁତ କରି ଗାଁ ମା' ମଙ୍ଗଳାଙ୍କୁ ପୂଜା କରିଥାନ୍ତି। ଘର ଦୁଆର ଓ ଅଗଣାରେ ଝୋଟି, ମୁରୁଜ ବୁଣାଯାଏ। ପ୍ରତ୍ୟେକ ଘରକୁ ସାଜସଜ୍ଜା କରାଯିବା ସହ ଘର ସମ୍ମୁଖରେ ପୂର୍ଣ୍ଣ କଳସ ରଖାଯାଏ। ପର୍ବର ୧ମ ଦିନ ଅର୍ଥାତ ବିଜୟା ଦଶମୀରେ ଶୁଭଖୁଣ୍ଟ ବା ବନ୍ଧାଣ ଖୁଣ୍ଟକୁ ପୂଜାର୍ଚ୍ଚନା କରାଯାଏ। ଏହି ଖୁଣ୍ଟକୁ ପର୍ବ ପୂର୍ବରୁ ମଙ୍ଗଳବାର କିମ୍ବା ସଂକ୍ରାନ୍ତି ତିଥିରେ ସାହି ଦାଣ୍ଡରେ ସ୍ଥାପନ କରାଯାଏ। ମା'ଙ୍କ ଆସ୍ଥାନରେ ନାଲି ରଙ୍ଗରେ ପିଠଉର ଚିତା, ଫୁଲହାର ସିନ୍ଦୂର ଶୋଭିତ ଏକ ଖୁଣ୍ଟକୁ ପୂଜା କରାଯାଏ। ବର୍ଷଯାକ ଏହା ଥାଏ ଏବଂ ନୂଆ ଖୁଣ୍ଟ ପୋତାହେବା ପରେ ପୁରୁଣା ଖୁଣ୍ଟକୁ ପାଣିରେ ବିସର୍ଜନ କରାଯାଏ। ମହିଳାମାନେ ବନ୍ଧାଣ ଖୁଣ୍ଟକୁ ପୂଜା କରିଥାଆନ୍ତି। ବନ୍ଧାଣ ଖୁଣ୍ଟରେ ବଳଦକୁ ବନ୍ଧାଯିବା ସମୟରେ ଅଇଁଠା ଖାଦ୍ୟ ଦିଆଯାଇ ନ ଥାଏ। ବଳଦକୁ ବନ୍ଧାଣ ଖୁଣ୍ଟରେ ବନ୍ଧାଯିବା ସମୟରେ କେହି ବାହାର ଲୋକ ସ୍ପର୍ଶ କରନ୍ତି ନାହିଁ। ସ୍ପର୍ଶ କଲେ ବଳଦ ଅମାନିଆ ହୋଇଯାଏ ବୋଲି ବିଶ୍ୱାସ ରହିଛି। ବଳଦକୁ ଉକ୍ତ ଖୁଣ୍ଟରୁ ଖୋଲିଦିଆଯିବା ପରେ ଆଉ କୌଣସି ଛୁଆଁ ଅଛୁଆଁ ଭେଦଭାବ ନ ଥାଏ। ବଳଦ ନ ହୁରୁଡ଼ିବା ପାଇଁ ଖୁଣ୍ଟପୂଜା ମାଧ୍ୟମରେ ବଳଦକୁ ମନ୍ତୁରାଯାଏ। ରାତ୍ରି ପଟୁଆରର ଉଚ୍ଚ ଧ୍ୱନି ମଧ୍ୟରେ ବଳଦ ୩/୪ କିମି ଚାଲି ଚାଲି ଯିବାକୁ ହୁଏ। ବଳଦ ଉଚ୍ଚଶବ୍ଦ ସହ ପରିଚିତ ହେଲେ ଯାଇ ଶୋଭାଯାତ୍ରାରେ ଭାଗନେଇପାରେ। ପ୍ରଶିକ୍ଷଣ ପାଇବା ପରେ ସେହି ବଳଦ ଆଉ ହୁରୁଡ଼ି ନ ଥାଏ। ଭସାଣି ଶୋଭାଯାତ୍ରାରେ ବଣିଜାରୀ ଦେବୀଙ୍କ ଏକ ବିଶାଳ ଟାହିଆକୁ ୪ଜଣ ଲୋକ ବଳଦଙ୍କ ଉପରେ ଥୋଇ ପଟୁଆରରେ ବାହାରନ୍ତି। ଏହି ପଟୁଆରରେ ଦେଉଳର ସେବକ ଓ ଗ୍ରାମବାସୀ ଯୋଗଦେଇଥାନ୍ତି ଓ ଏହା ରାତିସାରା ଚାଲିଥାଏ। ପଟୁଆର ଶେଷରେ ସଭିଏଁ ବଣିଜାରୀ ଦେବୀ ଦେଉଳ ସମ୍ମୁଖରେ ଏକାଠି ହୋଇଥାନ୍ତି। ଦଶହରା ଶେଷଦିନ ବଳଦଯାତ୍ରା, ଦୁର୍ଗାମେଢ଼ ଭସାଣି ଯାତ୍ରା ଓ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ପାଲାମଣ୍ଡପରେ ରାତି ୯ଟାରେ ରାବଣପୋଡ଼ି କାର୍ଯ୍ୟକ୍ରମ ଶେଷ ହେବାପରେ ରାତି ୧୦ଟାରେ ଦୁର୍ଗାମେଢ଼ ଓ ବିଭିନ୍ନ ସାହିରୁ ଦଶହରା ବଳଦ ଶୋଭାଯାତ୍ରାରେ ବାହାରି ଗୁଜୁରୀହାଟଠାରେ ଏକତ୍ରିତ ହୋଇ ଭସାଣିଯାତ୍ରା ଆରମ୍ଭ କରିଥାନ୍ତି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ବିମାନ ଓ ଦଶହରା ବଳଦ, ଦୁର୍ଗାମେଢ଼ ଆଗରେ କ୍ରମାନ୍ୱୟରେ ଦୁର୍ଗାଛକ, ଲକ୍ଷ୍ମୀଛକ, ଚମାରସାହି, ବଣିଆସାହି, ବ୍ରାହ୍ମଣୀଦେବୀ ଛକ, ରାଉତ ସାହି, ବେହେରା ସାହି, ବାଜିଛକ, ବଡ଼ହାଟ, ଗଣେଶବଜାର ଦେଇ ପରଦିନ ସକାଳେ ନୂଆବଜାରରେ ପହଞ୍ଚିଥାଆନ୍ତି। ସର୍ବପ୍ରଥମେ ଭୁବନର ଐତିହାସିକ ବଳଦଯାତ୍ରାର ସ୍ରଷ୍ଟା ଥୋଡ଼ିଆ ସମାଜଙ୍କ ଆରାଧ୍ୟ ଦେବୀ ବଣିଜାରୀଙ୍କ ପରେ ଭୁବନର ପ୍ରଥମ ଦୁର୍ଗାମେଢ଼ ବନଦୁର୍ଗା, ନୂଆଭୁବନ, ହରପାର୍ବତୀ, ବାଜିଛକ, ପୋଥାଳ ସାହି, ସେନସାହି, କ୍ଲାସିକ କ୍ଲବ, ଗଡ଼ଗଁପୁର, ହାଟୁଆବଣିକ ସଙ୍ଘ ଓ ଶେଷରେ ଗୁଜୁରୀହାଟ ଦେଶ ଦୁର୍ଗା ମେଢ଼ ପହଞ୍ଚିବା ପରେ ନୂଆବଜାରରେ ମେଳଣ ହୋଇଥାଏ। ମେଳଣ ପରେ ମା' ଦୁର୍ଗା ମେଲାଣି ନେଇଥାନ୍ତି। ଦଶହରା ବଳଦଯାତ୍ରାରେ ବାଘନାଚ, ଷଣ୍ଢ ଲଢ଼େଇ, ଲୋକନୃତ୍ୟ ସାଙ୍ଗକୁ ଶିଙ୍ଗବାଜା, ବୀର ବାଦ୍ୟ, ଅର୍କେଷ୍ଟ୍ରା, ଡିଜେ ଶବ୍ଦରେ ଭୁବନ କମ୍ପିଥାଏ।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ




ଢେଙ୍କାନାଳ,୧୭।୯(ସମିସ): ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ ବୟସ୍କ ବାଳକ ଓ ବାଳିକା କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଗିରିଜା ପ୍ରସାଦ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଜିଲ୍ଲା ଓଷ୍ଟା ସଭାପତି ଶ୍ରୀରାମ ରାଉତ, ସମ୍ପାଦକ ଶଶିକାନ୍ତ ଦାସ, ପୂର୍ବ ସମ୍ପାଦକ ବିଭୂତି ଭୂଷଣ ସାମଲ ଓ କେନ୍ଦୁଝର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୧୪ବର୍ଷରୁ କମ୍ ବାଳକ ବିଭାଗରେ ପୁରୀ ଏବଂ ବାଳିକା ବିଭାଗରେ ଗଞ୍ଜାମ ଜିଲ୍ଲା ଚାମ୍ପିଅନ ହୋଇଥିବାବେଳେ ୧୭ବର୍ଷରୁ କମ୍ ବାଳକ ବିଭାଗରେ ପୁରୀ ଜିଲ୍ଲା ଏବଂ ବାଳିକା ବିଭାଗରେ କଟକ ଜିଲ୍ଲା ଚାମ୍ପିଅନ ହୋଇଛି। ପିଟିଆଇ ଆର୍ଯ୍ୟକୁମାର ପଟ୍ଟନାୟକ ଏବଂ ସପନେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ରାମକୃଷ୍ଣ ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ପ୍ରତିଯୋଗିତାରେ ପୁରୀ, କଟକ, ଗଞ୍ଜାମ, ଗଜପତି, ଭୁବନେଶ୍ୱର, ନୂଆପଡ଼ା, ସମ୍ବଲପୁର, କନ୍ଧମାଳ, ଢେଙ୍କାନାଳ ଜିଲ୍ଲାରୁ ୧୦୪ ଜଣ ପ୍ରତିଯୋଗୀ ଓ ୧୧ଜଣ କୋଚ୍/ମ୍ୟାନେଜର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କଟକ, ଗଞ୍ଜାମ, ଗଜପତି, ପୁରୀ, ଭୁବନେଶ୍ୱର, ନୂଆପଡା, ସମ୍ବଲପୁର, କନ୍ଧମାଳ, ଢେଙ୍କାନାଳ ଜିଲ୍ଲାରୁ ୧୦୪ ଜଣ ପ୍ରତିଯୋଗୀ ଓ ୧୧ଜଣ କୋଚ୍/ମ୍ୟାନେଜର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସପନ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଜ୍ୟୋତିପ୍ରସାଦ ପରିଡ଼ା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଜିଲ୍ଲା କ୍ରୀଡ଼ାସଂଘ ସମ୍ପାଦକ ନଳିନୀ କୁମାର ଦାସ, ଓଡ଼ିଶା କୁସ୍ତି କୋଚ୍ ନାରାୟଣ ବେହେରା, ଢେଙ୍କାନାଳ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ବେହେରା, କେନ୍ଦୁଝର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ଏବଂ ଢେଙ୍କାନାଳ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଉମେଶ ଚନ୍ଦ୍ର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ।

## ଭୁବନେଶ୍ୱର ସିଟି



# ନେପାଳ ଜାନକୀ ମାତା ମନ୍ଦିରରେ ବିରାଜିବେ ମା'

**ଆସୁଛନ୍ତି ମା'**



**ଶୈଳଶ୍ରୀବିହାର ଫେଜ୍‌- ୭ ଆବାସିକ ସଂଘ ଦୁର୍ଗାପୂଜା କମିଟି**

ଭୁବନେଶ୍ୱର, ୧୭।୯(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ଶୈଳଶ୍ରୀବିହାର ଫେଜ୍‌-୭ ଆବାସିକ ସଂଘ ଦୁର୍ଗାପୂଜା କମିଟି ପକ୍ଷରୁ ଚାଲିଛି ଜୋରଦାର ପ୍ରସ୍ତୁତି। ଚଳିତବର୍ଷ କମିଟି ୨୦ ତମ ଦୁର୍ଗାପୂଜା ପାଳନ କରୁଥିବା ବେଳେ ଏଥରର ଆକର୍ଷଣ ପାଲଟିବ ନେପାଳର ଜାନକୀ ମାତା ମନ୍ଦିର ସଦୃଶ ତୋରଣ। ୪୫ ଫୁଟ ଉଚ୍ଚତା ଓ ୬୦ ଫୁଟ ଚଉଡ଼ା ବିଶିଷ୍ଟ ତୋରଣଟିକୁ କୋଲକାତା ଓ ଢେଙ୍କାନାଳର କାରିଗରମାନେ ନିର୍ମାଣ କରୁଛନ୍ତି। ସୁକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ହେଉଥିବା ଏହି ତୋରଣ ସମସ୍ତଙ୍କୁ ଆକର୍ଷିତ କରିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ୧୪ ଫୁଟ ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ୧୮ ଫୁଟର ତାରକସି ମେଢ଼ କାର୍ଯ୍ୟ ବାରଙ୍ଗ ଫୁଲପୋଖରୀ ଏବଂ କଟକର କାରିଗରମାନେ ତିଆରି କରୁଛନ୍ତି। ମା'ଙ୍କୁ ରୁପା ମୁକୁଟ ଓ ସୁନା ଅଳଙ୍କାରରେ ସଜ୍ଜିତ କରାଯିବା ସହ ପାର୍ଶ୍ୱଦେବୀମାନେ ଚାନ୍ଦି ମୁକୁଟ ଓ ସୁନା ଅଳଙ୍କାର ପରିଧାନ କରିବେ। ମଣ୍ଡପକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ରଙ୍ଗୀନ ଆଲୋକ ମାଳାରେ ଝଲସିବ। ସେହିପରି ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଷଷ୍ଠୀ, ସପ୍ତମୀ, ଦଶମୀରେ ସ୍ଥାନୀୟ ପିଲାମାନଙ୍କୁ ନେଇ ଦାଣ୍ଡିଆ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯିବ। ଅଷ୍ଟମୀ ଓ ନବମୀରେ ମେଲୋଡି ହେବ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ୩୫ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ପାରମ୍ପରିକ ବାଦ୍ୟରେ ଭସାଣି ଉତ୍ସବ କରାଯାଇ ମା'ଙ୍କୁ ମାଲାଣି ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।



**ନବମୀରେ ଉନ୍ମୋଚିତ ହେବ ସ୍ମରଣିକା 'ଶୈଳଶ୍ରୀ'**



ଚଳିତବର୍ଷ ମା'ଙ୍କ ମୂର୍ତ୍ତିରେ ରାସାୟନିକ ରଙ୍ଗ ଓ ପୂଜା ମଣ୍ଡପରେ କୌଣସି ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର କରାଯିବ ନାହିଁ। ପ୍ରତିବର୍ଷ ଭଳି ନବମୀରେ ସ୍ମରଣିକା 'ଶୈଳଶ୍ରୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବ। ଘରେ ଘରେ ମା'ଙ୍କ ପ୍ରସାଦ ବଣ୍ଟାଯିବ।

- ହେମନ୍ତ ମହାପାତ୍ର, ଅଧ୍ୟକ୍ଷ



ଆବାସିକ ସଂଘ କର୍ମକର୍ତ୍ତା, ସଦସ୍ୟ ଓ କଲୋନୀ ବାସୀଙ୍କ ସାହାଯ୍ୟ ସହଯୋଗରେ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ। ମହିଳା ପୁରୁଷ ମାନଙ୍କ ପାଇଁ ଭିନ୍ନ ଧାଡ଼ି ଦର୍ଶନ ବ୍ୟବସ୍ଥା ସହ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସ୍ଥାନୀୟ ପୁଲିସର ସହାୟତା ନିଆଯିବ।

- ସଞ୍ଜିବ କୁମାର ବାରିକ, ସଭାପତି



ରାଜ୍ୟ ସରକାରଙ୍କ ସମସ୍ତ ନିୟମ ମାନି ପୂଜା ପାଳନ କରାଯିବ। ଏଥର ଆଲୋକିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ପାଇଁ ମଣ୍ଡପରେ ସିସିଟିଭି କ୍ୟାମେରା ସହ ଅଗ୍ନି ନିର୍ବାପକ ଯନ୍ତ୍ର ରହିବ।

ଗୋପାଳକୃଷ୍ଣ ପଟ୍ଟନାୟକ, ସମ୍ପାଦକ

## ଏଥର ବି ଦାଣ୍ଡିଆରେ ଦୁଲୁକିବ ରାଜଧାନୀ

ଭୁବନେଶ୍ୱର, ୧୭।୯ (ସମିସ): ଚଳିତବର୍ଷ ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସମସ୍ତ ପ୍ରସ୍ତୁତି ଚାଲିଥିବାବେଳେ ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ଦାଣ୍ଡିଆ ମହୋତ୍ସବକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ରାଜଧାନୀବାସୀ। ପ୍ରତିବର୍ଷ ଦାଣ୍ଡିଆ ଉତ୍ସବରେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଉଭୟ ମହିଳା ଓ ପୁରୁଷ ଧୁମ୍ ମଚାଇଥାନ୍ତି। ହାତରେ ଦାଣ୍ଡିଆ ବାଡ଼ି ଧରି ଡିଜେ ସାଉଣ୍ଡରେ ଦୁଲୁକୁଥାଏ ରାଜଧାନୀର ଦାଣ୍ଡିଆ ମଞ୍ଚ। ଏହି ଦିନକୁ ସମସ୍ତେ ଅପେକ୍ଷା କରିବା ସହ ଦାଣ୍ଡିଆ ପାଇଁ ଆବଶ୍ୟକୀୟ ସେହିପରି ଚଳିତବର୍ଷ ମଧ୍ୟ ବେଶ୍ ଧୁମଧାମରେ ପାଳନ ହେବ ଏହି ଉତ୍ସବ। ଏଥିପାଇଁ ଆୟୋଜକମାନେ ମଧ୍ୟ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ବିଭିନ୍ନ ସଂସ୍ଥା ଠାରୁ ଆରମ୍ଭ କରି ରାଜଧାନୀର ବିଭିନ୍ନ ଷ୍ଟାର ହୋଟେଲ ଗୁଡ଼ିକରେ ମଧ୍ୟ ସ୍ୱତନ୍ତ୍ର ଆୟୋଜନ ହୋଇଛି। ଏଥିପାଇଁ ଖୁବଶିଘ୍ର ଆରମ୍ଭ ହେବ ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍ ଟିକଟ୍ ବୁକିଂ।

**ପ୍ରୟାସ ପକ୍ଷରୁ ୭ ଦିନିଆ ଦାଣ୍ଡିଆ ମହୋତ୍ସବ**

ପ୍ରତିବର୍ଷ ପରି ଏଥର ମଧ୍ୟ 'ପ୍ରୟାସ' ପକ୍ଷରୁ 'ଦାଣ୍ଡିଆ ମହୋତ୍ସବ-୨୦୨୫' ପ୍ରଦର୍ଶନୀ ପଡ଼ିଆରେ ଆସନ୍ତା ୨୬ ରୁ ଅକ୍ଟୋବର ୨ ତାରିଖ (ସନ୍ଧ୍ୟା ୬ଟା ରୁ ୧୦ଟା) ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏବର୍ଷ ଦାଣ୍ଡିଆ ମହୋତ୍ସବରେ ୩୦ହଜାରରୁ ଉର୍ଦ୍ଧ୍ୱ ଲୋକେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବର ପ୍ରତ୍ୟେକ ଦିନର ବେଷ୍ଟ ଡ୍ୟାନସର, ବେଷ୍ଟ ବେଷ୍ଟ କପଲ୍, ବେଷ୍ଟ କଷ୍ଟ୍ୟୁମ୍ ପାଇଁ ପୁରସ୍କାର ପ୍ରଦାନ କରାଯିବ। ସୁରକ୍ଷା ଦୃଷ୍ଟିରୁ ମହୋତ୍ସବ ପରିସର ସିସିଟିଭି ସହ ମାଦକଦ୍ରବ୍ୟ, ସିଗାରେଟ୍ ଓ ଆମିଷକୁ ସମ୍ପୂର୍ଣ୍ଣରୂପେ ନିଷେଧ କରାଯାଇଥିବା ବୁଦ୍ଧ ମନ୍ଦିରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରୟାସର ଅଧ୍ୟକ୍ଷ ବନ ମହାନ୍ତି ସୂଚନା ଦେଇଛନ୍ତି।

## ଭାଇଚାରା ପୂଜା କମିଟି ପକ୍ଷରୁ ଅନ୍ନଦାନ

ଭୁବନେଶ୍ୱର, ୧୭।୯(ସମିସ): ସାମାଜିକ ଅନୁଷ୍ଠାନ ଭାଇଚାରା ଟ୍ରଷ୍ଟ ପକ୍ଷରୁ ଏମ୍ସ ପରିସରରେ ବୁଧବାର ଶତାଧିକ ଲୋକଙ୍କୁ ଅନ୍ନଦାନ କରାଯାଇଅଛି। ସବୁ ଧର୍ମ ସବୁ ବର୍ଗର ଯୁବକମାନଙ୍କୁ ନେଇ ଗଢି ଉଠିଥିବା ଏହି ଅନୁଷ୍ଠାନ ପ୍ରତ୍ୟେକ ମାସ ସଂକ୍ରାନ୍ତି ତିଥିରେ ଖାଦ୍ୟ ବିତରଣ କରିବା ପାଇଁ ନିଷ୍ପତ୍ତି ହୋଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।



ଦୈନିକ ଖବରକାଗଜ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଭଗବାନପୁରସ୍ଥିତ କାର୍ଯ୍ୟାଳୟ ପରିସରସ୍ଥିତ ପ୍ରିଣ୍ଟିଂ ପ୍ରେସ୍ ଠାରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଏଥିରେ 'ସକାଳ'ର ସିଇଓ ସୁବ୍ରତ କୁମାର ଦାସ, ନନ୍ଦିଘୋଷ ଟିଭିର ମୁଖ୍ୟ ସମ୍ପାଦକ ଶିଶିର ଭଟ୍ଟମିଶ୍ରଙ୍କ ସମେତ, ସକାଳର ବିତରଣ ବିଭାଗ ଓ ପ୍ରିଣ୍ଟିଂ ପ୍ରେସ୍ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ରାଜଧାନୀରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଆବାହନ**

# ଗ୍ୟାରେଜ୍‌ରେ ମନ୍ତ୍ରଧ୍ୱନି; ଗାଡ଼ିଚାଳକ ହନ୍ତସନ୍ତ

ଭୁବନେଶ୍ୱର, ୧୭।୯(ସମିସ): ପୂର୍ବରୁ ରାଜଧାନୀର ବିଭିନ୍ନ ଶିଳ୍ପାଞ୍ଚଳରେ କେବଳ ବିଶ୍ୱକର୍ମା ପୂଜା ହେଉଥିବା ବେଳେ ଏବେ ସହରର ବିଭିନ୍ନ ଛକ ବଜାରେ ମଧ୍ୟ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହେଉଛି। ସିଆରପିଛକଠାରୁ ଆରମ୍ଭ କରି କଳ୍ପନା ଛକ ଆଦି ଅଞ୍ଚଳରେ ବିଶ୍ୱକର୍ମା ପୂଜା ଯାକଯମକରେ ଅନୁଷ୍ଠିତ ହୋଇଥିଲା। ବଡ଼ବଡ଼ ତୋରଣ ସମେତ ଆଲୋକମାଳାରେ ସଜ୍ଜିତ ହୋଇଛି ରାଜଧାନୀ ସହର। ବିଭିନ୍ନ କର୍ମସ୍ଥଳୀ, ପୂଜା କମିଟି, ଗ୍ୟାରେଜ, ଶିକ୍ଷାନୁଷ୍ଠାନ, ସୋରୁମ୍ ହୋଟେଲ, ପ୍ରିଣ୍ଟିଂ ପ୍ରେସ ଏବଂ ବିଭିନ୍ନ କ୍ଲବ ପକ୍ଷରୁ ବିଶ୍ୱକର୍ମା ପୂଜା ଆୟୋଜିତ ହୋଇଛି। ତେବେ ଭୁବନେଶ୍ୱର ରସୁଲଗଡ଼ ଶିଳ୍ପାଞ୍ଚଳ ସମେତ ଚନ୍ଦକା ଶିଳ୍ପାଞ୍ଚଳ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସମେତ ଶହେ ମଣ୍ଡପରେ ବିଶ୍ୱକର୍ମାଙ୍କ ପୂଜା କରାଯାଇଥିଲା। ପୂଜା ପାଇଁ ପୂରା ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିଲା। ପୂରା ଶିଳ୍ପାଞ୍ଚଳରେ



ଝାଁଳାସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା



ମଙ୍ଗଳବାର ରାତିରୁ ପୂଜା ଆରମ୍ଭ ହୋଇଥିବା ବେଳେ ରଙ୍ଗୀନ ଆଲୋକମାଳାରେ ମେଢ଼ ସଜା ଯାଇଥିଲା। ସେହଭଳି ପୂର୍ବରୁ ଭୋଜିଭାତରେ ଶିଳ୍ପାଞ୍ଚଳ ପକମିତ ହୋଇଥିଲା। ରସୁଲଗଡ଼ ଶିଳ୍ପାଞ୍ଚଳରେ ଭଜନ ସମାରୋହ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

କେବଳ ସେତିକିନୁହଁ ବରଂ ଏହି ପୂଜା ପାଇଁ ଆଜି ରାଜଧାନୀର ଅଧିକାଂଶ ଗ୍ୟାରେଜ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ସେଥିପାଇଁ ଗାଡି ସମସ୍ୟା ନେଇ ଗ୍ୟାରେଜ ଯାଇଥିବା ଅଧିକାଂଶ ଲୋକଙ୍କୁ ଫେରିବାକୁ ପଡ଼ିଥିଲା। ପୂଜା ପରେ ଯାନ ବାହନ ସହିତ ଅନ୍ୟାନ୍ୟ ଯାନ୍ତ୍ରିକ ଆସବାବପତ୍ର ପାଇଁ ପୂଜା ଅର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରତିଛକ ଏବଂ ୟୁନିଟ୍‌ରେ ବିଶ୍ୱକର୍ମାଙ୍କୁ ଆବାହନ କରାଯାଇଥିଲା। ରାଜଧାନୀରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସମେତ ପାଖାପାଖି ଶହେରୁ ଅଧିକ ଛୋଟରୁ ବଡ ମେଢ ଆଜି ପୂଜା ପାଇଥିଲେ। ପୂଜା ଦେଖିବାକୁ ଲୋକଙ୍କ ଭିଡ଼ ମଧ୍ୟ ଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ଅନୁଷ୍ଠାନ ଓ କମିଟିମାନଙ୍କ ପକ୍ଷରୁ ଅନ୍ନ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବିଜେବି କଲେଜରେ ର୍‍ୟାଗିଂ ସଚେତନତା

ଭୁବନେଶ୍ୱର, ୧୭।୯(ସମିସ): ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ର୍‍ୟାଗିଂ ନେଇ ସଚେତନତା କରାଯାଇଛି। ର୍‍ୟାଗିଂର ଭୟାବହତା ଓ ଶୈକ୍ଷିକ ବାତାବରଣ ଉପରେ ପକାଉଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଯାଇଛି। ର୍‍ୟାଗିଂ ପରି ଅପରାଧିକ କାର୍ଯ୍ୟ କଲେ ଦଣ୍ଡବିଧାନ ବ୍ୟବସ୍ଥା ସହିତ ର୍‍ୟାଗିଂର ଶିକାର ହେଉଥିବା ପିଲାଙ୍କୁ ନିର୍ଭୟରେ ଅଭିଯୋଗ କରିବା ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଛି। ଆଇକ୍ୟୁଏସି ଓ ଆଣ୍ଟିର୍‍ୟାଗିଂ କମିଟି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପୁଲିସ ହାଉସିଂ ଓ ୱେଲଫେୟାର କମିଟିର ଚେୟାରମ୍ୟାନ ତଥା ଆଇପିଏସ୍ ଏଡ଼ିଜି ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ର୍‍ୟାଗିଂର ବିଭିନ୍ନ ଦିଗ ଏବଂ ନିୟମକାନୁନ୍ ସମ୍ପର୍କରେ ଆଲୋକପାତ କରିଛନ୍ତି। ପୁଲିସ୍ ପକ୍ଷରୁ ଜାରି କରାଯାଇଥିବା ବିଭିନ୍ନ ଟୋଲ୍-ଫ୍ରି ନମ୍ବର ସମ୍ପର୍କରେ ସୂଚନା ଦେଇଛନ୍ତି। ର୍‍ୟାଗିଂ ନବାଗତ ଛାତ୍ରଛାତ୍ରୀଙ୍କ ମାନସିକ ଅବସ୍ଥା ଉପରେ କୁପ୍ରଭାବ ପକାଇଥାଏ ବୋଲି କହିବା ସହ ର୍‍ୟାଗିଂର ଶିକାର ହେଲେ ତ୍ୱରିତ ପୁଲିସ୍ ସହାୟତା ମଧ୍ୟ ନେଇପାରିବେ ବୋଲି ସେ କହିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଝୁମ୍‌କୀ ରଥ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଆଣ୍ଟି ର୍‍ୟାଗିଂ କମିଟିର ସଂଯୋଜିକା ଡ. ମୌସୁମୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଶାସନିକ ଅଧିକାରୀ ଡ. ଲକ୍ଷ୍ମୀଧର ଭୋଳ ର୍‍ୟାଗିଂ ନିରୋଧୀ କ୍ଷେତ୍ରରେ ମହାବିଦ୍ୟାଳୟ ଭୂମିକା ସମ୍ପର୍କରେ ଆଲୋକପାତ କରିଛନ୍ତି।

## ବିଦ୍ୟା କନକ ସୃଜନୁଷ୍ଠାନ ପକ୍ଷରୁ 'ଅମରଗାଥା'

ଭୁବନେଶ୍ୱର, ୧୭।୯(ସମିସ): ବିଦ୍ୟା କନକ ସୃଜନୁଷ୍ଠାନ ପକ୍ଷରୁ 'ନାଟ୍ୟ ଲହରୀ' ନାଟ୍ୟ ଉତ୍ସବର ତୃତୀୟ ସନ୍ଧ୍ୟାର ନାଟକ 'ଅମରଗାଥା' ବୁଧବାର ଭଞ୍ଜକଳା ମଣ୍ଡପରେ ପରିବେଷିତ ହୋଇଯାଇଛି। ଓଡ଼ିଶାର ଧର୍ମୀୟ ଭାବନା, ବିଶ୍ୱାସକୁ ନେଇ ଏକ ଐଶ୍ୱରୀୟ ପ୍ରେମ କାହାଣୀ ଏହି ନାଟକରେ ପ୍ରଦର୍ଶିତ କରାଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ଡ଼. ଚନ୍ଦ୍ରଶେଖର ହୋତା, ବିଶିଷ୍ଟ ନାଟ୍ୟବିତ୍ ପ୍ର.ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ର. ପ୍ରସନ୍ନ ସ୍ୱାଇଁ, ଶିକ୍ଷାବିତ୍ ଡ଼. ସନାତନ ପ୍ରଧାନ, ବିଜେବି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ଼. କାହ୍ନୁ ଚରଣ ପାଢ଼ୀ ଯୋଗଦେଇଥିଲେ। ଏହି ନାଟକକୁ ନାଟ୍ୟମେଶଃ ଜୟନ୍ତେ ରାଉରକେଲା ରଚନା କରିଥିବା ବେଳେ ଦେବାନନ୍ଦ ନାୟକ ପରିକଳ୍ପନା, ସଙ୍ଗୀତ ସଂଯୋଜନା ଓ ନିର୍ଦ୍ଦେଶନା ଦେଇଥିଲେ।

## ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ ଶୁଭାରମ୍ଭ

ଭୁବନେଶ୍ୱର, ୧୭।୯(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମଧ୍ୟପ୍ରଦେଶର ଧାର୍‌ଠାରେ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନର ଦେଶବ୍ୟାପୀ ଶୁଭାରମ୍ଭ କରିଛନ୍ତି। ମହିଳାମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଉପରେ ଫୋକସ୍ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ଅକ୍ଟୋବର ୨ ପର୍ଯ୍ୟନ୍ତ ଦେଶବ୍ୟାପୀ ଅନୁଷ୍ଠିତ ହେଉଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଧାୟକ ଓ ନେତୃମଣ୍ଡଳୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡି ହୋଇଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ହେଲଥ୍ ସ୍କ୍ରିନିଂ ଷ୍ଟଲ୍ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ।

## ସୋଆ ପକ୍ଷରୁ 'ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍' କର୍ମଶାଳା

ଭୁବନେଶ୍ୱର, ୧୭।୯(ସମିସ): ସୋଆ ପକ୍ଷରୁ ବୁଧବାର ସୋଆ ପକ୍ଷରୁ 'ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ଆଣ୍ଡ ଇନୋଭେସନ୍-ଏମ୍ପାୱାରିଙ୍ଗ ସିଟିଜେନ୍ସ ଇନ୍ ଦ ନ୍ୟୁ ଏରା' ଶୀର୍ଷକ କର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ନୀତା ମହାନ୍ତି, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ସୋଆ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରଫେସର ଅୟସକାନ୍ତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇବିସିଏସ୍‌ର ଡକ୍ଟର ଆଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କିସ୍‌ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ

ଭୁବନେଶ୍ୱର, ୧୭।୯ (ସମିସ): କିସ୍ ପରିସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମଦିନ ପାଳିତ ହୋଇଯାଇଛି। ଏଥିରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀ ମୋଦୀଙ୍କ ମୁଖା ପିନ୍ଧି ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶ୍ରୀ ମୋଦୀଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

## ପାରମ୍ପରିକ ନୃତ୍ୟଶୈଳୀରେ ଦେବଶିଳ୍ପୀ

ଭୁବନେଶ୍ୱର, ୧୭।୯(ସମିସ): ଓଡ଼ିଶାର ପାରମ୍ପାରିକ କଳା ଓ ଲୋକକଳା ଆମ ସଂସ୍କୃତି ଓ ଐତିହ୍ୟକୁ ଋଦ୍ଧିମନ୍ତ କରେ। ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହିପରି ପାରମ୍ପାରିକ ନୃତ୍ୟ ପୁରୀ ସାହିଜାତ ଶୈଳୀରେ ଗଢ଼ିଛନ୍ତି ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ନିଆରା ମୂର୍ତ୍ତି। ଏହି ମୂର୍ତ୍ତିକୁ ସାହିଜାତ ଶୈଳୀରେ ପୋଷାକ ପରିଧାନ ପୂର୍ବକ ଛାତ୍ରଛାତ୍ରୀମାନେ ଅସ୍ତ୍ର ଶସ୍ତ୍ର ଓ ଅଳଙ୍କାରରେ ସଜାଇ ପୂଜା କରିଛନ୍ତି। ଏହି ନିଆରା ମୂର୍ତ୍ତି ନିର୍ମାଣ ପାଇଁ କାଗଜ ପେଟି, ରଙ୍ଗୀନ କାଗଜ, ଅଠା ଓ ପ୍ରାକୃତିକ ରଙ୍ଗ ବ୍ୟବହାର ହୋଇଥିଲା। ମହାବିଦ୍ୟାଳୟର ୧୭ ଜଣ ଶିଳ୍ପୀ ଛାତ୍ରଛାତ୍ରୀମାନଙ୍କୁ ଏହି ମୂର୍ତ୍ତି ନିର୍ମାଣ କରିବାକୁ ୧୫ ଦିନ ସମୟ ଲାଗିଥିଲା।



## ରୋଟି ପରିସରରେ ଚାରାରୋପଣ

ଭୁବନେଶ୍ୱର, ୧୭।୯ (ସମିସ): ଓଡ଼ିଶା ପରିବେଶ ସମିତି ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନେଷ୍ଟ ବେସରକାରୀ ସଂସ୍ଥା ଏବଂ ଓଡ଼ିଶା ସରକାରଙ୍କର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନ ରୋଟି ଓ ଓଇଏସ୍ ସଦସ୍ୟ ଏବଂ ରାଜସ୍ୱ ପ୍ରତିଷ୍ଠାନରେ ତାଲିମ ନେଉଥିବା ଅଧିକାରୀମାନଙ୍କ ସମ୍ମିଳିତ ଭାବେ ରୋଟି କ୍ୟାମ୍ପସ୍ ପରିସରରେ ୧୨୦ଟି ଅର୍ଜୁନ, କରଞ୍ଜ, ଲିମ୍ବୁ, ବଉଳ, ଆମ୍ବ, ଜାମୁ, ଅଁଳା, ସଫେଟା, ଆତ ଇତ୍ୟାଦି ଗଛର ଚାରା ରୋପଣ କରାଯାଇଛି। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ୫ ଏକର ଜମିରେ ୧୫ ହଜାର ଚାରାରୋପଣ

ଭୁବନେଶ୍ୱର, ୧୭।୯(ସମିସ): ବିଏମ୍‌ସିର ମେଗା ପ୍ଲାଣ୍ଟେସନ ଅଭିଯାନ ଜାରି ରହିଛି। ଚଳିତବର୍ଷର ସପ୍ତମ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଭାବେ କଳିଙ୍ଗ ଷ୍ଟୁଡିଓ ଛକ ନିକଟ ଘାଟିକିଆ ଅନ୍ତର୍ଗତ ଓୟୁଏଟିର ବାଉଁଶ ନିର୍ଦ୍ଦେଶନା ଫାର୍ମ ପରିସରରେ ଏହି ମେଗା ବୃକ୍ଷ ରୋପଣ ଅନୁଷ୍ଠିତ ହୋଇ ଯାଇଛି। ପାଞ୍ଚ ଏକର ଜମିରେ ୧୫ ହଜାର ଚାରାରୋପଣ ପଇଁ ବୃକ୍ଷରୋପଣ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର, କମିସନର, ଡ଼େପୁଟି ମେୟର, ଭିସି- ଓୟୁଏଟି, ଆଇଓସିଏଲ୍ ରାଜ୍ୟମୁଖ୍ୟଙ୍କ ସହ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ରାଜଧାନୀକୁ ସବୁଜ ସୁନ୍ଦର କରିବା ପାଇଁ ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସାଧାରଣ ନାଗରିକ ସାମିଲ ହେବା ପାଇଁ ବିଏମ୍‌ସି କମିସନର ଚଞ୍ଚଳ ରାଣା ଆହ୍ୱାନ ଦେଇଛନ୍ତି।

**ଶାରଦୀୟ ବିଶେଷାଙ୍କ ପାଇଁ ପ୍ରସ୍ତୁତି**

# ବ୍ୟସ୍ତ ପ୍ରେସ୍, ପ୍ରକାଶକ ଓ ଲେଖକ

ଭୁବନେଶ୍ୱର, ୧୭।୯(ସମିସ): ପ୍ରତିବର୍ଷ ପୂଜାରେ ବଜାରକୁ ଆସିଥାଏ ଶାରଦୀୟ ପୂଜା ବିଶେଷାଙ୍କ। ଏହି ସମୟକୁ ଅପେକ୍ଷା କରିଥାନ୍ତି ପ୍ରକାଶକ, ସାହିତ୍ୟପ୍ରେମୀ, ଲେଖକ ଆଉ ପାଠକ। ଚଳିତ ବର୍ଷ ମଧ୍ୟ ଚଳଚଞ୍ଚଳ ହୋଇଉଠିଲାଣି ପୂଜା ବଜାର। ସେଥିପାଇଁ ପୂଜା ପତ୍ରିକା ଛାପିବାରେ ବ୍ୟସ୍ତ ଅଛି ପେସ୍ ଏବଂ ପ୍ରକାଶନୀ ସଂସ୍ଥା। ଅନ୍ୟପଟେ ପୂଜା ଦିନ ପାଖେଇ ଆସିବାରୁ କିଛି ପତ୍ରିକାର ଶାରଦୀୟ ସଂଖ୍ୟା ମଧ୍ୟ ପ୍ରକାଶ ପାଇସାରିଲାଣି।

ଦୁର୍ଗାପୂଜାକୁ ଆଖି ଆଗରେ ରଖି ପ୍ରକାଶକମାନେ ପତ୍ରିକାର ବିଷୟବସ୍ତୁ ବାଛିଥାନ୍ତି। ଏଥିରେ ଫିଚର, ଗଳ୍ପ, ପ୍ରବନ୍ଧ, କବିତା, ବ୍ୟଙ୍ଗ, ନାଟକ ଓ ସାକ୍ଷାତକାର ସ୍ଥାନ ପାଇଥାଏ। ଦୁର୍ଗାପୂଜା ସମୟରେ ପ୍ରକାଶକମାନେ ପାରିପାର୍ଶ୍ୱିକ ପରିବେଶକୁ ନେଇ ବିଭିନ୍ନ ବିଷୟ ଉପରେ ଶାରଦୀୟ ବିଶେଷାଙ୍କ ପ୍ରକାଶ କରିଥା'ନ୍ତି। ଏହା ସହ ନିଜନିଜ ପତ୍ରିକାରେ ସ୍ୱତନ୍ତ୍ର ବିଷୟ ଉପରେ ସମ୍ପାଦକୀୟ ମଧ୍ୟ ଲେଖିଥାନ୍ତି। ପାଖାପାଖି ୧୦୦ ପୂଜା ପତ୍ରିକା ପ୍ରତିବର୍ଷ ପ୍ରକାଶ ପାଉଛି। ବିଭିନ୍ନ ଲେଖକଙ୍କଠାରୁ ପ୍ରବନ୍ଧ ମଗା ଯାଇଥାଏ। ବିଭିନ୍ନ ସାମ୍ପ୍ରତିକ କଥାକୁ ନେଇ ପ୍ରସ୍ତୁତ ହୁଏ ଶାରଦୀୟ ବିଶେଷାଙ୍କ। ବର୍ତ୍ତମାନ ସୁଦ୍ଧା ୫ ରୁ ୬ ଟି ପୂଜା ବିଶେଷାଙ୍କ ପ୍ରକାଶ ପାଇସାରିଲାଣି। ସେଥିମଧ୍ୟରେ ଶୋଭନା, ଶ୍ରୀ ସାହିତ୍ୟ, ପଶ୍ଚିମା, କଥା କଳିକା, ବୈଦେହୀ, ଶ୍ରୀପର୍ଣ୍ଣା ରହିଛି। ଆହୁରି ପାଖାପାଖି ୯୦ ଟି



**ବଜାରକୁ ଆସିଛି ୬, ଆହୁରି ୯୦କୁ ଅପେକ୍ଷା**

ପତ୍ରିକା ନବମୀ ସୁଦ୍ଧା ବଜାରକୁ ଆସିବ ବୋଲି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ନାରାୟଣୀ ବୁକ୍‌ଷ୍ଟୋର ବାବୁଲା ବେହେରା କହିଛନ୍ତି। ତେଣୁ ଲେଖକ, ପ୍ରକାଶକ ଏବଂ ପ୍ରେସ ବ୍ୟସ୍ତ ରହିଛନ୍ତି। ଆଉ କିଛି ଲେଖକ ପୂର୍ବଯୋଜନା ମୁତାବକ ଲେଖାଗୁଡ଼ିକ ପ୍ରକାଶକଙ୍କ ନିକଟକୁ ପଠାଇସାରିଛନ୍ତି। ପଶ୍ଚିମାର ପୂଜା ବିଶେଷାଙ୍କ ବଜାରକୁ ଆସିସାରିଲାଣି। ସବୁଠୁ ବଡ କଥା ହେଲା ଲୋକଙ୍କ ଆଦୃତି ବଢୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ସୁଦ୍ଧା ୭ ଶହ କପି ବିକ୍ରି ମଧ୍ୟ ହୋଇସାରିଥିବା କହିଛନ୍ତି ପତ୍ରିକାର ସମ୍ପାଦକ ଅଶୋକ ମହାନ୍ତି। ଶାରଦୀୟ ବିଶେଷାଙ୍କରେ ସବୁବର୍ଗର ଲୋକଙ୍କ ପାଇଁ କିଛିନା କିଛି ସ୍ୱତନ୍ତ୍ରତା ନେଇ ପ୍ରକାଶ ପାଇବ ବୋଲି କହିଛନ୍ତି ତୀର ତରଙ୍ଗର ସମ୍ପାଦିକା ବନ୍ଦନା ମିଶ୍ର। ଏ ନେଇ ଖଣ୍ଡଗିରିସ୍ଥିତି ଅଦିତି ପ୍ରିଣ୍ଟିଂ ଆଣ୍ଡ ପବ୍ଲିସରର ମାଲିକ ନିଶିଥ ରଞ୍ଜନ କହିଛନ୍ତି ଯେ, ବର୍ତ୍ତମାନସୁଦ୍ଧା ପାଖାପାଖି ୫ଟି ପୂଜା ପତ୍ରିକା ଛପିବାର ଅର୍ଡର ଆସିସାରିଛି। ପୂଜା ସମୟ ପାଖେଇ ଆସିଲେ ଅର୍ଡର ବଢ଼ିଥାଏ। ପ୍ରେସରେ ଅର୍ଡର ଅର୍ଡର ଅନୁଯାୟୀ ଆଦ୍ୟାଶ୍ରୀ, ସାହିତ୍ୟାୟନ ଏବଂ ସୃଜନୀର ପୂଜା ସଂଖ୍ୟା କାମ ସରିଗଲାଣି। ପ୍ରତ୍ୟେକ ପତ୍ରିକା ପାଖାପାଖି ୭ ଶହରୁ ୮ ଶହ କପି ଛପାଯାଉଛି ବୋଲି ସେ କହିଛନ୍ତି।

# ଏସୀୟ କରାଟେ ଫେଡେରେସନ ଜଜ୍ - 'ଏ' ଯୋଗ୍ୟତା ଅର୍ଜନ କଲେ ରାଜୀବ

**ରାଉରକେଲା, ୧୭।୯ (ସମିସ):** ଏସିଆନ କରାଟେ ଫେଡେରେସନ (ଏ. କେ.ଏଫ) ଓ ଚୀନ କରାଟେ ସଂଘର ପକ୍ଷରୁ ଚାଇନାର ଶାଓଗୁନ ସହର ଠାରେ ୫ ରୁ ୭ ପର୍ଯ୍ୟ?ନ୍ତ ୨୩ତମ ଏସିଆନ କ୍ୟାଡେଟ, ଜୁନିଅର ଓ ୨୧ ବର୍ଷରୁ କମ ବୟସ ବର୍ଗର ଏସିଆନ କରାଟେ ଚାମ୍ପିୟନସିପ-୨୦୨୫ ଆୟୋଜିତ ହୋଇଥିଲା। ଏହି ଅବସରରେ (ଏକେଏଫ) ପକ୍ଷରୁ ରେଫରୀ ଓ ଜଜ୍‌ମାନଙ୍କର ଅପଗ୍ରେଡେସନ ପରୀକ୍ଷା ଆୟୋଜିତ ହୋଇଥିଲା। ଏହି ପରୀକ୍ଷାରେ ଏସିଆ ମହାଦେଶର ବିଭିନ୍ନ ଦେଶର ପ୍ରାୟ ୨୫୦ ଜଣ ବରିଷ୍ଠ କରାଟେ ଅଫିସିଆଲମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ କରାଟେ ଆସୋସିଏସନ (ଓସ୍କା) ଓ କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ଦ୍ୱାରା ମନୋନୀତ ହୋଇ ରାଉରକେଲାର ରାଜୀବ କୁମାର ସିଂହ, ୭ମ ଡାନ ବ୍ଲାକବେଲ୍ଟ ଏହି ପରୀକ୍ଷାରେ ଅଂଶଗ୍ରହଣ କରି ସଫଳତାର ସହ କୃତକାର୍ଯ୍ୟ ହୋଇ ଏସିଆ କରାଟେ ଜଜ -'ଏ' ର ଯୋଗ୍ୟତା ହାସଲ କରିଥିଲେ। ଆୟୋଜିତ ଚାମ୍ପିଅନସିପରେ



ସେ ଅଫିସିଆଲ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୨ରେ ଉଜ୍‌ବେଗିସ୍ଥାନ ଠାରେ ରାଜୀବ ଏସୀୟ ଜଜ-'ବି' ର ଯୋଗ୍ୟତା ଅର୍ଜନ କରିଥିଲେ। ଏହି ନୂତନ ଯୋଗ୍ୟତା କରାଟେ କ୍ରୀଡାର ବିକାଶ ପାଇଁ ତାଙ୍କୁ ଅଧିକ ସହାୟକ ବୋଲି କହିବା ସହ ରାଜ୍ୟରେ କରାଟେ କ୍ରୀଡାର ଉନ୍ନତି ପାଇଁ ନିଜକୁ ସର୍ବଦା ନିୟୋଜିତ କରିବେ ବୋଲି ରାଜୀବ କହିଛନ୍ତି ଏହି ସଫଳତା ପାଇଁ (କିଓ) ର ସଭାପତି ହାଂଶୀ ଭରତ ଶର୍ମା, ସମ୍ପାଦକ ସେନସେଇ ସଞ୍ଜୀବ ଜାଙ୍ଗରା, (ଓସ୍କା) ର ସଭାପତି ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଡ. ଗୌରୀ ମହାନ୍ତି, ରାଉରକେଲା କରାଟେ ଆସୋସିଏସନର ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ, ବାସନ୍ତୀ ସଂସ୍କୃତିକ ପରିଷଦ, ସହର ସେବା ସମିତି, ଚନ୍ଦ୍ରଶେଖର କ୍ରୀଡ଼ାସଂଘର କର୍ମକର୍ତ୍ତାମାନେ ରାଜୀବଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ଓଏମ୍‌ସି ଖଣିରେ ସାଂସଦ ପ୍ରତିନିଧିଙ୍କ ଦାଦାଗିରି

# ଟ୍ରାନ୍ସପୋର୍ଟିଂ ଓ ଲୋଡିଂ ଦେବାକୁ ଧମକ!

**ରାଉରକେଲା, ୧୭।୯ (ସମିସ)**

ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ଦ୍ୱାରା ନିୟୋଜିତ ସାଂସଦ ପ୍ରତିନିଧିଙ୍କ ବ୍ୟବହାରରେ ଅତିଷ୍ଠ ହେବାରେ ଲାଗିଛନ୍ତି ଜିଲ୍ଲାବାସୀ। ନିକଟରେ ରାଉରକେଲାରେ ନିଜକୁ ସାଂସଦଙ୍କ ପ୍ରତିନିଧି ପରିଚୟ ଦେଇଥିବା ଜଣେ ବ୍ୟକ୍ତି କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଗାଳିଗୁଲଜ କରିଥିବା ଭିଡିଓ ଏବେ ଭାଇରାଲ୍ ହେଉଥିବା ବେଳେ ପୁଣି ଜଣେ ସାଂସଦଙ୍କ ପ୍ରତିନିଧି ଲହୁଣୀପଡ଼ା ଥାନା ଅଧୀନ ବରସୁଆଁ ଅଞ୍ଚଳର ବାଗୁନ୍ ଗାଗରାଇଙ୍କ ଟ୍ରାନ୍ସପୋର୍ଟିଂ ନେବା ଲାଗି ଖଣି ମାଲିକଙ୍କ ଉପରେ ନାଲି ଆଖି ଓ ଧମକଚମକ ଚର୍ଚ୍ଚାର ବିଷୟ ହୋଇଛି।

ସାଂସଦଙ୍କ ନାଁ ନେଇ ବିଜେପିର ସ୍ଥାନୀୟ ନେତା ବାଗୁନ୍ ଗାଗରାଇ ଲୋକାଲ ଲୋକଙ୍କୁ ଖଣି ଟ୍ରାନ୍ସପୋର୍ଟିଂ ଓ ଲୋଡିଂ ଦେବା ବାହାନାରେ ଖଣି ଟ୍ରାନ୍ସପୋର୍ଟିଂ କାରବାର ନିଜ ଦଖଲକୁ ନେବାକୁ ଦାଦାଗିରି ଆରମ୍ଭ କରିଛନ୍ତି। ବର୍ତ୍ତମାନ ଟ୍ରାନ୍ସପୋର୍ଟିଂ କରୁଥିବା ଟ୍ରାନ୍ସପୋର୍ଟରଙ୍କୁ ଅପସାରଣ କରି ଲୋକାଲ ଟ୍ରାନ୍ସପୋର୍ଟରଙ୍କୁ ଟ୍ରାନ୍ସପୋର୍ଟିଂ ଦେବାକୁ ସେ ଚିଠି ଖଣିମାଲିକଙ୍କୁ ଧମକଚମକ ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ଗତ ୨୦୧୭ରେ ଜଣେ ଅଙ୍ଗନବାଡ଼ି ମହିଳାଙ୍କୁ ଦୁଷ୍କର୍ମ କରି ବାଗୁନ୍ ଜେଲ ଯାଇଥିବା ଖବର ଚର୍ଚ୍ଚା ଏବେବି ଲହୁଣୀପଡ଼ା ଅଞ୍ଚଳରେ ରହିଥିବା ବେଳେ ଜୁଏଲ ଓରାମ କିପରି ତାଙ୍କୁ ସାଂସଦ ପ୍ରତିନିଧି କଲେ ବୋଲି ପ୍ରଶ୍ନ ଉଠିଛି। ଗତ ୧୦ ତାରିଖରେ ସାଂସଦ ପ୍ରତିନିଧି ବାଗୁନ୍ ଗାଗରାଇ ତାଙ୍କ ଲେଟରପ୍ୟାଡ୍‌ରେ ଭୁବନେଶ୍ୱରର ମହାଶକ୍ତି

**ଅଙ୍ଗନବାଡ଼ି ମହିଳାଙ୍କୁ ଦୁଷ୍କର୍ମ କରି ଜେଲ ଯାଇଥିଲେ**




ଫର୍ଜିଂ ପ୍ରାଇଭେଟ ଲିମିଟେଡକୁ ଏକ ପତ୍ରଲେଖି ଖଣ୍ଡାଧାର କୁରୁମିତ୍ର ମାଇନ୍ସରେ ଟ୍ରାନ୍ସପୋର୍ଟିଂ କାର୍ଯ୍ୟରେ ନିୟୋଜିତ ମା' ଲକ୍ଷ୍ମୀ ଏବଂ ପିଇନପ୍ରା ସଂସ୍ଥାକୁ ବାହାର କରିବାକୁ କହିଛନ୍ତି। ସେମାନଙ୍କ ସ୍ଥାନରେ ସ୍ଥାନୀୟ ଟ୍ରାନ୍ସପୋର୍ଟିଂ ସଂସ୍ଥା ଓରାମ୍ ଲଜିଷ୍ଟିକକୁ ନିୟୋଜିତ କରିବା ପାଇଁ ଚାପ ପ୍ରୟୋଗ କରିଛନ୍ତି। ନଚେତ୍ କୌଣସି ଅଘଟଣ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏହାର ଏକ ନକଲ ବଣାଇଁ ଏସ୍‌ଡିପିଓ ଏବଂ ଖଣ୍ଡାଧାର କୁରୁମିତ୍ର ମାଇନ୍ସକୁ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଗତ ୩ ତାରିଖରେ କୋଇଡା ଓଏମସିର ରିଜିଓନାଲ୍ ମ୍ୟାନେଜରଙ୍କୁ ବାଗୁନ୍ ଲେଖିଥିବା ଅନ୍ୟ ଏକ ପତ୍ରରେ ଟ୍ରାନ୍‌ସପୋର୍ଟିଂ କାର୍ଯ୍ୟ ସ୍ଥାନୀୟ ଲୋକଙ୍କୁ ନ ଦେଲେ ରାଜ୍ୟ ବାହାରକୁ ଯାଉଥିବା କଞ୍ଚାମାଲ ଚାଲାଣକୁ ବନ୍ଦ କରି ଦିଆଯିବ ଯିବ ବୋଲି ଧମକ ଦେଇଛନ୍ତି। ଯଦି କେହି ଟ୍ରାନ୍‌ସପୋର୍ଟର କିମ୍ବା ଫ୍ୟାକ୍ଟ୍ରି ମାଲିକ ଆଲୋଚନାକୁ ନ ଆସନ୍ତି ତେବେ ଟ୍ରାନ୍‌ସପୋର୍ଟିଂ ବନ୍ଦ କରିବାକୁ ସେ ଧମକ ଦେଇ ଏଥିରେ ଲେଖିଥିଲେ। ସେହିଭଳି, ଦେଓଝରେ ଜେଏସ୍‌ପିଏଲ ମ୍ୟାନେଜର, ବିଲେଇପଦାଙ୍କୁ ସେହି ୩ ତାରିଖରେ ଆଉ ଏକ ଚିଠି କରିଥିଲେ ବାଗୁନ୍ ଗାଗରାଇ। ଖଣ୍ଡାଧାର ମାଇନ୍ସରୁ ପ୍ରତିଦିନ ହଜାର ହଜାର ଟନ୍ ର କଞ୍ଚାମାଲ ଦେଓଝରେ ଜେଏସ୍‌ପିଏଲ ବିଲେଇପଦାକୁ ଯାଉଥିବା ବେଳେ ଲୋକାଲ୍ ଟ୍ରାନସପୋର୍ଟରକୁ ସଂଯୋଗ କରିବାକୁ ସେ ଚାପ ପକାଇଥିଲେ। ଏହା ନ ହେଲେ ଆଗାମୀ ଦିନରେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ ବୋଲି ଚେତାବନୀ ଦେଇଥିଲେ।

ଅପରପକ୍ଷେ ବାଗୁନ୍ ଗାଗରାଇଙ୍କ ନାମରେ ଲହୁଣୀପଡ଼ା ଥାନାରେ ଗତ ୨୦୧୭ ଫେବୃଆରୀରେ ଜଣେ ଅଙ୍ଗନବାଡ଼ି ମହିଳାଙ୍କୁ ତାଙ୍କ ସ୍ୱାମୀ ଅନୁପସ୍ଥିତିରେ ଦୁଷ୍କର୍ମ କରିବା ସହ ଥାନାରେ ଏଫ୍‌ଆଇଆର ଦେଲେ ଜୀବନରୁ ମାରି ଦେବେ ବୋଲି ବାଗୁନ୍ ପୀଡ଼ିତାଙ୍କୁ ଧମକଚମକ ଦେଇଥିଲେ। ତେବେ ପୁଲିସ ଏହି ଘଟଣାରେ ବାଗୁନ୍ ଗାଗରାଇଙ୍କୁ ସେତେବେଳେ ଗିରଫ କରି ଜେଲ୍ ପଠାଇଥିଲା। ଏପରିକି ବାଗୁନ୍ ପୂର୍ବରୁ ଲହୁଣୀପଡ଼ା ଖୁଣ୍ଟଗାଁ ସାପ୍ତାହିକ ବଜାରରେ କୁକୁଡାପଡ଼ା, ଘୁଡୁଘୁଡି ପଟି ଓ ଜୁଆଖେଳ ମୁଖ୍ୟ ନାୟକ ସାଜିଥିଲା ବୋଲି ସାଧାରଣରେ ଅଭିଯୋଗ ହେଉଛି।

# ରାଉରକେଲା ଜେଲରୁ ବିଚାରାଧୀନ କଏଦୀ ଫେରାର

**ରାଉରକେଲା, ୧୭।୯ (ସମିସ):** ରାଉରକେଲା ସ୍ୱତନ୍ତ୍ର ଜେଲରୁ ଜଣେ ବିଚାରାଧୀନ କଏଦୀ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ବୁଧବାର ସକାଳ ପ୍ରାୟ ସାଢେ ୧୦ଟାରୁ ୧୧ଟା ମଧ୍ୟରେ ଏହି ଘଟଣା ଘଟିଥିଲା। ବ୍ରାହ୍ମଣୀ ତରଙ୍ଗ ଥାନାଞ୍ଚଳର ୩୦ ବର୍ଷୀୟ ସୁରେଶ ବାର୍ଲାକୁ ହତ୍ୟାଉଦ୍ୟମ ଅଭିଯୋଗରେ ପୁଲିସ କୋର୍ଟ ଚାଲାଣ କରିଥିଲା। ତେବେ ଚଳିତବର୍ଷ ଜୁନ ମାସରେ ଜାମିନ ନାମଞ୍ଜୁର ହେବାରୁ ବିଚାରାଧୀନ କଏଦୀ ଭାବେ ରହିଥିଲା। ତେବେ ସୁଯୋଗ ଦେଖି ଜେଲ ଭିତରେ ଥିବା ୱାଚଟାୱାର ଉପରେ ଚଢ଼ି ପାଚେରି ଡେଇଁ ଫେରାର ହୋଇଯାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ତାକୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି।

# କମ୍ପାନୀର ଦୃଢ଼ତା ଓ ଭବିଷ୍ୟତ ଉପରେ ଆଲୋଚନା




**ରାଉରକେଲା, ୧୭।୯ (ସମିସ):** ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍‌ଫ) ପକ୍ଷରୁ ଜୁନ୍ ୧୬ ତାରିଖରେ ନୂଆଦିଲ୍ଲୀର ଚିନ୍ମୟ ମିଶନ୍ ଠାରେ ଏହାର ୫୩ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଆୟୋଜନ କରାଯାଇ ଥିଲା। ଏହି ବୈଠକରେ ସେଲ୍‌ଫର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ ଏକ ଆଭାସୀ ପ୍ଲାଟଫର୍ମ ମାଧ୍ୟମରେ ଅଂଶଧାରୀମାନଙ୍କୁ ସମ୍ବୋଧିତ କରି ବିଶ୍ୱସ୍ତରୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ କମ୍ପାନୀର ସ୍ଥିରତା ପ୍ରଦର୍ଶନ ଏବଂ ଭବିଷ୍ୟତ ଅଭିବୃଦ୍ଧି ପାଇଁ ଏହାର ରଣନୈତିକ ରୋଡମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ୨୦୪୭ ସୁଦ୍ଧା ସେଲ୍‌ଫ ବିକଶିତ ଭାରତର ବିକାଶ ଯାତ୍ରାରେ ସାକ୍ଷୀ ହେବା ସହିତ ପ୍ରମୁଖ ଅଂଶୀଦାର ଭାବେ ଦୃଢତାର ସହ ଠିଆ ହେବ ବୋଲି ସେ କହିଥିଲେ। ଶ୍ରୀ ପ୍ରକାଶ କମ୍ପାନୀର ସ୍ଥାୟୀତ୍ୱ ପ୍ରତି ଥିବା ପ୍ରତିବଦ୍ଧତା ଉପରେ ଆଲୋକପାତ କରି କହିଲେ ଜଳବାୟୁ ପରିବର୍ତ୍ତନ ଆମ ଶିଳ୍ପ ପାଇଁ ଏକ ନିର୍ଣ୍ଣାୟକ ଆହ୍ୱାନ। ସମଗ୍ର ବିଶ୍ୱ ଏକ ସବୁଜ ପରିବର୍ତ୍ତନ ମଧ୍ୟସ୍ଥାନରେ ଅବସ୍ଥିତ ଏବଂ ସେଲ୍‌ଫ ଏହି ପରିବର୍ତ୍ତନର ସର୍ବାଗ୍ରେ ରହିବାକୁ ପ୍ରତିଶ୍ରୁତିବଦ୍ଧ। ଭବିଷ୍ୟତ ପାଇଁ ପ୍ରସ୍ତୁତ ସଂଗଠନ ନିମନ୍ତେ ଦୁଇଟି ପରିବର୍ତ୍ତନକାରୀ କାର୍ଯ୍ୟକ୍ରମ - ଡିଜିଟାଲ୍ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତନମ୍ ଏବଂ ମାନବସମ୍ବଳ ପରିବର୍ତ୍ତନ ପାଇଁ ସେଲ୍‌ଫ ଦର୍ପଣ ଆରମ୍ଭ କରାଯାଇଛି, ଯାହାର ଲକ୍ଷ୍ୟ କମ୍ପାନୀର କାରଖାନା ଏବଂ ଖଣିଗୁଡ଼ିକରେ ଏକ ସ୍ଥିର ଏବଂ ଅଂନିରନ୍ତର ଇକୋସିଷ୍ଟମ୍ ସୃଷ୍ଟି କରିବା ରହିଛି ବୋଲି ଶ୍ରୀ ପ୍ରକାଶ କହିଥିଲେ।

# କରାଟେ ବ୍ଲାକବେଲ୍ଟ ପରୀକ୍ଷାରେ ଆର୍ଣ୍ଣଦିତ୍ୟା ଓ ଆର୍ଯ୍ୟା ବଂଶିକାଙ୍କ କୃତିତ୍ୱ

**ରାଉରକେଲା, ୧୭।୯ (ସମିସ):** ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ସୁକୋକାଇ କରାଟେ-ଡୋ ୟୁନିଅନ ଇଣ୍ଡିଆ ଶୈଳୀର ସର୍ବଭାରତୀୟ ମୁଖ୍ୟ ପ୍ରଶିକ୍ଷକ ହାଂଶୀ ଡ଼. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନତାରେ ବ୍ଲାକବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଉତ୍କଳ କରାଟେ ସ୍କୁଲରେ ପ୍ରଶିକ୍ଷଣ ନେଉଥିବା ଆର୍ଣ୍ଣଦିତ୍ୟା ସ୍ୱାଇଁ ଓ ଆର୍ଯ୍ୟା ବଂଶୀକା ବ୍ଲାକବେଲ୍ଟ ପ୍ରଥମ ଡାନ ଓ ରଞ୍ଜନ ପାତ୍ର ଦ୍ୱିତୀୟ ଡାନ ବ୍ଲାକବେଲ୍ଟ ପରୀକ୍ଷାରେ ଅଂଶଗ୍ରହଣ କରି ସଫଳତାର ସହ ଉତୀର୍ଣ୍ଣ ହୋଇ ହାଂଶୀ ଡ଼. ହରିପ୍ରସାଦ ପଟ୍ଟନାୟକଙ୍କୁ ଠାରୁ ବ୍ଲାକବେଲ୍ଟ ଓ ଡିପ୍ଲୋମା ସାର୍ଟିଫିକେଟ ଗ୍ରହଣ କରିଛନ୍ତି। ବାସନ୍ତୀକଲୋନୀ ସ୍ଥିତ ଡି.ଏ.ଭି ସ୍କୁଲରେ ପଢୁଥିବା ଆର୍ଣ୍ଣଦିତ୍ୟା ଓ ଆର୍ଯ୍ୟା ବଂଶୀକା ଦୀର୍ଘଦିନରୁ ରାଉରକେଲା ଉତ୍କଳ କରାଟେ ସ୍କୁଲରେ ରାଜୀବ କୁମାର ସିଂ, ୭ମ ଡାନ ବ୍ଲାକବେଲ୍ଟଙ୍କୁ ଠାରେ ପ୍ରଶିକ୍ଷଣ ନେଉଛନ୍ତି, ଦୁହେଁ ଅନେକ ଥର ରାଜ୍ୟ ଓ ଜାତୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ପଦକ ହାସଲ କରିଥିବାବେଳେ ରଞ୍ଜନ ପାତ୍ର ଆରଏସ୍‌ପିର ଟେନସା ଖଣି ବିଭାଗ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏହି ସଫଳତା ପାଇଁ ରାଉରକେଲା କରାଟେ ଆସୋସିଏସନର ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ ଓ ବାସନ୍ତୀ ସାଂସ୍କୃତିକ ପରିଷଦ ଓ ରାଉରକେଲା ସହରାସେବା ସମିତିର କର୍ମକର୍ତ୍ତାମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।




# ଡାଲମିଆ ସିମେଣ୍ଟ ପକ୍ଷରୁ ତିରିଶ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ

**ରାଉରକେଲା, ୧୭।୯ (ସମିସ):** ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ) ପକ୍ଷରୁ ରାଜଗାଙ୍ଗପୁର ସ୍ଥିତ ଏହାର ୟୁନିଟ୍‌ରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଡିବିସିଏଲ ପରିସର, ଆବାସିକ କଲୋନୀ ଏବଂ ଖଣି ଅଞ୍ଚଳରେ ୩୦ ହଜାରରୁ ଉଜାର ବୃକ୍ଷ ଚାରାରୋପଣ କରାଯାଇଥିଲା। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏବଂ ୟୁନିଟ ହେଡ୍, ରାଜଗାଙ୍ଗପୁର ଚେତନ ଶ୍ରୀବାସ୍ତବ କହିଥିଲେ ଡାଲମିଆ ଭାରତରେ ଦୀର୍ଘସ୍ଥାୟିତା ଆମର ସମସ୍ତ ବ୍ୟବସାୟିକ କାର୍ଯ୍ୟ ପରିଚାଳନାର କେନ୍ଦ୍ର ସ୍ଥଳରେ ରହିଆସିଛି। ବିଶ୍ୱ ପରିବେଶ ଦିବସରେ ଶୁଭାରମ୍ଭ କରାଯାଇଥିବା 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଏକ ଅନନ୍ୟ ପ୍ରୟାସ ଯାହା ଧରିତ୍ରୀ ମାତା ପ୍ରତି ହାର୍ଦ୍ଦିକ ସମ୍ମାନ ପ୍ରଦର୍ଶନ ସହିତ ପରିବେଶଗତ ଦାୟିତ୍ୱ ସମ୍ପନ୍ନତାର ସମ୍ମିଶ୍ରଣ କରୁଛି। ଏହି ଚାରା ରୋପଣ ଉଦ୍ୟମ ପରିବେଶ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ଏକ ସ୍ୱଚ୍ଛ, ସବୁଜ ଭାରତ ନିର୍ମାଣ ନିମନ୍ତେ ଗୋଷ୍ଠୀଗତ କଲ୍ୟାଣ ଦିଗରେ ଡାଲମିଆ ସିମେଣ୍ଟର ଲକ୍ଷ୍ୟକୁ ପୁନଃ ମଜଭୁତ କରୁଥିବା ଜଣାପଡ଼ିଛି।



# ଆରଏସ୍‌ପିର ବିଭିନ୍ନ ବିଭାଗରେ ବିଶ୍ୱକର୍ମା ପୂଜା




**ରାଉରକେଲା, ୧୭।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗରେ ଦେବ ବିନ୍ଧାଣୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି। କାରଖାନା ମଧ୍ୟରେ ଓ ଶିଳ୍ପ ସହରରେ ଉତ୍ସାହୀ କର୍ମଚାରୀମାନଙ୍କ ପ୍ରୟାସରେ ଶତାଧିକ ମଣ୍ଡପ ସ୍ଥାପିତ ହୋଇଛି। ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସହ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ଓଜିଓଏମ ସିଏମ୍‌ଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ୍‌ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ କାରଖାନା ଓ ସହରାଞ୍ଚଳରେ ବିଭିନ୍ନ ପୂଜାମଣ୍ଡପ ବୁଲି ଦେଖିଥିଲେ। କର୍ମଚାରୀମାନଙ୍କ ସହ ଆଲୋଚନା ଅବସରରେ ଶ୍ରୀ ବର୍ମା ସାମୁଦାୟିକଙ୍କ ସୃଜନଶୀଳତା ତଥା ଉତ୍ସାହର ଉଚ୍ଚ ପ୍ରଶଂସା କରିଥିଲେ। ଏହାପରେ ଡିଆଇସି ଅନ୍ୟ ଅତିଥିଙ୍କ ଗହଣରେ ଆରଏସପି ଦ୍ୱାରା ସ୍ଥାପିତ ତଥା ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ, ଦୀପିକା ହସ୍ତ କର୍ଘାକୁ ଯାଇଥିଲେ। ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା ଏବଂ ଅନ୍ୟ କର୍ମକର୍ତ୍ତାମାନେ ଏହି ଅବସରରେ ଉପସ୍ଥିତ ଥିଲେ। ରାଉରକେଲା ଇସ୍ପାତ କାରଖାନା ପରି ଏକ ବୈଷୟିକ ଜ୍ଞାନ କୌଶଳ କୈନ୍ଦ୍ରିକ ଶିଳ୍ପରେ ଏହି ପାଳନର ବିଶେଷ ମହତ୍ୱ ରହିଛି। ଏଣୁ ଆରଏସ୍‌ପି ସାମୁଦାୟିକ କାରୁକାର୍ଯ୍ୟ ମଣ୍ଡିତ ତଥା ସୁଶୋଭିତ ମଣ୍ଡପମାନ ସ୍ଥାପନକରି ସୃଜନଶୀଳତାର ପ୍ରତୀକ ବିଶ୍ୱକର୍ମାଙ୍କର ପୂଜାର୍ଚ୍ଚନା କରିଥାନ୍ତି।

## ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଧରାବତରଣ

# ସହରରେ ଆଧ୍ୟାତ୍ମିକ ପରିବେଶ

**ରାଉରକେଲା, ୧୭।୯ (ସମିସ)**

ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଚଳଚଞ୍ଚଳ ହୋଇଛି ସ୍ମାର୍ଟ ସିଟି ରାଉରକେଲା। ଚଳିତବର୍ଷ ସମସ୍ତ ପୂଜା ପର୍ବାଣୀ ଧୁମଧାମରେ ପାଳନ କରାଯାଉ ଥିବା ବେଳେ ବୁଧବାର ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ସ୍ମାର୍ଟ ସିଟି ରାଉରକେଲାରେପାଳିତ ହୋଇଯାଇଛି। ସହରର ସାରନଗରୀ, ଜଳଦା, ପାନପୋଷ, ସିଭିଲ ଟାଉନ୍‌ସିପ, ଆଇଟିଆଇ, ଏସଟିଆଇ, ଉଦିତନଗର, ଛେଣ୍ଡ, କଳିଙ୍ଗ ବିହାର, ବାସନ୍ତୀ କଲୋନୀ, ପାୱାର ହାଉସ ରୋଡ୍, ଡେଲି ମାର୍କେଟ, ଷ୍ଟେସନରୋଡ, ଗାନ୍ଧୀରୋଡ ଅଞ୍ଚଳରେ ଥିବା ଶିଳ୍ପ ପ୍ରତିଷ୍ଠାନ, ମରାମତି ଦୋକାନରେ ଛୋଟ ବଡ଼ ଆକର୍ଷଣୀୟ ସୁସଜ୍ଜିତ ତୋରଣ କରାଯାଇ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଏପରିକି ସହରରେ ଥିବା ଛୋଟ ବଡ଼ ଗାଡି, ସାଇକଲ ମରାମତି ଦୋକାନ, ଅଟୋ ରିକ୍ସା ଷ୍ଟାଣ୍ଡ, ବସ ଷ୍ଟାଣ୍ଡ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକରେ ବିଶ୍ୱକର୍ମା ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ଏହାସହ ବିଭିନ୍ନ କଳକାରଖାନା, ବିଦ୍ୟୁତ୍ ବିଭାଗ, ପାଣି ବିଭାଗ, ଠିକା ସଂସ୍ଥା ସମେତ ଅନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଯାଇଛି। "ଏତଦବ୍ୟତୀତ ମନ୍ଦିର ଗୁଡିକରେ ବାଇକ, କାର ସମେତ ଅନ୍ୟାନ୍ୟ ଗାଡି ପୂଜା କରିବା ପାଇଁ ଲୋକଙ୍କ ବେଶ୍ ଭିଡ ପରିଲକ୍ଷିତ ହୋଇଥିଲା। ସୂଚନାଯୋଗ୍ୟ ଯେ ସହରରେ ସୁସଜ୍ଜିତ ତୋରଣଗୁଡିକରେ ପୂଜା ପାଉଥିବା ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତିମୂର୍ତ୍ତି ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ବେଶ୍ ସମାଗମ ହୋଇଥିଲା। ସହରରେ ଥିବା ଫଟାପାଇପ, ଉଦିତନଗର, ଜେଲ ରୋଡ ସମେତ ବିଭିନ୍ନ ସେକ୍ଟର ଅଞ୍ଚଳରେ ଥିବା ମୂର୍ତ୍ତି ଶିଳ୍ପୀମାନେ ବିଶ୍ୱକର୍ମାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ। ଏପରିକି ଡିମାଣ୍ଡ ଅଧିକ ରହିଥିବାରୁ ରାଜ୍ୟ ବାହାର କାରିଗର ମାନଙ୍କୁ ଆଣି ମୂର୍ତ୍ତି ଗଢିବାରେ ନିୟୋଜିତ କରାଯାଇ ଥିଲା। ଚଳିତ ବର୍ଷ ଭଲ ବ୍ୟବସାୟ ହୋଇଥିବା ନେଇ ବ୍ୟବସାୟୀ ମହଲ ପକ୍ଷରୁ କୁହାଯାଇଛି।





# ରାଉରକେଲା ପୁଲିସ ପକ୍ଷରୁ ଚାରା ରୋପଣ



**ରାଉରକେଲା, ୧୭।୯ (ସମିସ):** ରାଉରକେଲା ଜିଲ୍ଲା ପୁଲିସ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏସ୍‌ପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ରାଉରକେଲା ରିଜର୍ଭ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ, ହରେକୃଷ୍ଣ ମାଝୀ, ରାଜକିଶୋର ମିଶ୍ର, ରମାକାନ୍ତ ସାହୁ, ରିଜର୍ଭ ଇନ୍ସପେକ୍ଟର ସମିତ୍ ସାମଲ ସମେତ ବିଭିନ୍ନ ଜୋନର ଡିଏସପି ଏବଂ ରିଟାୟାର୍ଡ ପୁଲିସ ଅଫିସର୍ସ ଆସୋସିଏସନର କର୍ମକର୍ତ୍ତାମାନେ ଚାରାରୋପଣ କରିଥିଲେ। ଏହି ଅବସରରେ ଡିଆଇଜି ଶ୍ରୀ ରାଏ କହିଥିଲେ ୧୦ ହଜାର ଚାରାରୋପଣ ପାଇଁ ଲକ୍ଷ୍ୟ ରଖାଯାଇଛି। ବିଭିନ୍ନ ଅନୁଷ୍ଠାନ ସହିତ ପୁଲିସ ବିଭାଗ ପକ୍ଷରୁ ମଧ୍ୟ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଆଗମୀ ଦିନରେ ବିଭିନ୍ନ ଥାନା, ବିଟ୍ ହାଉସ୍, ଆଉଟ୍ ପୋଷ୍ଟ, ରିଜର୍ଭ ଅଫିସ, ଏସ୍‌ପି ଅଫିସ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନରେ ଚାରାରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି।

## ପୂଜା ପାଇଲେ ଦେବଶିଳ୍ପୀ ବିଶ୍ୱକର୍ମା


ଅଇଁଠାପାଲି ଟାଟା ପାୱାର କାର୍ଯ୍ୟାଳୟ


ଜିଲ୍ଲାପାଳ କାର୍ଯ୍ୟାଳୟ


ମୁଦିପଡା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ


'ସକାଳ' କାର୍ଯ୍ୟାଳୟ

**ଓଡ଼ିଶାରେ ବଢୁଛି ନାରୀ ନିର୍ଯାତନା**

# ନ୍ୟାୟ ଲାଗି ବିଜୁ ମହିଳା ଜନତା ଦଳର ବିକ୍ଷୋଭ

**ଡିଜିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର**

ସମ୍ବଲପୁର, ୧୭।୯ (ସମିସ)




ଓଡ଼ିଶାରେ ବିଜେପି ରାଜ୍ୟରେ ସରକାର ଗଠନ ପରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ନୂତନ ସରକାର ଦଳୀଳ ପ୍ରଚାର ଛାଡି ଆଇନ ଶୃଙ୍ଖଳା ସଜାଡ଼ିବାରେ ବିଫଳ ସାଜିଛନ୍ତି। ତେଣୁ ସରକାର ତତ୍ପରତା ଦେଖାଇ ସମସ୍ତଙ୍କୁ ନ୍ୟାୟ ଦେବା ପାଇଁ ସମ୍ବଲପୁର ବିଜେଡ଼ି ପକ୍ଷରୁ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୂଚନା ଅନୁସାରେ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ, ରାଜ୍ୟ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଆହ୍ୱାନକ୍ରମେ ଏବଂ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ବିଜୁ ମହିଳା ଜନତା ଦଳ ପକ୍ଷରୁ ଓଡ଼ିଶା ରାଜ୍ୟରେ ମହିଳାଙ୍କ କ୍ଷେତ୍ରରେ ସଂଘଟିତ ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନ ଜନକ ପରିସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ଦାବିରେ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସମ୍ବଲପୁର ମହିଳା ବିଜୁ ଜନତା ଦଳର ବହୁ ସଦସ୍ୟା ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ମହିଳାଙ୍କ ପ୍ରତି ହେଉଥିବା ଅବହେଳା, ଦୁଷ୍କର୍ମ, ଯୌନ ଉତ୍ପୀଡନ, ବିଭିନ୍ନ ପ୍ରକାର ହିଂସା, ଏବଂ ବ୍ୟବସ୍ଥାଗତ ଭାବରେ ନ୍ୟାୟ ପ୍ରଦାନରେ ବିଳମ୍ବତା ବିରୋଧରେ ଗର୍ଜିଥିଲେ। ବିଜେପି ଶାସିତ ଡବଲ ଇଞ୍ଜିନ ସରକାରଙ୍କ ବିରୋଧର ବିଭିନ୍ନ ନାରାବାଜି କରିଥିଲେ ଏବଂ ତତ୍ପରେ ସେଠାରୁ ରେଲି ମାଧମରେ ଯାଇ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟର ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ବନ୍ଦିତା ରାଣୀ ମିଶ୍ର, କାର୍ଯ୍ୟକାରୀ ସଭାନେତ୍ରୀ ଉଷା ପ୍ରଧାନ, ମହାନଗର ସଭାନେତ୍ରୀ ସଂଯୁକ୍ତା ମେହେର, ବରିଷ୍ଠ ମହିଳା ନେତ୍ରୀ ସଙ୍ଗୀତା ସ୍ୱାଇଁ, ଶାନ୍ତିଲତା ସ୍ୱାଇଁ, ଅନିତା ନାଏକ, ରୁପାଞ୍ଜଳି ରଣବିଡା, ନନ୍ଦିନୀ ପ୍ରଧାନ, ଲିଳୀମା ମଲ୍ଲିକ, ଡଲି କଲେତ, ସୁରେଖା ସାହୁ, ଅନିତା ଓରାମ, ରାନୀ ବେଗମ୍, ଖତିଯା ବେଗମ୍, ସସ୍ମିତା ଦେହୁରୀ, ସବାନା ବେଗମ, ଶୀବପ୍ରୀୟା ସାହୁ, ସବିତା ନାଏକ, ସୌଦାମିନୀ ବେହେରା, ପୂଜା ଦେବୀ, ଲକ୍ଷ୍ମୀ ଭୋଇ, ମମତା ପଣ୍ଡା, ପାର୍ବତୀ ଶାହାଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଜନତା ଦଳର ସଦସ୍ୟା ବୃନ୍ଦ, ଛାତ୍ରୀ ମାନେ ଏବଂ ବିଜୁ ଜନତା ଦଳର ବରିଷ୍ଠ ନେତା ବେଣୁଧର ଦାସ, ଏମ୍ ଡି ସନାଉଲା, ସୁରୁବାବୁ ମେହେର, ସତ୍ୟେନ୍ଦ୍ର ଦାସ, ପ୍ରହଲ୍ଲାଦ ଗୁରୁ, ପ୍ରଦୋଷ ମହାନ୍ତି, ରୁଦ୍ର ଷଡ଼ଙ୍ଗୀ, ସୁକେଶ୍ ସିଂ, ତପନ ମେହେର, ପ୍ରଶାନ୍ତ ନାୟକ, ଗଣେଶ କରାଲି, ସୁନିଲ ମେହେର, ସୁଧାଂଶୁ ପୂଜାରୀ, ଫିରୋଜ୍ ରାଜାଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।

# ନାବାଳିକା ଦୁଷ୍କର୍ମ ଉଦ୍ୟମକାରୀଙ୍କୁ ୪ ବର୍ଷ ଜେଲ୍

**ସମ୍ବଲପୁର, ୧୭।୯ (ସମିସ):** ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାରକରି ଅଭିଯୁକ୍ତ ଜଗନ୍ନାଥ ବାବାକୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୪ ମାସ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅଞ୍ଚଳରେ ୨୭-୦୯-୨୦୨୩ରେ ହୋଇଥିଲା। ଘଟଣା ଦିନ ନାବାଳିକା ପିଡ଼ିତା ଗ୍ରାମ ପାଖରେ ଥିବା ଏକ ନଳକୂପକୁ ସାଢ଼େ ୪ଟା ସମୟରେ ପାଣି ଆଣିବା ପାଇଁ ଯାଇଥିଲା। ତାକୁ ଏକୁଟିଆ ଦେଖି ଅଭିଯୁକ୍ତ ଜଗନ୍ନାଥ ବାବା ଧର୍ଷଣ କରିବା ଉଦ୍ଦେଶ୍ୟରେ ଟଣାଓଟରା କରିଥିଲା। ତାକୁ ଧର୍ଷଣ କରିବାପାଇଁ ଏକ ନିଛାଟିଆ ସ୍ଥାନକୁ ଜବରଦସ୍ତି ନେବା ସମୟରେ ପିଡ଼ିତା କୌଶଳକ୍ରମେ ସେଠାରୁ ଦୌଡ଼ି ଚାଲିଆସିଥିଲା। ସେ ତାର ବାପାମା'ଙ୍କୁ ଜଣାଇବା ପରେ ବାପା ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀଙ୍କ କହିବାନୁସାରେ ପିଡ଼ିତାର ବାପା ଯୁଯୋମୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯୁଯୋମୁରା ଥାନାରେ କେସ ନଂ. ୧୨୦ / ୨୮-୯-୨୦୨୩ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଥାନାଧିକାରୀ ତଦନ୍ତ କରିବାସହ ଚାର୍ଜସିଟ୍ ଦାଖଲ କରିଥିଲେ। ଆଗରୁ ମଧ୍ୟ ଅଭିଯୁକ୍ତ ପିଡ଼ିତାକୁ ଅନେକଥର ଏଭଳି ଅସଦାଚରଣ କରିଥିବା ଜଣାପଡ଼ିଥିଲା।

ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ୧୭ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଜଗନ୍ନାଥ ବାବାକୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୪ ମାସ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

**■ କୁଚିଣ୍ଡା ଲ୍ୟାମ୍ପ ଏମ୍‌ଡି ନିଲମ୍ବିତ**

# ନୂତନ ପରିଚାଳନା ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

**କୁଚିଣ୍ଡା, ୧୭।୯ (ସମିସ):** ନିଜର ସହକର୍ମୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ କୁଚିଣ୍ଡା ଲ୍ୟାମ୍ପ ଏମଡି ହିତେଶ ପାଣିଙ୍କୁ ନିଲମ୍ବନ କରାଯାଇଛି। ନୂତନ ପରିଚାଳନା ନିର୍ଦ୍ଦେଶକ (ଏମଡି) ଭାବେ ସାତକମା ଲ୍ୟାମ୍ପର ଶାଖା ପରିଚାଳକ କୁମୋଦ ପ୍ରଧାନ ଗତ ୧୬ ତାରିଖ ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କୁଚିଣ୍ଡା ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ (ଏମଡି) ହିତେଶ ପାଣି କୁଚିଣ୍ଡା ଲ୍ୟାମ୍ପର କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବାରୁ ସମସ୍ତ କର୍ମଚାରୀ ଲ୍ୟାମ୍ପର ସଭାପତି ଏବଂ କୁଚିଣ୍ଡା ସହକାରୀ ସମବାୟ ସମିତି ସମୂହ (ଏଆରସିଏସ)ଙ୍କୁ ଘଟଣା ବାବଦରେ ଅବଗତ କରି ଶ୍ରୀ ପାଣିଙ୍କୁ ତୁରନ୍ତ ବଦଳି ନ କଲେ ସେମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ଏହା ପରେ ସଭାପତି ନବୀନ ମାଝୀ ଘଟଣାର ତଦନ୍ତ କରି ଅଭିଯୋଗ ସତ ବୋଲି ଜାଣିବା ପରେ ତାଙ୍କର ପତ୍ର ସଂଖ୍ୟା ୨୭/ ୦୫.୯.୨୦୨୫ରେ ଶ୍ରୀ ପାଣିଙ୍କୁ କାର୍ଯ୍ୟରୁ ନିଲମ୍ବନ କରି ତାଙ୍କୁ କୁଚିଣ୍ଡା ସମବାୟ ବ୍ୟାଙ୍କରେ ଅବସ୍ଥାପିତ କରିଥିଲେ। ଏହା ପରେ ଗତ ୦୬.୯.୨୦୨୫ ଦିନ କୁଚିଣ୍ଡା ଲ୍ୟାମ୍ପର ପରିଚାଳନା ପରିଷଦର ବୈଠକରେ ସଭାପତିଙ୍କ ଏହି ନିର୍ଦ୍ଦେଶକୁ ଅନୁମୋଦନ କରିବା ସହିତ ଇନଚାର୍ଜ ଏମଡି ଭାବେ ସାତକମା ଲ୍ୟାମ୍ପର ଶାଖା ପରିଚାଳକ କୁମୋଦ ପ୍ରଧାନଙ୍କୁ ଦାୟିତ୍ୱ ଦେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ତଦ୍ ଅନୁସାରେ ସଭାପତି ନବୀନ ମାଝୀ ତାଙ୍କର ପତ୍ର ସଂଖ୍ୟା ୩୨/୧୦.୯.୨୦୨୫ ରେ କୁମୋଦ ପ୍ରଧାନଙ୍କୁ କୁଚିଣ୍ଡା ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଶ୍ରୀ ପ୍ରଧାନ ଗତ ୧୫ ତାରିଖ ଦିନ କୁଚିଣ୍ଡା ଲ୍ୟାମ୍ପର ଇନଚାର୍ଜ ଏମଡି ଭାବେ କାର୍ଯ୍ୟରେ ଯୋଗଦାନ କରିଥିଲେ। ଏହା ପରେ ଗତ ୧୬ ତାରିଖ ଦିନ ନିଲମ୍ବିତ ଏମଡି ହିତେଶ ପାଣି କୁଚିଣ୍ଡା ଲ୍ୟାମ୍ପକୁ ଆସି କୁମୋଦ ପ୍ରଧାନଙ୍କୁ ସମସ୍ତ କାଗଜ ପତ୍ର ସହ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

# ହୀରାକୁଦ ଜଳସ୍ତର ୬୨୯.୧୦ ଫୁଟ୍, ୪ ଗେଟ୍ ଖୋଲା

**ସମ୍ବଲପୁର, ୧୭।୯ (ସମିସ):** ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଜଳସ୍ତର ୬୨୯ ଫୁଟ୍ ପାଖାପାଖି ରହିବାପରେ ବୁଧବାର ୨ଟି ଗେଟ୍ ବନ୍ଦ କରାଯାଇଛି। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୧୦ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଏହିଭଳି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୧୬, ୬୨୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୦୩, ୯୧୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୫, ୪୬୮ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୩, ୬୯୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪, ୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୪୫ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

**ସମ୍ବଲପୁର ଜିଲ୍ଲାରେ ୬ ଦିନରେ ଦ୍ୱିତୀୟ ଘଟଣା**

# ଭିଜିଲାନ୍ସ ଜାଲରେ ରେଙ୍ଗାଲି ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ

**ସମ୍ବଲପୁର, ୧୭।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଜଣେ କର୍ମଚାରୀ ସେହି କାର୍ଯ୍ୟାଳୟର ଅନ୍ୟଜଣେ କର୍ମଚାରୀଙ୍କ ଦରମା କାମ କରିଦେବାକୁ ଆଜି ଲାଞ୍ଚ ନେବା ସମୟରେ ସମ୍ବଲପୁର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୨ ତାରିଖରେ ବାମରା ତହସିଲଦାର ଅଶ୍ୱିନୀ ପଣ୍ଡା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ମାତ୍ର ୬ ଦିନ ମଧ୍ୟରେ ସମ୍ବଲପୁର ଜିଲ୍ଲାରେ ଏହା ଦ୍ୱିତୀୟ ଘଟଣା।





ସୂଚନା ଅନୁଯାୟୀ, ରେଙ୍ଗାଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟର କନିଷ୍ଠ ସହକାରୀ ଦୁଷ୍ମନ୍ତ କୁମାର ସାହୁ ଓ ପିଅନ ଗୋପବନ୍ଧୁ ସାହୁ ସେହି କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ଦରମା ଓ ବକେୟା ବାହାର (ୱିଥ୍‌ଡ୍ର) କରିବାପାଇଁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆଜି ଏହାର ପ୍ରଥମ କିସ୍ତି ୭ ହଜାର ଟଙ୍କା ନେବା ସମୟରେ ଛପି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ସେମାନଙ୍କୁ ଧରିଥିଲେ। କନିଷ୍ଠ ସହକାରୀ ଶ୍ରୀ ସାହୁ କର୍ମଚାରୀ ମାନଙ୍କ କାର୍ଯ୍ୟ କରିଦେବା ପାଇଁ ନିୟମିତ ଭାବେ ଶିକ୍ଷକ ଓ କର୍ମଚାରୀ ମାନଙ୍କଠାରୁ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଏହି ମାମଲାରେ ଅଭିଯୋଗକାରୀର ଦରମା ପ୍ରକ୍ରିୟା କରିବା ପାଇଁ ୭ ହଜାର ଟଙ୍କା ଓ ବକେୟା ରହିଥିବା ଅର୍ଥର ପ୍ରକ୍ରିୟା ସକାଶେ ୧୮ ହଜାର ଟଙ୍କା ମାଗିଥିଲେ। ଏଭଳି ଅତ୍ୟଧିକ ଟଙ୍କା ଦାବି କରିବାରୁ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି କନିଷ୍ଠ ସହକାରୀ ଦୁଷ୍ମନ୍ତ ସାହୁ ୭ ହଜାର ଟଙ୍କା ଲାଞ୍ଚ ପିଅନ ଗୋପବନ୍ଧୁ ସାହୁଙ୍କ ଜରିଆରେ ନେଉଥିବାବେଳେ ଭିଜିଲାନ୍ସ ଦଳ ଉଭୟଙ୍କୁ ଧରିବାସହ ଲାଞ୍ଚ ଟଙ୍କା ଜବତ କରିଥିଲେ।

ଏହି ସମୟରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗରୁ ଦୁଷ୍ମନ୍ତ ସାହୁଙ୍କ ୨ଟି ସ୍ଥାନ - ରେଙ୍ଗାଲିରେ ଭଡ଼ାଘର ଓ ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ମନପଡ଼ା ମୂଳଘର ଏବଂ ପିଅନ ଗୋପବନ୍ଧୁ ସାହୁଙ୍କ ସମ୍ବଲପୁର ଜିଲ୍ଲା କତରବଗା ଥାନା ବ୍ରାହ୍ମଣୀପାଲି ଘରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଥିଲା। ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ଦଫା ୭/୧୨ ପ୍ରିଭେନସନ୍ ଅଫ୍ କରପ୍‌ସନ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୧୮ କେସ ନଂ. ୧୮/୨୦୨୫ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ଉଭୟ ଅଭିଯୁକ୍ତ ଜୁନିଅର ଆସିଷ୍ଟାଣ୍ଟ ଦୁଷ୍ମନ୍ତ କୁମାର ସାହୁ ଓ ପିଅନ ଗୋପବନ୍ଧୁ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

**୧୯ ବର୍ଷ ପରେ ବି ମିଳିଲାନି ଜମି**

# ଧାରଣାରେ ୮୦ ବର୍ଷ ବୟସ୍କ ହୀରାକୁଦ ବିସ୍ଥାପିତ

**ସମ୍ବଲପୁର, ୧୭।୯ (ସମିସ) :** ହୀରାକୁଦ ନଦୀବନ୍ଧ ନିର୍ମାଣ ହେବା ସମୟରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ହଜାର ହଜାର ପରିବାର ବିସ୍ଥାପିତ ହୋଇଥିଲେ। ସେମାନଙ୍କୁ ସରକାର ବିଭିନ୍ନ ଆଳ ଦେଖାଇ କ୍ଷତିପୂରଣ ଦେଲେ ନାହିଁ। କେତେକ ସ୍ଥାନରେ ଥରେ ବିସ୍ଥାପିତ ହୋଇଥିବା ପରିବାର ବିଭିନ୍ନ ପ୍ରକଳ୍ପରେ ବାରମ୍ବାର ବିସ୍ଥାପିତ ହେଲେ। ସମ୍ବଲପୁରଠାରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିବା ସମ୍ବଲପୁର ପଟ୍ଟନାୟକପଡ଼ାନିବାସୀ ୮୦ ବର୍ଷ ବୟସ୍କ ରତ୍ନଭୂଷଣ ପୁରୁଷୋତ୍ତମ ତାଙ୍କୁ ସରକାରଙ୍କ ଘୋଷିତ ୧୦ ଡେସିମିଲ ଜମି ଦିଆଯାଇନଥିବାରୁ ଆଜି ସଦର ତହସିଲଦାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ବାଧ୍ୟ ହୋଇଥିଲେ। ସରକାର ବିସ୍ଥାପିତ ପରିବାରଙ୍କୁ ସହାୟତା ଯୋଗାଇବା ନେଇ ଡିଣ୍ଡିମ ପିଟୁଥିବାବେଳେ ଏଭଳି ହଜାର ହଜାର ବିସ୍ଥାପିତ ବାରଦୁଆର ଶୁଣ୍ଟିପିଣ୍ଡା ହେଉଛନ୍ତି। ବିସ୍ଥାପିତ ଶ୍ରୀ ପୁରୁଷୋତ୍ତମଙ୍କ ଅଭିଯୋଗ ପତ୍ର ଅନୁଯାୟୀ, ସେ ହୀରାକୁଦ ବନ୍ଧ ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା ପରିବାରର ଚତୁର୍ଥ ପିଢ଼ିର ଦାୟାଦ। ଓଡ଼ିଶା ସରକାରଙ୍କ ଆଦେଶ ତାଙ୍କୁ ୧୦ ଡେସିମିଲ ଘରଡିହ ନିମନ୍ତେ ୨୦୦୬ ମସିହା ଅଗଷ୍ଟ ମାସରେ ସମ୍ବଲପୁର ତହସିଲଦାରଙ୍କ ନିକଟରେ ସମସ୍ତ ଦରକାରୀ କାଗଜାତ ସହିତ ଆବେଦନ କରିଥିଲେ। ଏହା ୧୧୦/୦୬ ଏଚ୍‌ଏଲ୍‌ଓ କେସ୍ ଭାବେ କାର୍ଯ୍ୟକାରୀ ହେଲା। ବିଭିନ୍ନ ସମୟରେ ତାଙ୍କୁ ନୋଟିସ କରାଗଲା ଏବଂ ସେ ତହସିଲଦାରଙ୍କ ନିକଟରେ ହାଜର ହୋଇ ଅରିଜିନାଲ କାଗଜପତ୍ର ଦେଖାଇଲେ। ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବାରମ୍ବାର ଦେଖାକରି ମଧ୍ୟ ଦୀର୍ଘ ୧୯ ବର୍ଷ ପରେ ବି ପ୍ରଶାସନ ନିର୍ବିକାର ବୋଲି ସେ ଅଭିଯୋଗ କରିଛନ୍ତି। ଗତ ଏପ୍ରିଲ ମାସରେ ସମ୍ବଲପୁରଠାରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ କାର୍ଯ୍ୟକ୍ରମରେ ଅଭିଯୋଗପତ୍ର ସେ ବ୍ୟକ୍ତିଗତ ଭାବରେ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଦାଖଲ କରିଥିଲେ। ଏହାମଧ୍ୟରେ ଚାରିମାସ ବିତିସାରିଛି, କିନ୍ତୁ କୌଣସି ପଦକ୍ଷେପ ନିଆଯାଇନାହିଁ। ସେ ଉଲ୍ଲେଖ କରିଛନ୍ତି ଯେ, ସେ ଜଣେ ହୃଦରୋଗୀ, ୨୦୧୬ ମସିହା ନଭେମ୍ବର ମାସରେ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲରେ ତାଙ୍କର ବାଇପାସ ସର୍ଜରୀ ହୋଇଥିଲା। ତାଙ୍କୁ ବର୍ତ୍ତମାନ ୮୦ ବର୍ଷ ବୟସ ହୋଇଥିବାବେଳେ ତାଙ୍କ ହୃଦୟର ଗତି ଧୀର ହୋଇଯାଇଛି। ଏଭଳି ଅବସ୍ଥାରେ ସେ ବାଧ୍ୟହୋଇ ଆଜି ଅପରାହ୍ନ ୪ଟାରୁ ସମ୍ବଲପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ହ୍ୱାଟସ୍‌ଆପ୍ ଜରିଆରେ ଜଣାଇଥିଲେ। ପ୍ରାୟ ଦୁଇ ଘଣ୍ଟା ଧାରଣାରେ ବସିବାପରେ ସଦର ତହସିଲଦାର ଅଭିଜିତ ମହନ୍ତ ସେଠାକୁ ଆସି ତାଙ୍କୁ ଚ୍ୟାମ୍ବରକୁ ଡାକିଥିଲେ। ସମସ୍ତ କାଗଜାତ ଦେଖିବାପରେ ଆସନ୍ତା ଗୁରୁବାର ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ତହସିଲଦାର ଦେଇଥିବା ସୂଚନା ମିଳିଛି।



**'ସେବା ପକ୍ଷ' ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବ:ଧର୍ମେନ୍ଦ୍ର**

# ସମ୍ବଲପୁର ସୈନିକ ସ୍କୁଲ ପରିସରରେ ଗଛ ଲଗାଇଲେ

ସମ୍ବଲପୁର, ୧୭।୯ (ସମିସ)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନିଜ ସଂସଦୀୟ କ୍ଷେତ୍ର ସମ୍ବଲପୁରରେ 'ସେବା ପକ୍ଷ' ପାଳନ କରିବା ସହ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଶ୍ରୀ ପ୍ରଧାନ ପ୍ରଥମେ ସମ୍ବଲପୁର ସୈନିକ ସ୍କୁଲ ପରିସରରେ 'ସେବା ପକ୍ଷ' କାର୍ଯ୍ୟକ୍ରମ ଅଧୀନରେ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ନାଗରିକ ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନଙ୍କ ସହ ଚାରାରୋପଣ କରିଥିଲେ। ପରେ ବିଜେପି ଯୁବ ମୋର୍ଚ୍ଚା ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନରେ ଯୋଗଦେଇ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଡ ଓ ଟିବି ରୋଗୀଙ୍କୁ ପୁଷ୍ଟି କିଟ୍ ବିତରଣ କରିଥିଲେ। ଏହିପରି କାର୍ଯ୍ୟକ୍ରମ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହିତ ଲୋକଙ୍କୁ ସେବା କରିବା ପାଇଁ ପ୍ରେରିତ କରିବ ବୋଲି ସେ କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଅଭିଯାନର ମୂଳ ଉଦ୍ଦେଶ୍ୟ। ଏହା କେବଳ ଏକ ଗଛ ନୁହେଁ, ବରଂ ମାଆଙ୍କ ପ୍ରତି ଥିବା ଆମର ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବାର ପ୍ରମାଣ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଓଡ଼ିଶାରେ 'ଏକ୍ ପେଡ୍ ମା' କେ ନାମ ୨.୦ ଅଭିଯାନରେ ୭୫ ଲକ୍ଷ ଚାରାରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ସମ୍ବଲପୁର ଜିଲ୍ଲାରେ କେବଳ ସାଢ଼େ ୪ ଲକ୍ଷ ଗଛ ଲଗାଯିବ। ସମ୍ବଲପୁରର ସୈନିକ ସ୍କୁଲରେ ମଧ୍ୟ ବନୀକରଣ କରିବା ପାଇଁ ସମସ୍ତେ ଆଜି ଗଛ ଲଗାଇଛନ୍ତି। ଏହି କାମରେ ସହଯୋଗୀ ହୋଇଥିବା ସ୍ୱେଚ୍ଛାସେବୀ, ଜଙ୍ଗଲ ବିଭାଗ, ଶିକ୍ଷାନୁଷ୍ଠାନ ବିଭାଗ ଓ ପ୍ରଶାସନିକ ବିଭାଗକୁ ସେ ଧନ୍ୟବାଦ ଜଣାଇଛନ୍ତି। ସେ ଆହୁରି କହିଛନ୍ତି, ସେବା ହିଁ ସର୍ବୋପରି। ସମାଜର ପ୍ରତ୍ୟେକ ବର୍ଗଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ କରୁଥିବା ସମସ୍ତ ଯୁବ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଥାଉକି, ସମ୍ବଲପୁର ସୈନିକ ସ୍କୁଲ ପରିସରରେ ଶ୍ରୀ ପ୍ରଧାନ ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସୈନିକ ସ୍କୁଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଲେଫ୍ଟେନାଣ୍ଟ କର୍ଣ୍ଣେଲ ଆଲୋକ କୁମାର, ଉପପ୍ରଧାନାଚାର୍ଯ୍ୟ ୱିଙ୍ଗ କମାଣ୍ଡର ବି.ଭବାନୀ, ଆଇଜି (ଉତ୍ତରାଞ୍ଚଳ) ହିମାଂଶୁ କୁମାର ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ଡିଏଫଓ ସୁଦର୍ଶନ ଯାଦବଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ତ୍ରୀ ସହ କଳି ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା, ୧୭।୯(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଦାଶରଥୀପୁର ଗ୍ରାମରେ ସ୍ତ୍ରୀଙ୍କ ସହ ଝଗଡା କରି ବୁଧବାର ସକାଳେ ସ୍ୱାମୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଗୁରୁତର ହେବା ପରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ମୃତ୍ୟୁ ଘଟିଛି। ମୃତକ ହେଲେ ରାକେଶ ମୁଣ୍ଡା (୨୮)। ସୂଚନା ଅନୁସାରେ, ରାକେଶ ଦ୍ୱିତୀୟ ବିବାହ କରିବାକୁ ଯାଉଥିବା ସମୟରେ ପ୍ରଥମ ସ୍ତ୍ରୀ ସହ ଝଗଡ଼ା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ଖାଇ ଦେଇଥିଲେ ରାକେଶ। ତୁରୁମୁଙ୍ଗା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବଜ୍ରପାତରେ ଛେଳି ଚରାଳି ମୃତ

ଚମ୍ପୁଆ,୧୭।୯(ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତ ରାଇଗୁଡ଼ିଠାରେ ବୁଧବାର ଅପରାହ୍ନରେ ଛେଳି ଚରାଉଥିବା ବେଳେ ବଜ୍ରାଘାତରେ ଜଣେ ୪୫ ବର୍ଷିୟ ଯୁବକ ପ୍ରାଣ ହରାଇଥିବା ଜଣାଯାଇଛି। ସେ ହେଉଛନ୍ତି କରଞ୍ଜିଆ ଗ୍ରାମର ଯୁବକ ବିଜୟ କୁମାର ନାଏକ। ଦିନ ଗୋଟାଏ ବେଳେ ଛେଳି ନେଇ ରାଇଗୁଡି ଅଞ୍ଚଳକୁ ଚରାଇବାକୁ ଯାଇଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ଚମ୍ପୁଆ ଡାକ୍ତରଖାନା ଅଣାଯାଇଥିଲେ ହେଁ ଡାକ୍ତରତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚମ୍ପୁଆ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ବିଶ୍ୱ ଓଜୋନ୍ ଦିବସ ପାଳିତ

ରାମଚନ୍ଦ୍ରପୁର,୧୬।୯(ସମିସ): ଘଷିପୁରା ବ୍ଲକ ମଛାଲୋ ପଞ୍ଚାୟତ ହାଇସ୍କୁଲର ଇକୋ କ୍ଲବ ଓ ଏନର୍ଜି କ୍ଲବର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶ୍ୱ ଓଜୋନ୍ ଦିବସ ଉପଲକ୍ଷେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ୭୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲା ବେଳେ ଶ୍ରୀୟାଦର୍ଶିନୀ ପତି ପ୍ରଥମ, ଆୟୁଷ୍ମାନ ପାତ୍ର ଦ୍ୱିତୀୟ ଏବଂ ଅଭିଷେକ ଜେନା ତୃତୀୟ, ସୋନାଲି ଜେନା ଚତୁର୍ଥ, ସୋମ୍ୟପ୍ରକାଶ ରଣା ପଞ୍ଚମ ସ୍ଥାନ ଅଧିକାର କରି ପ୍ରଧାନଶିକ୍ଷକ ଧନଞ୍ଜୟ ମିଶ୍ରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଇକୋ କ୍ଲବ ଓ ଏନର୍ଜି କ୍ଲବର ସଂଯୋଜକ ପ୍ରକାଶଚନ୍ଦ୍ର ମହାପାତ୍ର ପ୍ରତିଯୋଗିତା ପରିଚାଳନା କରିଥିଲେ। ପୁଷ୍ପିତା ମିଶ୍ର, ପ୍ରତାପ କିଶୋର ସାହୁ, ବିଷ୍ଣୁନାରାୟଣ ସାମଲ, ଧର୍ମାଧି ସାହୁ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## କେନ୍ଦ୍ରୀୟ ହାରରେ ଦରମା ଦାବି

ଆନନ୍ଦପୁର,୧୭।୯ (ସମିସ): କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଦାବିରେ ରାଜ୍ୟ ଲେଭଲ-୫(ଏ) ଶିକ୍ଷକ ସଂଗଠନ ପକ୍ଷରୁ ଆସନ୍ତା ୧୮ ତାରିଖ ବିଧାନସଭା ଘେରଉ କରାଯିବ। ଏହି ନିଷ୍ପତ୍ତିକୁ ସମର୍ଥନ କରି ଶିକ୍ଷକଶିକ୍ଷୟିତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କ ଗ୍ରେଡ୍‌ପେ ୨୨୦୦ରୁ ୪୨୦୦ଟଙ୍କା ବୃଦ୍ଧି ଦାବିରେ ଶିକ୍ଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି। ମାତ୍ର ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟସ୍ତରୀୟ ଆନ୍ଦୋଳନକୁ ଆନନ୍ଦପୁର ବ୍ଲକ୍‌ର ଶିକ୍ଷକଶିକ୍ଷୟିତ୍ରୀ ସମର୍ଥନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପ୍ରଭଞ୍ଜନ ପାଢ଼ୀ, ଭବାନୀ ସାହୁ, ବିବେକାନନ୍ଦ ବେହେରା, ତାପସ ରାଉତ, ରବୀନ୍ଦ୍ର ସେଠୀ, ଅମରଜ୍ୟୋତି ପଣ୍ଡା, ପ୍ରକାଶ ଖୁଣ୍ଟିଆ, ରବିନାରାୟଣ ପଣ୍ଡା, ସୌମ୍ୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଯୋଗଦାନ

କେନ୍ଦୁଝର,୧୭।୯(ସମିସ): କେନ୍ଦୁଝର ଜିଲ୍ଲାର ନୂତନ ଜିଲ୍ଲା ମଙ୍ଗଳ ଅଧିକାରୀ ଭାବେ ବିକାଶ କୁମାର ମହାନ୍ତି ବୁଧବାର ଦିନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଭାରପ୍ରାପ୍ତ ଅଧିକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ପରିଡାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକର ତଦାରଖ ସହ ଛାତ୍ରବୃତ୍ତି ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ଏସ୍‌ସି ବର୍ଗରେ ପୁରୁଷ ବା ମହିଳାଙ୍କୁ ବିବାହ କରିଥିବା ଅନ୍ୟ ବର୍ଗର ବ୍ୟକ୍ତିଙ୍କୁ ସରକାରଙ୍କ ନିୟମ ଅନୁସାରେ ଅର୍ଥ ରାଶି ପ୍ରଦାନ କରିବା ଓ ଆଟ୍ରୋସିଟି ପୀଡିତ ଓ ପୀଡିତାମାନଙ୍କୁ ସରକାରଙ୍କ



ନିୟମ ଅନୁସାରେ କ୍ଷତିପୂରଣ ଅର୍ଥରାଶି ପ୍ରଦାନ କରିବା ଦିଗରେ ସେ ତ୍ୱରିତ ପଦକ୍ଷେପ ନେବେ ବୋଲି କହିଛନ୍ତି। କେନ୍ଦୁଝରରେ ତାଙ୍କୁ ବିଭାଗର କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ସଂଗଠନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସୂଚନାଯୋଗ୍ୟ ଯେ ଓଡିଶା ମଙ୍ଗଳ ଅଧିକାରୀମାନଙ୍କ କ୍ୟାଡର ପୁନର୍ଗଠନ ପରେ କେନ୍ଦୁଝର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଗୋଟିଏ ଜିଲ୍ଲା ମଙ୍ଗଳ ଅଧିକାରୀ ପଦ ସହ ଗୋଟିଏ ସ୍ୱତନ୍ତ୍ର ଅଧିକାରୀ ପଦ ମଧ୍ୟ ସୃଷ୍ଟି ହୋଇଛି। ଚଳିତ ମାସ ୩ ତାରିଖରେ ଏହି ପଦରେ ସୁନାରାମ ସିଂହ କାର୍ଯ୍ୟରେ ଯୋଗ ଦେଇଛନ୍ତି।

## ମିଳୁନି ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ନୟାନ୍ତ ହେଲେଣି କହ୍ନେଇ



ବେଲବାହାଲି,୧୭।୯(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡା ଗ୍ରାମର ୧ ନଂ ୱାର୍ଡ ବାସିନ୍ଦା କହ୍ନେଇ ଜେନା (୮୨)। ଦୀର୍ଘଦିନ ହେବ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ ପର୍ଯ୍ୟନ୍ତ ଧାଇଁ ଧାଇଁ ଅଧିକାରୀଙ୍କୁ ସକ୍ଷାତ କରି ବର୍ଦ୍ଧିତ ଭତ୍ତା ସମ୍ପର୍କରେ ଆଲୋଚନା କରି ଫେରୁଥିଲେ ମଧ୍ୟ ତାଙ୍କୁ କେବଳ ମିଳିଛି ପ୍ରତିଶ୍ରୁତି। ତାଙ୍କୁ ଏବେ ମଧ୍ୟ ପୂର୍ବ ସରକାରଙ୍କ ଅମଳରେ ମିଳିଆସୁଥିବା ହଜାରେ ଟଙ୍କା ସହାୟତା ରାଶି ମିଳୁଛି। ତୁରନ୍ତ ତାଙ୍କୁ, ତାଙ୍କ ଯୋଗ୍ୟତା ଅନୁସାରେ, ବର୍ଦ୍ଧିତ ଭତ୍ତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି କହ୍ନେଇ।

### ମହିଳାଙ୍କ ବିରୋଧରେ ଅତ୍ୟାଚାରକୁ ବରଦାସ୍ତ କରାଯିବ ନାହିଁ

# ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଶତାଧିକ ବିଜେଡି ମହିଳା କର୍ମୀଙ୍କ ଦାବିପତ୍ର

କେନ୍ଦୁଝର, ୧୭।୯ (ସମିସ)



ରାଜ୍ୟରେ ମହିଳାମାନଙ୍କ ଉପରେ କ୍ରମାଗତ ଭାବରେ ଅତ୍ୟାଚାର ବୃଦ୍ଧି, ନିୟମିତ ମହିଳାମାନେ ନିଖୋଜ ହେବା, ବାଳିକାମାନେ ଦୁଷ୍କର୍ମର ଶିକାର ହେବା ଆଦି ବଢ଼ିଚାଲିଥିବା ବେଳେ ଏହାର ପ୍ରତିବାଦରେ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ବିଜୁ ଜନତା ଦଳର ମହିଳା କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ବିଜୁ ପଟ୍ଟନାୟକ ଛକରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶତାଧିକ ମହିଳା ସହର ପରିକ୍ରମା କରି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଏସପିଙ୍କୁ ୭ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦୁଝର ଜିଲ୍ଲା ମହିଳା ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ରମଣୀ ନାୟକ, କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧକ୍ଷା ମୀନା ମାଝୀ, ଘଟଗାଁ ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଯାଜ୍ଞସେନି ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ମଇନା ସୋରେନ, ସୁକୁମାରୀ ଦେହୁରୀ, ରୁନୁ ମହାନ୍ତ, ଚମ୍ପାବତୀ ଟୁଡୁ, ଶାନ୍ତିଲତା ରଣା, ହରିଚନ୍ଦନପୁର ବ୍ଲକ ଅଧକ୍ଷା ସୁନେଲି ନାୟକ, କାଉନସିଲର କେକି କାକଳି କୁମୁରା, ଦମୟନ୍ତୀ ଦାସ, ପଦ୍ମିନୀ ପାତ୍ର, ଜିଲ୍ଲା ମହିଳା ବିଜେଡି ଉପସଭାନେତ୍ରୀ ସତ୍ୟଭାମା ସିଂ, ତେଲକୋଇ ମହିଳା ବିଜେଡି ସଭାନେତ୍ରୀ ପୁଷ୍ପାଞ୍ଜଳି ଆପଟ, କେନ୍ଦୁଝର ନଗର ସଭାନେତ୍ରୀ ପୁନମ ରାଠୋର, କୁମୁଦିନୀ ନାୟକ, ମଞ୍ଜୁଲତା ନାୟକ, ଦୁଲନା ଖିଲାର, ଗୀତାଞ୍ଜଳି ମହାନ୍ତି, ପାଟଣା ବ୍ଲକ ସଭାନେତ୍ରୀ ସୁକାନ୍ତି ମହାନ୍ତ, ଝୁମ୍ପୁରା ବ୍ଲକ ଅଧକ୍ଷା ମାଳତୀ ନାୟକ ନେତୃତ୍ୱ ନେଇଥିଲେ।

## ବିଶ୍ୱକର୍ମା ପୂଜାରେ ଚଳଚଞ୍ଚଳ ପୁରପଲ୍ଲୀ



କେନ୍ଦୁଝର/ଆନନ୍ଦପୁର, ୧୭।୯(ସମିସ): କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ କେନ୍ଦୁପଶି ଗ୍ରାମରେ ବାବା ସାହେବ ସାଂସ୍କୃତିକ ଯୁବକ ସଂଘ ପକ୍ଷରୁ ୩୧ତମ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ଅପରାହ୍ଣ ବେଳେ ବାଜାବାଣ ଘଣ୍ଟ ହୁଳହୁଳି ସଂକୀର୍ତ୍ତନମଣ୍ଡଳୀଙ୍କ ସହ ଗ୍ରାମର ପୁଷ୍କରିଣୀରୁ ମୋହିତ ପାତ୍ର, ଗୌତମ ପାତ୍ର, ହିମାଦ୍ରୀ ପାତ୍ର, ଭରତ ପାତ୍ର, ଶୁଭମ ପାତ୍ର ପଞ୍ଚକଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସନ୍ଧ୍ୟା ୪ଟାବେଳେ ଗ୍ରାମର ପୁରୋହିତ ପରମେଶ୍ୱର ଦାସ ପୂଜାର୍ଚ୍ଚନା କରିଥିଲେ। ଯଶୋବନ୍ତ ପାତ୍ର ସଙ୍କଳ୍ପରେ ବସିଥିଲେ। ପୁଷ୍ପାଞ୍ଜଳି ପରେ ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ମନୋରଞ୍ଜନ ପାଇଁ ସାଂସ୍କୃତିକ ଭଜନ ସମାରୋହ ପରିବେଷଣ ହୋଇଥିଲା। ଅନୁଷ୍ଠାନର ବ୍ଲକ ସଭାପତି ଦୁର୍ଯ୍ୟୋଧନ ପାତ୍ର, ସମ୍ପାଦକ ଦିଲ୍ଲୀପ ପାତ୍ରଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଛନ୍ତି।



ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଓ ଅନୁଷ୍ଠାନରେ ଆନନ୍ଦ ଉଲ୍ଲାସରେ ବିଶ୍ୱକର୍ମା ପୂଜା ହୋଇଛି। ମଣ୍ଡପରେ ଦେବାଶିଳ୍ପୀଙ୍କୁ ପୂଜାର୍ଚ୍ଚନା କରି ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ଆନନ୍ଦପୁର ଗ୍ରାମ୍ୟ ଜଳଯୋଗାଣ ଉପଖଣ୍ଡ କାର୍ଯ୍ୟାଳୟ ସହରାଞ୍ଚଳ ଜଳ ଯୋଗାଣବିଭାଗ ଟାଟା ଗ୍ରୀଡ ଷ୍ଟେସନ ଆନନ୍ଦପୁର ମେନରୋଡର ସାହୁ ଗ୍ୟାରେଜ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ଆନନ୍ଦପୁରର ବସଷ୍ଟାଣ୍ଡ, ବ୍ରିଜ ଛକ, ଅଟୋଷ୍ଟାଣ୍ଡ, ଜନସ୍ୱାସ୍ଥ୍ୟ ବିଭାଗ ଓ ଆନନ୍ଦପୁର ପୂର୍ତ୍ତ ବିଭାଗରେ ପୂଜା ପାଉଛନ୍ତି ପ୍ରଭୁ ବିଶ୍ୱକର୍ମା।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ସଚେତନତା



ବେଲବାହାଲି/ତେଲକୋଇ, ୧୭।୯(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ସ୍କାଉଟ ଓ ଏନସିସି ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଶୁଭାରମ୍ଭ କରିଥିଲା ବେଳେ ରୋଭର ସ୍କାଉଟ ଲିଡର ଅଧ୍ୟାପକ ବିଜୟ କୁମାର ସାହୁ ଓ ଲେଫ୍ଟନାଣ୍ଟ ସତ୍ୟବ୍ରତ ପତିଙ୍କ ମିଳିତ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କଲେଜର ଅଧକ୍ଷ ସଞ୍ଜୟ ମିଶ୍ର ଉଦଘାଟନ କରିଥିଲେ। କଲେଜ ପରିସରରେ ଏବଂ ବାହାରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଅଧ୍ୟାପକ ସୁଧାକର ଜେନା, ଭବାନୀ ପ୍ରସାଦ ବଳ, ମହେଶ୍ୱର ଜେନା, ଦାମୋଦର ମୁଣ୍ଡା, ଗଣେଶ ହେମ୍ବ୍ରମ, କ୍ଷେତ୍ରବାସୀ ସୋରେନ, ରାଷ୍ଟ୍ରରଞ୍ଜନ ବାରିକ, ପର୍ଶୁରାମ ପ୍ରଧାନ, ଅମିତ ସାହୁ, ଅଧ୍ୟାପିକା ଇଲାବତୀ ଖୁଣ୍ଟିଆ, ମିତା ପାତ୍ର, ଜ୍ୟୋତିର୍ମୟୀ ଓଝା, ଲିପିରାଣୀ ସାହୁ, ପ୍ରୀତିପରମିତା ପୃଷ୍ଟି, ଅନିତା ସା ଯୋଗ ଦେଇଥିଲେ।

ତେଲକୋଇ ବ୍ଲକ ମୁଖ୍ୟାଳୟସ୍ଥିତ ଚାରିଗଡ଼ ମହାବିଦ୍ୟାଳୟରେ



ବୁଧବାର ପୂର୍ବାହ୍ନରେ ଏକ ପେଡ ମା'କେ ନାମ ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ନିର୍ବାଚିତ ମଧୁସୂଦନପୁର୍ ବିଦ୍ୟାଳୟରେ କଲେଜର ଅଧ୍ୟାପକ ସନ୍ଦୀପ କୁମାର ସିଂ, ସଞ୍ଜୟ ଦେହୁରୀ, ଟୁନାରାମ ମହାନ୍ତ ଓ ଏନଏସଏସ ସ୍ୱେଚ୍ଛାସେବୀ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଛି। କଲେଜର ଅଧକ୍ଷ ଡ ତପନ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ କଲେଜ ପରିସରରେ ଅଧ୍ୟାପକ, ଅଧ୍ୟାପିକାବୃନ୍ଦ ବୃକ୍ଷ ରୋପଣ କରିଥିଲେ।

## ମହିଳାଙ୍କୁ ନେଇ ବିକାଶ ଦିବସ ପାଳିତ



ତେଲକୋଇ, ୧୭।୯(ସମିସ): ନେହରୁ ଯୁବକେନ୍ଦ୍ର କେନ୍ଦୁଝର ତରଫରୁ ତେଲକୋଇ ବ୍ଲକ୍ ଅନ୍ତର୍ଗତ ଶିବ ନାରାୟଣପୁର ଗୋଡ଼ା ଅଧୀନସ୍ଥ କମଳାଙ୍ଗ ଗ୍ରାମରେ କମଳେଶ୍ୱର ଯୁବକ ସଂଘ ତତ୍ତ୍ୱାବଧାନର ସ୍ୱଙ୍ଗ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ନେଇ ବିକାଶ ଦିବସ ପାଳିତ ହୋଇଛି। ଏଥିରେ ତେଲକୋଇ ବ୍ଲକ୍‌ର ୮୦ଜଣ ମହିଳା ସାମିଲ ଥିଲେ। ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମ ସଂଯୋଜକ ଭବାନୀ ସ୍ୱାଇଁ, ଅସ୍ୱାୟାର ଆକୁଳ କ୍ଲଷ୍ଟରର ସିଏଫ୍ ଯାଜନିକା ନାୟକ ଏବଂ ପଞ୍ଚାୟତର କର୍ମକର୍ତ୍ତା ରଜନୀ ଦାସ ଅତିଥି ଭାବରେ ଯୋଗଦେଇ ସୁସ୍ଥ ନାରୀ ସୁସ୍ଥ ପରିବାର ବିଷୟରେ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସଭାପତି ସୁଗ୍ରୀବ ପାନାସ୍ୱାଇଁ, ସମ୍ପାଦକ ସ୍ମିତିରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ।

## ଶାସ୍ତ୍ରୀୟ ସଙ୍ଗୀତରେ ଅଭିଲିପ୍‌ସା ପ୍ରଥମ




ଆନନ୍ଦପୁର, ୧୭।୯ (ସମିସ): ଉତ୍କଳ ମିଉଜିକ୍ ସର୍କଲ୍ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଯୋଗିତାରେ ୪୦ ପ୍ରତିଯୋଗୀଙ୍କୁ ପଛରେ ପକାଇ ଆନନ୍ଦପୁରର ଅଭିଲିପ୍ସା ତ୍ରିପାଠୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେ ରାଗ ଦୁର୍ଗା ପରିବେଷଣ କରି ସମସ୍ତଙ୍କ ମନ ଜିଣିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଭଞ୍ଜକଳା ମଣ୍ଡପରେ ଆୟୋଜିତ ଶାସ୍ତ୍ରୀୟ ସଙ୍ଗୀତ ଗାୟନରେ ରାଗ ମାଲକୋଷ ପରିବେଷଣ କରିଥିଲେ। ଅଭିଲିପ୍ସା ହେଉଛନ୍ତି ଘସିପୁରା ବ୍ଲକ୍ ମଛାଲୋ ପଞ୍ଚାୟତ ରୁଦ୍ରନାରାୟଣପୁର ଗ୍ରାମର ବିଜୟ ତ୍ରିପାଠୀ ଓ ସୁଭଦ୍ରା ତ୍ରିପାଠୀଙ୍କ ଝିଅ। ସେ ଏବେ ପତିତପାବନ ମହାବିଦ୍ୟାଳୟ, ସାଇଁକୁଳରେ ଯୁକ୍ତ ଦୁଇ ବିଜ୍ଞାନ ଅଧ୍ୟୟନ କରିବା ସହ ଗୁରୁ ହରିହର ଜେନା ଓ ଶୁଭାଶିଷ ଶତପଥୀଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରୁଛନ୍ତି।

## ଦୁଇ ବାଇକ୍ ଧକ୍କା; ଜଣେ ଗୁରୁତର

ବେଲବାହାଲି, ୧୭।୯(ସମିସ): ଘସିପୁରା ଥାନା ଟାଙ୍ଗର ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଆହତ ଓ ଆଉ ଜଣେ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଭଣ୍ଡାରଡିହା ପଞ୍ଚାୟତ ରାଇଘାଟି ଗ୍ରାମର ଡମ୍ବୁରୁ ହେମ୍ବ୍ରମ(୫୫) ନାରଙ୍ଗପୁର ବଜାରରୁ ନିଜ ଭାଉଜଙ୍କ ଶୁଦ୍ଧିକ୍ରିୟା ଜିନିଷ ଧରି ଫେରୁଥିଲେ। ଟାଙ୍ଗର ରାସ୍ତା ଉପରେ ସାମନା ପଟରୁ ଆସୁଥିବା ଗୋଟିଏ ବାଇକ ଚାଳକ ସହ ଧକ୍କା ହୋଇଥିଲା। ଏଥିରେ ଡମ୍ବୁରୁ ହେମ୍ବ୍ରମଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ ସେଠାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟ ବାଇକ ଚାଳକ ଜଣକ ଆହତ ହୋଇ ନିକଟସ୍ଥ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ବାଇକ ଚାଳକ ପ୍ରଚୁର ମାତ୍ରାରେ ମଦ୍ୟପାନ କରିଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।

## ଟାଟାପାୱାର ପକ୍ଷରୁ ଜାତୀୟ ଯନ୍ତ୍ରୀ ଦିବସ



ଆନନ୍ଦପୁର, ୧୭।୯ (ସମିସ): ଘସିପୁରା ବ୍ଲକ୍ ସଭାଗୃହରେ ଟିପିଏନ୍‌ଓଡିଏଲ୍ ସଙ୍ଘ ପକ୍ଷରୁ ଜାତୀୟ ଯନ୍ତ୍ରୀ ଦିବସ ପାଳିତ ହୋଇଛି। ଆନନ୍ଦପୁର ଟିପିଏନ୍‌ଓଡି ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ ମହାନ୍ତଙ୍କ ସଂଯୋଜନାରେ ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟଅତିଥି ଭାବେ ଯନ୍ତ୍ରୀମାନେ ବର୍ତ୍ତମାନ ଯୁଗର ବିଶ୍ୱକର୍ମା ବୋଲି କହିଥିଲେ। ଏସ୍‌ଡିପିଓ ପ୍ରଶାନ୍ତ ବେହେରା ମୁଖ୍ୟବକ୍ତା, ଶାଳପଡ଼ା ଆଇଟିଆଇ ଅଧକ୍ଷ ବଳରାମ ସେଠୀ, ଘସିପୁରା ବିଡିଓ ବିନୀତା ବିଜୟିନୀ, ଶାଳପଡ଼ା ବ୍ୟାରେଜ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ କେ. ପ୍ରେମ କୁମାର, ଏମ୍‌ଆର୍‌ଟି ରାଜଲକ୍ଷ୍ମୀ ମଲିକ, ନିର୍ବାହୀଯନ୍ତ୍ରୀ ଶଶିକାନ୍ତ ମହାନ୍ତି ଓ ସଞ୍ଜୟ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରିୟବ୍ରତ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସୁବୋଧ ଖୁଣ୍ଟିଆ, ଅମ୍ରିତ ଖୁଣ୍ଟିଆ, ଏମ୍. ରାଜୁରାଓ, ରିତେଶ ସ୍ୱାଇଁ, ରଶ୍ମିରଂଜନ ସାହୁ ସହଯୋଗ କରିଥିଲେ। ଏସ୍‌ଡିଓ ମାନସ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ 'ମହକ ଓ ଉତ୍ସାହ-୨୦୨୫'

କେନ୍ଦୁଝର, ୧୭।୯(ସମିସ)




ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ ଲୁକ୍କାୟିତ ପ୍ରତିଭାକୁ ପରିସ୍ଫୁଟନ କରିବା ଲକ୍ଷ୍ୟ ନେଇ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, କେନ୍ଦୁଝର ତରଫରୁ ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନର ପିଲାଙ୍କୁ ନେଇ ସ୍ଥାନୀୟ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୭ଟି ଶିଶୁଯତ୍ନ ଅନୁଷ୍ଠାନର ୧୭୦ ଜଣ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଶିଶୁଙ୍କ ମଧ୍ୟରେ ଫୁଟବଲ, ଉଚ୍ଚଡିଆଁ, ଲମ୍ବଡିଆଁ, ଚେସ, କ୍ୟାରମ, ଦୌଡ଼, ବକ୍ତୃତା, ଦଳଗତ ନୃତ୍ୟ, ସଂଗୀତ, ଚିତ୍ରାଙ୍କନ, କୁଇଜ ଆଦି କନିଷ୍ଠ, ବରିଷ୍ଠ, ବାଳକ, ବାଳିକା ବର୍ଗରେ ଅନୁଷ୍ଠିତ ହୋଇଥିଲା। ପରେ ପରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ବିଭୂତି ଭୂଷଣ ଦାଶ ଅତିଥି ଭାବେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲଡ ହେଲ୍ପଲାଇନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସତ୍ୟଜିତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ଜେଏସ୍‌ଡବ୍ଲୁ ଷ୍ଟିଲ୍‌ର ନାରାୟଣପୋଶି ଖଣିକୁ ସୁରକ୍ଷା ଉତ୍କର୍ଷ ପୁରସ୍କାର



ଯୋଡ଼ା, ୧୭।୯(ସମିସ): ଜେଏସଡବ୍ଲୁ ଷ୍ଟିଲର ନାରାୟଣପୋଶି ଲୁହା ଏବଂ ମାଙ୍ଗାନିଜ୍ ଖଣି କୋଲକାତାରେ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପୂର୍ବ କ୍ଷେତ୍ର ଦ୍ୱାରା ଆୟୋଜିତ ୧୯ତମ ସୁରକ୍ଷା ଆଲୋଚନାଚକ୍ର ଏବଂ ପ୍ରଦର୍ଶନୀରେ ସିଆଇଆଇଏସଏଚଇ ଉତ୍କର୍ଷ ପୁରସ୍କାର ହାସଲ କରିଛି। ଖଣିଗୁଡ଼ିକୁ ରାଜ୍ୟ ସ୍ତରରେ ଦ୍ୱିତୀୟ ରନର୍ସ-ଅପ୍ ଭାବରେ ସ୍ୱୀକୃତି ଦିଆଯାଇଥିଲା ଏବଂ ଖଣିକ୍ଷେତ୍ର ବର୍ଗରେ ଆଞ୍ଚଳିକ ସ୍ତରରେ ପ୍ରଶଂସା ପ୍ରମାଣପତ୍ର ମିଳିଥିଲା। ଏହି ସମ୍ମାନ ଏକ କଠୋର ତିନିସ୍ତରୀୟ ମୂଲ୍ୟାଙ୍କନ ପ୍ରକ୍ରିୟା ଅନୁସରଣ କରିଥିଲା, ଯେଉଁଥିରେ ଡକ୍ୟୁମେଣ୍ଟ ଯାଞ୍ଚ, ସ୍ଥାନ ଉପରେ ଯାଞ୍ଚ ଏବଂ ଏକ ଚୂଡ଼ାନ୍ତ ଜୁରି ଉପସ୍ଥାପନା ଅନ୍ତର୍ଭୁକ୍ତ ଥିଲା। ଏହି ମାନ୍ୟତା କେବଳ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ପରିବେଶଗତ ପରିଚାଳନା ପ୍ରତି ଜେଏସଡବ୍ଲୁ ଷ୍ଟିଲର ପ୍ରତିବଦ୍ଧତାକୁ ଦୃଢ଼ କରେ ନାହିଁ, ବରଂ ଖଣିକ୍ଷେତ୍ରରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିଥିବା ଶୀର୍ଷ ଶିଳ୍ପ ନେତାମାନଙ୍କ ମଧ୍ୟରେ ନାରାୟଣପୋଷି ଖଣିକୁ ସ୍ଥାନିତ କରେ। ଏହି ପୁରସ୍କାରକୁ ନାରାୟଣ ପୋଷି ଖଣି ପରିଚାଳକ ତପନ କୁମାର ରଥ, ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶ ଅଧିକାରୀ ସୁରେଶ କୁମାର ମହାପାତ୍ର ଓ ସମସ୍ତ ଟିମ ଗ୍ରହଣ କରିଥିଲେ।

## ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି



ଅସୁରାଳି, ୧୭।୯ (ସମିସ): ଧାମନଗର ଥାନାର ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ବିଜେଡି ଚୁଡାକୁଟି ପଞ୍ଚାୟତ ସଭାପତି ସନ୍ତୋଷ ମହାପାତ୍ରଙ୍କ ପିତା ସ୍ୱର୍ଗତ ସୁବାସଚନ୍ଦ୍ର ମହାପାତ୍ରଙ୍କ ଏକାଦଶାହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ଲୋକପ୍ରତିନିଧି, ସରକାରୀ କର୍ମଚାରୀ, ସାମ୍ବାଦିକ ଓ ସମାଜସେବୀ ବୁଧବାର ଦିନ ତାଙ୍କ ଚୁଡାକୁଟିସ୍ଥିତ ବାସଭବନରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାପାତ୍ର ପ୍ରଥମେ ରାୟଗଡା ଜିଲ୍ଲାରେ ୧୯୭୨ରେ ହେଡ କନେଷ୍ଟବଲ ଭାବେ ପୁଲିସ ବିଭାଗରେ ନିଯୁକ୍ତି ପାଇଥିଲେ। ପରେ ଅନୁଗୁଳ, ଭୁବନେଶ୍ୱର, କେନ୍ଦୁଝର, ଚଣ୍ଡିଖୋଲ ଭଳି ସ୍ଥାନରେ କାର୍ଯ୍ୟ ପଦୋନ୍ନତି ପାଇ ଅତିରିକ୍ତ ସବ୍ ଇନସ୍ପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ୨୦୦୮ରେ ଧାମନଗରରୁ ଚାକିରି କାଳ ସରିବା ପରେ ଅବସର ନେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ଧାମନଗରର ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ଭାରତ ବିଜୟ ଦଳେଇ, ଜ୍ୟୋତିପ୍ରକାଶ ସାମଲ, ସରପଂଚ କସ୍ତୁରୀ ବିଶ୍ୱାଳ, ନରେନ୍ଦ୍ର ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଯୋଗ ଦେଇଥିଲେ।

### ରାଜ୍ୟରେ କମୁନି ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ ଓ ମହିଳା ନିର୍ଯାତନା

## ଡିଜିପିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନକଲା ଜିଲ୍ଲା ମହିଳା ବିଜେଡି

ଭଦ୍ରକ, ୧୭।୯ (ସମିସ)

ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ ଓ ମହିଳାଙ୍କୁ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମା’ ବାଳିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଘଟିଥିବା ଗଣଦୁଷ୍କର୍ମ ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିର ସଦ୍ୟତମ ନମୁନା। ଏହି ଘଟଣା ଗୋପାଳପୁର ବେଳାଭୂମିରେ ଘଟିଥିବା ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି। ଦୁଷ୍କର୍ମ ଓ ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବାରୁ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେଉଛି। ଗୋପାଳପୁର ଘଟଣା ପରେ ଆମେରିକା ପକ୍ଷରୁ ଜାରି ଆଡଭାଇଜରିରେ ମହିଳା ସୁରକ୍ଷା ସ୍ଥିତି ଠିକ୍ ନଥିବା ଦର୍ଶାଇ ଓଡ଼ିଶା ସମେତ ୬ଟି ରାଜ୍ୟକୁ ତାଙ୍କ ଦେଶର ମହିଳାମାନଙ୍କୁ ଯିବାକୁ ବାରଣ କରାଯାଇଥିଲା। ସେହିପରି, ଏଫଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଓ ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଲଜ୍ଜାଜନକ ବୋଲି ଦେଇଥିବା ମନ୍ତବ୍ୟ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଥିଲା; କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏହି ଅବସରରେ ବୁଧବାର ଭଦ୍ରକ ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଧାରଣା ଦେବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନେତୃତ୍ୱରେ ଶହୀଦ ଭବନଠାରେ ଧାରଣା ଦିଆଯିବା ସହ ରାଜ୍ୟରେ ବଢ଼ିଚାଲିଥିବା ମହିଳା ନିର୍ଯାତନାକୁ ନେଇ କଡ଼ା ନିନ୍ଦା କରାଯାଇଛି। ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକୀ ଦଲାଓ୍ୱାଜି ହବିବ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତି ଦାସ, ପ୍ରାକ୍ତନ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତଲତା ନାୟକ, ଦେବହୂତି ମହାପାତ୍ର ପ୍ରମୁଖ ଶତାଧିକ ମହିଳା ନେତ୍ରୀ ଏଥିରେ ଯୋଗ ଦେଇଥିଲେ। ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ଜରିଆରେ ଏହି ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।



### ଭଦ୍ରକ ଡିଆରସିଏସଙ୍କୁ ହାଇକୋର୍ଟଙ୍କ ଦୋହରା ଛାଟ

## ସରସଦା ସମବାୟସମିତି ପରିଚାଳନା ପରିଷଦ ନିଲମ୍ବନ ଉପରେ ରହିତାଦେଶ

ଭଣ୍ଡାରିପୋଖରୀ, ୧୭।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତି ନିର୍ବାଚିତ ପରିଚାଳନା ପରିଷଦକୁ ଭଦ୍ରକ ସମବାୟ ସମିତି ସମୂହ ଉପନିବନ୍ଧକ ଦୁଃଖିଆ ଟୁଡୁଙ୍କ ଦ୍ୱାରା ନିଲମ୍ବନ ଆଦେଶ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଥିବା ଜଣାଯାଇଛି। ଗତ ୮ ତାରିଖ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୦୯୦ ଯୋଗେ ନିଲମ୍ବନ ଆଦେଶ ଜାରି କରାଯାଇଥିଲା। ସମବାୟ ସମିତି ସମୂହ କାର୍ଯ୍ୟାଳୟର ବରିଷ୍ଠ ସହକାରୀ ନିବନ୍ଧକଙ୍କ ଗତ ଅଗଷ୍ଟ ୩୦ ତାରିଖର ପତ୍ର ସଂଖ୍ୟା ୧୭୩୩ ଓ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ପରିଚାଳକଙ୍କ ଗତ ଜାନୁୟାରୀ ମାସ ୩ ତାରିଖ ପତ୍ର ସଂଖ୍ୟା ୭୨୦ ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆଦେଶରେ ସ୍ପଷ୍ଟ କରାଯାଇଥିଲା। ଏହି ନିଲମ୍ବନ ଆଦେଶ ତତ୍କାଳ କାର୍ଯ୍ୟକାରୀ କରାଯାଇଥିଲା। ଏଥିସହ ସମବାୟ ସମିତି ସମୂହ କାର୍ଯ୍ୟାଳୟ ସହକାରୀ ନିବନ୍ଧକ ସତ୍ୟପ୍ରକାଶ ସେଠୀଙ୍କୁ ସମିତିର ପରିଚାଳକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପରିଚାଳନା ପରିଷଦ ପକ୍ଷରୁ ଦାୟର ଡବ୍ଲୁ.ପି.ସି. ୨୪୮୧୯/୨୦୨୫ନଂ ମାମଲା ଓ ୧୫୧୩୮/୨୦୨୫ନଂ ଅନ୍ତର୍ବର୍ତ୍ତୀ ମାମଲା ଅନୁଯାୟୀ ରହିତାଦେଶ ହୋଇଥିବା ଜଣାଯାଇଛି। ହେଲେ ଏହି ସମସ୍ତ ପଦକ୍ଷେପ ହାଇକୋର୍ଟଙ୍କ ରହିତାଦେଶ ବଳରେ ଅକାମୀ ହୋବା ସହ ନିର୍ବାଚିତ ପରିଚାଳନା ପରିଷଦ କାର୍ଯ୍ୟକ୍ଷମ ହୋଇଛି। ଏଥିପୂର୍ବରୁ ଭଦ୍ରକ ସମବାୟ ସମିତି ସହକାରୀ ନିବନ୍ଧକଙ୍କ ଦ୍ୱାରା ଗତ ଅଗଷ୍ଟ ମାସରେ ତତ୍‌କାଳୀନ ସମ୍ପାଦକ ଅଜୟ ବେହେରାଙ୍କୁ ବଦଳା ଯାଇଥିଲା। ବିରଞ୍ଚି ନାରାୟଣ ରାଉତଙ୍କୁ ନୂତନ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଏଥିରେ ଆଦେଶ ହୋଇଥିଲା। ଶ୍ରୀ ରାଉତ କାର୍ଯ୍ୟରେ ଯୋଗ ଦେଇଥିଲେ। ଭଦ୍ରକ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୬୨୨ଅନୁଯାୟୀ ପୂର୍ବ ଆଦେଶକୁ ଗତ ଅଗଷ୍ଟ ୫ ତାରିଖରେ ବାତିଲ କରିଦିଆଯାଇଥିଲା। ବଦଳ ପ୍ରତ୍ୟାହାର ଆଦେଶ ଉପରେ ସମିତିର ସଭାପତି ଅବିନାଶ ରାଉତଙ୍କ ମାମଲା ବଳରେ ହାଇକୋର୍ଟରୁ ରହିତାଦେଶ ମିଳିଥିଲା। ଏବେ ସମିତିର ପରିଚାଳନା ପରିଷଦକୁ ନିଲମ୍ବନ ଉପରେ ସଦ୍ୟ ରହିତାଦେଶ ହୋଇଛି। ପରିଚାଳନା ପରିଷଦ ପକ୍ଷରୁ ଗତ ୨୨ ତାରିଖରେ ଭାରପ୍ରାପ୍ତ ସମ୍ପାଦକ ଅଜୟ ବେହେରାଙ୍କୁ ନିଲମ୍ବନ କରାଯାଇଥିଲା। ନବନିଯୁକ୍ତ ସମ୍ପାଦକଙ୍କୁ ବରଖାସ୍ତ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର ଦାବି କରାଯାଇ ସମିତି ଫାଟକରେ ତାଲା ପକାଯାଇଥିଲା। ଏଯାବତ ତାଲା ଖୋଲାଯାଇ ନଥିବା ଜଣାଯାଇଛି।

## ଏସ୍‌ଏଚ୍‌ଜି ଗ୍ରୁପ କର୍ମକର୍ତ୍ତା ପରିବର୍ତ୍ତନକୁ ବିରୋଧ

ଧାମନଗର, ୧୭।୯ (ସମିସ): ଧାମନଗର ବ୍ଲକ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଜରିଆରେ ଗଠିତ ହୋଇଥିବା ଏସଏଚଜି ଗ୍ରୁପକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ଏସଏଚଜି ଗ୍ରୁପ ଏବଂ ଏମବିକେ, ସିଆରପି ବ୍ୟାଙ୍କ ମିତ୍ର ଆଦି କର୍ମଚାରୀ ଦରମା ପାଉନାହାନ୍ତି। ନବୀନ ସରକାରଙ୍କ ସମୟରେ ଗଠିତ ହୋଇଥିବା କମିଟିର କର୍ମକର୍ତ୍ତା ଏସଏଚଜି ସଭାନେତ୍ରୀ ଓ ସମ୍ପାଦିକା ପରିବର୍ତ୍ତନ ପାଇଁ ମୋହନ ସରକାରଙ୍କ ନିର୍ଦ୍ଦେଶକୁ ଘୋର ବିରୋଧ କରାଯାଇଛି। ଯାହାକୁ ନେଇ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଥିବା ଏସଏଚଜି, ସିଏଲଏଫ, ଜିପିଏଲଏଫ ଓ ବିଏଲଏଫର କର୍ମକର୍ତ୍ତା ପରିବର୍ତ୍ତନ କରିବା ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଘଟଣାକୁ ନେଇ ଆଜି ସହ ସହ ସଂଖ୍ୟାର ମହିଳା ମାନେ ପରିବର୍ତ୍ତନ ତଥା ବେଆଇନ ଦର୍ଶାଇ ବିଡ଼ିଓଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ବ୍ଲକ ସ୍ତରରେ ଥିବା ମାତୃଶକ୍ତି ବିଏଲଏଫ ଜରିଆରେ ୩୧ଟି ପଞ୍ଚାୟତସ୍ତରୀୟ ମହାସଙ୍ଘର ସଭାପତି, ସମ୍ପାଦିକା ଓ ଇସି ମେମ୍ବର ଦୀର୍ଘ ୧୬ବର୍ଷ ହେବ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବ ସରକାର ସେମାନଙ୍କୁ କିଛିଟା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିବା ବେଳେ ନୂତନ ସରକାର ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆର୍ଥିକ ରାଶି ପ୍ରଦାନ କରିଥିବା ବେଳେ ଅନ୍ୟ ମହିଳାଙ୍କୁ ସବୁଥିରୁ ବଞ୍ଚିତ କରିଛି। ଏହାସତ୍ତ୍ୱେ ସରକାର ଏବେ କାର୍ଯ୍ୟ କରୁଥିବା ମହିଳାଙ୍କ ସ୍ଥାନରେ ନୂତନ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ୩୧ଗୋଟି ପଂଚାୟତ ମହାସଙ୍ଘର ସଭାନେତ୍ରୀ ଓ ସମ୍ପାଦିକା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଓ ମିଶନ ଶକ୍ତି ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି କର୍ମକର୍ତ୍ତା ପରିବର୍ତ୍ତନ ଓ ନୂତନ ନିଯୁକ୍ତିକୁ ବିରୋଧ କରିଛନ୍ତି। ତେବେ କର୍ମକର୍ତ୍ତା ପରିବର୍ତ୍ତନ ନିର୍ଦ୍ଦେଶକୁ ବାତିଲ କରାଯାଉ ବୋଲି ଦାବି କରିଛନ୍ତି। ଯଦି ସରକାର ଆମ କଥା ନଶୁଣନ୍ତି ତାହାଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବାକୁ କଳ୍ପନା ମଲ୍ଲିକ, ସୁନନ୍ଦା ସାହୁ, ସସ୍ମିତା ସାମଲ, ରିତାରାଣୀ ଜେନା, ଝରଣା ଦାସ ଓ ଅନ୍ୟ ମହିଳାମାନେ ଧମକ ଦେଇଛନ୍ତି।



### ବିଡିଓଙ୍କୁ ଦାବିପତ୍ର ପ୍ରଦାନ, ଆତ୍ମଦାହ ଧମକ





ଭଦ୍ରକ ବସ୍ ସିଣ୍ଡିକେଟ୍ ପକ୍ଷରୁ ବନ୍ତ ଛକଠାରେ ବିଶ୍ୱକର୍ମା ପୂଜା



### କସିଆ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା

ବାସୁଦେବପୁର, ୧୭।୯ (ସମିସ): ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତର କସିଆ ମୁହାଣରେ ଗଙ୍ଗାମାତା ମତ୍ସ୍ୟଜୀବୀ ସଂଘ ପକ୍ଷରୁ ଦେବ ଶିଳ୍ପୀ ବାବା ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କସିଆ ମୁହାଣରେ ବିଶାଳ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକମାଳା ପୂଜା ଝଟକୁଛି। କସିଆ ମୁହାଣ ଶହ ଶହ ମତ୍ସ୍ୟଜୀବୀମାନଙ୍କ ବୋଟ ମିଳିତ ଭାବେ ପୂଜା ଅର୍ଚ୍ଚନା କରିଥିଲେ। ହଜାର ହଜାର ଲୋକଙ୍କ ସମାଗମ ହୋଇଛି। ବିଭିନ୍ନ ଅସ୍ଥାୟୀ ଦୋକାନ ବଜାର ଗ୍ରାହକଙ୍କୁ ଆକୃଷ୍ଟ କରିଛି। ଆଖପାଖ ୫ଟି ପଞ୍ଚାୟତର ଲୋକଙ୍କ ସମାଗମ ସହ ଘର ସାମଗ୍ରୀର କିଣିବା ପାଇଁ ଭିଡ଼ ଜମାଇଛନ୍ତି। କସିଆ ଗଙ୍ଗାମାତା ମତ୍ସ୍ୟଜୀବୀ ସଂଘର ସଭାପତି ତପନ କୁମାର ରାୟ, ସମ୍ପାଦକ ଝଣ୍ଟୁ ମଣ୍ଡଳ, କୋଷାଧ୍ୟକ୍ଷ ଚିତରଞ୍ଜନ ମାଇତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବିଶ୍ୱାଳ ମେଳା ପରିଚାଳନା କରିଥିଲେ।

### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

## ନୂଆ ମେଡିକାଲରେ ଚିକିତ୍ସା, ପୁରୁଣାରେ ସିଟି ସ୍କାନ୍

ଭଦ୍ରକ, ୧୭।୯ (ସମିସ): ନୂଆ ମେଡିକାଲରେ ଚିକିତ୍ସା କିପରି ଚାଲିଛି ସେନେଇ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଦେଖିବାକୁ ମିଳୁଛି। ଚିକିତ୍ସା ନୂଆ ମେଡିକାଲରେ କରାଯାଉଥିବା ବେଳେ ପୁରୁଣା ମେଡିକାଲରେ ସିଟି ସ୍କାନ କରାଯାଉଛି। ମେଡିକାଲ ସ୍ଥାନାନ୍ତରଣକୁ ଦେଢ଼ ମାସ ବିତି ଯାଇଥିଲେ ମଧ୍ୟ ସ୍ଥାନାନ୍ତରଣ ହୋଇପାରୁନାହିଁ ସିଟି ସ୍କାନ ସେବା। ଦୈନନ୍ଦିନ ହନ୍ତସନ୍ତ ହେଉଛନ୍ତି ଶହ ଶହ ରୋଗୀ। ସ୍ୱାସ୍ଥ୍ୟସେବାର ଏପରି ବିକଳ ଚିତ୍ରକୁ ନେଇ ଅସନ୍ତୋଷ ମୁଣ୍ଡ ଟେକିବାରେ ଲାଗିଛି। ତୁରନ୍ତ ସିଟି ସ୍କାନ ସେବା ସ୍ଥାନାନ୍ତର କରିବାକୁ ଦାବି ଜୋର ଧରିଥିବା ବେଳେ ସ୍ଥାନାନ୍ତର ପ୍ରକ୍ରିୟା ଚାଲିଥିବା କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ। ଭଦ୍ରକ ଗେଲପୁରଠାରେ ପୂର୍ବ ସରକାରଙ୍କ ଦ୍ୱାରା ନିର୍ମାଣ ହୋଇଥିଲା ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଡେରିରେ ହେଲେ ମଧ୍ୟ ରଙ୍ଗ ବଦଳାଇ ଗତ ଅଗଷ୍ଟ ୪ରେ ପୁରୁଣା ମେଡିକାଲକୁ ନୂଆ ମେଡିକାଲ ସ୍ଥାନାନ୍ତରଣ କରାଯାଇଛି। ମେଡିକାଲ ସ୍ଥାନାନ୍ତରଣକୁ ଦେଢ଼ ମାସ ପୁରିବାକୁ ବସିଥିଲେ ମଧ୍ୟ ସିଟି ସ୍କାନ ସେବା ସ୍ଥାନାନ୍ତରଣ କରାଯାଇନାହିଁ। ଫଳରେ ସିଟି ସ୍କାନ ପାଇଁ ରୋଗୀଙ୍କୁ ନୂଆ ମେଡିକାଲରୁ ୫ କିଲୋମିଟର ଦୂରରେ ଥିବା ପୁରୁଣା ମେଡିକାଲକୁ ଆସିବାକୁ ପଡୁଛି। ନୂଆ ମେଡିକାଲରୁ ପୁରୁଣା ମେଡିକାଲକୁ ବସ ଚଳାଚଳର ସୁବିଧା ନଥିବାରୁ ଅଟୋରେ ଶହ ଶହ ଟଙ୍କା ଖର୍ଚ୍ଚ କରି ଯିବା ଆସିବା କରିବାକୁ ପଡୁଛି। ଯାହାକୁ ନେଇ ରୋଗୀ ଓ ସେମାନଙ୍କ ସଂପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ସିଟି ସ୍କାନ ସେବା ନୂଆ ମେଡିକାଲକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ପୂର୍ବ ସରକାରଙ୍କ ସମୟରେ ମେଡିକାଲ ନିର୍ମାଣ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ନୂତନ ସରକାର ଆସିବା ପରେ ମେଡିକାଲ ସ୍ଥାନାନ୍ତର ପାଇଁ ଅହେତୁକ ବିଳମ୍ବ କରିଥିଲେ। ବିଳମ୍ବ ସତ୍ତ୍ୱେ ମଧ୍ୟ ନୂତନ ମେଡିକାଲକୁ ସିଟି ସ୍କାନ ସେବା ସ୍ଥାନାନ୍ତର ନହେବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ସଂଗୃହୀତ ସୂଚନାନୁଯାୟୀ, ସ୍ପନ୍ଦନ ଡାଇଗ୍ନୋଷ୍ଟିକ ସେଣ୍ଟର ଚେୟାରମ୍ୟାନଙ୍କୁ ଗତ ୪.୮.୨୫ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସିଟି ସ୍କାନ ସ୍ଥାନାନ୍ତର ଲାଗି ୧୧ଲକ୍ଷ ୭୨ହଜାର ୧୨୪ଟଙ୍କା ପୈଠ କରିଛନ୍ତି। ଅନ୍ୟପଟେ ସିଟି ସ୍କାନ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଚାଲିଛି କହି ଦିନ ଗଡୁଛି। କୌଣସି ନିର୍ଦ୍ଦିଷ୍ଟ ସମୟ ଦେଇ ନଥିଲେ ମଧ୍ୟ ଯଥାଶୀଘ୍ର ଏହା ସ୍ଥାନାନ୍ତର ହେବ ବୋଲି କହିଛନ୍ତି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଂଜନ ନାୟକ। ସ୍ୱାସ୍ଥ୍ୟ ବିଭାଗର ଖମାଖିଆଲି ନୀତି ପାଇଁ ଉପଯୁକ୍ତ ସରକାରୀ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ। କେବଳ ରଙ୍ଗ ବଦଳାଇବାରେ ବ୍ୟସ୍ତ ସରକାର କେବେ ଏଥିପ୍ରତି ଧ୍ୟାନ ଦେଉଛି ଓ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳୁଛି ତାହା ଦେଖିବା ବାକି ରହିଲା।




## ମାକ୍ରୋୱେବ୍ ସୋଲାର ଡିଭିଜନ୍ ଉଦ୍‌ଘାଟିତ

ଭଦ୍ରକ, ୧୭।୯ (ସମିସ): ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ମାକ୍ରୋୱେବ ଟେକ୍ନୋଲୋଜି କ୍ୟାମ୍ପସରେ ମାକ୍ରୋୱେବ ସୋଲାର ନାମକ ଏକ ନୂଆ ଡିଭିଜନ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ଦ୍ୱାରା ଭଦ୍ରକ କଲେଜ ରୋଡଠାରେ ଉଦଘାଟିତ ହୋଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ପିଏମ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା ସମ୍ପର୍କରେ ସାଂସଦ ଶ୍ରୀ ସେଠୀ ଆଲୋକପାତ କରିଥିଲେ। ପ୍ରଚଳିତ ସ୍କିମରୁ ଫାଇଦା ନେବାପାଇଁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏ ଆୟୋଜିତ ଉତ୍ସବର ସଫଳ କାମନା କରିଥିଲେ ଏବଂ ସୂର୍ଯ୍ୟଶକ୍ତିର ବ୍ୟବହାର ପାଇଁ ଉପସ୍ଥିତ ସମସ୍ତ ଶ୍ରୋତାଙ୍କୁ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଅନୁଷ୍ଠାନର ଭିତିଭୂମି ଏବଂ ସଫଳତା ଦେଖି ଏଭଳି ଅନୁଷ୍ଠାନ ଭଦ୍ରକ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ଟିପିଏନଓଡିଏଲର ମୁଖ୍ୟଯନ୍ତ୍ରୀ ରାଜୀବ ନାୟକ ପିଏମ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା ସମ୍ପର୍କରେ ଉପସ୍ଥିତ ଅନୁଷ୍ଠାନର ଛାତ୍ରଛାତ୍ରୀ, ଭେଣ୍ଡର ଏବଂ ନିମନ୍ତ୍ରିତ ଅତିଥିମାନଙ୍କୁ ସଚେତନ କରାଇଥିଲେ। ଭଦ୍ରକ ଟିପିଏନଓଡିଏ ଅଧୀକ୍ଷଣଯନ୍ତ୍ରୀ ଉପେନ୍ଦ୍ରନାଥ ସାହୁ, ନିର୍ବାହୀଯନ୍ତ୍ରୀ ରଶ୍ମିରଂଜନ ବେହେରା ଉତ୍ସବରେ ସାମିଲ ହୋଇଥିଲେ। ମାକ୍ରୋୱେବ ସୋଲାର ଡିଭିଜନର ପ୍ରଯୋଜକ ମୁଖ୍ୟ ସତଦ୍ରୁ ସାହା ଏବଂ ଟେକ୍ନିକାଲ ମୁଖ୍ୟ ବିଧାନ ସାହା ସୂର୍ଯ୍ୟଶକ୍ତି କିପରି ଉତ୍ପାଦନ ହେଉଛି ଆବଶ୍ୟକ ଯନ୍ତ୍ରପାତି ବ୍ୟବହାର କରି ପ୍ରଦର୍ଶିତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଆଗ୍ରହୀ ଯୁବକ ଯୁବତୀ, ଇଚ୍ଛୁକ ବ୍ୟକ୍ତି, ଶୁଭେଚ୍ଛୁ, ଅନେକ ବ୍ୟବସାୟୀ ଯୋଗ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ନମ୍ରତା ରାୟ ପ୍ରଚ୍ଛଦପଟରେ ରହି କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ରାୟ ସ୍ୱାଗତଭାଷଣ ପ୍ରସଙ୍ଗରେ ମାକ୍ରୋୱେ ଟେକ୍ନୋଲୋଜିର ଭୂମିକା ସମ୍ବନ୍ଧରେ ଅବଗତ କରାଇଥିଲେ।



## ଯୁବକଙ୍କ ଘର ଉପରକୁ ବୋମାମାଡ଼ ଘଟଣା; ୨ ଗିରଫ

ବ୍ରହ୍ମପୁର,୧୭।୯(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ବାଲାଜୀପେଣ୍ଠ ସାହିରେ ଦାଦାବଟି ମାଗି ବିଫଳ ହେବାରୁ ଘର ଉପରକୁ ବୋମାମାଡ଼ ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମିଲିଟାରୀ ଲାଇନ୍ ସ୍ଥିତ ବାଙ୍ଗୁଲି ସାହିର ଦୀପକ ପାତ୍ର (୨୧) ଓ ନୀଳକଣ୍ଠନଗର ଚତୁର୍ଥ ଲାଇନର ସୁଦାମ ଚୌଧୁରୀ (୨୦)।

ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ରାତି ସାଢ଼େ ୧୧ଟାରେ ଦୁଇଜଣ ଯୁବକ ଆକାଶ ପାତ୍ରଙ୍କ ଘର ଆଗରେ ପହଞ୍ଚି ଖଣ୍ଡା ଦେଖାଇ ଭୟଭୀତ କରି ତାଙ୍କୁ ଦାଦାବଟି ମାଗିଥିଲେ। ସେ ନଦେବାରୁ ବୋମାମାଡ଼ କରିଥିଲେ। ପରେ ଆକାଶ ଥାନାକୁ ଯାଇ ପୁଲିସ ନିକଟରେ ଜଣାଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି।

## ମାଡ଼ ମାରି ଟଙ୍କା ଲୁଟ୍

ବ୍ରହ୍ମପୁର,୧୭।୯(ସମିସ): ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ରେଳଧାରଣା କଡ଼ ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ ରାସ୍ତାରେ ଜଣେ ବ୍ୟକ୍ତିଙ୍କୁ ମାଡ଼ମାରି ଟଙ୍କା ଲୁଟ୍ ହୋଇଛି। ବିଳମ୍ବିତ ରାତିରେ ଏକାଧିକ ଦୁର୍ବୃତ୍ତ ମାଡ଼ମାରି ଟଙ୍କା ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ।

ସୂଚନାପ୍ରକାରେ, ଚାଞ୍ଚଡ଼ା ପଡ଼ିଆ ସାହିର ସୁମନ ମହାନ୍ତି(୫୯) ୨ ଦିନ ପୂର୍ବେ ରାତି ସାଢେ ୮ଟା ବେଳେ ନିଜ କାମ ସାରି ଘରକୁ ଫେରୁଥିବା ବେଳେ ୨ଜଣ ଦୁର୍ବୃତ୍ତ ତାଙ୍କୁ ଶିଶୁ ମନ୍ଦିର ସମ୍ମୁଖରେ ଅଟକାଇ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଏହାପରେ ତାଙ୍କ ପକେଟରୁ ୧୫୦୦ ଟଙ୍କା ବାହାର କରି ନେଇଯାଇଥିଲେ। ଏପରିକି ଘଟଣା ସମ୍ପର୍କରେ ପୁଲିସ ନିକଟରେ ଅଭିଯୋଗ କଲେ ଜୀବନରୁ ମାରି ଦେବାକୁ ଦୁର୍ବୃତ୍ତମାନେ ଧମକ ଦେଇଥିବା ସୁମନ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଯୁବକଙ୍କୁ କାତିରେ ଆକ୍ରମଣ

ବ୍ରହ୍ମପୁର,୧୭।୯(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ଉତ୍ତରାମୁଖୀ ଅଞ୍ଚଳରେ ଜଣେ ଯୁବକଙ୍କୁ କାତିରେ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ଯୁବକ ଜଣଙ୍କ ଶାନ୍ତିନଗର ପ୍ରଥମ ଲାଇନ୍‌ର ଅଭିଷେକ ନାହାକ। ଏନେଇ ଅଭିଷେକଙ୍କ ମା' ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ଗତକାଲି ଅପରାହ୍ନରେ ଅଭିଷେକ ଉତ୍ତରାମୁଖୀ ଠାରେ ଏକ ଦୋକାନରେ ଚା' ପିଉଥିବା ବେଳେ ୨ଜଣ ଯୁବକ ସେଠାରେ ପହଞ୍ଚି ପୂର୍ବ ମାମଲାକୁ କେନ୍ଦ୍ର କରି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଅଭିଷେକଙ୍କୁ କାତିରେ ହାଣି ରକ୍ତାକ୍ତ କରିବା ପରେ ତାଙ୍କ ମୋବାଇଲ ଓ ରୁପା ଚେନ୍ ଛଡ଼ାଇ ନେଇଥିଲେ। ପ୍ରକାଶଥାଉକି, ଆଜକୁ କିଛି ମାସ ତଳେ ଅଭିଶେକ ଓ ତାଙ୍କ ମା' ଲତା ନାହାକ ମନ୍ଦିର ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୫ଜଣ ଯୁବକ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଲତା ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଉତ୍ତରାମୁଖୀର ପୋଡ଼ାରାମ ଓ ତାଙ୍କ ସହଯୋଗୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରୁ ଜାମିନରେ ମୁକୁଳିବା ପରେ ଅଭିଯୁକ୍ତମାନେ ପୁଣିଥରେ ଆକ୍ରମଣ କରିଥିବା ଲତା ଅଭିଯୋଗରେ ଦର୍ଶାଇଛନ୍ତି।

## ଲଜ୍ କୋଠରୀରେ କୀଟନାଶକ ପିଇ ଜଣେ ମୃତ

ବ୍ରହ୍ମପୁର,୧୭।୯(ସମିସ): ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଷ୍ଟେସନ୍ ରୋଡରେ ଥିବା ସତ୍ୟଭାମା ହୋଟେଲର ଏକ ରୁମ୍‌ରେ କୀଟନାଶକ ପିଇ ଗୁରୁତର ହୋଇ ପଡ଼ିଥିବା ଜଣେ ବ୍ୟକ୍ତିଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗନ୍ନାଥପ୍ରସାଦ କାଦପଡ଼ାର ଅନୂପ କୁମାର ଦାସ(୫୧)।

ସୂଚନାପ୍ରକାରେ, ଅନୂପ ୨ଦିନ ପୂର୍ବେ ସେହି ଲଜ୍‌କୁ ଆସି ଏକ ରୁମ୍ ନେଇ ରହିଥିଲେ। ଆଜି ଚେକ୍‌ଆଉଟ ପାଇଁ ହୋଟେଲ କର୍ମଚାରୀମାନେ ସେ ରହିଥିବା ରୁମ୍‌କୁ ଯାଇ କବାଟ ବାଡ଼େଇଥିଲେ। କିନ୍ତୁ ସେ ନଖୋଲିବାରୁ କର୍ମଚାରୀମାନେ କବାଟକୁ ଧକ୍କାଦେଇ ରୁମ୍ ଭିତରକୁ ଯାଇ ଦେଖିବା ବେଳେ ବେଡ଼ ଉପରେ ଅଚେତ ହୋଇ ପଡ଼ିଥିଲେ। ନିକଟରେ କୀଟନାଶକ ପଡ଼ିଥିବା ଦେଖି କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରମାନେ ଆଜି ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୁରୁବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। କେଉଁ କାରଣରୁ ଏଭଳି ପଦକ୍ଷେପ ନେଲେ ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଜଣାପଡିଛି। ବର୍ତ୍ତମାନ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ନାରୀ ନିର୍ଯାତନା ବୃଦ୍ଧି ପ୍ରତିବାଦରେ ମହିଳା ବିଜେଡିର ବିକ୍ଷୋଭ

# 'ମହିଳାଙ୍କୁ ସୁରକ୍ଷା ଦେଇପାରୁନ; ଗାଦି ଛାଡ଼'

ବ୍ରହ୍ମପୁର,୧୭।୯(ସମିସ)





ନାରୀ ନିର୍ଯାତନା ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛି ମହିଳା ବିଜୁ ଜନତା ଦଳ। ଏହିକ୍ରମରେ ଗଞ୍ଜାମ ଜିଲ୍ଲା ମହିଳା ବିଜେଡ଼ି ପକ୍ଷରୁ ବ୍ରହ୍ମପୁର ଗଜପତି ନଗର ଛକରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଠାରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଆଇଜିଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୨୪ ବର୍ଷ ହେଲା ବିଜେଡି ଶାସନ ସମୟରେ ନାରୀ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଥିଲା। ନାରୀମାନେ ଏବେ ଅସୁରକ୍ଷିତ ମନେ କରୁଛନ୍ତି। ନୂତନ ସରକାର ଆସିବା ପରଠାରୁ ରାଜ୍ୟରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ବର୍ତ୍ତମାନ ଦେଢ଼ ବର୍ଷ ହେଲା ରାଜ୍ୟରେ ନିର୍ଯାତନା, ଦୁଷ୍କର୍ମ ବୃଦ୍ଧି ପାଉଛି। ସରକାର ଯଦି ଏହାକୁ ନିୟନ୍ତ୍ରଣ କରିପାରୁନାହାନ୍ତି ତେବେ ସରକାର ଗାଦି ଛାଡ଼ନ୍ତୁ ବୋଲି ବିଜେଡି ନେତ୍ରୀମାନେ କହିଛନ୍ତି। ରାଜ୍ୟର ଗୋପାଳପୁର, ବାଲେଶ୍ୱର, ପୁରୀ ସହ ବହୁ ଜିଲ୍ଲାରେ ମହିଳା ଓ ଛାତ୍ରୀଙ୍କ ପ୍ରତି ନିର୍ଯାତନା ଓ ଦୁଷ୍କର୍ମ ବଢ଼ିଛି। ତେଣୁ ମହିଳାଙ୍କ ସୁରକ୍ଷା ନିମନ୍ତେ ଯଦି ସରକାର କଠୋର ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି ମହିଳା ବିଜେଡ଼ି ସଦସ୍ୟା। ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ବେଳେ ଗଞ୍ଜାମ ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାପତି ତଥା ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଆସିକା ବିଜେଡ଼ି ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ପୂର୍ବତନ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟର ଓ ବିଜୁ ମହିଳା ଜନତା ଦଳର ସମସ୍ତ ସଦସ୍ୟଗଣ ଉପସ୍ଥିତ ରହି ବିଜେପି ସରକାର ବିରୁଦ୍ଧରେ ଦୃଢ ପ୍ରତିବାଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ବିଜେଡ଼ି କର୍ମୀମାନେ ସାମିଲ ହୋଇଥିଲେ।

## ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ



ଛତ୍ରପୁର,୧୭।୯(ସମିସ): ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ଗ୍ରାମରୁ ଲକ୍ଷାଧିକ ଟଙ୍କାର ବାଣ ଜବତ ହୋଇଛି। ଛତ୍ରପୁର ଥାନା ପୁଲିସ ଓ ମାଜିଷ୍ଟ୍ରେଟ ମିଳିତ ଚଢ଼ଉ କରି ସୁନ୍ଦରପୁର ଗ୍ରାମ ଟାୱାରସାହିର ପପୁନ ପାତ୍ରଙ୍କ ତିନୋଟି ଘରୁ ବେଆଇନ ଭାବେ ଗଚ୍ଛିତ ଥିବା ବିପୁଳ ପରିମାଣର ବାଣ ଜବତ କରିଥିଲେ। ଗୋଟିଏ ଘରର ତାଲା ଭଙ୍ଗା ଯାଇଥିବା ମଧ୍ୟ ଜଣାପଡିଛି। ଚଢ଼ଉରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡେଇ, ଥାନା ଅଧିକାରୀ ସବ୍ୟସାଚି ମଲ୍ଲ, ମାଜିଷ୍ଟ୍ରେଟ ଭାବେ ଛତ୍ରପୁର ଅତିରିକ୍ତ ତହସିଲଦାର ଏନ. ରବି ପ୍ରଧାନ ଏବଂ ପୁଲିସ ଫୋର୍ସ ସାମିଲ ଥିଲେ। ଜବତ ବାଣର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହି ମାମଲାରେ ଜଣେ ଯୁବକଙ୍କୁ ଅଟକ ରଖଯାଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ଜୁଆଆଡ୍ଡାରେ ଚଢ଼ଉ; ୮ ଗିରଫ

**୧୩ ହଜାର ୭୫୦ ଟଙ୍କା ଜବତ**

ବ୍ରହ୍ମପୁର,୧୭।୯(ସମିସ): ଗୋପାଳପୁର ଥାନା ପକ୍ଷରୁ ବାହାଦୁରପେଟା ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡାରେ ଚଢ଼ଉ କରି ୮ ଜଣ ଜୁଆଡିଙ୍କୁ ଗିରଫ କରିଛି ପୁଲିସ। ସେମାନଙ୍କ ଠାରୁ ପ୍ରାୟ ୧୩ ହଜାର ୭୫୦ ଟଙ୍କା ଜବତ ହୋଇଛି। ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ବୁଧବାର ସନ୍ଧ୍ୟାରେ ଏକ ଟିମ୍ ବାହାଦୂରପେଟା ଗ୍ରାମରେ ଚାଲିଥିବା ଜୁଆଆଡ୍ଡା ଉପରେ ଚଢ଼ଉ କରିଥିଲା। ପୁଲିସ ଘଟଣାସ୍ଥଳରୁ ତାସ ପ୍ୟାକେଟ୍, ୫ ମୋବାଇଲ ଫୋନ୍, ୩ ବାଇକ ଜବତ କରିଥିବାବେଳେ ପୁଲିସକୁ ଦେଖି କେତେକ ଜୁଆଡ଼ି ଦୌଡ଼ି ପଳାଇଥିଲେ। ଗତ କିଛିମାସ ତଳେ ଅନୁରୂପ ଭାବେ ସେହି ସ୍ଥାନରେ ଜୁଆଆଡ୍ଡା ଚାଲିଥିବାବେଳେ ପୁଲିସ ଚଢ଼ଉ କରିଥିଲା। ଏହାସତ୍ତ୍ୱେ ନିୟମିତ ସେଠାରେ ଏକ ଗୋଷ୍ଠୀ ଜୁଆଆଡ୍ଡାଚଳାଉଥିବା ଅଭିଯୋଗ ହୋଇଛି। ପୁଲିସ ଆଡ୍ଡା ଚଳାଉଥିବା କିଙ୍ଗପିନ୍‌କୁ ଗିରଫ କରିବାକୁ ଦାବି ହେଉଛି।

## ବିଶ୍ରାମାଗାରରୁ ଗଞ୍ଜେଇ ବ୍ୟାଗ୍ ସହ ୨ ଭଉଣୀଙ୍କୁ କାବୁ କଲା ପୁଲିସ

ଆସିକା,୧୭।୯(ସମିସ): ଗଞ୍ଜେଇ ଚାଲାଣ ବେଳେ ୨ ଭଉଣୀଙ୍କୁ କାବୁ କରିଛି ଆସିକା ପୁଲିସ। ସେମାନେ କନ୍ଧମାଳ ଜିଲ୍ଲାର ହୋଇଥିବାବେଳେ ଉଭୟ କଲେଜ ପଢୁଆ ଛାତ୍ରୀ ବୋଲି ପୁଲିସ କହିଛି। ପ୍ରକାଶ ଯେ, ଉଭୟ ଭଉଣୀ ଆସିକା ବିଜୁ ପଟ୍ଟନାୟକ ବିଶ୍ରାମାଗାର ନିକଟରେ ବସ୍‌କୁ ଅପେ୍ା କରିଥିବାବେଳେ ସନ୍ଦେହରେ ପୁଲିସ ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିଥିଲା। ସେଥିରୁ ୧.୧୧ କେଜି ଗଞ୍ଜେଇ ମିଳିଥିଲା। ଦୁଇ ଭଉଣୀଙ୍କ ମଧ୍ୟରୁ ଜଣେ ନାବାଳିକା ଥିବା ପୁଲିସ କହିଛି। ସେମାନେ ଏକ ଟୁରିଷ୍ଟ ବ୍ୟାଗରେ ଉକ୍ତ ଗଞ୍ଜେଇ ନେଉଥିବାବେଳେ କେଉଁଆଡେ ନେଉଥିଲେ ସେ ନେଇ ପୁଲିସ ପଚରାଉଚରା କରୁଛି।

## ହଜିଥିବା ୫୦ ମୋବାଇଲ ଫେରାଇଲା ପୁଲିସ




ବ୍ରହ୍ମପୁର,୧୭।୯(ସମିସ): ସହରର ବିଭିନ୍ନ ଅଞ୍ଚଳରୁ ହଜିଥିବା ନତୁବା ଚୋରି ହୋଇଥିବା ୫୦ଟି ମୋବାଇଲକୁ ଉଦ୍ଧାର କରି ଏହାର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି ବ୍ରହ୍ମପୁର ସାଇବର ଥାନା ପୁଲିସ। ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋବାଇଲଗୁଡ଼ିକର ମାଲିକଙ୍କୁ ଡାକି ଦକ୍ଷିଣାଞ୍ଚଳ ଆଇଜି ନିତୀ ଶେଖରଙ୍କ ଉପସ୍ଥିତିରେ ମୋବାଇଲ ଫେରସ୍ତ କରାଯାଇଥିଲା। କେବଳ ମୋବାଇଲ ନୁହଁ ସାଇବର ଠକେଇର ଶିକାର ହୋଇଥିବା ୨ଜଣ ବ୍ୟକ୍ତିଙ୍କ ଉଦ୍ଧାର ଟଙ୍କା ମଧ୍ୟ ସେମାନଙ୍କୁ ପ୍ରଦାନ କରାଯାଇଥିଲା। ଗତ କିଛିମାସ ଭିତରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ପ୍ରାୟ ୧୦୦ଜଣ ଲୋକ ନିଜ ମୋବାଇଲ ହରାଇଥିଲେ। କାହାର ମୋବାଇଲ ହଜି ଯାଇଥିଲା ତ ଆଉ କାହାର ଚୋରି ହୋଇ ଯାଇଥିଲା। ଏନେଇ ସେମାନେ ସାଇବର ଥାନା ସମେତ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ତଦନ୍ତ କରି ବହୁ ସଂଖ୍ୟକ ମୋବାଇଲ ଉଦ୍ଧାର କରିବାରେ ସଫଳ ହୋଇଥିଲା। ସେଥିରୁ ୫୦ଟି ମୋବାଇଲର ପ୍ରକୃତ ମାଲିକଙ୍କ ତଥ୍ୟ ପୁଲିସ ନିକଟରେ ପହଞ୍ଚିବା ପରେ ଆଜି ସେମାନଙ୍କୁ ମୋବାଇଲ ଫେରସ୍ତ କରିବାକୁ ବ୍ରହ୍ମପୁର ଏସ୍‌ପି ଅଫିସରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ସେମାନଙ୍କ ମୋବାଇଲ ଫେରାଇଥିଲେ। ସାଇବର ଠକେଇର ଶିକାର ହୋଇ ୭୭ ହଜାର ଟଙ୍କା ହରାଇଥିବା ଜଣେ ଯୁବକ ସମେତ ୩୯ ହଜାର ଟଙ୍କା ହରାଇଥିବା ଆଉ ଜଣେ ଯୁବକଙ୍କୁ ମଧ୍ୟ ତାଙ୍କ ଟଙ୍କା ଫେରସ୍ତ କରାଯାଇଥିଲା। ବ୍ରହ୍ମପୁର ପୁଲିସର ଏଭଳି ଉଦ୍ୟମକୁ ଉପସ୍ଥିତ ଲୋକ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସାଇବର ଥାନା ଅଧିକରୀ ଶଙ୍କର ପଣ୍ଡାଙ୍କ ସମେତ ଏସ୍‌ଆଇ ସ୍ୱର୍ଣ୍ଣଲତା ପାତ୍ର, କନେଷ୍ଟବଳ ଅଜିତ କୁମାର ଗୌଡ଼, କୈଳାଶ ଚନ୍ଦ୍ର ମହାରଣା, ରାଜେନ୍ଦ୍ର ବେହେରା, ସନ୍ତୋଷ ଦୋରା ଡ଼ିଏମ ଦୋରା ଓ ଡ଼ି ଗୌଡ଼ ଏହି ମୋବାଇଲ ଉଦ୍ଧାର କରିବାରେ ସହଯୋଗ କରିଥିଲେ।

## ଏମ୍‌କେସିଜି ନ୍ୟୁରୋସର୍ଜରୀ ବିଭାଗରେ ବିରଳ ଅସ୍ତ୍ରୋପଚାର

**ଚଳପ୍ରଚଳ କଲେ ଶଯ୍ୟାଶାୟୀ ବୈଦ**



ବ୍ରହ୍ମପୁର,୧୭।୯(ସମିସ): ମେରୁଦଣ୍ଡରେ ଟ୍ୟୁମର କାରଣରୁ ଦୀର୍ଘ ତିନି ମାସରୁ ଅଧିକ ସମୟ ହେବ ଶଯ୍ୟାଶାୟୀ ଥିବା ରାୟଗଡ଼ା ଜିଲ୍ଲାର ବୈଦ ନାଏକ ବର୍ତ୍ତମାନ ଚଳପ୍ରଚଳ କରିଛନ୍ତି। ଏମକେସିଜି ମେଡ଼ିକାଲ ନ୍ୟୁରୋସର୍ଜରୀ ବିଭାଗର ଡ଼ାକ୍ତରଙ୍କ ସଫଳ ଅସ୍ତ୍ରୋପଚାର ପରେ ବୈଦ ଚାଲିବାରେ ସକ୍ଷମ ହୋଇଛି। ଯାହାକୁ ନେଇ ସେ ଓ ତାଙ୍କ ପରିବାର ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବିଭାଗର ଡ଼ାକ୍ତରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଅନ୍ୟପକ୍ଷରେ ଚିକିତ୍ସା ବେଳେ ବିଭିନ୍ନ ପରୀକ୍ଷା ଦ୍ୱାରା ବୈଦ 'ମାସନ ସିମେନଗିଓମା' ରୋଗରେ ଆକ୍ରାନ୍ତ ଥିବା ଜାଣାପଡ଼ିଥିଲା। ସାଧାରଣତଃ ଏହି ରୋଗ ଦ୍ୱାରା ମେରୁଦଣ୍ଡରେ ଟ୍ୟୁମର ହୋଇଯାଇଥାଏ। ଯାହାକି ଶରୀରର ଅନ୍ୟ ଅଂଶମାନଙ୍କ ଚଳପ୍ରଚଳନକୁ ପ୍ରଭାବିତ କରିଥାଏ ବୋଲି ବିଭାଗୀୟ ମୁଖ୍ୟ ଡା. ରବିନାରାୟଣ ପଣ୍ଡା କହିଛନ୍ତି। ଏହି ଟ୍ୟୁମର ପାଇଁ ଚାଲିବା ବନ୍ଦ ହୋଇଯାଇଥିଲା। ଏହିପ୍ରକାର ରୋଗ କେବଳ ଭାରତ ନୁହେଁ ପୁରା ବିଶ୍ୱରେ ବିରଳ ଥିବା ଡା. ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ ଯେ, ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ଦିରାକଞ୍ଚ ଗ୍ରାମର ବୈଦ ନାଏକ(୫୦) ଜଣେ ଚାଷୀ। ଜୁନ୍ ମାସରେ ତାଙ୍କ ଶରୀର ଥରିବା ସହ ଧିରେ ଧିରେ ଦୁଇ ଗୋଡ଼ ଅକାମୀ ହୋଇପଡ଼ିଥିଲା। ଚିକିତ୍ସା ନିମନ୍ତେ ସ୍ଥାନୀୟ ଚିକିତ୍ସାଳୟକୁ ଯାଇଥିଲେ ମଧ୍ୟ ରୋଗ ସମ୍ପର୍କରେ ଡାକ୍ତର ଜାଣିପାରିଲେ ନାହିଁ। ପରେ ତାଙ୍କୁ ସମ୍ପର୍କୀୟମାନେ କୋରାପୁଟ ସ୍ଥିତ ଏସ୍‌ଏଲ୍‌ଏନ୍ ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। ଏହା ପରେ ମଧ ବୈଦଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିନଥିଲା। ଫଳରେ ସେଠାରୁ ଡାକ୍ତର ଅଗଷ୍ଟ ୨୭ରେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ରେଫର କରିଥିଲେ। କିଛିଦିନ ମେଡ଼ିସିନ ବିଭାଗରେ ବୈଦଙ୍କ ଚିକିତ୍ସା ଚାଲିଥିବା ବେଳେ ବିଭିନ୍ନ ପରୀକ୍ଷା ପରେ ତାଙ୍କ ମେରୁଦଣ୍ଡ ଟ୍ୟୁମର ରହିଥିବା ଡ଼ାକ୍ତର ଜାଣିବାକୁ ପାଇଥିଲେ। ଅସ୍ତ୍ରୋପଚାର ପାଇଁ ତାଙ୍କୁ ସେପ୍ଟେମ୍ବର ୨ତାରିଖରେ ମେଡ଼ିକାଲର ନ୍ୟୁରୋସର୍ଜରୀ ବିଭାଗକୁ ସ୍ଥାନାନ୍ତରିତ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡା. ରବିନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ୫ଜଣିଆ ଟିମ ଗଠନ କରାଯାଇ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାରରେ ବୈଦଙ୍କ ମେରୁଦଣ୍ଡରୁ ୪ ଇଞ୍ଚର ମାଂସପିଣ୍ଡୁଳାକୁ ବାହାର କରିଥିଲେ। ବର୍ତ୍ତମାନ ବିଭାଗର ୱାଡର୍‌ରେ ତାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ସେ ବର୍ତ୍ତମାନ ଚଳପ୍ରଚଳ କରିଥିବା ଡ଼ା. ରବିନାରାୟଣ ପଣ୍ଡା କହିଛନ୍ତି। ବୈଦଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇ ଚିକିତ୍ସା କରାଯାଉଛି। ଆଗାମୀ ସପ୍ତାହରେ ଡିସ୍‌ଚାର୍ଜ କରାଯିବା ନେଇ ଜଣାପଡ଼ିଛି। ରୋଗୀଙ୍କ ଅସ୍ତ୍ରୋପଚାର ବେଳେ ବିଭାଗର ଡା. ଦେବଦତ୍ତ ସେନାପତି, ଡା. ତୁଷାରକାନ୍ତ ରଥ, ଡା. ଦେବଶ୍ରୀ ମହାରଣାଙ୍କ ସହ ନିଶ୍ଚେତକ ବିଭାଗର ବରିଷ୍ଠ ଡାକ୍ତର ଉପସ୍ଥିତି ଥିଲେ।

## ଧୁମ୍‌ଧାମ୍‌ରେ ପାଳିତ ହେଲା ବିଶ୍ୱକର୍ମା ପୂଜା



ବ୍ରହ୍ମପୁର,୧୭।୯(ସମିସ): ରେଶମ ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱକର୍ମା ପୂଜା ଧୁମଧାମରେ ପାଳନ କରାଯାଇଛି। ବ୍ରହ୍ମପୁର ହରିଡ଼ାଖଣ୍ଡି ରୋଡରେ ଥିବା ଏକମାତ୍ର ବିଶ୍ୱକର୍ମା ମନ୍ଦିରରେ ଦୈନିକ ରୀତିନୀତି ପ୍ରକାରେ ପୂଜା କରାଯାଇଥିଲା। ଭୋରରୁ ସମସ୍ତ ଧାର୍ମିକ ନୀତିନିୟମ ଅନୁସାରେ ପୂଜା ଭୋଗ ହୋଇଥିଲା। ଏ ଅବସରରେ ବ୍ରହ୍ମପୁର ସରକାରୀ ଆଇଟିଆଇ, ବ୍ରହ୍ମପୁର ଆଇଜର୍, ଆସିକା ରୋଡ ସ୍ଥିତ ୱାଟକୋ ଅଫିସ୍, ସରକାରୀ ପଲିଟେକନିକ୍, ବିଇଡିଏ ଅଫିସ, ଏମକେସିଜି ମେଡିକାଲ ପରିସରରେ ଥିବା ପୂର୍ତ୍ତ ବିଭାଗ, ସାଧାରଣ ବିଦ୍ୟୁତ ବିଭାଗ, ୱାଟକୋ କାର୍ଯ୍ୟାଳୟ ସମେତ ସହରର ବିଭିନ୍ନ ସ୍ଥାନରେ ଥିବା ପିଡବ୍ଲ୍ୟୁଡି ଅଫିସ୍, ରେଳବାଇର ବିଭିନ୍ନ ସେକ୍ସନ୍ ଅଫିସ୍, ବ୍ରହ୍ମପୁର ସ୍ୱର୍ଣ୍ଣକାର ସଂଘ ଆଦିଙ୍କ ଦ୍ୱାରା ଦେବଶିଳ୍ପୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ହୋମ, ପୂଜା କରାଯାଇଥିଲା।



